# ଅମର ଚରିତ



odia.org

ବିଶ୍ୱନାଥ କର

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

# ବିଶ୍ୱନାଥ କର

## (ଆତ୍ମଚରିତ ସମ୍ବଳିତ ପତ୍ର)

ସମ୍ପାଦକ

ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ଏମ୍. ଏ., ବି. ଏଲ୍.

ଦ୍ୱିତୀୟ ମୁଦ୍ରଣ

ପ୍ରକାଶକ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

୧୯୪୫


ମୂଲ୍ୟ ଟ ୦ ।୶ ଛଅ ଅଣା ମାତ୍ର

# ସ୍ୱର୍ଗତ ମହାପୁରୁଷ ବିଶ୍ୱନାଥ

ମୁଁ ଜଣେ ବନ୍ଧୁଙ୍କଠାରୁ ମୋର ପରମାରାଧ୍ୟ ସାହିତ୍ୟଗୁରୁ ସ୍ୱର୍ଗତ ବିଶ୍ୱନାଥ କରଙ୍କ ଲିଖିତ ଖଣ୍ଡିଏ ଦୀର୍ଘ ପତ୍ର ପାଇଥିଲି । ସେହି ପତ୍ରରେ ସେ ତାଙ୍କର ଜୀବନ କାହାଣୀ ଅତି ସଂକ୍ଷେପରେ ଲେଖିଥିଲେ । ମୋର ମନେ ହେଲା, ଏ ଚିଠି ଖଣ୍ଡି ପୁସ୍ତକାକାରରେ ପ୍ରକାଶିତ ହେବା ଉଚିତ । ପ୍ରକାଶକ ମହାଶୟ ପ୍ରକାଶର ଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଶ୍ୱନାଥଙ୍କ ଜୀବନୀ ସଂକ୍ଷେପରେ ଲେଖିଦେବାକୁ ମୋତେ ଅନୁରୋଧ କରିଥିଲେ । ଏହା ମୋ ପକ୍ଷରେ କମ୍ ଗୌରବର କଥା ନୁହେଁ । କେବଳ ମୁଁ ନୁହେଁ, ଗତ ପଚିଶ ଷାଠିଏ ବର୍ଷ ମଧ୍ୟରେ ଯେଉଁମାନେ ସାହିତ୍ୟ କ୍ଷେତ୍ରରେ କିଛି ନା କିଛି ସାଧନା କରିଅଛନ୍ତି, ବିଶ୍ୱନାଥ ସେମାନଙ୍କର ଗୁରୁ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଫକୀରମୋହନ, ଗୋପାଳଚନ୍ଦ୍ର, ଶଶିଭୂଷଣ ପ୍ରମୁଖ ସାହିତ୍ୟିକମାନେ ବିଶ୍ୱନାଥଙ୍କର ସମସାମୟିକ ହେଲେ ମଧ୍ୟ, ସେମାନେ ବିଶ୍ୱନାଥଙ୍କଠାରୁ ପ୍ରେରଣା ଲାଭ କରିଥିଲେ ।

୧୮୬୪ ଖ୍ରୀଷ୍ଟାବ୍ଦରେ (ଓଡ଼ିଶା ରାଜା ଦିବ୍ୟସିଂହ ଦେବଙ୍କର ୮ ଅଙ୍କରେ) ପୌଷ ଶୁକ୍ଳ ନବମୀ ଦିନ କଟକ ଜିଲ୍ଲାର ମୂଳବସନ୍ତ ଗ୍ରାମରେ ପ୍ରସିଦ୍ଧ କରବଂଶରେ ବିଶ୍ୱନାଥ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବଂଶଲତା ସଂକ୍ଷେପରେ ପର ପୃଷ୍ଠାରେ ଦିଆଗଲା ।

ବିଶ୍ୱନାଥଙ୍କ ପିତୃବ୍ୟ ମାଧବ କର କବି ଗଙ୍ଗାଧର ମେହେରଙ୍କର ଶିକ୍ଷକ ଥିଲେ । ସେ କାଳରେ ମାଧବ କର ମହାଶୟ କଟକର ନର୍ମାଲ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ସମ୍ବଲପୁର ଜିଲ୍ଲାର ବଡ଼ଗଡ଼ ସବ୍-ଡିଭିଜନରେ ଶିକ୍ଷକତା କରୁଥିଲେ । ସେତେବେଳେ ସମ୍ବଲପୁର ମଧ୍ୟ-ପ୍ରଦେଶର ଶାସନାଧୀନ ହୋଇ ସେଠାରେ ଓଡ଼ିଆମାନଙ୍କ ମଧ୍ୟରେ ହିନ୍ଦି ଭାଷା ପ୍ରଚାର ଓ ଓଡ଼ିଆ ଭାଷାର ବିଲୋପସାଧନ କରାଯାଉଥିଲା,



ସେହି ସମୟରେ ମାଧବ କରଙ୍କ ପ୍ରଚେଷ୍ଟାରେ ଓଡ଼ିଆଭାଷା ସେଠାରେ ବିସ୍ତାର ଲାଭ କରିଥିଲା । ବଡ଼ଗଡ଼ ସଦ୍‌ଉଭଜନରେ ବହୁକାଳ ପର୍ଯ୍ୟନ୍ତ ମୂଳବସନ୍ତ କରବଂଶ ଗୁରୁବଂଶ ବୋଲି ଆଦୃତ ହେଉଥିଲେ ।

ବିଶ୍ୱନାଥଙ୍କ ପିତା ନାରାୟଣ କର ଜଣେ ପ୍ରାଚୀନ ପଣ୍ଡିତ ଥିଲେ; ତାଙ୍କ ସ୍ତ୍ରୀଙ୍କ ନାମ ବୈଦେହୀ ଦେବୀ । ନାରାୟଣ ଅତି ଉଗ୍ର ପ୍ରକୃତିର ଲୋକ ଥିଲେ ମଧ୍ୟ ତାଙ୍କର ହୃଦୟ ଅତି ସରଳ ଓ କୋମଳ ଥିଲା । ସେ ନିଜର ପରିବାର ମଧ୍ୟରେ ହେଉ ବା ଗ୍ରାମରେ ହେଉ କୌଣସିଠାରେ କୌଣସି ପ୍ରକାର ଅନୀତି, ବିଶୃଙ୍ଖଳା ଦେଖିଲେ ପ୍ରଜ୍ୱଳିତ ହୋଇ ଉଠୁଥିଲେ । ନିଜର ପରିବାରର କେହି ଗ୍ରାମର କୌଣସି ବ୍ୟକ୍ତି ସଙ୍ଗେ କଳହ କଲେ, ତାଙ୍କର ଦୋଷ ଥାଉ ବା ନ ଥାଉ, ଦଣ୍ଡ ଭୋଗିବାକୁ ପଡୁଥିଲା ନିଜର ପରିବାରର ବ୍ୟକ୍ତିଙ୍କୁ । ବୈଦେହୀ ଦେବୀଙ୍କ ହୃଦୟ ଥିଲା ଦୟାର ଗୋଟିଏ ପ୍ରସ୍ରବଣ; ଗୋପନରେ, ନୀରବରେ ଗ୍ରାମର ଦରିଦ୍ର ସ୍ତ୍ରୀ ପୁରୁଷମାନଙ୍କର କାହାର କେତେ ଉପକାର ସେ କରୁଥିଲେ, ତାହା ବୋଲିବା ବାହୁଲ୍ୟ ମାତ୍ର । ବିଶ୍ୱନାଥଙ୍କର ଜୀବନ ଗଠିତ ହୋଇଥିଲା—ପିତା ନାରାୟଣଙ୍କର ଭୀମକାନ୍ତ ପ୍ରକୃତିର, ପିତୃବ୍ୟ ମାଧବଙ୍କର କର୍ତ୍ତବ୍ୟନିଷ୍ଠା ଓ କଷ୍ଟସହିଷ୍ଣୁତାର ଏବଂ ବୈଦେହୀ ଦେବୀଙ୍କର ଦୟାର ଆଦର୍ଶରେ । ଯେଉଁମାନେ ଘନିଷ୍ଠ ଭାବରେ ବିଶ୍ୱନାଥଙ୍କ ସଙ୍ଗେ ମିଶିଥିବେ ସେହିମାନେ କେବଳ ଏ ଉକ୍ତିର ସତ୍ୟତା ଉପଲବ୍ଧି କରି ପାରିବେ ।

ମୂଳବସନ୍ତ ଗାଁ ଚାଟଶାଳୀରେ ଗୋବିନ୍ଦ ଅବଧାନଙ୍କ ନିକଟରେ ବିଶ୍ୱନାଥ ଶୈଶବରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ତହିଁ ଉତ୍ତାରୁ ଗ୍ରାମର ଅନ୍ୟତମ ପଣ୍ଡିତ ବ୍ରଜବନ୍ଧୁ କରଙ୍କ ନିକଟରେ ସେ ସଂସ୍କୃତ ଶିକ୍ଷା ଲାଭ କରିଥିଲେ । ସେ ସମୟରେ ଆଧୁନିକ ଧାରର ପ୍ରାଇମେରୀ ସ୍କୁଲ ବା ସଂସ୍କୃତ ବିଦ୍ୟାଳୟ ଗ୍ରାମରେ ନ ଥିଲେ ମଧ୍ୟ ଗ୍ରାମର ପିଲାଙ୍କ

ନିରକ୍ଷରତାଦୂରୀକରଣରେ ଗାଁ ଅବଧାନଙ୍କର କର୍ତ୍ତବ୍ୟ ବା ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ସଂସ୍କୃତ ଶିକ୍ଷା ପ୍ରଚାରର ନିଷ୍ଠା ଭିନ୍ନ ପ୍ରକାରର ଥିଲା; ସେ ଚେଷ୍ଟା ସଙ୍ଗେ ଟଙ୍କା କଉଡ଼ିର ସମ୍ବନ୍ଧ ନ ଥିଲା । ବିଶ୍ୱନାଥଙ୍କର ସଂସ୍କୃତ ଶିକ୍ଷାର ଆଗ୍ରହ ଏତେ ବେଶି ଥିଲା ଯେ ସେ ଭୁକୁଡ଼ ଗ୍ରାମର ପ୍ରସିଦ୍ଧ ପଣ୍ଡିତମାନଙ୍କ ଚତୁଷ୍ପାଠୀରେ ବ୍ୟାକରଣ ସାହିତ୍ୟ ପ୍ରଭୃତି ଅଧ୍ୟୟନ କରିଥିଲେ । ଯେଉଁମାନେ ଆଧୁନିକ ଯୁଗରେ ମନେ କରନ୍ତି ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ସଂସ୍କୃତ ଶିକ୍ଷା ଅନାବଶ୍ୟକ, ସେମାନଙ୍କ ନିକଟରେ ଆମ୍ଭେମାନେ ରାଧାନାଥ, ମଧୁସୂଦନ, ବିଶ୍ୱନାଥ ପ୍ରଭୃତିଙ୍କୁ ଉଦାହରଣ ସ୍ୱରୂପ ଥୋଉଁ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପକ୍ଷରେ ବଙ୍ଗ ସାହିତ୍ୟକୁ ସରଳ ପ୍ରାଞ୍ଜଳ ସୁରସରେ ଗଢ଼ିବା ସମ୍ଭବ ହୋଇ ପାରିଥିଲା—ତାଙ୍କର ସଂସ୍କୃତ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ହେତୁରୁ । ଆମ୍ଭେମାନେ ସଂସ୍କୃତ ଭାଷା ଓ ସାହିତ୍ୟକୁ ବର୍ଜନ କରି ଭାରତୀୟ ସାଧନା ଓ ସଂସ୍କୃତିର ଗର୍ବ କରି ପାରିବୁଟି ?

ସଂସ୍କୃତ ଶିକ୍ଷାରେ ବ୍ୟୁତ୍ପତ୍ତି ଲାଭ କଲା ପରେ ବିଶ୍ୱନାଥ ଇଂରାଜୀ ଶିକ୍ଷା ଆରମ୍ଭ କଲେ । ପ୍ରଥମେ ଶିକ୍ଷା ପାଇଲେ କୁଆଁପାଳ ମାଇନର ସ୍କୁଲରେ; ତହିଁ ଉତ୍ତାରୁ କଟକରେ ପ୍ୟାରୀମୋହନ ଏକାଡ଼େମୀରେ । ପ୍ୟାରୀମୋହନଙ୍କ ସହିତ ତାଙ୍କର ପ୍ରତ୍ୟକ୍ଷ ପରିଚୟ ଘଟି ନ ଥିଲେ ମଧ୍ୟ ସେ ଅତି ବାଲ୍ୟାବସ୍ଥାରୁ ପ୍ୟାରୀମୋହନଙ୍କ ଉଚ୍ଚ ଆଦର୍ଶ, ତ୍ୟାଗ, ସ୍ୱଦେଶପ୍ରେମ ଇତ୍ୟାଦି ଲୋକମୁଖରେ ଶୁଣି ତାଙ୍କୁ ହୃଦୟରେ ବିଶେଷ ଭକ୍ତି କରୁଥିଲେ । ପ୍ୟାରୀମୋହନ ଏକାଡ଼େମୀରେ ଏଣ୍ଟ୍ରାନ୍ସ କ୍ଲାସ ପର୍ଯ୍ୟନ୍ତ ପଢ଼ିବା ପରେ କେତେକ କାଳ ପର୍ଯ୍ୟନ୍ତ ବିଶ୍ୱନାଥ ନବପ୍ରତିଷ୍ଠିତ ମିଶନ ବିଦ୍ୟାଳୟରେ ଶିକ୍ଷକତା କାର୍ଯ୍ୟ କରିଥିଲେ । ସେହି ସମୟରେ କେତେକ ଧର୍ମପରାୟଣ ଖ୍ରୀଷ୍ଟଧର୍ମ-

ପ୍ରଚାରକ, ବିଶେଷତଃ ୟୁଙ୍ଗ୍ (Young) ସାହେବଙ୍କ ସଙ୍ଗେ ତାଙ୍କର ପରିଚୟ ହୋଇଥିଲା । ସେହି ସମୟରେ ସେ ତାଙ୍କର ଦୀକ୍ଷାଗୁରୁ ଭକ୍ତକବି ମଧୁସୂଦନ ରାଓଙ୍କ ସାହଚର୍ଯ୍ୟ ଲାଭ କରିଥିଲେ । ବ୍ରହ୍ମର୍ଷି ମଧୁସୂଦନଙ୍କ ଆଦର୍ଶ ସାହିତ୍ୟ କ୍ଷେତ୍ରରେ, ଧର୍ମରାଜ୍ୟରେ, ସମାଜରେ ନାନା ଭାବରେ ତାଙ୍କୁ ଅନୁପ୍ରାଣିତ କରିଥିଲା ।

କଟକ ଆସି ତାଙ୍କର ପରିଚୟ ହୋଇଥିଲା ଆଉ ଜଣେ ନିଷ୍ଠାପର ସାହିତ୍ୟସେବୀଙ୍କ ସହିତ । ସେ ଥିଲେ ସ୍ୱନାମଧନ୍ୟ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ । ସେ ବିଦ୍ୟାଭୂଷଣଙ୍କଠାରୁ ସାହିତ୍ୟ ସେବାର ଯଥାର୍ଥ ପ୍ରେରଣା ଲାଭ କରିଥିଲେ । ପ୍ରତିଦିନ ସେ ବିଦ୍ୟାଭୂଷଣଙ୍କ ନିକଟରେ ସଂସ୍କୃତ, ସାହିତ୍ୟ, କାବ୍ୟ, ନାଟକ, ବ୍ୟାକରଣାଦି ଆଲୋଚନା ସଙ୍ଗେ ସଙ୍ଗେ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, କବିସୂର୍ଯ୍ୟ ପ୍ରମୁଖ ପ୍ରାଚୀନ ଓଡ଼ିଆ କବିମାନଙ୍କ ରଚିତ କାବ୍ୟମାନ ଆଲୋଚନା କରିବାର ସୁଯୋଗ ଲାଭ କରିଥିଲେ । ବିଦ୍ୟାଭୂଷଣଙ୍କ ନିକଟରେ ପ୍ରତ୍ୟହ ବହୁ ଶିଷ୍ୟ ସମବେତ ହୁଅନ୍ତି, ପଣ୍ଡିତ ମହାଶୟଙ୍କ ଘରେ ଶ୍ଳୋକାନ୍ତ ପ୍ରତିଯୋଗିତା ହୁଏ । ପଣ୍ଡିତ ମହାଶୟ ପ୍ରଥମେ ଗୋଟିଏ ଶ୍ଳୋକ ବୋଲନ୍ତି । ସେହି ଶ୍ଳୋକର ଶେଷ ଅକ୍ଷରକୁ ପ୍ରଥମ ଅକ୍ଷର-ରୂପେ ଗ୍ରହଣ କରି ଅନ୍ୟ ଜଣେ ଶିଷ୍ୟ ଆଉ ଗୋଟିଏ ଶ୍ଳୋକ ବୋଲେ । ଏହିପରି ବହୁକ୍ଷଣ ଚାଲେ । ଏ ପ୍ରତିଯୋଗିତାରେ ବିଶ୍ୱନାଥ ସର୍ବଦା ଅଗ୍ରଣୀ ଥିଲେ ।

ପିଲାଦିନରୁ ଧର୍ମ ସମ୍ବନ୍ଧରେ ବିଶ୍ୱନାଥଙ୍କ ମନରେ ଗୋଟିଏ ଭିନ୍ନ ଭାବ ଜାଗ୍ରତ ହୋଇଥିଲା । ସେ ସାଧାରଣ ପୂଜା, ଓଷାବାର ଇତ୍ୟାଦିର ଘନଘଟା ଦେଖି, ସମାଜର ନାନା କୁସଂସ୍କାର ପ୍ରତି ଲକ୍ଷ୍ୟ କରି ଏକପ୍ରକାର ଧର୍ମବିଦ୍ରୋହୀ ହୋଇ ଉଠିଥିଲେ । ତାଙ୍କର ସାନଭାଇ ଦୁହେଁ—ଲୋକନାଥ ଓ ଭୋଳାନାଥ ମଧ୍ୟ ତାଙ୍କର ମତାବଲମ୍ବୀ

ହୋଇଥିଲେ । ସେମାନେ ମଧ୍ୟ ବିଶ୍ୱନାଥଙ୍କଠାରୁ ଆହୁରି ତେଜସ୍ୱୀନ୍ ଓ ସଂସ୍କାରପ୍ରୟାସୀ ଥିଲେ । ସେମାନଙ୍କ ଅକାଳ ବିୟୋଗ ବିଶ୍ୱନାଥଙ୍କ ପକ୍ଷରେ ଅତ୍ୟନ୍ତ ଶୋକାବହ ହୋଇଥିଲା ।

ସେତେବେଳକୁ କଟକରେ ବ୍ରାହ୍ମ ସମାଜ ସ୍ଥାପିତ ହୋଇ ସାରିଲାଣି ଓ ଭକ୍ତକବି ମଧୁସୂଦନ ତାହାର ପ୍ରଧାନ ଚାଳକ ଥାନ୍ତି । ମଧୁସୂଦନଙ୍କ ଆଦର୍ଶ ଚରିତ୍ର ଓ ପୁଣ୍ୟ ପ୍ରଭାବରେ ପ୍ରଭାବାନ୍ୱିତ ହୋଇ ବହୁ ଶିକ୍ଷିତ ଲୋକ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ ।

ସେହି ସମୟରେ ଉତ୍କଳରେ ନବଯୁଗର ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା । ନଅ ଅଙ୍କ ଦୁର୍ଭିକ୍ଷ ପରେ ପରେ ୧୮୬୬ ମସିହାରେ ଉତ୍କଳ ଦୀପିକା କର୍ମବୀର ଗୌରୀଶଙ୍କରଙ୍କ ଚେଷ୍ଟାରେ ପ୍ରକାଶିତ ହୋଇଥିଲା । କର୍ମବୀର ଗୌରୀଶଙ୍କର ଜଣେ ଆଦର୍ଶ କର୍ମୀ । ସେ ନିଜର ସ୍ୱାଧୀନତା ଓ ସ୍ୱାଧୀନ ମତ ଅକ୍ଷୁର୍ଣ୍ଣ ରଖି ସରକାରୀ ଚାକିରି କରୁଥିଲେ । ଦିନେ କଲେକ୍ଟର ସାହେବଙ୍କ ବିରୁଦ୍ଧରେ କଲେକ୍ଟରୀ କଚେରିର କେତେକ ଅନୀତି ପ୍ରସଙ୍ଗରେ ସମାଲୋଚନା ଲେଖିବାରୁ କଲେକ୍ଟର ସାହେବ ତାଙ୍କୁ କଇଫିୟତ ମାଗିଲେ । ସେ ଉତ୍ତର ଦେଲେ "ଗୌରୀଶଙ୍କର ରାୟ ସଂପାଦକ ଏ ସମାଲୋଚନା କଚେରି ସମୟ ପରେ ଲେଖିଛନ୍ତି । କଲେକ୍ଟର ସାହେବଙ୍କ ସିରସ୍ତାଦାର ଗୌରୀଶଙ୍କର ଏହା ଲେଖି ନାହାନ୍ତି । ତେଣୁ କଇଫିୟତ ଦେବ କିଏ ?" ୧୮୬୬ରୁ ୧୯୯୬ ମସିହା ପର୍ଯ୍ୟନ୍ତ ଏହି ତିରିଶ ବର୍ଷ ମଧ୍ୟରେ ଉତ୍କଳର ବିଭିନ୍ନ ଅଞ୍ଚଳରେ ପ୍ରାୟ ଚାଳିଶ ଖଣ୍ଡ ପତ୍ରପତ୍ରିକା ପ୍ରକାଶିତ ହେଲା ପରେ ୧୮୯୭ ମସିହାରେ ବିଶ୍ୱନାଥଙ୍କ ସମ୍ପାଦକତ୍ୱରେ 'ଉତ୍କଳ ସାହିତ୍ୟ' ପ୍ରତିଷ୍ଠିତ ହେଲା । ଦୀର୍ଘ ୩୭ ବର୍ଷ ମଧ୍ୟରେ 'ଉତ୍କଳ ସାହିତ୍ୟ' ପତ୍ରିକା ହେତୁରୁ ଉତ୍କଳର ବିଭିନ୍ନ ଅଞ୍ଚଳରେ ବହୁ ସୁଲେଖକ ସୃଷ୍ଟି ହୋଇଥିଲେ । ଜାତୀୟ ସାହିତ୍ୟ କ୍ଷେତ୍ରରେ

ଏହି 'ଉତ୍କଳ ସାହିତ୍ୟ' ଏକ ନବ ଜାଗରଣ ଆଣିଥିଲା । ତତ୍କାଳୀନ ପ୍ରତିଭାଧର ଯୁବକ ସାହିତ୍ୟକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିବାକୁ ନବଯୁଗର ଅନ୍ୟତମ ଅଗ୍ରଣୀ ବିଶ୍ୱନାଥଙ୍କଠାରୁ ପ୍ରେରଣା ପାଇଥିଲେ । ତାଙ୍କର ସସ୍ମିତବଦନ, ସ୍ନେହପୂର୍ଣ୍ଣ ବିସ୍ଫାରିତ ଚକ୍ଷୁ, ସୁମଧୁର ସମାଲୋଚନା ଯେ ଥରେ ଶୁଣିଥିବ, ସେ ନିଜର ମନପ୍ରାଣ ସାହିତ୍ୟ ପାଇଁ ଯଥାଶକ୍ତି ଉତ୍ସର୍ଗ ନ କରି ରହି ପାରି ନ ଥିବ ।

ବ୍ୟକ୍ତିଗତ ସ୍ମୃତିର କଥା କହି ବସିଲେ ସେ ଅନେକ କଥା । ମୁଁ ମାଟ୍ରିକୁଲେସନ ପଢୁଥିବା ବେଳେ 'ଗଡ଼ଜାତବାସିନୀ'ରେ ଗୋଟିଏ ଗୋଟିଏ କ୍ଷୁଦ୍ର ପ୍ରବନ୍ଧ ଲେଖୁଥିଲି । ମୋର ପୂଜନୀୟ ଶିକ୍ଷକ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଦୟାରୁ ଏକା ଦିନକେ ଭକ୍ତ କବି ମଧୁସୂଦନଙ୍କର ଓ ପୂଜ୍ୟ ଗୁରୁ ବିଶ୍ୱନାଥଙ୍କର ଦର୍ଶନ ଲାଭ କରି ସେମାନଙ୍କଠାରୁ ନାନା ଉତ୍ସାହ ବାଣୀ ଶୁଣି ଥିଲି ।

ବିଶ୍ୱନାଥଙ୍କ ଲେଖନୀର ବା ତାଙ୍କ ବାଗ୍ମୀତାପୂର୍ଣ୍ଣ ବକ୍ତୃତାର ପରିଚୟ ବହୁ ବ୍ୟକ୍ତି ପାଇଛନ୍ତି । ମାତ୍ର ଯେଉଁମାନେ କେବଳ ଘନିଷ୍ଠ ଭାବରେ ତାଙ୍କ ସହିତ ମିଶିଥିବେ, ସେହିମାନେ ତାଙ୍କ ମହତ୍ତ୍ୱ ଚରିତ୍ର ଓ ଉଦାର ହୃଦୟର କିଞ୍ଚିତ୍ ପରିଚୟ ପାଇଥିବେ । ସେ ଥିଲେ କେଡ଼େ ଉଦାର, କେଡେ ମହତ୍, କେତେ ସ୍ନେହୀ । ତାଙ୍କର ଉଦାରତା, ମହତ୍ତ୍ୱ ଓ ସ୍ନେହପ୍ରବଣ ହୃଦୟର ଆଦର୍ଶ ବହୁ ଓଡ଼ିଆଙ୍କୁ ସୁଲେଖକ କରିଅଛି ।

୧୯୩୪ ମସିହା ଅକ୍ଟୋବର ମାସ ୧୯ ତାରିଖରେ ବିଶ୍ୱନାଥ ବିଜୟା ଦଶମୀରେ ଅମରଧାମକୁ ବିଜୟଯାତ୍ରା କରି ବାହାରି ଗଲେ । ତାଙ୍କ ସ୍ମୃତିରକ୍ଷା ପାଇଁ କେହି ପଛକେ ସ୍ମୃତିସୌଧ ତିଆରି ତହିଁରେ ତାଙ୍କର ଜୀବନ୍ତ ମୂର୍ତ୍ତି ସ୍ଥାପନ ନ କରୁ ବା ସେହି ସୌଧର ଶିରୋଭାଗରେ ବିଜୟ କେତନ ନ ଉଡ଼ାଉ, କେହି ତାଙ୍କ ନାମରେ

ପାଞ୍ଚଟା ଗ୍ଲସ ବୃତ୍ତି ନ ଖଞ୍ଜୁ, କେହ୍ନୁ ତାଙ୍କର ବାର୍ଷିକ ଶ୍ରାଦ୍ଧ ଅନୁଷ୍ଠାନରେ ଗୋଟିଏ ଦୁଇଟି ବକ୍ତୃତା ନ କରୁ, ସେଥିପାଇଁ ଦୁଃଖ ନାହିଁ । କାରଣ ସେ ସହସ୍ର ସହସ୍ର ସାହିତ୍ୟିକ ଓଡ଼ିଶା ଦେଶରେ ସୃଷ୍ଟି କରି ଏକ ସ୍ମୃତିସୌଧ ଗଢ଼ି ତହିଁରେ ଯେଉଁ ବିଜୟ ପତାକା ଉଡ଼ାଇ ଯାଇଛନ୍ତି, ଓଡ଼ିଆଭାଷା ଓ ସାହିତ୍ୟ ଜୀବିତ ଥିବା ଯାଏଁ ସେହି ପତାକା ଉଚ୍ଚ ହୋଇ ରହିଥିବ ଏବଂ ଉତ୍କଳର ସୁଲେଖକମାନେ ସେହି ପତାକାର ଆଦର୍ଶରେ ଅନୁପ୍ରାଣିତ ହେଉଥିବେ ।

| | | |
|---|---|---|
| କଟକ<br>ତା ୩୧।୫।୧୯୫୩ | } | ତାଙ୍କର ଗୁଣମୁଗ୍ଧ<br>ଶ୍ରୀ ଚନ୍ଦ୍ରାମଣି ଆଗ୍ରୁଆ |

# ବିଶ୍ୱନାଥ କର

## ( ନିଜ ଜୀବନ କାହାଣୀର କିୟଦଂଶ )

ଜନ୍ମ—୧୮୬୪, ମୃତ୍ୟୁ—୧୯୩୪

ଅନ୍ନଦା ଦେଖାଦେଖି ତୁ ଆତ୍ମକଥା ଲେଖିବାକୁ ମତେ ବାରମ୍ବାର ଲେଖୁ ଅଛୁ । ଅନ୍ନଦା କେବଳ ମୋର ବ୍ୟକ୍ତିଗତ ଅନୁଭୂତ କଥା ଜାଣିବା ପାଇଁ ବିଶେଷ ଭାବରେ ଆଗ୍ରହ ପ୍ରକାଶ କରିଥିଲ । ତେବେ ଅନୁଭୂତ ଲେଖିବାକୁ ଗଲେ ଜୀବନର ଘଟନା ସ୍ୱତଃ ଆସି ପଡ଼େ । ସେହି ଭାବରେ ତା ପାଇଁ ଗୋଟିଏ ସଂକ୍ଷିପ୍ତ ବିବରଣ ଲେଖିଥିଲି । ତୋର ଆଗ୍ରହ ଦେଖି ସେଇଟିକୁ ଟିକିଏ ବଢ଼ାଇ ଦେଇ କିଛି କିଛି ନୂତନ ଘଟନା ଯୋଗ କରି ଏହି ବିବରଣଟି ଲେଖୁଅଛି । ଜୀବନର ଓ ପାରିପାର୍ଶ୍ୱିକ ଘଟନାବଳୀର ବିବରଣ ଲେଖି ବସିଲେ ଗୋଟାଏ ବୃହତ୍ ବ୍ୟାପାର ହେବ । ମାତ୍ର ତାହା କରିବାର ଅବସର କେବେ ପାଇ ପାରିବି କି ନାହିଁ କହିପାରୁ ନାହିଁ । ସମ୍ଭାବନା ବଡ଼ କମ୍ ।

ମୂଳବସନ୍ତ ଗ୍ରାମର କରବଂଶରେ ଖୁବ୍ ଧନଶାଳୀ ବା ବଡ଼ ବିଦ୍ୱାନ୍ କେହି ନ ଥିଲେ ମଧ୍ୟ ସେ ଅଞ୍ଚଳରେ ଏମାନଙ୍କର ବେଶ୍ ଟିକିଏ ମାନ ସମ୍ଭ୍ରମ ଅଛି । ଏପରି କି କଟକ ଜିଲ୍ଲା ଭିତରେ ଏମାନେ

ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ଯେ କି ଆଇ. ସି. ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଚାକିରୀ ଗ୍ରହଣ କରି ନ ଥିଲେ, ତାଙ୍କରି କଥା ଉଲ୍ଲେଖ କରାଯାଇ ଅଛି । ଏ ପତ୍ର ଖଣ୍ଡି ବିଶ୍ୱନାଥ ବାବୁ ତାଙ୍କର ଜଣେ ଆତ୍ମୀୟଙ୍କୁ ଲେଖିଥିଲେ ।

ସକଳ ବିଷୟରେ ଟିକିଏ ଉଦାର ଓ ଅଗ୍ରଗାମୀ । ଆଧୁନିକ ଶିକ୍ଷା-ଦୀକ୍ଷାରେ ଏମାନେ ପ୍ରଥମେ ଅଗ୍ରସର ହୋଇଥିଲେ । ତନ୍ମଧ୍ୟରେ ଆମ ବଂଶ ପୁଣି ସର୍ବପ୍ରଥମ । ଆମର ବଂଶରୁ ପିତୃବ୍ୟ ମାଧବଚନ୍ଦ୍ର, ପୁରୁଷୋତ୍ତମ, ନୀଳକଣ୍ଠ ପ୍ରଭୃତି ସୁଦୂର ସମ୍ବଲପୁର ଅଞ୍ଚଳକୁ ଯାଇ ସେଠାରେ ଆଧୁନିକ ଶିକ୍ଷାପ୍ରବର୍ତ୍ତନାରେ ସହାୟତା କରିଥିଲେ ଏବଂ ପରେ ଅନେକ ଯୁବକଙ୍କୁ ସଙ୍ଗରେ ନେଇ, ପାଖରେ ରଖି ଶିକ୍ଷା ଦେଇ କର୍ମରେ ନିଯୁକ୍ତ କରାଇ ଦେଇଥିଲେ । ଆଜି ପର୍ଯ୍ୟନ୍ତ ସମ୍ବଲ-ପୁରର ପ୍ରାୟ ପ୍ରତ୍ୟେକ ଅଂଶରେ ମୂଳବସନ୍ତର କରବଂଶ 'ଗୁରୁବଂଶ' ନାମରେ ଅଭିହିତ ଓ ସମ୍ମାନିତ ହୁଅନ୍ତି । ସେହି ସମୟର ନର୍ମାଲ ସ୍କୁଲରେ ଏହିମାନେ ବ୍ରାହ୍ମଣମାନଙ୍କ ମଧ୍ୟରୁ ପ୍ରଥମ ଶିକ୍ଷା ଲାଭ କରି-ଥିଲେ । ଇଂରାଜିଶିକ୍ଷା ମଧ୍ୟ ବ୍ରାହ୍ମଣମାନଙ୍କ ମଧ୍ୟରେ ଆମର ବଂଶରେ ଆରମ୍ଭ ହୋଇଥିଲା ।

ମୋର ପିତାମହ ତିନି ଭାଇ; ଜ୍ୟେଷ୍ଠ ଚଣ୍ଡିଚରଣଙ୍କର ତିନି ପୁତ୍ର, ମଧ୍ୟମ ଖଗେଶ୍ୱରଙ୍କର ଦୁଇ ପୁତ୍ର ଓ କନିଷ୍ଠ ବିନାୟକଙ୍କର ସାତ ପୁତ୍ର । ଆମ ବଂଶଟି ଗ୍ରାମ ମଧ୍ୟରେ ପ୍ରତିପତ୍ତିଶାଳୀ—ସବୁ ବିଷୟରେ ଅଗ୍ରଗାମୀ । ତିନି ଭାଇ ତିନି ଘରରେ ବିଭକ୍ତ ହୋଇ-ଥିଲେ । ମଧ୍ୟମ ଖଗେଶ୍ୱରଙ୍କର ଦୁଇ ପୁତ୍ର ନାରାୟଣ ଓ ମାଧବଚନ୍ଦ୍ର । ଜ୍ୟେଷ୍ଠ ଘରେ ରହି ଚିରଜୀବନ ସଂସାର ଚଳାଇ ଅଛନ୍ତି; କନିଷ୍ଠ ଜୀବନର ଅଧିକାଂଶ ସମୟ ସମ୍ବଲପୁରରେ ଶିକ୍ଷକତା କରି ଶେଷ ଜୀବନରେ ପେନ୍‌ସନ୍ ନେଇ ଗୃହରେ ବାସ କରିଥିଲେ । ଚାକିରିରେ ଥିବାବେଳେ ସେ ପ୍ରାୟ ତିନି ବର୍ଷରେ ଥରେ ଗୃହକୁ ଆସି ୩।୪ ମାସ ମାତ୍ର ରହି ପୁଣି କର୍ମ ସ୍ଥାନକୁ ଯାଆନ୍ତି । କର୍ମସ୍ଥାନରୁ ଘୋର ଅରଣ୍ୟ ପଥରେ ଆସି ଘରେ ପହଞ୍ଚିବାକୁ ପ୍ରାୟ ୧୦।୧୨ ଦିନରୁ କମ୍ ଲାଗୁ ନଥିଲା ।

ଜ୍ୟେଷ୍ଠ ନାରାୟଣଙ୍କ ଔରସରେ ବୈଦେହୀ ଦେବୀଙ୍କ ଗର୍ଭରୁ ଦିବ୍ୟସିଂହ ଦେବଙ୍କ ୮ ଅଙ୍କ ପୌଷ ଶୁକ୍ଳ ନବମୀ ତିଥିରେ ମୋର ଜନ୍ମ । ସମ୍ଭବତଃ ସେଇଟା ୧୮୬୪ ସାଲ ଡ଼ିସେମ୍ବର ମାସ । ତିନି ଝିଅ ଭିତରେ ମୁଁ ପ୍ରଥମ ପୁତ୍ର ସନ୍ତାନ । ପିତାମାତାଙ୍କର ତିନି କନ୍ୟା ପରେ ମୁଁ ପ୍ରଥମ ପୁତ୍ର । ସୁତରାଂ ମୋର ସ୍ନେହ ଆଦରଟା କେତେ ବେଶି ହୋଇଥିବ ତାହା କହିବା ଅନାବଶ୍ୟକ । ଖୁବ୍ ପିଲବେଳର କେତେ କେତେ କଥା ମୋର ବେଶ୍ ମନେ ଅଛି । ମାତୃଦେବୀଙ୍କ କଥା ଛାଡ଼, ମାତୃସ୍ଥାନୀୟା ଖୁଲ୍ଲତାତପତ୍ନୀମାନଙ୍କଠାରୁ ଯେ କେତେ ସ୍ନେହ ଆଦର ପାଇଅଛି ତାହାର ଇୟତ୍ତା ନାହିଁ । ପ୍ରତ୍ୟେକେ ସେପରି ମତେ ନିଜ ଗର୍ଭଜାତ ସନ୍ତାନ ବୋଲି ଧରି ନେଇଥିଲେ । ପ୍ରବୀଣ ବୟସ ପର୍ଯ୍ୟନ୍ତ ମୋ ପ୍ରତି ସେମାନଙ୍କର ସେହିପରି ଭାବ ଦେଖି ଅବାକ୍ ହୋଇଅଛି ।

ମୋ ତଳେ ଆଉ ତିନି ଭାଇ—ଲୋକନାଥ, ଭୋଲାନାଥ, କୃଷ୍ଣଚନ୍ଦ୍ର । ପିତୃବ୍ୟ ମାଧବଚନ୍ଦ୍ର ଦୀର୍ଘକାଳ ପର୍ଯ୍ୟନ୍ତ ନିଃସନ୍ତାନ ଥିବାରୁ ଭୋଲାନାଥକୁ ପୋଷ୍ୟପୁତ୍ର କରିଥିଲେ । ଏହି ଭୋଲାନାଥ ଆମ ସମସ୍ତଙ୍କ ଭିତରେ ପ୍ରଖର ମେଧାବୀ, ନିର୍ଭୀକ ଓ ସ୍ୱାଧୀନଚେତା ଥିଲା । ଅଠର ବର୍ଷ ବୟସରେ ତାର ମୃତ୍ୟୁ ଘଟିଲେ ହେଁ ତାର ଜୀବନ କାହାଣୀ ଅତି ଅପୂର୍ବ । କେତେ ଲୋକ ତା ସମ୍ବନ୍ଧରେ କେତେ ଉଚ୍ଚ ଆଶା ପୋଷଣ କରିଥିଲେ । ସବୁ ବ୍ୟର୍ଥ ହୋଇଗଲା । ମୁଁ ତାର ଜୀବନକଥା ସଂକ୍ଷେପରେ ଲେଖି ରଖିଅଛି । ଛାପିବାର ସୁଯୋଗ ହୋଇନାହିଁ ।

ଖୁବ୍ ଶୈଶବରେ ଆମ ଗ୍ରାମର ଗୋବିନ୍ଦ ଅବଧାନଙ୍କ ପାଖରେ ମୋର ଶିକ୍ଷାରମ୍ଭ । ଅବଧାନଙ୍କ ଆକୃତି ଆଜି ମଧ୍ୟ ମୋ ଆଖି ଆଗରେ ନାଚୁଅଛି । ମୁଁ ତାଙ୍କର ସର୍ବାପେକ୍ଷା ପ୍ରିୟ ଛାତ୍ର ଥିଲି । ସେ ମୋତେ

ଏତେ ସ୍ନେହ କରୁଥିଲେ ଯେ, ଘର ପାଖରୁ ନିଜ କାନ୍ଧରେ ବସାଇ ଚଟଶାଳୀକୁ ନେଇ ଯାଉଥିଲେ । ପରେ ଟିକିଏ ବଡ଼ ହେଲାରୁ ଗ୍ରାମର ପଣ୍ଡିତ ଶ୍ରୀଯୁକ୍ତ ବ୍ରଜବନ୍ଧୁ କରଙ୍କ ନିକଟରେ ସଂସ୍କୃତ ଶିକ୍ଷା ଆରମ୍ଭ କଲି । ତାଙ୍କ ପାଖରେ ମଧ୍ୟ ସମସ୍ତ ଛାତ୍ରଙ୍କ ଭିତରେ ମୋର ଆଦରଟା ସବୁଠାରୁ ବେଶି । ନିକଟସ୍ଥ ଭାକୁଡ଼ ଗ୍ରାମର ମିଶ୍ରବଂଶ ସେତେବେଳେ ସେ ଅଞ୍ଚଳରେ ପ୍ରଧାନ ସଂସ୍କୃତଜ୍ଞ । ଭିନ୍ନ ଭିନ୍ନ ଭ୍ରାତା ଭିନ୍ନ ଭିନ୍ନ ଶାଖାରେ ଜଣେ ଜଣେ ଧୁରନ୍ଧର ବ୍ୟକ୍ତି । ତାଙ୍କ ଚତୁଷ୍ପାଠୀରେ ଅନେକ ଛାତ୍ର ନାନା ବିଷୟରେ ଅଧ୍ୟୟନ କରୁଥାନ୍ତି । ଆମ ଗ୍ରାମରୁ ମଧ୍ୟ ଆମେ କେତେ ଜଣ ଛାତ୍ର ସେଠାରେ କିଛି କାଳ ନିୟମିତ ରୂପେ ସଂସ୍କୃତ ବ୍ୟାକରଣ ଓ ସାହିତ୍ୟ ଅଧ୍ୟୟନ କରୁଥିଲୁଁ । ଏହାପରେ ସଂସ୍କୃତ ଶିକ୍ଷାରେ କେତେ ବର୍ଷ କଟିଯିବାରୁ ଆଧୁନିକ ସ୍କୁଲଶିକ୍ଷା ମୁଁ ଟିକିଏ ବେଶି ବୟସରେ ଆରମ୍ଭ କରିଥିଲି । ନିକଟବର୍ତ୍ତୀ କୁଆଁପାଳ ଗ୍ରାମର ମାଇନର ସ୍କୁଲରେ ଏ ଶିକ୍ଷାର ଆରମ୍ଭ ।

ବିଷୟ ବିଭବ, ନାନା ଦିଗଦେଶ ପଣ୍ଡିତଗଣଙ୍କ ସମାଗମ, ଶାସ୍ତ୍ରାଲୋଚନା, ସଙ୍ଗୀତାଦି ସୂକ୍ଷ୍ମକଳାର ଚର୍ଚ୍ଚା, ବିବିଧ ପ୍ରକାରର ଆମୋଦ ଇତ୍ୟାଦି ବିଷୟରେ କୁଆଁପାଳର ଖ୍ୟାତି ବହୁଦୂର ବ୍ୟାପ୍ତ ହୋଇଥିଲା । କିନ୍ତୁ କି ଦୁର୍ଭାଗ୍ୟ, ଭୋଗବିଳାସ ଓ ଆମୋଦ-ପ୍ରମୋଦ ସ୍ପୃହାର ଆତିଶଯ୍ୟରୁ ଦୁର୍ନୀତିର ମାତ୍ରା ମଧ୍ୟ କ୍ରମେ ବଢ଼ି ଯାଇଥିଲା । ନାନାପ୍ରକାର ଧର୍ମାନୁଷ୍ଠାନର ମହା ଆଡ଼ମ୍ବର ପାଖେ ପାଖେ ଦୁର୍ନୀତି ଦୁରାଚାରର ଯେଉଁସବୁ କଦର୍ଯ୍ୟ ଚିତ୍ର ସେଠାରେ ଦେଖିଅଛି, ତାହା ଭାବିଲାବେଳକୁ ଆଜି ହୃତ୍‌କମ୍ପ ଜାତ ହେଉଅଛି । ଏ ଦେଶରେ ଆଡ଼ମ୍ବରପୂର୍ଣ୍ଣ ଧର୍ମାନୁଷ୍ଠାନର ମୂଲ୍ୟାଙ୍କ ଯେ କେତେ, ତାହା ତରୁଣ ବୟସରେ ସେହିଠାରେ ଅନୁଭବ କରିଥିଲି ଏବଂ ପ୍ରଚଳିତ ଧର୍ମ ପ୍ରତି

ଅଷ୍ଟା ଓ ଜାତଭେଦରେ ବିଶ୍ୱାସ ସେହିଠାରେ ପ୍ରାୟ ନିର୍ମୂଳ ହୋଇ ଯାଇଥିଲା । ହାୟ, ସେହି ଦୁର୍ନୀତିର ଫଳରେ ଏଡ଼େବଡ଼ ବର୍ଦ୍ଧିଷ୍ଣୁ ଗ୍ରାମଟା ଅଳ୍ପକାଳ ମଧ୍ୟରେ ଏକାବେଳକେ ଉଚ୍ଛନ୍ନ ହୋଇଗଲା ।

ଅନ୍ୟାନ୍ୟ କଥା କହିବା ପୂର୍ବରୁ ଆମ ଘର ଓ ପରିବାର ସମ୍ବନ୍ଧରେ ଦୁଇ ଚାରି କଥା କହେଁ । ପିତୃବ୍ୟ ଦୂର ଦେଶରେ ଚାକିରି କରି ଯଥାସାଧ୍ୟ ଅର୍ଥ ପ୍ରେରଣ କରନ୍ତି । ପିତୃଦେବ ଅତି ସତର୍କତା ସହିତ ସେହି ଅର୍ଥ ବ୍ୟୟ କରି ଏବଂ ପ୍ରଭୂତ ଯତ୍ନ ଓ ପରିଶ୍ରମସହ କୃଷି କର୍ମାଦି ସମ୍ପାଦନ କରି ଅତ୍ୟନ୍ତ ଶୃଙ୍ଖଳାସହକାରେ ସଂସାରଟି ଚଳାଉ-ଥାନ୍ତି । କୌଣସି କାର୍ଯ୍ୟ ନିଜ ହାତରେ ସମ୍ପାଦନ କରିବାକୁ ସେ କୁଣ୍ଠିତ ହେଉ ନ ଥିଲେ । ବିଶେଷତଃ ବାଡ଼ି ବଗିଚାରେ ନାନାପ୍ରକାର ପନିପରିବା ଉତ୍ପାଦନ କରି ସେଇଥିରେ ସଂସାରର ସମସ୍ତ ପ୍ରୟୋଜନ ଚଳାଇବା ବିଷୟରେ ତାଙ୍କର ପ୍ରଧାନ ଦୃଷ୍ଟି ଥିଲା । ନାନାପ୍ରକାର ପ୍ରୟୋଜନୀୟ ଦ୍ରବ୍ୟ ସମ୍ପାଦନରେ ମଧ୍ୟ ସେ ଅତ୍ୟନ୍ତ ପଟୁ ଥିଲେ । ଏଥିପାଇଁ କୌଣସି ବିଷୟରେ କାହାର ଦ୍ୱାରସ୍ଥ ହେବା ପ୍ରାୟ ଘଟି ନ ଥିଲା । ବରଂ ସମସ୍ତଙ୍କୁ ଜଣା ଥିଲା ଯେ, ସାଧାରଣ ଦରକାରୀ ଜିନିଷ ଯେତେବେଳେ ଖୋଜିଲେ ଆମ ଘରେ ମିଳି ପାରିବ ଏବଂ ନାନା ସମୟରେ ଲୋକେ ନାନା ଜିନିଷ ପାଇଁ ଯେତେବେଳେ ସେତେବେଳେ ଆମ ଘରେ ଉପସ୍ଥିତ ହେଉ ଥିଲେ । ଘରଦ୍ୱାର, ବାଡ଼ି ବଗିଚା ପରିଷ୍କୃତ ପରିଚ୍ଛନ୍ନ ରଖିବା ବିଷୟରେ ତାଙ୍କର ଭାରି ଯତ୍ନ ଥିଲା । ଅସ୍ଥାନରେ କୁଟା ଖଣ୍ଡିଏ ପଡିଥିବାର ଦେଖିଲେ ତତ୍‌କ୍ଷଣାତ୍ ତାକୁ ସ୍ଥାନାନ୍ତରିତ ନ କରି ରହି ପାରିବେ ନାହିଁ । କୌଣସି ପ୍ରକାର ଅନିୟମ ବା ବିଶୃଙ୍ଖଳା ସେ ସହି ପାରୁ ନ ଥିଲେ । ସେହିପରି ଘରେ ବାହାରେ କାହାରି କିଛି ଅନ୍ୟାୟ ବ୍ୟବହାର ଦେଖିଲେ ତୀବ୍ର ଘୃଣା ପ୍ରକାଶ କରୁଥିଲେ । ଯାହାକୁ

କହନ୍ତି 'ଖଣ୍ଡାଧାରରେ ବାଟ ଚାଲିବା' ସାରା ଜୀବନ ପ୍ରାୟ ସେ ସେହି-ପରି ଚାଲିଛନ୍ତି ଏବଂ ସେହି ହେତୁରୁ କାହାର ପାଖରେ କେବେ ମୁଣ୍ଡ ନଇଁ ନାହାନ୍ତି ।

ଘର କଥା ଦୂରେ ଥାଉ, ଗ୍ରାମର ଲୋକେ ମଧ୍ୟ ତାଙ୍କ ନିକଟରେ ଖୁବ୍ ସଂକୋଚରେ ଚଳୁଥିଲେ । ସେ ଘରେ ଥିବାବେଳେ ସମସ୍ତେ ବ୍ୟସ୍ତ ହୋଇ ରହୁଥାନ୍ତି—କାଳେ କୁଆଡ଼େ କଣ ବିଗିଡ଼ି ଯିବ ପରି । କ୍ରୋଧଟା ତାଙ୍କ ପ୍ରକୃତିରେ ଅତ୍ୟନ୍ତ ପ୍ରବଳ ଥିଲା । ଅତି ଅଳ୍ପରେ ସେ ବଡ଼ ଉଗ୍ର ହୋଇ ଉଠୁଥିଲେ, କିନ୍ତୁ ଅନ୍ୟର କୌଣସି ବିଷୟରେ ହସ୍ତକ୍ଷେପ କରିବା କିମ୍ବା ଉପରେ ପଡ଼ି ପଦେ କଥା କହିବା ତାଙ୍କର ପ୍ରକୃତି ବିରୁଦ୍ଧ ଥିଲା । ଆମ୍ଭମାନଙ୍କୁ ପ୍ରାୟ ସର୍ବଦା କହୁଥିଲେ—ଆପଣା ବାଟରେ ଚାଲ, ସଂସାରରେ କାହାକୁ ଭୟ କରିବାର କିଛି କାରଣ ନାହିଁ । ବାହାରେ ଆମ୍ଭମାନଙ୍କର ବିବାଦ ହେଲେ ଅପରପକ୍ଷର ଯେତେ ଅନ୍ୟାୟ ଥାଉ ପଛକେ ଶାସ୍ତିଟା ଆମର ମୁଣ୍ଡରେ ପଡ଼ୁଥିଲା । ତେଣୁ ଅନେକ ସମୟରେ ଆମ୍ଭେମାନେ ବାହାରେ ମାଡ଼ ଗାଳି ଖାଇଲେ ମଧ୍ୟ କାନମୁଣ୍ଡ ଆଉଁସି ତୁନି ହୋଇ ରହୁ ।

ମାତୃଦେବୀଙ୍କ ହୃଦୟ ଯେ କେଡ଼େ କୋମଳ, କେଡ଼େ ମଧୁର ଓ କେଡ଼େ ଦୟାପୂର୍ଣ୍ଣ ଥିଲା, ତାହା କହି ପାରିବି ନାହିଁ । କାହାର କୌଣସି ଦୁଃଖ କଥା ଶୁଣିଲେ କାନ୍ଦି ଅସ୍ଥିର ହୋଇ ପଡ଼ୁଥିଲେ । ଗ୍ରାମଟା ଯାକରେ ଯାହାର ଯାହା ଦୁଃଖ, ସବୁ ଯେପରି ତାଙ୍କ ନିଜର । ଗ୍ରାମର କେତେ ଲୋକ ଯେ କେତେ ଭାବରେ ତାଙ୍କ ପାଖରେ ସାହାଯ୍ୟ ଲୋଡୁଥିଲେ ଓ ପାଉଥିଲେ, ତାହାର ଇୟତ୍ତା ନାହିଁ । ଏଥିଯୋଗୁଁ ପିତୃବ୍ୟପତ୍ନୀଙ୍କଠାରୁ ସେ ଅନେକ ସମୟରେ ତିରସ୍କାର ଓ ଲାଞ୍ଛନା ପାଉଥିଲେ । ତେଣୁ ଅତି ଗୋପନରେ ନିଜେ ନେଇ ତେଲ ଟିକିଏ, ଲୁଣ ଟିକିଏ, ଚାଉଳ ସେରେ, ଡାଲି ପୋଷେ,

ପରିବା ଗଣ୍ଡାଏ, ଏମନ୍ତ କି ରନ୍ଧା ଭାତ ତରକାରୀ କେତେ ଦରିଦ୍ର ଲୋକଙ୍କ ଘରେ ଦେଇ ଆସନ୍ତି । କେବେ ଧରା ପଡ଼ିଗଲେ ପିତୃବ୍ୟ-ପତ୍ନୀଙ୍କଠାରୁ, ପିତାଙ୍କଠାରୁ ମଧ୍ୟ ତାଡ଼ନା ଲାଭ କରନ୍ତି । ଏପରି ଘଟଣାରେ ନୀରବରେ କେତେଥର ଅଶ୍ରୁପାତ କରିବାର ମୁଁ ଦେଖିଅଛି ଏବଂ ସାନ୍ତ୍ୱନା ଦେଇଅଛି । ତାଙ୍କର ଭାରି ଗୋଟାଏ ଆଶା ଥିଲା, ଆମ୍ଭେମାନେ ବଡ଼ ହୋଇ ଅର୍ଥ ଉପାର୍ଜନ କଲେ ସେ ମନ ଇଚ୍ଛା ଲୋକଙ୍କୁ ନାନା ଭାବରେ ସାହାଯ୍ୟ କରିପାରିବେ । ହାୟ, ତାଙ୍କ ଜୀବନରେ ସେ ଆଶା ପୂର୍ଣ୍ଣ ହୋଇ ପାରିଲା ନାହିଁ ।

ପିତୃବ୍ୟଙ୍କ ପ୍ରକୃତଟା ଅନେକ ପରିମାଣରେ ମାତୃଦେବୀଙ୍କ ପ୍ରକୃତି ପରି ବଡ଼ କୋମଳ, ବଡ଼ ମଧୁର, ଅତ୍ୟନ୍ତ ଦୟାପ୍ରବଣ । ନିଜେ ଉପାର୍ଜକ ହୋଇ ମଧ୍ୟ ଅତି ଗୋପନରେ ଅନେକ ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ କରୁଥିଲେ । ସଦାପ୍ରସନ୍ନ-ମୂର୍ତ୍ତି, ସହାସ୍ୟମୁଖ, ସରଳମଧୁର ବ୍ୟବହାର । ପଦେ ରୁଢ଼ କଥା କେହି କେବେ ତାଙ୍କ ମୁଖରୁ ଶୁଣି ନାହିଁ । ନିଜର ପ୍ରୟୋଜନ ଅତି ସାମାନ୍ୟ, କୌଣସି ବିଷୟରେ ଆସକ୍ତି ବା ଆଗ୍ରହ ନ ଥିଲା; କିନ୍ତୁ ପରିବାର ଭିତରେ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସର୍ବଦା ବ୍ୟସ୍ତ, କାହାରି ଯେପରି କେଉଁଥିରେ ମନ ଊଣା ନ ହୁଏ । ପତ୍ନୀଙ୍କ ପ୍ରତିକୂଳତା ସତ୍ତ୍ୱେ ଆମ୍ଭମାନଙ୍କ ଶିକ୍ଷାଦିରେ ଯଥେଷ୍ଟ ଅର୍ଥବ୍ୟୟ କରିବାକୁ କେବେ କୁଣ୍ଠିତ ହେଉ ନାହାନ୍ତି ।

ପିତାମହୀଙ୍କ କଥା ଟିକିଏ ଏଠାରେ କହୁଥାଏଁ । ଜୀବନର ଶେଷ କେତେ ବର୍ଷ ସେ ଦୁଇ ଚକ୍ଷୁ ହରାଇ ଅନ୍ଧ ହୋଇ ଯାଇଥିଲେ । ଅନ୍ୟର ସାହାଯ୍ୟ ବ୍ୟତୀତ କୌଣସିଠାକୁ ଯିବାର ଶକ୍ତି ନ ଥିଲା; କିନ୍ତୁ ଘର ଭିତରେ ଅଣ୍ଡାଳି ଅଣ୍ଡାଳି ନିଜ ମନକୁ ନାନା କାର୍ଯ୍ୟ କରିବା ପାଇଁ ସର୍ବଦା ବ୍ୟସ୍ତ । ଅବଶ୍ୟ ଶିଶୁ ନାତିନାତୁଣୀଙ୍କ ସେବା

ପ୍ରଧାନ କାର୍ଯ୍ୟ ଥିଲା; କିନ୍ତୁ ସେତିକିରେ ସେ ସନ୍ତୁଷ୍ଟ ରହି ପାରୁ ନଥିଲେ । ଅଳସ ହୋଇ ବସି ରହିବା ତାଙ୍କୁ ଅସହ୍ୟ ବୋଧ ହେଉଥିଲା । ଦୃଷ୍ଟିଶକ୍ତି ଅଭାବରୁ ଅନେକ ସମୟରେ ଏଣୁ ତେଣୁ କଣ କରିପକାନ୍ତି ଏବଂ ସେଥିପାଇଁ ଅନ୍ୟମାନଙ୍କଠାରୁ କଟୁକଥା ଶୁଣନ୍ତି । ତଥାପି କିଛି ନ ଶୁଣିଲା ପରି କାମରେ ଲାଗିଥିବେ । ବୋଧହୁଏ ପିତୃଦେବ ତାଙ୍କ ଜୀବନର କର୍ମିଷ୍ଠତା ଜନନୀଙ୍କଠାରୁ ପାଇଥିଲେ ।

କୁଆଁପାଳ ସ୍କୁଲରେ ଶିକ୍ଷା ଆରମ୍ଭ ସଙ୍ଗେ ସଙ୍ଗେ ବାର ବର୍ଷ ବୟସରେ ଦର୍ପଣୀ ଅନ୍ତର୍ଗତ କଣ୍ଟିଆ ଗ୍ରାମର ଜାନକୀ ଦେବୀଙ୍କ ସଙ୍ଗରେ ମୋର ବିବାହ ହେଲା । ସେତେବେଳେ ତାଙ୍କ ବୟସ ଆଠ ବର୍ଷ ମାତ୍ର । ଏ ଦେଶର ବ୍ରାହ୍ମଣକୁଳ ପକ୍ଷରେ ଏହା ଆଦୌ ଆଶ୍ଚର୍ଯ୍ୟର ବିଷୟ ନୁହେଁ ।

ପିଲାଦିନର ଆଉ ଗୋଟିଏ କଥା କୁହେଁ । ପିତୃଦେବ ଆମ ସେ ଅଞ୍ଚଳରେ ପ୍ରସିଦ୍ଧ ପୁରାଣପାଠକ ଥିଲେ । ଉଚ୍ଚ ସ୍ୱରରେ ଅନର୍ଗଳ ମହାଭାରତ, ରାମାୟଣ ପ୍ରଭୃତି ଦାଣ୍ଡୀ ପୋଥି ପାଠ କରିବାର ସେପରି ମୁଁ ଆଉ କାହାକୁ ଦେଖିନାହିଁ । ନିକଟବର୍ତ୍ତୀ ଅନେକ ଗ୍ରାମର ଲୋକେ ତାଙ୍କୁ ଏଥିପାଇଁ ଭାରି ଆଦର କରି ପୋଥିବୋଲା କାର୍ଯ୍ୟରେ ନିଯୁକ୍ତ କରୁଥିଲେ । ବର୍ଷର ଅଧିକାଂଶ ସମୟ ସନ୍ଧ୍ୟାକାଳଟା ନିଜ ଗ୍ରାମରେ ବା ଅନ୍ୟ ଗ୍ରାମରେ ତାଙ୍କର ଏହି କାର୍ଯ୍ୟରେ କଟି ଯାଉଥିଲା । ଗ୍ରାମରେ ପୋଥିବୋଲା ହେବା ସମୟରେ ମୁଁ ଖୁବ୍ ଆଗ୍ରହରେ ତାହା ଶୁଣୁଥିଲି । ସନ୍ଧ୍ୟା ଆରମ୍ଭରେ କିଛି ସମୟ ନିଜର ଦୈନିକ ପାଠାଭ୍ୟାସରେ କଟାଇବାକୁ ହେଉଥିଲା । ସେଥିପାଇଁ ପୂର୍ବ ରାତ୍ରିରେ ପୋଥି ଯେଉଁଠାରୁ ବନ୍ଦଥାଏ, ସେହିଠାରୁ କେତେକ ଅଂଶ ଖରାବେଳେ ଲୁଚି ଲୁଚି ପଢି ରଖିଥାଏଁ—ଯେପରି ଆଖ୍ୟାୟିକାର ଯୋଗସୂତ୍ରଟା ଛିଣ୍ଡି ନ ଯାଏ । ଏହିପରି ପିଲାଦିନରୁ ନାନା ପୁରାଣରେ ଗୋଟାଏ

ସୁସ୍ପଷ୍ଟ ଜ୍ଞାନ ଜନ୍ମିଥିଲା ଏବଂ ପରବର୍ତ୍ତୀ ସାହିତ୍ୟିକ ଜୀବନରେ ଏହା ବିଶେଷ କାର୍ଯ୍ୟରେ ଆସିଥିଲା । ବଡ଼ ଦୁଃଖର କଥା, ସେଭଳି ପୋଥି-ବୋଲା ରୀତି ପ୍ରାୟ ଶେଷ ପାଇଲାଣି ।

ବାଲ୍ୟକାଳରୁ ମୋର ଯେ ଧର୍ମପ୍ରତି ଖୁବ୍ ଗୋଟାଏ ଆସ୍ଥା ଥିଲା, ତାହା କହି ପାରିବି ନାହିଁ । ଯାହା କିଛି, ସବୁ ଦେଖା ଶିଖା ଓ ଗତାନୁଗତିକ ଭାବ । ଆମ ଦେଶର ଧର୍ମଭାବ ସମ୍ବନ୍ଧରେ ଯେ ଯେତେ ବଡ଼ାଇ କରନ୍ତୁ, ସାଧାରଣ ଜୀବନରେ ଧର୍ମର ସତ୍ତା ନାହିଁ କହିଲେ ଚଳେ । ନୈତିକ ଅବସ୍ଥା ସମ୍ବନ୍ଧରେ ମଧ୍ୟ ସେହି କଥା

ଯଥାର୍ଥ ମାନବିକତା ହିସାବରେ ଅଧିକାଂଶ ଜୀବନ ଅତି ନିମ୍ନ ସ୍ତରରେ ଅବସ୍ଥିତ । ଧର୍ମ ସଙ୍ଗରେ ନୀତିର ଯେ ଗୋଟାଏ ନିଗୂଢ଼ ସମ୍ବନ୍ଧ ଅଛି ଏ ଧାରଣା ଏ ଦେଶରେ କ୍ୱଚିତ୍ ଦେଖାଯାଏ । ବାଲ୍ୟ-କାଳରେ ଗ୍ରାମ୍ୟ ଜୀବନରେ ନୈତିକତାର ଯେଉଁ ଶୋଚନୀୟ ଅଭାବ ଦେଖିଅଛି, ତାହା ଭାବି ଅନେକ ସମୟରେ ବିସ୍ମିତ ହୋଇଥାଏଁ । ଅବଶ୍ୟ ଧର୍ମର ବାହ୍ୟ ବ୍ୟାପାରରେ ଗୋଟାଏ ଅନ୍ଧ ନିଷ୍ଠା ଅନେକ ଜୀବନରେ ଦେଖାଯାଏ । ଖୁବ୍ ଅଳ୍ପ ବୟସରେ ମୋର ଏ ନିଷ୍ଠାଟା ଏକ ପ୍ରକାର କମି ଯାଇଥିଲା । ତେବେ ହୃଦୟଟା ଖୁବ୍ କୋମଳ ଥିଲା – ଅଳ୍ପରେ ବିଚଳିତ ହୋଇଯାଏ । ଏପରି କି ଅନ୍ୟର ଉପରୋଧ ଅନୁରୋଧ ଏଡ଼ାଇବା ଭଳି ଶକ୍ତିଟା ପର୍ଯ୍ୟନ୍ତ ବଡ଼ ଅଳ୍ପ ଥିଲା । ନରମ ପ୍ରକୃତିରେ ଏହା ଗୋଟିଏ ବଡ଼ ଅସୁବିଧା—ଏଥିରେ ଅନେକ ସମୟରେ ମନୁଷ୍ୟ ଅନ୍ୟଦ୍ୱାରା ଚାଳିତ ହୋଇ ବିପଥରେ ମଧ୍ୟ ଚାଲିଯାଏ । ଅନ୍ୟାୟର ପ୍ରତିବାଦ କରିବାଭଳି ଦୃଢ଼ତା ନ ଥାଏ; ମୋର ବେଶ୍ ମନେ ପଡ଼ୁଛି, ପିଲାଦିନେ ମୋ ଜୀବନରେ କେବେ କେବେ ଏପରି ଘଟିଅଛି । ବିଶେଷରେ କୁଆଁପାଳରେ ପଢ଼ିବା-ବେଳେ ତତ୍କାଳୀନ କୁଆଁପାଳିଆ ବନ୍ଧୁମାନଙ୍କ ପ୍ରଭାବ ଏଡ଼ାଇ

ପାର ନାହିଁ । ସେ ପ୍ରଭାବ ଏକୋଇଶ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନରେ ଅଳ୍ପାଧିକ ଲାଗି ରହିଥିଲା । କଟକରେ ପଢ଼ିବାବେଳେ ମଧ୍ୟ ଜଣେ ଦୁଇ ଜଣ ବନ୍ଧୁଙ୍କ ସହବାସରେ ଜୀବନର ଗତି ଟିକିଏ ଅଧେ ଇତସ୍ତତଃ ହୋଇ ଯାଇଥିଲା । ଯେଉଁ ବର୍ଷ ପ୍ୟାରୀମୋହନ ଏକାଡ଼େମିରେ ମୁଁ ନାମ ଲେଖାଇଲି, ସେହି ବର୍ଷ ପ୍ୟାରୀମୋହନ ଆଚାର୍ଯ୍ୟଙ୍କର ମୃତ୍ୟୁ ଘଟିଥିଲା । କି କୁଆଁପାଳ, କି ଏକାଡ଼େମି, ମୁଁ ବରାବର ଶିକ୍ଷକମାନଙ୍କର ଜଣେ ପ୍ରିୟ ଛାତ୍ର ଥିଲି; କିନ୍ତୁ ଲଘୁଚିତ୍ତ ଅନେକ ଲୋକଙ୍କ ସଙ୍ଗରେ ମିଶି ଚିତ୍ତଟା ଅତ୍ୟନ୍ତ ଲଘୁଭାବାପନ୍ନ ହୋଇ ଯାଇଥିଲା । ସୁତରାଂ ଲେଖାପଢ଼ାରେ କିପରି ଗୋଟାଏ ଶିଥିଳତା ଆସି ପଡ଼ିଲା । ସ୍କୁଲରେ ଜୀବନ ସମ୍ବନ୍ଧରେ କୌଣସି ଗୋଟାଏ ଉଚ୍ଚ ବା ଗଭୀର ଭାବ ଏକୋଇଶ ବର୍ଷ ବୟସ ପର୍ଯ୍ୟନ୍ତ ମନରେ ପ୍ରବେଶ କରି ନାହିଁ । ଆମୋଦ ଆହ୍ଲାଦରେ ଦିନ କଟାଇବା ଏକପ୍ରକାର ସାର ଥିଲା ।

କଟକ ଆସି ମୁଁ ସ୍ୱର୍ଗୀୟ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ବସାରେ ରହିଲି । ପଣ୍ଡିତ ମହାଶୟ ଜଣେ ଖୁବ୍ ଉଦାର ପ୍ରକୃତିର ଲୋକ ଏବଂ ପ୍ରାଚୀନ ରୀତିର ସାହିତ୍ୟରସଜ୍ଞ ଥିଲେ । ସାହିତ୍ୟପ୍ରତି ମୋର ଟିକିଏ ଅନୁରାଗ ଦେଖି ସେ ମୋତେ ତାଙ୍କର ଶିଷ୍ୟ କରିନେଲେ । ପ୍ରତିଦିନ ତାଙ୍କ ପାଖରେ ନାନା ଶ୍ରେଣୀର ଓଡ଼ିଆ ସାହିତ୍ୟର ଆଲୋଚନାରେ ମୋର ଅନେକ ସମୟ କଟିଯାଏ । ସେ ବସାରେ ଅନେକ ସଂସ୍କୃତଜ୍ଞ ପଣ୍ଡିତଙ୍କର ସମାଗମ ହେଉଥିଲା । ସୁବିଧା ପାଇଲେ ମୁଁ ସେମାନଙ୍କ ସଙ୍ଗରେ ସଂସ୍କୃତ କାବ୍ୟାଦିର ଆଲୋଚନା କରି ବସେ । ପଣ୍ଡିତେ ଏସବୁ ଖୁବ୍ ପସନ୍ଦ କରନ୍ତି ଏବଂ ମୋତେ ଭାରି ଉତ୍ସାହ ଦିଅନ୍ତି । ଏଥିରେ ମଧ୍ୟ ମୋର ପଢ଼ାଶୁଣାରେ ବିଶେଷ ବ୍ୟାଘାତ ଘଟିଲା; କିନ୍ତୁ ସାଧାରଣ ଭାବରେ ଜ୍ଞାନ ଅର୍ଜନ କରିବାର ସ୍ପୃହାଟା ବେଶ୍ ଜାଗ୍ରତ ଥାଏ । ଏଥିପାଇଁ ଅବସରକ୍ରମେ

ବିଭିନ୍ନ ଶ୍ରେଣୀର ପୁସ୍ତକାଦି ନାନା ସ୍ଥାନରୁ ସଂଗ୍ରହ କରି ପଢ଼େଁ ଏବଂ ବନ୍ଧୁବାନ୍ଧବଙ୍କ ସଙ୍ଗେ ଆଲୋଚନା ମଧ୍ୟ କରେଁ । ଏସବୁ ଯୋଗୁ ସେହି ଶିଥିଳଭାବ ସତ୍ତ୍ୱେ ଜୀବନରେ ଯେ ଗୋଟାଏ ପରିବର୍ତ୍ତନ ଆସିପାରେ, ଜୀବନରେ ଉଚ୍ଚଭାବ ଜାଗିପାରେ ଏବଂ ତାକୁ ଧରି ରଖିବାକୁ ଅନ୍ତରରେ ଦୃଢ଼ତା ଆସିପାରେ, ଘୁଣାକ୍ଷରରେ ଏପରି କଳ୍ପନା ମୋର ଜନ୍ମି ନ ଥିଲା ।

ସମ୍ମୁଖରେ ବା ନିକଟରେ କିଛି ଗୋଟାଏ ଉନ୍ନତ ଆଦର୍ଶ ମଧ୍ୟ ନ ଥିଲା । ଉନ୍ନତଚରିତ୍ର ଲୋକ କେହି ଦୃଷ୍ଟିପଥରେ ପଡ଼ୁ ନ ଥିଲେ—ତାହା ସନ୍ଧାନ କରିବାର ପ୍ରବୃତ୍ତି ମଧ୍ୟ ଭିତରେ ନ ଥିଲା । କୌତୂହଳୀ ହୋଇ କେବେ କେବେ ବ୍ରାହ୍ମସମାଜକୁ ଯାଇଅଛି । ବ୍ରାହ୍ମ-ମାନଙ୍କ ନଗର ସଂକୀର୍ତ୍ତନ ସଙ୍ଗରେ ମିଶିଅଛି, ମାତ୍ର ହୃଦୟକୁ ସ୍ପର୍ଶ କରିବା ଭଳି କେବେ କିଛି ପାଇ ନାହିଁ, ବରଂ ଲଘୁଭାବରେ ଅନ୍ୟାନ୍ୟ ବନ୍ଧୁଙ୍କ ସଙ୍ଗରେ ମିଶି କେତେ ବିରୁଦ୍ଧ ସମାଲୋଚନା କରିଅଛି—ଉପହାସ ବିଦ୍ରୂପ ପର୍ଯ୍ୟନ୍ତ ବାଦ୍ ଯାଇ ନାହିଁ ।

ସେସବୁ କଥା ଭାବି ନିଜେ ଅନେକ ସମୟରେ ବିସ୍ମିତ ହୋଇଥାଏଁ; କିନ୍ତୁ ଔଦ୍ଧତ୍ୟ କିମ୍ବା କାହାପ୍ରତି ଅସମ୍ମାନ ଭାବ କେବେ କୌଣସିଠାରେ ଦେଖାଇ ନାହିଁ । ସ୍ୱାଭାବିକ ବିନମ୍ର ଭାବ ମୋ ଚରିତ୍ରରେ ମୂଳରୁ ଥିଲା; ସୁତରାଂ ପରବର୍ତ୍ତୀ ଜୀବନରେ ସେଥି-ଲାଗି ମୋତେ ବିଶେଷ ଚେଷ୍ଟା ବା ସାଧନା କରିବାକୁ ପଡ଼ି ନାହିଁ । ସେଥିପାଇଁ ଖୁବ୍ ଅଳ୍ପବୟସ୍କ ଓ ଅଳ୍ପଜ୍ଞ ବ୍ୟକ୍ତିମାନଙ୍କ ସହିତ ଅତି ସହଜରେ ମିଶି ପାରିଥାଏଁ, କେବେ କିଛି ବାଧା ବା ଦ୍ୱିଧା ଅନୁଭବ କରି ନାହିଁ ।

ଏଣ୍ଟ୍ରାନ୍ସ କ୍ଲାସରେ ପଢ଼ିବା ବେଳେ ଏକାଡେମିର ଜଣେ ଶିକ୍ଷକଙ୍କ ଅନ୍ୟାୟ ବ୍ୟବହାରରେ କ୍ଷୁବ୍ଧ ହୋଇ ସେ ସ୍କୁଲ୍ ତ୍ୟାଗ

କରି ନୂତନ ପ୍ରତିଷ୍ଠିତ ମିଶନ ସ୍କୁଲରେ ନାମ ଲେଖାଇଲି । ସେତେବେଳେ ସାଧୁ ଇୟୁଙ୍ଗ୍ ସାହେବ, ଅନ୍ୟ ଜଣେ ଇଉରୋପୀୟ ମିଶନାରି, ଶ୍ରୀଯୁକ୍ତ ଶେମ୍ ସାହୁ, ପଣ୍ଡିତ ସଦାଶିବ ପ୍ରହରାଜ ଉକ୍ତ ସ୍କୁଲର ଶିକ୍ଷକ । ସେମାନଙ୍କ ସହବାସରେ ଖ୍ରୀଷ୍ଟଧର୍ମ ସମ୍ବନ୍ଧରେ ଅନେକ ବିଷୟ ଶିକ୍ଷା କରି ପାରିଥିଲି ଏବଂ ଧର୍ମ ସମ୍ବନ୍ଧରେ ଗୋଟିଏ ଉଦାରଭାବ ମନରେ ଜନ୍ମିଥିଲା । ମୋର ତତ୍କାଳୀନ ଭାବ ଓ ରୀତିନୀତିରୁ ଅନେକ ଖ୍ରୀଷ୍ଟୀୟାନ୍ ବନ୍ଧୁ ଆଶା କରିଥିଲେ ଯେ, ମୁଁ ସେମାନଙ୍କ ଦଳରେ ମିଶିଯିବି ।

କୁଆଁ ପାଲରୁ ଜାତିଭେଦ ବନ୍ଧନଟା ଶିଥିଳ ହୋଇ ଯାଇଥିଲା । ବିଭିନ୍ନ ଜାତିର ବନ୍ଧୁମାନଙ୍କ ସହିତ ଏକତ୍ର ପାନଭୋଜନରେ କିଛି ବାଧା ରହିଲା ନାହିଁ । ଜଣେ ମୁସଲମାନ ବନ୍ଧୁଙ୍କ ପାକରେ ମଧ୍ୟ ଅନେକ ଥର ଆହାର କରିଅଛି । ମିଶନ ସ୍କୁଲରେ ପଢ଼ିବାବେଳେ ଖ୍ରୀଷ୍ଟୀୟାନ୍ ବନ୍ଧୁମାନଙ୍କ ଗୃହରେ ନିମନ୍ତ୍ରଣ ରକ୍ଷା କରିବାକୁ କୁଣ୍ଠିତ ହୋଇ ନାହିଁ । ଦେବଦେବୀରେ ବିଶ୍ୱାସ ଅନେକ ପୂର୍ବରୁ ଟଳି ଯାଇଥିଲା । ପରେ ନିକଟରେ ଜଣେ ଆର୍ଯ୍ୟସମାଜଭକ୍ତ ପଞ୍ଜାବୀ ବନ୍ଧୁଙ୍କ ସଂସର୍ଗରେ ସେ ବିଶ୍ୱାସ ଏକାବେଳକେ ଦୂର ହୋଇଗଲା; କିନ୍ତୁ ଗଠନମୂଳକ କୌଣସି ବିଶ୍ୱାସ ସେପର୍ଯ୍ୟନ୍ତ ଆସି ନାହିଁ । ଈଶ୍ୱର ବୋଲି ଜଣେ ଜଗତର କର୍ତ୍ତା ଅଛନ୍ତି, ଏହିପରି ଗୋଟାଏ ଅସ୍ପଷ୍ଟ ଭାବ କେବଳ ଥାଏ ।

ପ୍ୟାରୀମୋହନ ଏକାଡେମିରେ ପଢ଼ିବାବେଳେ ପ୍ୟାରୀମୋହନଙ୍କର ଜୀବନକଥା—ତାଙ୍କର ସାଧୁତା, ସଦ୍ଭାବ, ତ୍ୟାଗ, ସାହସ, ଜନପ୍ରୀତି ଇତ୍ୟାଦି ଶୁଣି ତାଙ୍କପ୍ରତି ଅନ୍ତରରେ ଗୋଟାଏ ଶ୍ରଦ୍ଧା ଜନ୍ମିଥିଲା ଏବଂ ସଙ୍ଗେ ସଙ୍ଗେ ତାଙ୍କର ହୃଦୟବନ୍ଧୁ ଭକ୍ତ ମଧୁସୂଦନଙ୍କ ଆଡ଼କୁ ମଧ୍ୟ ଚିତ୍ତ ଟିକିଏ ଆକୃଷ୍ଟ ହୋଇଥିଲା । ମୋହର

ପିତୃବ୍ୟଙ୍କ ଅନୁରୋଧରେ ମଧୁସୂଦନ ମୋହର ପରିଚୟ ଗ୍ରହଣ କରି ଉମାପ୍ରତି ଦୃଷ୍ଟି ଦେବାକୁ ଲାଗିଲେ । ସ୍କୁଲ ପରିଦର୍ଶନ କରିବାକୁ ଆସିଲେ ମୋ ସମ୍ବନ୍ଧରେ ବିଶେଷ ସମ୍ବାଦ ନେବାକୁ ତ୍ରୁଟି କରନ୍ତି ନାହିଁ । ଚରିତ୍ର, ମହତ୍ତ୍ୱ ଓ ମାଧୁରୀ କାହାକୁ କହନ୍ତି, ତାହାର କ୍ଷୀଣ ଆଭାସ ସେହିଠାରେ ପ୍ରଥମେ ପାଇଲି । ଅନ୍ତରର ଶ୍ରଦ୍ଧା ଟିକିଏ ମୂର୍ତ୍ତି ଗ୍ରହଣ କଲା ।

୧୮୮୪ ସାଲରେ ସ୍କୁଲରୁ ବାହାରି କର୍ମ ଅନ୍ୱେଷଣରେ ପ୍ରବୃତ୍ତ ହେଲି; ମାତ୍ର ବର୍ଷାଧିକ କାଳ କଟକରେ ଅପେକ୍ଷା କରିବାକୁ ପଡ଼ିଲା । ସେସମୟରେ ସ୍ୱର୍ଗୀୟ ଚତୁର୍ଭୁଜ ପଟ୍ଟନାୟକ ବ୍ରାହ୍ମ ସମାଜର ଜଣେ ପ୍ରଧାନ ବ୍ୟକ୍ତି—'ସେବକ' ଓ 'ସଂସ୍କାରକ' ନାମରେ ଦୁଇଖଣ୍ଡି କାଗଜ ଚଳାଉଥାନ୍ତି । ତାଙ୍କ ତତ୍ତ୍ୱାବଧାନରେ 'ସଂସ୍କାରକ' କାଗଜର ସମ୍ପାଦକରୂପେ କିଛି କାଳ କାର୍ଯ୍ୟ କଲି । ଏହି ସମୟରେ ବ୍ରାହ୍ମ ସମାଜ ସଙ୍ଗରେ ଟିକିଏ ସମ୍ପର୍କ ସ୍ଥାପିତ ହେଲା, କିନ୍ତୁ ତାହା ନିତାନ୍ତ ବାହାରର । ୧୮୮୬ ସାଲ ଜାନୁଆରୀ ମାସରେ ମଫସଲର ଗୋଟିଏ ସ୍କୁଲର ହେଡ଼ମାଷ୍ଟର ପଦ ପାଇ ସେଠାକୁ ଯିବା ପୂର୍ବରୁ ଠିକ୍ ମାଘୋତ୍ସବ ଦିନ ସକାଳେ ବ୍ରାହ୍ମ ମନ୍ଦିରକୁ ଯାଇଥିଲି । ସେଠାରେ ମଧୁସୂଦନଙ୍କ ଗମ୍ଭୀର ଭାବୋଦ୍ଦୀପକ ଉପାସନା ପ୍ରାର୍ଥନାଦି ଶ୍ରବଣ କରି ପ୍ରାଣରେ ଗୋଟିଏ ଅଭୂତପୂର୍ବ ଆନନ୍ଦ ଅନୁଭବ କଲି ଏବଂ ସେହି ମୁହୂର୍ତ୍ତରେ ଚିନ୍ତାର ଗୋଟାଏ ନୂତନ ଦ୍ୱାର ଖୋଲିଗଲା । କାହାକୁ କିଛି ନ କହି ମଫସଲ ଯାତ୍ରା କଲି । ସେଦିନର ସେହି ଭାବ ଓ ଚିନ୍ତା ବାରମ୍ବାର ଫେରି ଆସି ହୃଦୟମନକୁ ଆଲୋଡ଼ିତ କରିବାକୁ ଲାଗିଲା । ଏଣେ ମୋହର କନିଷ୍ଠ ଭାଇ ଲୋକନାଥ ଓ ଭୋଲାନାଥ ଦୁହେଁଯାକ ବ୍ରାହ୍ମମନ୍ଦିରସଂଲଗ୍ନ ଯୁବସମାଜରେ ଯୋଗ ଦେଇ କ୍ରମେ କ୍ରମେ ବ୍ରାହ୍ମଧର୍ମ ଆଡ଼କୁ ଆକୃଷ୍ଟ ହୋଇପଡ଼ିଲେ ।

ଆମ୍ଭମାନଙ୍କ ମଧ୍ୟରେ ପରସ୍ପର ମନୋଭାବ ଆଉ ଗୋପନ ହୋଇ ରହିଲା ନାହିଁ । ଆଉ ଦୁଇ ଗୃହେଣ୍ଟି ଯୁବକ ମଧ୍ୟ ଏହି ଦଳରେ ଥାନ୍ତି । କର୍ମସ୍ଥାନ ବରେଲ ଗ୍ରାମରେ ମୋତେ ଜଣେ ବନ୍ଧୁ ମିଳିଗଲେ । ତାଙ୍କ ସଙ୍ଗରେ ଏହି ନୂତନ ଭାବ ଓ ଚିନ୍ତା ସମ୍ବନ୍ଧରେ ନାନା ସମୟରେ ଆଲୋଚନା ହେଉଥାଏ । କ୍ରମେ ସେ ଏହାର ଖୁବ୍ ପକ୍ଷପାତୀ ହୋଇପଡ଼ିଲେ । ଦୁହେଁ ମିଳିତ ହୋଇ ପ୍ରାୟ ପ୍ରତି ଦିନ କୌଣସି ନିର୍ଜନ ସ୍ଥାନକୁ ଯାଇ ପ୍ରାର୍ଥନା କରୁଁ । ପ୍ରାର୍ଥନା ପ୍ରଭାବରେ ଅନେକ ବିଷୟ ସୁସ୍ପଷ୍ଟ ହୋଇ ଉଠିଲା—ସ୍ୱୀୟ ମତ ଅନୁସାରେ କାର୍ଯ୍ୟ କରିବାର ଗୋଟିଏ ଆକାଂକ୍ଷା ପ୍ରାଣରେ ଜାଗି ଉଠିଲା । ଭାଇମାନେ ଗ୍ରାମକୁ ଗଲେ ଏସବୁ ବିଷୟର ଆଲୋଚନା ହୁଏ, ମୁଁ ମଧ୍ୟ କେବେ କେବେ କଟକ ଆସି ସମଭାବାପନ୍ନ ବନ୍ଧୁମାନଙ୍କ ସହିତ ଆଲୋଚନା କରେଁ ଏବଂ ସମସ୍ତେ ମିଳିମିଶି ହୃଦୟରେ ବଳଲାଭ ପାଇଁ ପ୍ରାର୍ଥନା କରୁଁ ।

ସେତେବେଳେ କଟକରେ ବ୍ରାହ୍ମସମାଜରେ ଯୋଗ ଦେଉଥାନ୍ତି ଅନେକ ଲୋକ; କିନ୍ତୁ ନୂତନ ମତ ଓ ବିଶ୍ୱାସ ଅନୁସାରେ ସମାଜ ଗଠନ ହୋଇ ନାହିଁ ବା ବ୍ରାହ୍ମଧର୍ମାନୁଯାୟୀ କୌଣସି ପାରିବାରିକ ଅନୁଷ୍ଠାନ ମଧ୍ୟ ହୋଇ ନାହିଁ । ସ୍ଥାନୀୟ ଲୋକଙ୍କ ମତରେ କେବଳ ମଧୁସୂଦନ ଓ ସ୍ୱର୍ଗୀୟ ସାଧୁଚରଣ ରାୟ ନୂତନ ବିଶ୍ୱାସ ଅନୁଯାୟୀ ଜୀବନ ଯାପନ କରିବାରେ ପ୍ରୟାସୀ; ମାତ୍ର ସେଭଳି କୌଣସି ନିୟମାଦି ପ୍ରଣୀତ ହୋଇ ନାହିଁ ବା ଅନୁଷ୍ଠାନର ଅବସର ଉପସ୍ଥିତ ହୋଇ ନାହିଁ । ସୁତରାଂ ସମାଜପ୍ରତି ସାଧାରଣଙ୍କର ବିରୁଦ୍ଧ ଭାବ କିଛି ନ ଥାଏ ।

ଇତିମଧ୍ୟରେ ମଧୁସୂଦନଙ୍କ ସହିତ ଘନିଷ୍ଠତା କ୍ରମେ ବଢ଼ିଲା ଏବଂ ସାଧୁଚରଣଙ୍କ ସହିତ ମଧ୍ୟ ଆଳାପ-ପରିଚୟ ଘଟିଲା । ଏହି

ସମୟମଧ୍ୟରେ ବ୍ରାହ୍ମସମାଜର ଅନେକଗୁଡ଼ିଏ ପୁସ୍ତକ ଅଧ୍ୟୟନ କରି ବ୍ରାହ୍ମଧର୍ମ ସମ୍ବନ୍ଧରେ ଗୋଟିଏ ପରିଷ୍କାର ଧାରଣା କରି ପାରିଥିଲି । ବିଶେଷଭାବରେ କେଶବଚନ୍ଦ୍ରଙ୍କ 'ଜୀବନବେଦ' ନାମକ ପୁସ୍ତକ ଖଣ୍ଡି ଜୀବନର ଗତିନିର୍ଣ୍ଣୟ ପକ୍ଷରେ ପରମ ସହାୟ ହୋଇଥିଲା । ଉକ୍ତ ପୁସ୍ତକ ଖଣ୍ଡି ଉପଦେଶ ନୁହେଁ, ଜୀବନର ଅନୁଭୂତି । ତାହାର ପ୍ରଥମ ଅଧ୍ୟାୟ 'ପ୍ରାର୍ଥନା' । ସେହି ପ୍ରାର୍ଥନାକୁ ଜୀବନର ସମ୍ବଳ କରି ଧରିଲି । ଅବସର ପାଇବାକ୍ଷଣି ପ୍ରାର୍ଥନା ଓ ଆତ୍ମଚିନ୍ତାରେ ନିଯୁକ୍ତ ହୁଏଁ—ସଙ୍ଗୀ ମିଳିଲେ ସମ୍ମିଳିତ ପ୍ରାର୍ଥନା, ମାତ୍ର ତାହା ଅତି ଅଳ୍ପ ସମୟପାଇଁ । ନିର୍ଜନ ଚିନ୍ତା ଓ ବ୍ୟାକୁଳ ପ୍ରାର୍ଥନା ଏହି ଅବସ୍ଥାରେ ପ୍ରଧାନ ସମ୍ବଳ ହୋଇପଡ଼ିଲା । ତାହାର ପ୍ରଭାବରେ ହୃଦୟମନରୁ ସବୁ ସନ୍ଦେହ ଦୂର ହୋଇଗଲା । ସତ୍ୟାନୁରାଗ, ଜ୍ଞାନସ୍ପୃହା, କର୍ତ୍ତବ୍ୟ-ନିଷ୍ଠା, କର୍ମୋତ୍ସାହ, ସାହସ ଏହିଗୁଡ଼ିକ ଆପେ ଆପେ ହୃଦୟରେ ଫୁଟି ଉଠିଲା । ବିଶ୍ୱାସ ଅନୁଯାୟୀ ସମସ୍ତ କାର୍ଯ୍ୟ କରିବାକୁ ହେବ—ବାକ୍ୟରେ, ଚିନ୍ତାରେ, ବ୍ୟବହାରରେ ଖାଣ୍ଟି ସତ୍ୟର ଅନୁସରଣ କରିବାକୁ ହେବ; ଏଥିରେ ଦୁଃଖ, କ୍ଳେଶ, ନିନ୍ଦା, ଅପମାନ, ନିର୍ଯ୍ୟାତନା, ବିଚ୍ଛେଦ, ଯାହା ଘଟୁ—ଏହି ଆକାଂକ୍ଷା ପ୍ରବଳ ହେଲା । ପ୍ରାର୍ଥନାରେ ଯେ ଆଲୋକ ମିଳେ, ଶାନ୍ତି ଆସେ, ଶକ୍ତି ଓ ସାହସ ଜନ୍ମେ, ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ପରୀକ୍ଷା ପ୍ରଲୋଭନରେ ପ୍ରାର୍ଥନା ଯେ ପରମ ସହାୟ—ମନର ବ୍ୟାଧି ଦୂର କରିବା ପକ୍ଷରେ ପ୍ରାର୍ଥନା ଯେ ଅବ୍ୟର୍ଥ ମହୌଷଧ, ଏହା ପ୍ରତ୍ୟକ୍ଷ ରୂପେ ଅନୁଭବ କରିପାରିଲି ।

୧୮୮୭ ସାଲରେ ଚୈତ୍ର ପୂର୍ଣ୍ଣିମା ଦିନ ମୋହର ପ୍ରଥମ ସନ୍ତାନର ଜନ୍ମ । ସେଦିନ ମୁଁ ଗ୍ରାମରେ ଥିଲି । ତା ପୂର୍ବରୁ ଘରକୁ ଗଲେ ଆମ୍ଭେମାନେ ଠାକୁରପୂଜା ଆଦି କରୁ ନାହୁଁ । ଘରଲୋକେ

ବିରକ୍ତ ହୋଇ ଉଠିଥିଲେ ଏବଂ ଗ୍ରାମରେ ମଧ୍ୟ ଏ ବିଷୟ ନେଇ ଅଳ୍ପ ଅଳ୍ପ ଆନ୍ଦୋଳନ ହେଉଥିଲା । ସନ୍ତାନଜନ୍ମ ସମୟରେ ପିତାଙ୍କୁ କିଛି ଗୋଟାଏ ପୂଜା ଓ କିଛି ଦାନ କରିବାକୁ ହୁଏ । ସେ କାର୍ଯ୍ୟଟି ସମ୍ପାଦନ କରିବାପାଇଁ ମୋତେ ଅନୁରୋଧ କରିବାରୁ ମୁଁ ଅସ୍ୱୀକୃତ ହେଲି । ଏହି ଘଟନାରେ ଆମ୍ଭମାନଙ୍କ ମାଡତା ସୁସ୍ପଷ୍ଟ ହୋଇପଡ଼ିଲା । କିପରି ଗୋଟାଏ ବିଷାଦ ଆସି ସମସ୍ତଙ୍କ ପ୍ରାଣକୁ ଆଚ୍ଛନ୍ନ କରି ପକାଇଲା । ଆମ ତିନି ଘରେ ଜ୍ୟେଷ୍ଠ ପୁତ୍ରର ପ୍ରଥମ ପୁତ୍ରଲାଭ, ମାତ୍ର ସବୁ ଆନନ୍ଦ ଉତ୍ସବ ମୁହୂର୍ତ୍ତିକେ କେଉଁଆଡ଼େ ତାଭିତରେ ଲୁଚିଗଲା । ସମସ୍ତଙ୍କ ମୁହଁକୁ ଚାହିଁ ମୋର ପ୍ରାଣ ମଧ୍ୟ ଦମିଗଲା । ଦିନେ ଦୁଇ ଦିନ ଏହି ଅବସ୍ଥାରେ କଟାଇ ମୁଁ ପୁଣି କର୍ମସ୍ଥାନକୁ ଫେରି ଆସିଲି । ସେହି ବର୍ଷ ଗ୍ରୀଷ୍ମାବକାଶରେ ଗ୍ରାମର ଆନ୍ଦୋଳନଟା ଟିକିଏ ବେଶି ହେଲା । ଛୁଟି ଶେଷରେ ଆମ୍ଭେମାନେ ବଡ଼ କରୁଣଭାବରେ ଘରୁ ବିଦାୟ ନେଇ ଆସିଲୁଁ ।

ପରବର୍ତ୍ତୀ ଜୁଲାଇ ମାସରେ ଉତ୍କଳ ବ୍ରାହ୍ମସମାଜର ଜନ୍ମୋତ୍ସବକୁ ମୋର ବରେଲବାସୀ ବନ୍ଧୁଟିକୁ ସଙ୍ଗରେ ନେଇ ମୁଁ କଟକ ଆସିଲି । ସେହି ଉତ୍ସବରେ ମୋର ଭାଇ ଦୁହେଁ, ବରେଲବାସୀ ବନ୍ଧୁ ଓ ଅନ୍ୟ ଦଶଟି ଯୁବକ ଜାତିଭେଦର ବାହ୍ୟଚିହ୍ନ ଉପବୀତ ଓ ମାଳା ତ୍ୟାଗ କରି ବ୍ରାହ୍ମଧର୍ମରେ ଦୀକ୍ଷିତ ହେବାକୁ ପ୍ରସ୍ତୁତ ହେଲେ । ସେସମୟରେ ଏହି କେତୋଟି ଯୁବକଙ୍କ ପକ୍ଷରେ ଏହା କେତେଦୂର ସାହସିକତାର କାର୍ଯ୍ୟ, ଆଜିକାଲି ସେଇଟା ସହଜରେ ଅନୁମାନ କରି ହେବ ନାହିଁ ।

ସେ ଯାହାହେଉ ମୁଁ ପୂର୍ବରୁ ଏ ସମ୍ବନ୍ଧରେ ସଂକଳ୍ପ ସ୍ଥିର କରି ନ ଥିବାରୁ ଏବଂ ପାରିବାରିକ ବନ୍ଧନଟା ମୋ ପକ୍ଷରେ ଅଧିକ ଦୃଢ଼ ଥିବାରୁ ଟିକିଏ ଇତସ୍ତତଃ ହୋଇ ରହିଗଲି ଏବଂ ସେହି

ଭାବରେ କର୍ମସ୍ଥାନକୁ ଫେରଗଲି । ସେଠାରେ ଶରୀର ଅତ୍ୟନ୍ତ ଅସ୍ଥିର ହୋଇପଡ଼ିଲା; ସଙ୍ଗେ ସଙ୍ଗେ ଗ୍ରାମବାସୀମାନଙ୍କ ବିରାଗ ଓ ବିଦ୍ବେଷ ଭାବ ପ୍ରବଳ ହୋଇ ଉଠିଲା । ଗ୍ରାମରୁ ମଧ୍ୟ ଅତି କରୁଣ ବାର୍ତ୍ତା ଆସି ହୃଦୟ ଓ ମନକୁ ଅସ୍ଥିର କରିଦେଲା । ମୁଁ ତ କହୁଅଛି ମୋ ହୃଦୟ ବଡ଼ ନରମ, ବଡ଼ ଦୁର୍ବଳ, ସଙ୍ଗୀସହାୟ କେହି ନାହିଁ—ଚାରିଆଡ଼େ କେବଳ ବିରୁଦ୍ଧଭାବ ଓ ତୀବ୍ର ଘୃଣା । କେଜାଣି ବା ସମସ୍ତ ବଳ, ସାହସ କେଉଁଆଡ଼େ ଉଭେଇଯିବ । କାତର କ୍ରନ୍ଦନରେ ବକ୍ଷ ଭାସି ଯାଉଥାଏ । ହୃଦୟରୁ ଅବିଶ୍ରାନ୍ତ ଆକୁଳ ପ୍ରାର୍ଥନା ଉତ୍‌ଥିତ ହେଉ ଥାଏ । ଏହି ଭାବରେ କେତେ ଦିନ କଟିଗଲା । କଟକର ବନ୍ଧୁମାନେ ଶୀଘ୍ର ସେ ସ୍ଥାନ ତ୍ୟାଗ କରି ଆସିବାକୁ ପତ୍ର ଲେଖିଲେ । ମାତ୍ର ମୋର କାତରତା ସେତେବେଳକୁ ଅନେକ ପରିମାଣରେ ଦୂର ହୋଇ ଯାଇଅଛି—ହୃଦୟରେ ଆଶ୍ୱାସ ଲାଭ କରିଅଛି । ସେକ୍ରେ-ଟେରୀଙ୍କୁ ସ୍କୁଲତ୍ୟାଗର ଅଭିପ୍ରାୟ ଜଣାଇଲି, କିନ୍ତୁ ସେ ମୋତେ ଛାଡ଼ିବାକୁ ଏକାନ୍ତ ନାରାଜ । କଟକ ଆସିବାପାଇଁ ମନ ନିତାନ୍ତ ଉଦ୍‌ବିଗ୍ନ; ସୁତରାଂ ତାଙ୍କୁ ବୋଧଶୋଧ ଦେଇ ରାଜି କରାଇଲି ଏବଂ ନୂତନ ଶିକ୍ଷକ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସ୍ୱୀକୃତ ହେଲି; କିନ୍ତୁ ତେଣେ ମାତାଙ୍କର ସଙ୍କଟାପନ୍ନ ପୀଡ଼ାର ସୂଚନାରେ ଗୃହରୁ ଡାକରା ଆସିଲା । ସୁତରାଂ ମନକୁ ଦୃଢ଼ କରି କର୍ତ୍ତବ୍ୟଜ୍ଞାନରେ ଗୃହକୁ ଯିବାକୁ ସ୍ଥିର କଲି ।

ଗୃହକୁ ଯାଇ ଯାହା ଦେଖିଲି ତାହା ବର୍ଣ୍ଣନାତୀତ । ଚାରିଆଡ଼େ ଯେପରି ମୃତ୍ୟୁର ଅନ୍ଧକାର ଘୋଟିଅଛି । ସେସବୁର କଥା ଛାଡ଼ । ବିଷମ ପରୀକ୍ଷା ଭିତରେ ୧୦।୧୨ ଦିନ କଟାଇ କଟକ ଫେରି ଆସିଲି । ପିତା, ମାତା, ଆତ୍ମୀୟସ୍ୱଜନଙ୍କର ସବୁ ଆଶା ଭରସା ଲୁପ୍ତ ହେଲା । କଟକରେ ସେତେବେଳକୁ ତୁମୁଳ ଆନ୍ଦୋଳନ ଉପସ୍ଥିତ ।

ସଭ୍ୟସମିତି ସମ୍ବାଦପତ୍ରରେ ଲେଖାଲେଖି କଥା ଛାଡ଼, ଆମ୍ଭମାନଙ୍କ ପକ୍ଷରେ ନିର୍ବିଘ୍ନରେ ବାଟ ଚାଲିବା କଠିନ । ଆମେ କେତେ ଜଣ ଯେପରି ଆବାଳବୃଦ୍ଧବନିତା ସମସ୍ତଙ୍କର ଘୃଣା ଓ ଉପହାସର ପାତ୍ର । ବାଟରେ, ଘାଟରେ ଆମ୍ଭମାନଙ୍କୁ ଅପମାନିତ କରିବା ସ୍କୁଲପିଲା-ମାନଙ୍କର ଗୋଟାଏ ଭାରି ଆମୋଦର ବିଷୟ ହୋଇଥିଲା । ନାନାପ୍ରକାର ମିଥ୍ୟା ଦୁର୍ନାମ ରଟାଇବାକୁ ଲୋକେ ତିଳେମାତ୍ର କୁଣ୍ଠିତ ହେଉ ନ ଥିଲେ । ପ୍ରଥମେ ପ୍ରଥମେ ଆମ୍ଭେମାନେ ଆକ୍ରମଣକାରୀମାନଙ୍କର କୌଣସି କୌଣସି କଥାର ଉତ୍ତର ଦେବାକୁ ଚେଷ୍ଟା କରିଥିଲୁଁ; ମାତ୍ର ଆନ୍ଦୋଳନକାରୀମାନେ ଭଦ୍ରତାର ସମସ୍ତ ସୀମା ଲଙ୍ଘନ କରି ବହୁ ଦୂର ଚାଲିଯିବାରୁ ଆମ୍ଭେମାନେ ନୀରବରେ ସବୁ ସହ୍ୟ କରିଗଲୁଁ । ଗୃହରୁ ଫେରି ମୁଁ ଉପବୀତ ତ୍ୟାଗ କରିଥିଲି ।

ମୁଁ କଟକ ଫେରିବା ବେଳକୁ ବରେଲବାସୀ ବନ୍ଧୁଟି ଫେରି-ଯାଇ ସାରିଲେଣି । କିଛି ଦିନ ପରେ ଅନ୍ୟ ଜଣେ ଯୁବକ ମଧ୍ୟ ଫେରିଗଲା । ରହିଗଲୁଁ ଆମେ ତିନି ଭାଇ ଓ ଆଉ ଜଣେ ଯୁବକ ।

ଏହିପରି ବର୍ଷେ ଖଣ୍ଡେ କଟିଗଲା । କାତର ପ୍ରାର୍ଥନା କେବଳ ସେତେବେଳେ ଆମ୍ଭମାନଙ୍କର ସମ୍ବଳ । କ୍ରମେ ଆନ୍ଦୋଳନର ବେଗ କ୍ଷୀଣ ହୋଇ ଆସିଲା । ଆମ୍ଭେମାନେ ଟିକିଏ ସ୍ଥିର ହୋଇ ଆତ୍ମୋନ୍ନତିରେ ମନୋନିବେଶ କଲୁଁ । କଠୋର ଦାରିଦ୍ର୍ୟ ଓ ଅଭାବ-ଭିତରେ ପ୍ରସନ୍ନଚିତ୍ତରେ ଅଧ୍ୟୟନଚର୍ଚ୍ଚା, ସଦାଳାପ, ଉପାସନା, ପ୍ରାର୍ଥନାରେ ମନପ୍ରାଣ ଢାଳିଦେଲୁଁ । ପ୍ରତିଦିନ ବ୍ୟକ୍ତିଗତ ସାଧନା ଛଡ଼ା ସନ୍ଧ୍ୟାସମୟରେ କେତେ ଜଣ ବନ୍ଧୁ ମିଳି ଦୀର୍ଘ ଉପାସନା ଓ ଧର୍ମାଲୋଚନାରେ କଟାଉଁ । କେହି କାହାରି ନିକଟରେ ନିଜର

ଅପରାଧ, ତ୍ରୁଟି, ଦୁର୍ବଳତା ପ୍ରକାଶ କରିବାକୁ କୁଣ୍ଠିତ ହେଉ ନ ଥିଲୁଁ । ବନ୍ଧୁର ଦୋଷ ପ୍ରଦର୍ଶନରେ କେହି ମଧ୍ୟ କ୍ଷୁବ୍ଧ ବା ବିରକ୍ତ ହେଉ ନ ଥିଲେ, ବରଂ ଦୋଷ ସ୍ୱୀକାର କରି ତାହାର ପ୍ରତିକାର ଚେଷ୍ଟାରେ ପ୍ରବୃତ୍ତ ହେଉଥିଲେ । ସେ କି ଅପୂର୍ବ ପ୍ରୀତିର ଭାବ, ଆଜି ଭାବିଲା ବେଳକୁ ପ୍ରାଣ ପୂରି ଉଠୁଛି । ଦୁଃଖ, ଦୈନ୍ୟ, ଅପମାନ, ନିର୍ଯ୍ୟାତନା ଭିତରେ ସେ ଯେ କି ଆନନ୍ଦ, ତାହା କିପରି ବର୍ଣ୍ଣନା କରିବି ? ସବୁ ବିରହ—ବେଦନା ଭିତରେ ଅନ୍ତରରେ ଶାନ୍ତିର ଆସ୍ୱାଦନା ପାଇ ଜୀବନ କୃତାର୍ଥ ହେଲା । ପୃଥିବୀରେ ଏପରି କିଛି ନ ଥିଲା, ଏହି ଆନନ୍ଦ ଓ ଶାନ୍ତିର ଅନୁରୋଧରେ ଯାହା ତ୍ୟାଗ କରିବାକୁ ପ୍ରାଣ ତିଳେମାତ୍ର କୁଣ୍ଠିତ ହେଉଥିଲା ।

ଅନ୍ତରରେ ତୀବ୍ର ବୈରାଗ୍ୟ । ଆମୋଦ ଆହ୍ଲାଦର ସ୍ପୃହା ପର୍ଯ୍ୟନ୍ତ କେଉଁଆଡ଼େ ଲିଭିଗଲା । ବେଶଭୂଷାଦି ପରିପାଟୀ ପ୍ରତି ଆଦୌ ଦୃଷ୍ଟି ନାହିଁ । ଯେନତେନ ପ୍ରକାରେଣ ଉଦରପୂର୍ତ୍ତି ହେଲେ ଯଥେଷ୍ଟ; ତାହା ଉପରେ ପୁଣି ଏହା ଛାଡ଼, ତାହା ଛାଡ଼, ଅମୁକ ସ୍ଥାନକୁ ଯିବାକୁ ହେବ ନାହିଁ, ଅମୁକ ବାଟରେ ଚାଲିବାକୁ ହେବ ନାହିଁ, ଏ ଦିଗକୁ ଅନାଇବାକୁ ହେବ ନାହିଁ, ଏହିସବୁ ପୁସ୍ତକ ପଢ଼ିବାକୁ ହେବ ନାହିଁ—ଏହିପରି କେତେ କଠୋର ସଂକଳ୍ପ ଓ ଚେଷ୍ଟା, ତାହାର ଇୟତ୍ତା ନାହିଁ । ଏଥିପାଇଁ ଯେ କେତେ ସଂଗ୍ରାମ କରିବାକୁ ହୋଇଅଛି, ତାହାର ପରିମାଣ ନାହିଁ । କେବଳ ବାକ୍ୟରେ ନୁହେଁ, ବ୍ୟବହାରରେ ମଧ୍ୟ ଯେପରି କାହାରି ମନରେ ଅସତ୍ୟ ବା ଭ୍ରାନ୍ତ ଧାରଣା ନ ଜନ୍ମେ, ସେଥିପାଇଁ ସାବଧାନତାର ଅନ୍ତ ନାହିଁ । ଏଇଟାକୁ ସେତେବେଳେ ଅନେକେ ନିତାନ୍ତ ମାତ୍ରାଧିକ୍ୟ ବା ବାଡ଼ାବାଡ଼ି ବୋଲି ଉପହାସ କରିଅଛନ୍ତି; କିନ୍ତୁ ଆମ୍ଭମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ଅବଶ୍ୟ ପରିଣତ

ଜୀବନରେ ଏ ମାତ୍ରାଧିକ୍ୟ କମିଅଛି—ସମସ୍ତ ଯେପରି ଗୋଟିଏ ସ୍ୱାଭାବିକ ଆକାର ଧାରଣ କରିଅଛି । କିନ୍ତୁ ପୁରାତନ ଅଭ୍ୟାସ ଦୂର କରିବା ଓ ନୂତନ ଭାବରେ ଜୀବନ ଯାପନ କରିବା ପକ୍ଷରେ ଏହାର ଖୁବ୍ ଆବଶ୍ୟକତା ଥିଲା ବୋଲି ମୋର ସର୍ବଦା ମନେ ହୋଇଅଛି । ଏହି ଅବସ୍ଥାରେ କେଶବଚନ୍ଦ୍ରଙ୍କ 'ଜୀବନବେଦ' ପୁସ୍ତକ ଆମ୍ଭମାନଙ୍କ ପକ୍ଷରେ ବେଦସ୍ୱରୂପ ହୋଇଥିଲା । ତହିଁ ଉପରେ ପଣ୍ଡିତ ଶିବନାଥ ଶାସ୍ତ୍ରୀଙ୍କ ପୁଷ୍ପମାଳା ଓ ପୁଷ୍ପାଞ୍ଜଳି କବିତାପୁସ୍ତକ ଦୁଇଖଣ୍ଡି ଅନ୍ତରରେ ସାଧୁ ପ୍ରେରଣାର ଉତ୍ସ ଖୋଲି ଦେଇଥିଲା ।

ଉପାସନା, ପ୍ରାର୍ଥନା, ଧ୍ୟାନ, ଧାରଣାଦ୍ୱାରା ଆତ୍ମାରେ ପରମାତ୍ମାଙ୍କ ସାକ୍ଷାତ୍କାର, ଅବହିତଚିତ୍ତରେ ଅନ୍ତରରେ ବିବେକର ବାଣୀ ଶ୍ରବଣ ଓ ଅକୁଣ୍ଠିତଭାବରେ ତାହାର ଅନୁସରଣ, ଆତ୍ମଚିନ୍ତା ଓ ଆତ୍ମପରୀକ୍ଷା-ଦ୍ୱାରା ନିଜର ଦୋଷତ୍ରୁଟି ଦର୍ଶନ ଓ ତାହାର ପରିହାର ପାଇଁ ପ୍ରାଣପଣେ ଚେଷ୍ଟା—ଏହାହିଁ ସେତେବେଳେ ସାଧନାର ବିଷୟ ଥିଲା । ଚିନ୍ତାରେ, ବାକ୍ୟରେ, କାର୍ଯ୍ୟରେ ସ୍ୱାଧୀନତାର ଭାବ ଅକ୍ଷୁଣ୍ଣ ରଖିବାରେ ସୁତୀକ୍ଷ୍ଣ ଦୃଷ୍ଟି—କାହାର କଥା ଶୁଣି କିଛି କରିବାକୁ ହେବ ନାହିଁ—ପ୍ରତ୍ୟେକ ବିଷୟକୁ ସ୍ୱୀୟ ସ୍ୱାଧୀନ ବିବେକଦ୍ୱାରା ପରୀକ୍ଷା କରି ନେବାକୁ ହେବ—ଯେତେ ଦିନପର୍ଯ୍ୟନ୍ତ ମନ ନିଃସଂଶୟ ହୋଇ ନାହିଁ, କୌଣସି ସତ୍ୟ ଗ୍ରହଣ କରାଯିବ ନାହିଁ । ଅଥଚ ସାଧୁ ଭକ୍ତଙ୍କ ପ୍ରତିବିନ୍ଦୁ ମାତ୍ର ଅଶ୍ରଦ୍ଧା ବା ଅବଜ୍ଞା ନ ଥିଲା, ବରଂ ସାଧୁ ଚରିତ ଏବଂ ଭକ୍ତଜୀବନର ଅନୁଭୂତି ଓ ଅଭିଜ୍ଞତା ସେତେବେଳେ ପ୍ରଧାନ ପାଠ୍ୟ ଓ ଆଲୋଚ୍ୟ ବିଷୟ ଥିଲା । ଅବଶ୍ୟ ଜ୍ଞାନରାଜ୍ୟର କୌଣସି ବିଭାଗପ୍ରତି ଅନାସ୍ଥା ବା ଅନାଦର ନ ଥିଲା, ବରଂ ଇତିହାସ, ବିଜ୍ଞାନ, ଦର୍ଶନ ପ୍ରଭୃତିରେ ବିଧାତାଙ୍କର ବିଚିତ୍ର ଲୀଳା ଓ ମାନବଚିନ୍ତାର ଅଭିବ୍ୟକ୍ତି ଦର୍ଶନକରି ହୃଦୟମନକୁ ପରିପୁଷ୍ଟ କରିବାପ୍ରତି

ବିଶେଷ ଦୃଷ୍ଟି ଥିଲା, କିନ୍ତୁ ବିନା ବିଚାରରେ କୌଣସି ମତ ବା ସତ୍ୟ ଗ୍ରହଣ କରାଯିବ ନାହିଁ । ଏକ ଆଡ଼େ ଏହିପରି ସମାଲୋଚନାର ତୀକ୍ଷ୍ଣ ଦୃଷ୍ଟି ଓ ସୂକ୍ଷ୍ମ ବିଚାର, ଅନ୍ୟ ଆଡ଼େ ଶ୍ରଦ୍ଧା, ଏ ଦିଓଟି ଭିତରେ ସାମଞ୍ଜସ୍ୟ ରକ୍ଷା କରି ଚାଲିବା ବଡ଼ କଠିନ; କିନ୍ତୁ ତାହାଛଡ଼ା ଉପାୟ ନାହିଁ । ସୁତରାଂ ଏହି କଠିନ ପଥରେ ଦୃଢ ପ୍ରତିଜ୍ଞା ସହକାରେ ସୁଦୀର୍ଘ କାଳ ଚାଲିବାକୁ ହୋଇଅଛି । କେବେ ଯେ କିଛି ବ୍ୟତିକ୍ରମ ଘଟି ନାହିଁ, ତାହା କହିପାରିବି ନାହିଁ; କିନ୍ତୁ ସାଫଲ୍ୟରେ ପ୍ରାଣ ପୂର୍ଣ୍ଣ ହୋଇଅଛି—ବିରୋଧର ମାତ୍ରା କ୍ରମେ କମିଯାଇ ଏକାବେଳକେ ଲୁପ୍ତ ହୋଇ ଯାଇଅଛି ।

ଏହାଛଡ଼ା ଆଉ ଗୋଟିଏ ବିଷୟରେ ଆମ୍ଭେମାନେ ବିଶେଷ ଭାବରେ ମନ ଦେଇଥିଲୁଁ—ସେଇଟି ବିଶ୍ୱପ୍ରକୃତିର ବୈଚିତ୍ର୍ୟ-ଭିତରେ ବିଧାତାଙ୍କର ପ୍ରତ୍ୟକ୍ଷ ହସ୍ତ ଦେଖିବାର ଇଚ୍ଛା । ଅନେକ ସମୟରେ ଗଭୀର ନିଶୀଥରେ ନକ୍ଷତ୍ରଖଚିତ ନୀରବ ଆକାଶକୁ ଅନାଇ ବସିରହିବାଦ୍ୱାରା ମନ ଯେ କେଉଡ଼େ ଊର୍ଦ୍ଧ୍ୱ ଗ୍ରାମକୁ ଉଠି ଯାଇଅଛି ଓ କି ଅମୃତସ୍ପର୍ଶ ଲାଭ କରିଅଛି, ତାହା କହି ହେବ ନାହିଁ । କେତେ ଥର ଅବସର ପାଇବାକ୍ଷଣି କେତେ ନିର୍ଜନ ସ୍ଥାନକୁ ଓ କେତେ ନିକଟବର୍ତ୍ତୀ ଗଭୀର ଅରଣ୍ୟପ୍ରଦେଶକୁ ଯାଇ କିଛି କିଛି ସମୟ କଟାଇ ଆସିଅଛୁଁ, ତାହାର ସଂଖ୍ୟା ନାହିଁ । ଏ ଚେଷ୍ଟା ମଧ୍ୟ ସଫଳ ହୋଇଅଛି ଏବଂ ପ୍ରାଣରେ ଈଶ୍ୱରାନୁଭୂତିକୁ ଉଜ୍ଜ୍ୱଳତର ଓ ପୂର୍ଣ୍ଣତର କରି ଦେଇଅଛି ।

ଏହିପରି ଜୀବନଟା ଏକପ୍ରକାର ଗୋଟାଏ ଦୃଢ ଭିତ୍ତି ଉପରେ ପ୍ରତିଷ୍ଠିତ ହେଲା, ହୃଦୟର ଶୂନ୍ୟ ଅଂଶଟା ପୂର୍ଣ୍ଣ ହୋଇଗଲା । କ୍ଷୁଦ୍ର ସୁଖ ପରିବର୍ତ୍ତିରେ ବୃହତ୍ତର ଆନନ୍ଦର ଆସ୍ୱାଦ ପାଇ ମନପ୍ରାଣ ସେହି ଅଭିମୁଖରେ ଧାବିତ ହେଲା । ସାମୟିକ ଉତ୍ତେଜନା ଭିତରେ ଯେଉଁ

ଉତ୍ସାହ, ଉଦ୍ୟମ, ସାହସ ଜାଗି ଉଠିଥିଲା, ତାହା ଜୀବନର ରକ୍ତ ମାଂସରେ ପରିଣତ ହେଲା । ଯାହା କଠିନ ଥିଲା, ତାହା ସହଜ ହୋଇ ଆସିଲା । ଏଠି ଆଉ ଅନୁମାନ ବା କଳ୍ପନାର ସ୍ଥାନ ନାହିଁ । ସମଗ୍ର ଜୀବନଟା ତାଙ୍କର ହସ୍ତର ଯନ୍ତ୍ର, ଏହି ଅନୁଭୂତି ନେଇ ନୂତନ ଜୀବନ ଆରମ୍ଭ କରିଦେଲି । ସମଗ୍ର ସଂସାରଟା ସେତେବେଳେ ଏକପ୍ରକାର ନୂତନ ଆକାର ଧାରଣ କଲା ।

କିନ୍ତୁ ହାୟ, ମନୁଷ୍ୟର କଳ୍ପନା କି ଅସାର ! ତାହାର ଏହି ସାମୟିକ ପରୀକ୍ଷା ଓ ସଂଗ୍ରାମର ଅବସାନ ସଙ୍ଗେ ସଙ୍ଗେ ପୁଣି ଏ କ୍ଷୁଦ୍ର ଜୀବନରେ କଠୋରତର ସଂଗ୍ରାମ ଓ ପରୀକ୍ଷା ଉପସ୍ଥିତ ହେଲା । ପ୍ରାୟ ତିନି ବର୍ଷ ପରେ ଗୁରୁଟା ମାସମଧ୍ୟରେ ମୋର ଭାଇ ଦୁହେଁ ଉପର୍ଯ୍ୟୁପରି ପରଲୋକ ଗମନ କଲେ—ଧର୍ମସାଧନ ଓ ଧର୍ମପ୍ରଚାର ବିଷୟରେ ଆମ୍ଭମାନଙ୍କର କଳ୍ପନାସୌଧ ଭାଙ୍ଗି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା । ଅଳ୍ପ କାଳମଧ୍ୟରେ ସ୍ୱାସ୍ଥ୍ୟଭଙ୍ଗ ଯୋଗୁ ମୋର ଜୀବନ ମଧ୍ୟ ସଂକଟାପନ୍ନ ହୋଇପଡ଼ିଲା । ବନ୍ଧୁମାନଙ୍କ ମନରେ ଘୋର ଆଶଙ୍କା ଜାତ ହେଲା । ସମୟ ସମୟରେ ଅବସାଦ ଆସି ପ୍ରାଣକୁ ଅଧିକାର କରିବସେ—ଗୁରିଆଡ଼େ ଅନ୍ଧକାର ଦିଶେ ।

ଦୁଇ ବର୍ଷ କାଳ ପ୍ରାୟ ଏହିପରି କଟିଅଛି । ଭଗବାନ୍ ଏ ଅବସ୍ଥାଟା ଆଣିଥିଲେ, ଯେପରି କି ଭିତରେ ଯେଉଁ ଟିକିକ ଅଭିମାନ ଓ ଆତ୍ମନିର୍ଭରତା ଥିଲା, ତାହା ଏକାବେଳକେ ବିଲୁପ୍ତ କରିଦେବା ପାଇଁ—ପ୍ରାର୍ଥନାର ମୂଲ୍ୟଟା ଭଲ କରି ବୁଝାଇଦେବାପାଇଁ । ଫଳତଃ ତାହାହିଁ ହେଲା । ନିଜ ଉପରେ, ବାହାରର ସମସ୍ତ ଶକ୍ତି ଉପରେ ନିର୍ଭର ଗୁଲିଗଲା । ନିଜର ସମସ୍ତ ଅସହାୟ ଅବସ୍ଥାର ଅନୁଭୂତି ସଙ୍ଗେ ସଙ୍ଗେ ସେହିପରି ସହାୟକ ଉପରେ ପୂର୍ଣ୍ଣ ନିର୍ଭର ସ୍ଥାପନ କରି ଆଶ୍ୱସ୍ତ ହେଲି । କ୍ରମେ ଭଗ୍ନସ୍ୱାସ୍ଥ୍ୟ ଫେରି ପାଇଲି—ଅବସାଦ

ଉତ୍ସାହିତ ହେଲା—ହୃଦୟରେ ବଳ ଆସିଲା । ଏହି ସମୟରେ ବନ୍ଧୁମାନଙ୍କଠାରୁ ଯେଉଁ ସ୍ନେହ, ଦୟା, ସହାନୁଭୂତି ଓ ସେବା ପାଇଅଛି, ତାହା ସ୍ମୃତିର ଅମୂଲ୍ୟ ସମ୍ପଦ ହୋଇ ରହିଅଛି ।

ଏ ଅବସ୍ଥାଭିତରେ ସ୍ତ୍ରୀଙ୍କୁ ନିକଟକୁ ଆଣିବାକୁ ଥରେ ଅଧେ ଚେଷ୍ଟା କରିଥିଲି, କିନ୍ତୁ ନିଜଭିତରେ ଖୁବ୍ ଭରସା ନ ଥିଲା । ଭାଇ ନୃହିଙ୍କର ଅକାଳମୃତ୍ୟୁ ଓ ମୋହର ସ୍ୱାସ୍ଥ୍ୟଭଙ୍ଗ ଯୋଗୁ ଆତ୍ମୀୟସ୍ୱଜନମାନେ ମଧ୍ୟ ଭରସି ପାରୁ ନ ଥିଲେ । ଅନ୍ୟ ବାଧା ମଧ୍ୟ ଯଥେଷ୍ଟ ଥିଲା । କଟକ ଆସିବାବେଳେ ଅନ୍ୟ କିଛି ଉପାୟ ନ ଥିବାରୁ କଟକ ଟାଉନ୍ ସ୍କୁଲରେ ଟ ୧୫୯ ବେତନରେ ଚାକିରି ଗ୍ରହଣ କରିଥିଲି । ସେତିକିରେ ତିନି ଭାଇ ଅତି କଷ୍ଟରେ ଚଳୁଥିଲୁଁ । କ୍ରମେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ପଦ ଲାଭ କଲି । ନିଜପାଇଁ ଦୁଃଖ ଦୈନ୍ୟ ବରଣ କରିନେବା ସହଜ ହୋଇପାରେ, କିନ୍ତୁ ଅପରମାନଙ୍କ ଭାର ସ୍କନ୍ଧରେ ନେବାକୁ ହେଲେ ଅନେକ ଭାବନାଚିନ୍ତା କରିବାକୁ ପଡ଼େ; ତଥାପି ସବୁ ଦ୍ୱିଧା ଏଡ଼ାଇ ବ୍ରାହ୍ମଧର୍ମର ଆଦର୍ଶରେ ପରିବାର ପ୍ରତିଷ୍ଠା କରିବାର ପ୍ରବଳ ଆକାଂକ୍ଷାରେ ସ୍ତ୍ରୀଙ୍କୁ ଆଣିବାପାଇଁ ଦୃଢ଼ପ୍ରତିଜ୍ଞ ହେଲି । ପ୍ରବଳ ବାଧାବିଘ୍ନ ସଙ୍ଗେ ସଂଗ୍ରାମ କରି ବହୁ କଷ୍ଟରେ ସଫଳତା ଲାଭ କଲି । ସ୍ତ୍ରୀ ପାଞ୍ଚ ବର୍ଷର ଶିଶୁପୁତ୍ରକୁ ଛାଡ଼ି ମୋହର ଅନୁଗମନ କଲେ । ଆତ୍ମୀୟସ୍ୱଜନଙ୍କ ସଙ୍ଗରେ ମଧ୍ୟ ଏକପ୍ରକାର ଚିର-ବିଚ୍ଛେଦ ଘଟିଲା । ଏଇଟା ତାଙ୍କ ପକ୍ଷରେ କେଡ଼େ କଠୋର ତ୍ୟାଗ, ତାହା ସହଜରେ ବୁଝି ପାରିବ । ମୋ ପକ୍ଷରେ ମଧ୍ୟ ଏହା ଗୋଟାଏ ଦୁଃସାହସିକତା ବୋଲିବାକୁ ହେବ । ଏ କାର୍ଯ୍ୟରେ ଜଣେ ଅଧେ ବନ୍ଧୁଙ୍କ ଛଡ଼ା ଅନ୍ୟ କାହାରିଠାରୁ ଉତ୍ସାହ ପାଇ ନାହିଁ । ସଂସାର-ଦୃଷ୍ଟିରେ ଏହା କେବଳ ଅକୂଳ ସମୁଦ୍ରରେ ଲମ୍ଫ ଦେବା ଛଡ଼ା ଆଉ କିଛି ନୁହେଁ; କିନ୍ତୁ ପ୍ରଭୁ ଏକପ୍ରକାର କୂଳରେ ଲଗାଇଅଛନ୍ତି ।

ସ୍କୁଲକାର୍ଯ୍ୟ ସଙ୍ଗେ ସଙ୍ଗେ ବ୍ରାହ୍ମସମାଜର ଅନେକଗୁଡ଼ିଏ କାର୍ଯ୍ୟଭାର ଆସି ଉପରେ ପଡ଼ିଲା । ମନପ୍ରାଣ ଢାଳିଦେଇ ଉଭୟ କାର୍ଯ୍ୟ କରିବାକୁ ଲାଗିଲି—କର୍ମରେ କେବେ କ୍ଳାନ୍ତି ବା ଅବସାଦ ଅନୁଭବ କରି ନାହିଁ । କ୍ରମେ ଅନେକ ଆଡ଼ୁ ଅନେକ କାର୍ଯ୍ୟଭାର ଆସି ପଡ଼ିଲା— ଅମ୍ଳାନବଦନରେ ସମସ୍ତ କରିବାକୁ ଲାଗିଲି; କିନ୍ତୁ ଏହାରି ମଧ୍ୟରେ ପୁସ୍ତକପାଠ, ଆଲୋଚନା ଯଥାସମୟରେ ଚାଲି-ଥାଏ । ଶିକ୍ଷକଜୀବନରେ ଏହି ୧୬।୧୭ ବର୍ଷ ମଧ୍ୟରେ ନାନା ଶ୍ରେଣୀର ବହୁ ପୁସ୍ତକ ଅଧ୍ୟୟନର ସୁଯୋଗ ପାଇଥିଲି । ତନ୍ମଧ୍ୟରେ ଇମର୍ସନ୍, ପାର୍କର୍, କାର୍ଲାଇଲ୍ ମୋର ଅତ୍ୟନ୍ତ ପ୍ରିୟ ଥିଲେ । ସ୍କୁଲକର୍ମ-ସୂତ୍ରରେ ସ୍ୱର୍ଗୀୟ ଜଗନ୍ମୋହନ ରାୟଙ୍କ ସହିତ ପରିଚୟ ଓ ଘନିଷ୍ଠତା ଜନ୍ମିଲା ।

ସେ ଖ୍ରୀଷ୍ଟୀୟଧର୍ମର ବଡ଼ ପକ୍ଷପାତୀ ଥିଲେ ଏବଂ ଅନେକ ସାରବାନ୍ ଖ୍ରୀଷ୍ଟଧର୍ମର ଭକ୍ତିମୂଳକ ପୁସ୍ତକ ସଂଗ୍ରହ କରିଥିଲେ । ଶେଷ ଜୀବନରେ ତାଙ୍କର ଦୃଷ୍ଟିଶକ୍ତି କ୍ଷୀଣ ହୋଇଯିବାରୁ ପ୍ରତି ଦିନ ସନ୍ଧ୍ୟା-ସମୟରେ ତାଙ୍କ ପାଖରେ ସେହିସବୁ ପୁସ୍ତକ ପାଠ କରିବାପାଇଁ ସେ ମୋତେ ନିଯୁକ୍ତ କଲେ । ତହିଁରେ ମୋର ବିଶେଷ ଉପକାର ହୋଇଥିଲା । ମୋର ସାହିତ୍ୟଚର୍ଚ୍ଚାର ଆରମ୍ଭ ମଧ୍ୟ ଏହି ସମୟରେ । ବ୍ରାହ୍ମସମାଜ ପକ୍ଷରୁ ଉପର୍ଯ୍ୟୁପରି ଦୁଇ ଖଣ୍ଡ ପତ୍ରିକା ବାହାରି ବର୍ଷେ ଦେଢ଼ବର୍ଷ ପରେ ବନ୍ଦ ହୋଇ ଯାଇଥିଲା । ଉଭୟ ପତ୍ରିକାର ପରିଚାଳନା ଭାର ମୋ ଉପରେ ନ୍ୟସ୍ତ ହେଲା । ସାହିତ୍ୟଚର୍ଚ୍ଚା-ସୂତ୍ରରେ ରାଧାନାଥ, ଫକୀରମୋହନ ପ୍ରଭୃତିଙ୍କୁ ନିକଟବନ୍ଧୁ ରୂପରେ ପାଇ ସେମାନଙ୍କ ସଙ୍ଗସାହଚର୍ଯ୍ୟରେ ପ୍ରଭୂତ ଉପକାର ଲାଭ କରିଥିଲି ।

"ଉତ୍କଳ ସାହିତ୍ୟ" କଥା ଏଠି ଟିକିଏ କହିରଖେଁ । ବ୍ରାହ୍ମ-ସମାଜ ପକ୍ଷରୁ ଉପର୍ଯ୍ୟୁପରି ଦୁଇ ଖଣ୍ଡ ପତ୍ରିକା ଅଚଳ ହୋଇଯିବାରୁ

ଏବଂ ସମଗ୍ର ଉତ୍କଳରେ ଖଣ୍ଡିଏ ସୁଦ୍ଧା ପତ୍ରିକା ସ୍ଥାୟୀ ନ ହେବାରୁ ମଧୁସୂଦନଙ୍କ ପ୍ରବର୍ତ୍ତନାରେ "ଉତ୍କଳ-ସାହିତ୍ୟ" ପ୍ରକାଶର ସୂଚନା ହେଲା । ମଧୁସୂଦନ, ଫକୀରମୋହନ, ଚନ୍ଦ୍ରମୋହନ, ସାଧୁଚରଣ, କୃଷ୍ଣପ୍ରସାଦ ଓ ମୁଁ ମିଳିତ ହୋଇ ସମସ୍ତ ବ୍ୟବସ୍ଥା ସ୍ଥିର କଲୁଁ । ମୁଁ ସମ୍ପାଦକ ହେଲି ଓ ମୋର ସୋଦରପ୍ରତିମ ବନ୍ଧୁ କୃଷ୍ଣପ୍ରସାଦ ମ୍ୟାନେଜର ହେଲେ । ଖୁବ୍ ଉତ୍ସାହରେ ପତ୍ରିକାର କାର୍ଯ୍ୟ ଆରମ୍ଭ ହେଲା; କିନ୍ତୁ ଆମ ଦେଶରେ ଯାହା ହୋଇଥାଏ, ଅଳ୍ପକାଳ ମଧ୍ୟରେ "ଉତ୍କଳ-ସାହିତ୍ୟ" ଭାଗ୍ୟରେ ମଧ୍ୟ ତାହାହିଁ ଘଟିଲା । ଦୁଇ ବର୍ଷ କୌଣସି ପ୍ରକାରେ କଟିଗଲା । ତୃତୀୟ ବର୍ଷ ବେଳକୁ ନାନା ଆଡୁ ନାନା ଅସୁବିଧା ଘଟିଲା । ମୁଦ୍ରଣରେ ଅସୁବିଧା ସର୍ବପ୍ରଧାନ । ଉଦ୍ୟୋଗୀ-ମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ କରଛଡ଼ା ଦେଲେ । ଚାରିଆଡୁ ହତାଶ ହୋଇ ମୁଁ ନିଜେ ଥରେ ଶେଷ ଚେଷ୍ଟା କରିବାକୁ ପ୍ରସ୍ତୁତ ହେଲି ।

ସେ ଗୋଟିଏ ବିରାଟ ଇତିହାସ । ସବୁ କଥା ଏଠି ଲେଖିବା ଅସମ୍ଭବ । ଘୋର ନିରାଶା ଭିତରେ ପ୍ରାର୍ଥନାପୂର୍ଣ୍ଣ ହୃଦୟରେ ଦୃଢ଼-ପ୍ରତିଜ୍ଞା ସହକାରେ ଅଗ୍ରସର ହେଲି । ପ୍ରାୟ ଦର୍ଶକ ଚେଷ୍ଟାରେ ସାମାନ୍ୟ ଭାବରେ ପ୍ରେସ୍ଟିଏ ସ୍ଥାପନର ଆଶା ଦେଖିଲି । ସମ୍ପୂର୍ଣ୍ଣ ନିଜ ଦାୟିତ୍ୱରେ କେତେଗୁଡ଼ିଏ ଟଙ୍କା ଋଣ କରି ପ୍ରେସ୍ କାର୍ଯ୍ୟ ଆରମ୍ଭ କଲି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏଥିରେ କେତେଗୁଡ଼ିଏ ବନ୍ଧୁଙ୍କର ଟିକିଏ ଈର୍ଷା ଜାଗି ଉଠିଲା । କେହି ମୁହଁରେ କିଛି ନ କହନ୍ତୁ, ଭିତରେ ଭିତରେ ବିମୁଖ ହୋଇ ଉଠିଲେ । ସବୁ ଜାଣି ଶୁଣି ଗଭୀର ଦୁଃଖଭାର ହୃଦୟରେ ବହନ କରି ନୀରବରେ କର୍ମପଥରେ ଅଗ୍ରସର ହେଲି ।

୧୯୦୦ ଜାନୁୟାରୀ ୧୦ ତାରିଖରେ ପ୍ରେସ କାର୍ଯ୍ୟ ଆରମ୍ଭ ହେଲା; କିନ୍ତୁ ତତ୍ପୂର୍ବେ ନଭେମ୍ବର ମାସ ପହିଲାରୁ ସ୍କୁଲ କାର୍ଯ୍ୟ

ତ୍ୟାଗ କରିଥିଲି । ମୋର ସ୍କୁଲ ତ୍ୟାଗର ପଶ୍ଚାତରେ ମଧ୍ୟ ଗୋଟିଏ କ୍ଷୁଦ୍ର ଇତିହାସ ଅଛି । ନିତାନ୍ତ ମର୍ମପୀଡ଼ିତ ହୋଇ ସ୍ତ୍ରୀ ଏବଂ ପାଞ୍ଚୋଟି ଅପୋଗଣ୍ଡ ଶିଶୁ ସନ୍ତାନଙ୍କୁ ନେଇ ପୁଣି ଅକୂଳ ସାଗରରେ ଲମ୍ଫ ଦେଲି । ତା ପରେ କି କଠୋର ସଂଗ୍ରାମ ଭିତର ଦେଇ ଆସିବାକୁ ହୋଇଅଛି, ସେ ସବୁ ବର୍ଣ୍ଣନା କରିବାକୁ ଗଲେ ଗୋଟାଏ ବଡ଼ ପୋଥି ହେବ । ଏ ଦୁର୍ବଳ ହୃଦୟରେ କାହୁଁ ଏତେ ସାହସ ଓ ଧୈର୍ଯ୍ୟ ଆସିଲା, ମୁଁ ନିଜେ ଭାବି ଅବାକ୍ ହୋଇଯାଏଁ ।

ଜୀବନଟା ସଂଗ୍ରାମମୟ । ଏକୋଇଶି ବର୍ଷ ବୟସରେ ସେହି ଯେ ସଂଗ୍ରାମର ଆରମ୍ଭ, ଆଜି ମଧ୍ୟ ତାହାର ବିରାମ ନାହିଁ । ବାହାରର ସଂଗ୍ରାମର ସାମାନ୍ୟ ଟିକିଏ ଆଭାସ ଦେଇଅଛି । ଏସବୁ କେହି ପ୍ରାୟ ଜାଣନ୍ତି ନାହିଁ । ଅତି ଅନ୍ତରଙ୍ଗ ବନ୍ଧୁ ଜଣେ ଅଧେ କେହି ଟିକିଏ ଅଧେ ଆଭାସ ପାଇ ଥାଇ ପାରନ୍ତି । ସାଧାରଣତଃ ପ୍ରାୟ ସମସ୍ତଙ୍କର ଧାରଣା, ବେଶ୍ ସ୍ୱଚ୍ଛନ୍ଦ ଭାବରେ ଜୀବନ କଟିଯାଉଛି । ନିଜର ସ୍ତ୍ରୀ ପୁତ୍ର ପରିବାରଙ୍କୁ ମଧ୍ୟ କେବେହେଲେ ଦୁଃଖ ଦୈନ୍ୟ ସଙ୍ଗେ ଚିର ସଂଗ୍ରାମ କଥା ଜାଣିବାକୁ ଦେଇ ନାହିଁ । ଏକାକୀ ନୀରବରେ ଆଜି ପର୍ଯ୍ୟନ୍ତ ସବୁ ବହନ କରି ଆସିଅଛି । ଏପରି ସମୟ ଅନେକ ଥର ଆସିଛି, ଯେତେବେଳେ ସବୁଆଡ଼ର ଆଶା ଭରସା ଲୁପ୍ତ ହୋଇ ଯାଇ ଅଛି—କେଜାଣି ବା ଏଥର ସବୁ ଭାଙ୍ଗି ଚୁନା ହୋଇଗଲା; ପୁଣି ଅତି ଅପ୍ରତ୍ୟାଶିତ ଭାବରେ ସେ ଅନ୍ଧକାର କଟିଯାଇଅଛି । ସମସ୍ତ ଅବସ୍ଥାରେ ଏ ଜୀବନର ପ୍ରଧାନ ସମ୍ବଳ ପ୍ରାର୍ଥନା ଓ ଆତ୍ମନିବେଦନ । ଧନମାନର ଆକାଂକ୍ଷା କେବେ କରି ନାହିଁ—ସେଥିପାଇଁ ପ୍ରାର୍ଥନା କରିବା ତ ଦୂରର କଥା । ପ୍ରକୃତ କଥା, ସାଂସାରିକ କୌଣସି ବିଷୟ ପାଇଁ ପ୍ରାର୍ଥନା କରିବା ବ୍ରାହ୍ମସମାଜବିରୁଦ୍ଧ । ଖ୍ରୀଷ୍ଟଙ୍କର ସେହି ସରଳ ପ୍ରାର୍ଥନାହିଁ ତଶ୍ରେଷ୍ଠ ଓ ପ୍ରକୃତ ପ୍ରାର୍ଥନା—*'Let Thy will be done'*.

ବୈଷୟିକ ଉନ୍ନତିର ଅନେକ ସୁଯୋଗ ଇଚ୍ଛା କରି ଛାଡ଼ି ଅଛି— ହୃଦୟରେ ଦ୍ୱିଧା ଅନୁଭବ କରି, କେଜାଣି ବା ମନଟା ଛୋଟ ହୋଇ ଯିବ । ସନ୍ତାନମାନଙ୍କୁ ବାରମ୍ବାର ଏହି କଥା କହି ଆସିଅଛି— ଆଉ ଯାହା କର ମନଟାକୁ କେବେ ଛୋଟ ହେବାକୁ ଦେବ ନାହିଁ ।

ସୌଭାଗ୍ୟକ୍ରମେ ଜୀବନରେ ସାଧୁସହବାସ ଅନେକ ପାଇଅଛି ଏବଂ ସାଧୁଜୀବନର ପ୍ରଭାବ ମଧ୍ୟ ଯଥେଷ୍ଟ ଅନୁଭବ କରିଅଛି । ବାସ୍ତ-ବିକ୍ ଗୋଟିଏ ଗୋଟିଏ ପ୍ରକୃତ ସାଧୁଜୀବନ ଅନ୍ଧକାରମୟ ଜୀବନ-ପଥରେ ଆଲୋକସ୍ତମ୍ଭ ସ୍ୱରୂପ କ୍ଷଣକେ କେତେ ଆଶା ପ୍ରାଣରେ ସଞ୍ଚାର କରିଦିଏ ।

ଜୀବନରେ ଆଘାତ ପାଇଅଛି ଅନେକ—କେତେ ଅପ୍ରତ୍ୟାଶିତ ସ୍ଥଳରୁ ଯେ ଆକସ୍ମିକ ଆଘାତ ଆସିଅଛି ଏବଂ ମୁହୂର୍ତ୍ତିକ ପାଇଁ ପ୍ରାଣଟାକୁ ଆଲୋଡ଼ିତ କରି ଦେଇଅଛି, ତାହାର ଇୟତ୍ତା ନାହିଁ; କିନ୍ତୁ ତାହା ସେହି ମୁହୂର୍ତ୍ତିକ ପାଇଁ । ଆଘାତ ଦେବାର ପ୍ରବୃତ୍ତିଟା ମୋ ଭିତରେ ନାହିଁ କହିଲେ ଚଳେ, ଜାଣିଶୁଣି କେବେ କାହାକୁ ଅକା-ରଣ ଆଘାତ ଦେଇ ନାହିଁ । ତେବେ କାର୍ଯ୍ୟ ଗତିରେ କଠୋର କର୍ତ୍ତବ୍ୟ ଓ ସତ୍ୟର ଅନୁରୋଧରେ ଅନେକ ସ୍ଥଳରେ ଅନେକ ଭାବରେ କେତେ ଲୋକଙ୍କୁ ଆଘାତ ଦେଇଅଛି, ତାହା ମଧ୍ୟ ବଡ଼ ଅନିଚ୍ଛାରେ । ଏତିକ ମଧ୍ୟ ଅନେକଙ୍କ ନିକଟରେ 'ଉଗ୍ରତା' ରୂପରେ ପରିଗଣିତ ହୋଇଅଛି । ଅନ୍ୟାୟ ବା ଅସତ୍ୟର ପ୍ରତିବାଦ କଲାବେଳେ କେବେ କାହାର ମୁହଁକୁ ଚାହିଁ କଥା କହି ନାହିଁ । ଚକ୍ଷୁଲଜ୍ଜା ବୋଲି ଯେ ଗୋଟିଏ କଥା ଅଛି, ସେଇଟା ମୋର ଯଥେଷ୍ଟ ଥିଲେ ମଧ୍ୟ ଏପରି କ୍ଷେତ୍ରରେ ସେଇଟାକୁ କେବେ ପ୍ରଶ୍ରୟ ଦେଇ ନାହିଁ । ଏଥିପାଇଁ ମୋର ଜଣେ ସୁରସିକ ବୃଦ୍ଧ ବନ୍ଧୁ ମୋତେ 'ଉଗ୍ରକ୍ଷତ୍ରିୟ' ଆଖ୍ୟା ଦେଇଥିଲେ ।

ଏ ଭାବଟା ବାଲ୍ୟାବସ୍ଥାରେ ବା ତରୁଣ ଅବସ୍ଥାରେ ନ ଥିଲା । ପିତୃପ୍ରକୃତିରେ ଏହି ଦିଗଟା ଧର୍ମ ଜୀବନର ଆରମ୍ଭ ସଙ୍ଗେ ସଙ୍ଗେ ଆଗେ ଜାଗି ଉଠିଲା; କିନ୍ତୁ ଆଘାତ ବଦଳରେ ଆଘାତ ଦେବାଟାକୁ ଚିରଦିନ ଅତି ଘୃଣ୍ୟ ମନେ କରିଅଛି । ଏପରି କି ଅନ୍ୟାୟ ଆକ୍ରମଣରେ ପ୍ରତିବାଦ କରିବା ପାଇଁ ବା ଆତ୍ମପକ୍ଷ ସମର୍ଥନ କରିବା ପାଇଁ ଅତି ଅଳ୍ପ ସମୟରେ ଚେଷ୍ଟା କରିଅଛି । ସେଇଟା ମୋତେ ନିତାନ୍ତ ଲଘୁତା ବୋଲି ବୋଧହୁଏ । ଏ ଦୀର୍ଘ ଜୀବନରେ ନିନ୍ଦା ଓ ପ୍ରଶଂସା ପ୍ରଚୁର ପରିମାଣରେ ପାଇଅଛି ଏବଂ ଉଭୟର ମୂଲ୍ୟ ବୁଝିଅଛି । ଅନେକ ସମୟରେ ଏସବୁ ଦେଖି ମନେ ମନେ ହସେଁ । ଅନେକ ସ୍ଥଳରେ ପ୍ରଶଂସାର ମାତ୍ରା ଦେଖି ହସିଅଛି । ନିଜ ଆଡ଼କୁ ଅନାଇ ତାର ଯୋଗ୍ୟତା କେଉଁଠି ଖୋଜି ପାଇ ନାହିଁ । ଅନେକ ନିନ୍ଦା ସମ୍ବନ୍ଧରେ ମଧ୍ୟ ଠିକ୍ ସେହି କଥା । ତାହା ବୋଲି ଯେ ଜୀବନରେ ନିନ୍ଦା ବା ପ୍ରଶଂସାର କଥା କିଛି ନାହିଁ, ତାହା ନୁହେଁ; କିନ୍ତୁ ସଂସାରରେ ଲୋକଙ୍କ ବିଚାରରେ ଯେ କେତେ ଭୁଲ ହୁଏ, ତାହା ଭଲରୂପେ ଅନୁଭବ କରିଅଛି ଏବଂ ସେଥି ପାଇଁ ଚିତ୍ତ ସହଜରେ ବିଚଳିତ ହୁଏ ନାହିଁ ।

ମୋ ଜୀବନଟା ଜ୍ଞାନପ୍ରଧାନ, କି ଭକ୍ତିପ୍ରଧାନ ନିର୍ଣ୍ଣୟ କରିବା ବାହାରର କାହାରି ପକ୍ଷରେ କଠିନ । ମୂଳତଃ ଏହା ଭାବପ୍ରଧାନ କହିବାକୁ ହେବ । ଅତି ଅଳ୍ପରେ ହୃଦୟ ତରଳିଯାଏ - ଚକ୍ଷୁ ଲୋତକ-ପୂର୍ଣ୍ଣ ହୁଏ । ଭାବୁକତାର ସ୍ରୋତରେ ଭାସି ଯିବା ମୋ ପକ୍ଷରେ ଖୁବ୍ ବେଶି ସମ୍ଭବ ଥିଲା; କିନ୍ତୁ ଧର୍ମବୁଦ୍ଧିର ଜାଗରଣ ସଙ୍ଗେ ସଙ୍ଗେ ପ୍ରଖର ବିବେକ ଓ ବିଚାର ଶକ୍ତିର ପ୍ରସ୍ଫୁଟନକୁ ସାଧନାର ବିଷୟ କରି-ଥିଲି ଏବଂ ସବୁ ବିଷୟରେ ତାହାକୁ ଅଗ୍ରବର୍ତ୍ତୀ କରି ରଖିବାକୁ ନିରନ୍ତର

ଚେଷ୍ଟା କରିଅଛି । ସେହିହେତୁରୁ ରକ୍ଷା ପାଇ ଯାଇଅଛି ଏବଂ ଭକ୍ତି ଭାବୁକତାରେ ପରିଣତ ହୋଇ ନାହିଁ । ଭକ୍ତିଧର୍ମ ଜୀବନର ଚରମ ଓ ସୁମିଷ୍ଟ ଫଳ । କିନ୍ତୁ ବିଚାର ବୁଦ୍ଧିବର୍ଜିତ ହେଲେ ତାହା ଅସତ୍ୟ ଓ କାଳ୍ପନିକ ବା କ୍ଷୁଦ୍ର ବସ୍ତୁରେ ଚରିତାର୍ଥତା ଅନୁଭବ କରି ସନ୍ତୁଷ୍ଟ ରହେ ।

ଭାବୁକତାରେ ଯେ ଗୋଟାଏ ମୋହ ଅଛି, ତାହାର ହାତ ଅନେକେ ଏଡ଼ାଇ ପାରନ୍ତି ନାହିଁ । ସେଇଠାକୁ ମୁଁ ବଡ଼ ଭୟ କରେଁ ଏବଂ ବ୍ରାହ୍ମଜୀବନରେ ତାହାର ମାତ୍ରାଧିକ୍ୟ ଦେଖିଲେ କ୍ଷୁର୍ଣ୍ଣ ହୁଏ । ସ୍ଥୂଳ କଥା, ସକଳ ବିଷୟରେ ସାମଞ୍ଜସ୍ୟର ମୁଁ ବଡ଼ ପକ୍ଷପାତୀ । ଏହି ସାମଞ୍ଜସ୍ୟ ସାଧନ କରିବା ପାଇଁ ସାରା ଜୀବନ ଚେଷ୍ଟା କରିଅଛି । କୌଣସି ବିଷୟରେ ମାତ୍ରାଧିକ ମୁଁ ସହ୍ୟ କରିପାରେ ନାହିଁ । ଏଥିପାଇଁ ଅନେକ ଅନ୍ତରଙ୍ଗ ବନ୍ଧୁଙ୍କ ସଙ୍ଗରେ କେତେ ମତଭେଦ ଓ ବିରୋଧ ଘଟିଅଛି । ଜୀବନରେ କେବେ ଶୁଷ୍କତା ଦେଖା ଦେବନାହିଁ—ହୃଦୟଟା ସର୍ବଦା ଭାବରେ ଟଳବଳ ହୋଇ ରହିଥିବ, ଏହିପରି ଆଶା କରିବା ବିଡ଼ମ୍ବନା; ଆଉ ଏଥିପାଇଁ ନାନା କୃତ୍ରିମ ଉପାୟ ଅବଲମ୍ବନ କରିବାକୁ ହେବ, ଏହା ମଧ୍ୟ ଅନୁଚିତ ଓ ଅନିଷ୍ଟକର । ମୋ ଜୀବନରେ ଅନେକ ସମୟରେ ଶୁଷ୍କତା ଆସିଅଛି; କିନ୍ତୁ ମୁହୂର୍ତ୍ତିକ ପାଇଁ ହେଲେ ଆଶା ଛାଡ଼ି ନାହିଁ । ଏ ଅବସ୍ଥାରେ ଧୈର୍ଯ୍ୟ ସହକାରେ ପ୍ରତୀକ୍ଷା କରିବା ଛଡ଼ା ଆଉ ଉପାୟ କଣ ? ନିର୍ଜନ ଉପାସନା, ସରଳ ପ୍ରାର୍ଥନା, ସୁମଧୁର ସଙ୍ଗୀତ ଶ୍ରବଣ ଓ ସାଧୁ ସଙ୍ଗ ଶୁଷ୍କତା ଦୂରୀକରଣର ପ୍ରକୃଷ୍ଟ ଉପାୟ ବୋଲି ଜାଣି ଅଛି ଏବଂ ଏଥିରେ ଯଥେଷ୍ଟ ଫଳ ପାଇଅଛି ।

ବ୍ରାହ୍ମଧର୍ମ ଜୀବନରୁ ସର୍ବପ୍ରକାର ସଙ୍କୀର୍ଣ୍ଣତା ଦୂର କରି ଦେଇଅଛି । ସତ୍ୟ ଓ ସାଧୁତା ସମ୍ବନ୍ଧରେ ଦେଶକାଳର ବିଚାର କେବେ

ମନକୁ ଆସି ନାହିଁ । ଅନ୍ଧ ସ୍ୱାଦେଶିକତା ବା ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକତା କେବେ ହୃଦୟରେ ପୋଷଣ କରି ନାହିଁ । ଧର୍ମମତରେ ବିଶୁଦ୍ଧତା ରକ୍ଷା କରିବାକୁ ସର୍ବଦା ଅତି ସାବଧାନ ସହିତ ଯତ୍ନ କରିଅଛି । ଆଜି କାଲି ଆମ ଦେଶରେ ଗୋଟାଏ ଭ୍ରାନ୍ତ ଓ ବିକୃତ ଉଦାରତା ଦେଖା-ଦେଇଅଛି । ତାକୁ ନେଇ ଅନେକ ଲୋକ ଭାରି ବାହାଦୁରି କରନ୍ତି । ସବୁ ମତ ଭଲ, ସବୁଥିରେ ହାଁଜି ହାଁଜି କରିଯାଅ, ଏହା କଦାପି ଧର୍ମ ହୋଇ ନ ପାରେ—ଏହା ଚତୁର ସାଂସାରିକତା । ଏ ଭାବ ଦେଖିଲେ ମୋର ଚିତ୍ତ ବିଦ୍ରୋହୀ ହୋଇ ଉଠେ । ମତର ବିଶୁଦ୍ଧତାକୁ ଅନେକେ ଯେତେ ସାମାନ୍ୟ ମନେ କରନ୍ତି, ମୁଁ ସେପରି କରେ ନାହିଁ ।

ବ୍ରାହ୍ମଧର୍ମ ବିଶୁଦ୍ଧ ଜ୍ଞାନ ଓ ସୁନିର୍ମଳ ବିବେକର ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ । ପ୍ରେମ, ଭକ୍ତି, ପବିତ୍ରତା ତାହାର ଚରମ ଲକ୍ଷ୍ୟ ଓ ଚିର ସାଧନାର ବିଷୟ । ଏହି ବ୍ରାହ୍ମଧର୍ମକୁ ସମଗ୍ର ମାନବଜାତିର ସର୍ବାଙ୍ଗୀନ ଉନ୍ନତି ଓ କଲ୍ୟାଣର ଶ୍ରେଷ୍ଠ ଉପାୟ ବୋଲି ଜାଣିଅଛି । ସତ୍ୟଂ, ଶିବଂ, ସୁନ୍ଦରଂ, ମଧୁରଂ – ଏହାକୁ ଜୀବନରେ, ପରିବାରରେ, ସମାଜରେ, ରାଷ୍ଟ୍ରରେ ସୁପ୍ରତିଷ୍ଠିତ କରିବାକୁ ହେବ; ଏହାଠାରୁ ବଳି ଆଉ ଉନ୍ନତ ଉଦାର ଆଦର୍ଶ କଣ ହୋଇପାରେ ? ଏଥିରେ କୌଣସି ପ୍ରକାର ସଙ୍କୀର୍ଣ୍ଣତାର ସ୍ଥାନ ଥାଇ ନ ପାରେ । କେଉଁ ଧର୍ମର କେଉଁ ସତ୍ୟ ଭାବଟି ଏହା ଭିତରେ ନାହିଁ ? ଏହାର ବିକାଶର ସୀମା ବା କିଏ ନିର୍ଦ୍ଦେଶ କରିପାରେ ? ବିଶ୍ୱଭାବ, ବିଶ୍ୱମାନବିକତାର ଚରମ ଏହିଠାରେ । ତାହାର ଅନନ୍ୟରୂପ ପ୍ରକାଶ ଏହା ନିକଟରେ ଖଣ୍ଡିତା ମାତ୍ର । ବୌଦ୍ଧଧର୍ମର ବିଶ୍ୱକଲ୍ୟାଣ ଭାବନା ମୋର ପ୍ରତି ଦିନର ଉପାସନାର ଶେଷ ଅଙ୍ଗ । ସେଥିପାଇଁ—

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍

ଏହି ମନ୍ତ୍ର ଉଚ୍ଚାରଣ କରିଥାଏଁ ।

ଆଦର୍ଶଟା ବଡ ଉଚ୍ଚ—ବଡ଼ କଠିନ । ଆଦର୍ଶଠାରୁ ଜୀବନଟା ଯେ କେତେ ତଳେ ରହିଅଛି, ତାହା ବେଶ୍ ଅନୁଭବ କରିପାରୁ ଅଛି । ଜାଣିବାର, ବୁଝିବାର, ପାଇବାର କେତେ ଥିଲି ଓ କେତେ ଅଛି—ଲଭ ହୋଇ ଅଛି କି ସାମାନ୍ୟ । କରିବାର ଯାହା ଥିଲା,ସେଥିରୁ କିଛି ଯେ ହୋଇପାରି ନାହିଁ । ପ୍ରତିକୂଳ ଅବସ୍ଥା ସଙ୍ଗରେ ସଂଗ୍ରାମ କରୁ କରୁ ଜୀବନଟା ଯେ ଶେଷ ହୋଇ ଆସିଲା । ଆଜି ଏ ବୟସରେ ଜୀବନର ବହୁ ବ୍ୟର୍ଥତା ଚକ୍ଷୁ ସମ୍ମୁଖରେ ପ୍ରତିଭାତ ହୋଇ ଅନେକ ସମୟରେ ପ୍ରାଣକୁ ବ୍ୟାକୁଳ କରି ପକାଏ ।

ଆଉ ବେଶି କ'ଣ ଲେଖିବି—ଏହିଠାରେ ଶେଷ କରେ । ଲେଖିବାର କଥା ତ ଅନେକ ଅଛି—କିନ୍ତୁ ସେ ସୁଯୋଗ ଜୀବନରେ କ'ଣ ମିଳିବ ?

# ଅମର ଚରିତ



ଗୋପାଲଚନ୍ଦ୍ର ପ୍ରହରାଜ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

# ଭାଷାକୋଷ ପ୍ରଣେତା

## ଗୋପାଲଚନ୍ଦ୍ର

ଲେଖକ

ପଣ୍ଡିତ ନରସିଂହ ମହାପାତ୍ର

ପୁରୀ

ପ୍ରଥମ ମୁଦ୍ରଣ

ପ୍ରକାଶକ

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

ମୂଲ୍ୟ ଛ' ଅଣା

## ଭାଷାକୋଷ ପ୍ରଣେତା

# ପ୍ରହରାଜ

୧୯୧୯ ମସିହା । ସେତେବେଳେ ସ୍ୱାଧୀନ ସମ୍ବିଧାନରେ ଭାରତର ଚଉଦଟି ଆଞ୍ଚଳିକ ଭାଷା ମଧ୍ୟରେ ଓଡ଼ିଆ ଭାଷା ସ୍ଥାନ ପାଇବାର କଳ୍ପନା କାହାରି ମନକୁ ଛୁଇଁ ନ ଥିଲା । ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବର୍ଷକ ପରେ ୧୯୨୦ ରେ ଆରମ୍ଭ ହେଲା । ଏଇ ସମୟରେ "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ"ର ଜନ୍ମ । ଏହାର ଜନ୍ମଦାତା କଟକର ଆଇନଜୀବୀ ଗୋପାଳଚନ୍ଦ୍ର ପ୍ରହରାଜ । ଆଇନଜୀବୀ ଭାଷାବିତ୍ ବୋଲି ପରିଚିତ ହେଲେ ।

୧୮୭୨ ମସିହାରେ କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ଗ୍ରାମରେ ମଧ୍ୟବିତ୍ତ ବ୍ରାହ୍ମଣ ପରିବାର ମଧ୍ୟରେ ଗୋପାଳଚନ୍ଦ୍ରଙ୍କ ଜନ୍ମ । ଏହାଙ୍କ ପିତା ପ୍ରାତଃସ୍ମରଣୀୟ ସ୍ୱର୍ଗୀୟ ନରସିଂହ ପ୍ରହରାଜ ଜଣେ ସ୍ୱଧର୍ମନିଷ୍ଠ ବ୍ୟକ୍ତି ବୋଲି ଖ୍ୟାତି ଅର୍ଜିଥିଲେ । ସବୁ ସାଧାରଣ ଧର୍ମଅନୁଷ୍ଠାନ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ତେଣୁ ପିତାଙ୍କ ଧର୍ମନିଷ୍ଠା ଗୋପାଳଚନ୍ଦ୍ରଙ୍କ ଜୀବନରେ ପ୍ରଭାବ ପକାଇବା ଅତି ସ୍ୱାଭାବିକ ।

[ ୨ ]

## ଶିକ୍ଷା

ସ୍କୁଲରେ ପଢ଼ିବାବେଳେ ଶ୍ରେଣୀଭିତରେ ଗୋପାଳ ଥିଲେ, ଜଣେ ସାଧାରଣ ଛାତ୍ର । ଓଡ଼ିଆରେ ବନାନଭୁଲ୍ କରି ଲେଖିବା ବହୁଦିନ ପର୍ଯ୍ୟନ୍ତ ତାଙ୍କର ଅଭ୍ୟାସ ଥିଲା । ସେ ନିଜେ ଲେଖିଛନ୍ତି— “ମୁଁ ଜଣେ ଇଂରାଜୀ ଉଚ୍ଚ ଶିକ୍ଷାପ୍ରାପ୍ତ ଯୁବକ ଥିଲି । ତଥାପି ମୋ ଲେଖାରେ ଇ, ଈ, ଉ, ଊ, ର, ରୁ, ଶ, ଷ, ସ, ଆଦି ବିଷୟରେ ଶତ ଶତ ବର୍ଣ୍ଣାଶୁଦ୍ଧି ଓ ବ୍ୟାକରଣ ଦୋଷଯୁକ୍ତ ପଦ ଓ ବାକ୍ୟ ପ୍ରୟୋଗମାନ ରହୁଥିଲା ।”

ଗୋପାଳଚନ୍ଦ୍ର ଏଣ୍ଟ୍ରାନ୍ସ ପାସକଲେ ୧୮୯୧ ମସିହାରେ । ଦୁଇଥର ପରୀକ୍ଷା ଦେବା ପରେ ସେ ଆଇ. ଏ. ପାସକରି ଥିଲେ । କିନ୍ତୁ କଲେଜିୟେଟ୍ ସ୍କୁଲର “ବନର୍ଜୀ ଲାଇବ୍ରେରୀ”ରୁ ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କାର ପାଉଥିଲେ । “ବନର୍ଜୀ ଲାଇବ୍ରେରୀ”ର ପ୍ରତିଷ୍ଠାତା ଥିଲେ, ପ୍ରହରାଜଙ୍କ ସହପାଠୀ ସ୍ୱର୍ଗୀୟ ଶଶିଭୂଷଣରାୟ । ଆଇ. ଏ. ପାସକରି ଶିବପୁର ଇଞ୍ଜିନିଅରିଙ୍ଗ କଲେଜରେ ବର୍ଷେ ମାତ୍ର ପଢ଼ିଥିଲେ । ଅସୁସ୍ଥ ହେବାରୁ ପୁଣି କଟକ ରେଭେନ୍ସା କଲେଜରେ ବି. ଏ. ପଢ଼ିଲେ । ବି. ଏ. ପାସ୍‌କଲେ ୧୮୯୮ ମସିହାରେ । ପରେ ବି. ଏଲ. ପାସ୍‌କରି ଆରମ୍ଭ କଲେ ଓକିଲାତି ।

କଟକ ‘ନର୍ମାଲ୍‌ସ୍କୁଲ ଗଳି’କୁ ଏବେ ‘ଭାଷାକୋଷ ଗଳି’ କୁହାଯାଉଛି । ସେଇ ଗଳିରେ ତାଙ୍କର ବାସଭବନ । ଓକାଲତି ବ୍ୟବସାୟରେ ଲକ୍ଷାଧିକ ଟଙ୍କା ସେ ରୋଜଗାର କରିଥିଲେ । ଏ ବ୍ୟବସାୟରେ ପ୍ରହରାଜଙ୍କ ଗୁରୁଥିଲେ, କୁଳବୃଦ୍ଧ ମଧୁସୂଦନ । ଆଇନଜୀବୀ ହିସାବରେ ପ୍ରହରାଜେ ସୁନାମ ଅର୍ଜିଥିଲେ; ପୁରୀରେ ସରକାରୀ ଓକିଲ ମଧ୍ୟ ହୋଇଥିଲେ ।

## ସାହିତ୍ୟ ସେବା

କଲେଜରେ ପଢ଼ିବାବେଳୁ 'ଉତ୍କଳ ସାହିତ୍ୟ' ମାସିକରେ ବ୍ରହ୍ମଚାରୀଙ୍କ ସାହିତ୍ୟସେବାର ପୃଷ୍ଠଭୂମି ଥିଲା । ଏବେ କଟକରେ ପ୍ରେସ ସଂଖ୍ୟା କେତେ କହିବାକୁ ଗଲେ, ହିସାବ କରିବା ଗ୍ରାଫମାନ ଦରକାର । ସେ ସମୟରେ କଟକରେ ଦୁଇଟି ପ୍ରେସ୍ ଛଡ଼ା ତୃତୀୟର ଆବଶ୍ୟକତା—ଜରୁର ହୋଇ ପଡ଼ିଥିଲା । ସ୍ୱର୍ଗତ ସାହିତ୍ୟିକ ବିଶ୍ୱନାଥ ଦୁଇ ତିନି ବର୍ଷ ମାସିକ 'ଉତ୍କଳ ସାହିତ୍ୟ' ଅନ୍ୟ ପ୍ରେସରେ ଛାପାଇବା ଛଡ଼ା ଅନ୍ୟ କିଛି ସୁବିଧା କରି ପାରି ନ ଥିଲେ । ୧୯୦୦ ଖ୍ରୀଃ ଅଃ ଜାନୁଆରୀ ୧୦ରେ ମୂଳ ପଡ଼ିଲା, 'ଉତ୍କଳ ସାହିତ୍ୟ ପ୍ରେସ'ର

ମସିହା ୧୮୯୭ । ସିଦ୍ଧେଶ୍ୱରପୁର "ହରିଭକ୍ତି ପ୍ରଦାୟିନୀ, ଶିକ୍ଷା ବିବର୍ଦ୍ଧିନୀ" ସଭାର ତୃତୀୟ ବାର୍ଷିକ ଅଧିବେଶନରେ ସଭାପତି ହୋଇଥିଲେ ସାହିତ୍ୟିକ ସ୍ୱର୍ଗତ ବିଶ୍ୱନାଥ । ବକ୍ତୃତାର ବିଷୟ ବସ୍ତୁ ଥିଲା, 'ଜୀବନ ସମସ୍ୟା' ।

ବିଶ୍ୱନାଥବାବୁଙ୍କ ବକ୍ତୃତାଟିକୁ ଆମୂଳଚୂଳ ଟିପିରଖୁଥିଲେ, ଗୋପାଳଚନ୍ଦ୍ର । ସାହିତ୍ୟ-ପତ୍ରିକାରେ ତାହା ପ୍ରକାଶ କରିବାପାଇଁ ନିଜେ ବିଶ୍ୱନାଥବାବୁଙ୍କୁ ଦେଲେ । ଲେଖାର ଶୈଳୀ, ବିଷୟ-ବସ୍ତୁର ପୂର୍ଣ୍ଣ ସାମଞ୍ଜସ୍ୟ ଦେଖି ବିଶ୍ୱନାଥ ବାବୁ ବିସ୍ମିତ ହେଲେ । ତେଣୁ ମାସିକ 'ଉତ୍କଳ-ସାହିତ୍ୟ'ରେ ଲେଖାଲେଖି କରିବାପାଇଁ ସେ ପ୍ରଥମେ ଉତ୍ସାହ ପାଇଥିଲେ, ସାହିତ୍ୟିକ ବିଶ୍ୱନାଥଙ୍କଠାରୁ । ବ୍ରହ୍ମଚାରୀଙ୍କ ପ୍ରବନ୍ଧ ଗୁଡ଼ିକ ସଂଶୋଧନ, ଆବଶ୍ୟକ ପରିବର୍ତ୍ତନ କରୁଥିଲେ, ବିଶ୍ୱନାଥ ବାବୁ । 'ଉତ୍କଳ-ସାହିତ୍ୟ'ରେ ପ୍ରଥମେ ବାହାରିଲା, ବ୍ରହ୍ମଚାରୀଙ୍କ 'ଉତ୍କଳ କାହାଣୀ' ଗଳ୍ପ । ଏହି କାହାଣୀ

ଗୁଡ଼ିକ ଧାରାବାହିକରୂପେ ପ୍ରକାଶ ପାଇବାରୁ ଓଡ଼ିଶା ସାହିତ୍ୟିକ ମଣ୍ଡଳରେ ଗୋଟିଏ କନ୍ଦଳ ଉଠିଲା, ଘରୋଇ ଭାଷାର ପ୍ରଚଳନ ଯୋଗୁଁ । ସେକାଳର ସାହିତ୍ୟରଥୀମାନେ ଘରୋଇ ଭାଷାକୁ ଘର ଭିତରେ ଘେର ପକାଇ ରଖିବାକୁ ପସନ୍ଦ କରୁଥିଲେ; ସାହିତ୍ୟିକ ଦୃଷ୍ଟିଭଙ୍ଗୀ ଗତି କରୁଥିଲା, ଅନ୍ୟଆଡ଼କୁ । କଥାଟିକୁ ବିଶ୍ଳେଷଣ କରି କହିଲେ, ସାହିତ୍ୟିକ ଭାଷା ଥିଲା 'ଘଟଅନ୍ତରାଳରେ ଘୃତ ଅବସ୍ଥିତ' । ଏ ଯୁଗର ରୀତିକୁ ନମସ୍ୟ ଫକୀରମୋହନ, 'ଛ ମାଣ ଆଠଗୁଣ୍ଠ'ରେ ନନ୍ଦକିଶୋର 'ପଲ୍ଲୀଚିତ୍ରରେ' ଓ ଗୋପାଳଚନ୍ଦ୍ର 'ଉତ୍କଳ କାହା-ଣୀରେ' ବଦଳାଇଲେ । ଏମାନେ ନୂଆଯୁଗର ସୂଚନା ଦେଲେ, "ଘଡ଼ିରେ ଘିଅ ଅଛି ।" ଘରୋଇ ଭାଷା ସାହିତ୍ୟରେ ବ୍ୟବହାର କରିବାରେ ପ୍ରହରାଜଙ୍କ ଗୁରୁ ଥିଲେ, ବ୍ୟାସକବି ଫକୀରମୋହନ ।

'ଉତ୍କଳ କାହାଣୀ', 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା' ର ଭାଷାକୁ ପ୍ରଥମେ ସ୍ୱାଗତ କରିଥିଲେ, କବିବର ରାଧାନାଥ । ରାଧାନାଥ ନିଜେ ପ୍ରହରାଜଙ୍କୁ କହିଥିଲେ, "ଗୋପାଳ, ଓଡ଼ିଆ ଭାଷାରେ ଆବାଳବୃଦ୍ଧବନିତା ବୁଝିବା ଭଳି ଭାବ ପ୍ରକାଶ କରିବା, କେଡ଼େ କଷ୍ଟକର, ତାହା ମୁଁ ଗତ ତିରିଶ ବର୍ଷ ଚେଷ୍ଟା ଓ ଅନୁଭବରୁ ବୁଝି ପାରିଅଛି । ତୁମେ ଏଥିରେ କୃତକାର୍ଯ୍ୟ ହେବାର ଦେଖି, ମୁଁ ପରମ ପରିତୋଷ ଲଭୁଛି । ମୁଁ ଅବଶ୍ୟ ସେତେଦିନ ଯାକେ ବଞ୍ଚି ନ ଥିବି ; କିନ୍ତୁ ମନେ ରଖିଥାଅ, ଦିନେ ଓଡ଼ିଆ ସାହିତ୍ୟକ୍ଷେତ୍ରରେ ତୁମେ ଗୋଟିଏ ବିଶିଷ୍ଟ ସ୍ଥାନ ଲାଭକରି ଯଶସ୍ୱୀ ହେବ ।"

ପ୍ରହରାଜଙ୍କ ପ୍ରକାଶଭଙ୍ଗିକୁ ନା-ପସନ୍ଦ କରୁଥିଲେ; ସାର୍ ସୁବଳଦେବ, ଗୌରୀଶଙ୍କର, ରାଜା ବୈକୁଣ୍ଠନାଥ । ବିଶ୍ୱନାଥ ବାବୁଙ୍କ ଇଙ୍ଗିତରେ କେତେକ ଓଡ଼ିଆ ଯୁବକ ଗୋଟିଏ

ସାହିତ୍ୟକ କ୍ଲବ ପ୍ରତିଷ୍ଠା କଲେ, ଏହାର ନାମ ହେଲା, 'ସାନ୍ଧ୍ୟ ସମିତି' । ଏଇ ସମିତିର ଅଗ୍ରଣୀ ଥିଲେ, ନନ୍ଦକିଶୋର ବଳ, କାମପାଳ ମିଶ୍ର, ଅଭିରାମ ଭଞ୍ଜ ଓ ଗୋପାଳଚନ୍ଦ୍ର ।

ସୁସ୍ଥ ସହାନୁଭୂତି ପୂର୍ଣ୍ଣ ବାୟୁମଣ୍ଡଳ ଭିତରେ ମାସିକ ପତ୍ରିକାରେ ବାହାରିଲା, 'ଦୁନିଆର ହାଲଚାଲ', 'ଆମ ଘରର ହାଲଚାଲ', 'ନନାଙ୍କ ବସ୍ତାନି', 'ବାଇନାମାଙ୍କ ବୁଜୁଳି', 'ମିଆଁ ସାହେବଙ୍କ ରୋଜନାମଚା', 'ଜେଜେବାପାଙ୍କ ଝୁଣିମୁଣି', 'ଦୁନିଆର ଘାଟ' ଇତ୍ୟାଦି ଧାରାବାହିକ ପ୍ରବନ୍ଧମାନ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଥମ ବ୍ୟଙ୍ଗ, ହାସ୍ୟରସର ସ୍ରଷ୍ଟା ସେନାପତି ଫକୀରମୋହନ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ବ୍ୟଙ୍ଗ, ହାସ୍ୟରସର ସୃଷ୍ଟି ପୂରାପୂରି ନିଆରା । ଅଧିକ ଲୋକପ୍ରିୟ ଓ ଉପଭୋଗ୍ୟ କରିବାରେ ଗଦ୍ୟଭାଷାକୁ ଯେ ରୀତିରେ ପ୍ରହରାଜେ ବାଢ଼ିଛନ୍ତି, ତାହା ବୁଝାଇ କହିବା ଅନାବଶ୍ୟକ । ବ୍ୟଙ୍ଗ ରସର ସୃଷ୍ଟି ପାଇଁ ଅବଶ୍ୟ ଅଶ୍ଳୀଳତାର ଆଶ୍ରୟକୁ ସେ ଏକବାରେ ଏଡ଼ିପାରି ନାହାନ୍ତି । ସେଥିପାଇଁ କେହି କେହି ତାଙ୍କୁ ସମାଲୋଚନା କଷଟିରେ କଷିବାକୁ ଛାଡ଼ି ନାହାନ୍ତି । କିନ୍ତୁ ତାଙ୍କ ଶବ୍ଦସମ୍ପଦ ସ୍ରୋତରେ ସେଇ ଅଶ୍ଳୀଳତା କୁଆଡ଼େ ଭାସିଯାଇ ମିଳେଇ ଯାଇଛି । ଶ୍ଳୀଳତା ଓ ଅଶ୍ଳୀଳତା ମଝିରେ ଠାଣୁଆ ସୀମାରେଖା ଟାଣିବା ଏତେ ସହଜ ନୁହେଁ । ମନେରଖିବାକୁ ହେବ, ମତ ଭିନ୍ନ ନ ହେଲେ, ମୁନି ହେବା ଅସମ୍ଭବ ।

ଦେଶକୁ ସୁସ୍ଥ, ସୁନ୍ଦର କରିବାକୁ ହେଲେ ଦେଶରୁ ଦୁର୍ନୀତି, କଦାଚାରର ମୂଳୋତ୍ପାଟନ ସର୍ବଥା କରଣୀୟ । ଏଇଥିପାଇଁ ପ୍ରହରାଜେ ବ୍ୟଙ୍ଗରେ ଯେପରି ପ୍ରଚଣ୍ଡ ଆଘାତ କରିଛନ୍ତି, ତାହା

ବେଶ ଉପଭୋଗ୍ୟ । ପରାଧୀନ ଭାରତରେ ଓଡ଼ିଶାର ଗୋଟିଏ ଗଡ଼ଜାତ ରାଜ୍ୟରେ ଧନ ଓ କ୍ଷମତାର ଯେଉଁ ଅପବ୍ୟବହାର କରା ଯାଉଥିଲା, ତାର ପ୍ରତିବାଦ, ପ୍ରତିକାର ଓ ବହିଷ୍କାର ପାଇଁ ଗୋପାଳଚନ୍ଦ୍ର 'ଧୂର୍ମ ଖଧର୍ମା' ନାମ ଧରି ମାସିକ 'ନବଭାରତ'ରେ 'ସ୍ୱପ୍ନରେ ରାଜଯୋଗ' ଶୀର୍ଷକ ଧାରାବାହିକ ବ୍ୟଙ୍ଗୀକରଣ ପ୍ରବନ୍ଧରେ ଯେପରି ନିର୍ମମ ପ୍ରହାର କରିଛନ୍ତି, ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତାହା' ସର୍ବଥା ଶ୍ଳାଘ୍ୟ । ଏ ଜଘନ୍ୟ ଅତ୍ୟାଚାର ଭୋଗିଥିବା ଲୋକେ ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ପାଖରେ ଯାଇ ପ୍ରତିକାର ଲୋଡ଼ିଥିଲେ । କିନ୍ତୁ କେହି ଏଥିରେ ହସ୍ତକ୍ଷେପ କରିବାକୁ ସାହସ କଲେ ନାହିଁ । ମାତ୍ର ପ୍ରହରୀଜେ ଏଥିରେ ବିଚଳିତ ହୋଇ ପଡ଼ିଲେ । ମନେଅଛି, ପଣ୍ଡିତ ନୀଳକଣ୍ଠଙ୍କ ସଂପାଦକତ୍ୱରେ ପ୍ରକାଶିତ ମାସିକ "ନବଭାରତ"ରେ ଛାପିବା ପାଇଁ ଗୋଟିଏ ବଳିଷ୍ଠ ବ୍ୟଙ୍ଗୀକରଣ ପ୍ରବନ୍ଧ ଗୋପାଳଚନ୍ଦ୍ର ପଠାଇଲେ । ପ୍ରବନ୍ଧର ଶିରୋନାମା ଥିଲା, "ସ୍ୱପ୍ନ ଓ ରାଜଭୋଗ"; ଲେଖକ ଦୁର୍ମୁଖଶର୍ମା । ପ୍ରବନ୍ଧର ଗୁରୁତ୍ୱ, ଉପାଦେୟତା ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠ ଏ ଲେଖାର ଶିରୋନାମା ବଦଳାଇ ରଖିଲେ, "ସ୍ୱପ୍ନରେ ରାଜଯୋଗ"—ଲେଖକ "ଧୂର୍ମୁଖଧର୍ମା" ।

ଧାରାବାହିକ ଭାବେ ଦୁଇଟି କି ତିନୋଟି ପ୍ରବନ୍ଧ ପ୍ରକାଶିତ ହେବା ପରେ ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ଖେଳି ଯାଇଥିଲା । ଲୋକେ ମାସିକ 'ନବଭାରତ'ର ପ୍ରକାଶନକୁ ଅତି ଆଗ୍ରହରେ ଚାହିଁ ରହୁଥିଲେ । ଏ ପ୍ରବନ୍ଧର ପ୍ରକାଶନ ବନ୍ଦ କରିବା ପାଇଁ ପଣ୍ଡିତ ନୀଳକଣ୍ଠଙ୍କୁ ବହୁ ପ୍ରଲୋଭନରେ ପକାଇବାରେ କମ୍ ଉଦ୍ୟମ କରାଯାଇ ନ ଥିଲା । କିନ୍ତୁ ନୀଳକଣ୍ଠ ସେଥିରେ ଭୁଲି ନଯାଇ ଅଟଳ ହୋଇ ରହିଲେ । ଏ ଭୀଷଣ ଅତ୍ୟାଚାରର କରୁଣ କାହାଣୀ

ପ୍ରକାଶନରେ ଗଡ଼ଜାତର ନିରୀହ ଜନତା ଜାଗ୍ରତ ହେଲେ । ପ୍ରଜାମଣ୍ଡଳ ଗଠନ ପ୍ରଭୃତି ସଂଘବଦ୍ଧ ଅନୁଷ୍ଠାନମାନ ଗଢ଼ାହୋଇ ମୁଣ୍ଡ ଟେକିଲା । ବାଜିରାଉତର ଆତ୍ମବଳି ତାହାର ଫଳ । ସେହି ଧାରାବାହିକ ପ୍ରବନ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବେଳକୁ ସେଇ ରାଜ୍ୟର ରାଜାଙ୍କ ନିର୍ବାସନ ଦଣ୍ଡ ଉଣା ଅଧିକେ ସମସ୍ତଙ୍କୁ ଜଣା । ଇତିହାସ କହେ, 'ଫରାସୀ ରାଷ୍ଟ୍ର ବିପ୍ଳବ', ଭଳି ଆଜିକାଲିର 'ସମାଜବାଦ, ଜଣେ ଜଣେ ଚିନ୍ତାଶୀଳ ଧୂରନ୍ଧର ଲେଖକଙ୍କ ଲେଖନୀର ମୂନରୁ ବାହାରି ଥାଏ । ସେଇ ଚିନ୍ତାଧାରା ଲୋକଙ୍କୁ ଜାଗ୍ରତ କରାଇବା ପାଇଁ ବୋଧହୁଏ, କମ୍ ସମୟ ଲାଗିନାହିଁ; କିନ୍ତୁ ପ୍ରହରାଜଙ୍କ ଲେଖାର ଫଳାଫଳ ହାତେ ହାତେ ମିଳିଗଲା । ନମୁନା ସ୍ୱରୂପ ସେଇ ପ୍ରବନ୍ଧର କେତେକାଂଶ ଦେଖନ୍ତୁ—

× × × ×

"ଆମ ପାଟ ମହିମା କହି ଆଜ୍ଞାହେଲେ × × × ବେଗର ରାଇଜରୁ ଆମ ରାଇଜକୁ ଆସିବାର ଯେତେଗୁଡ଼ାଏ ବାଟ, ଘାଟ, ରେଲ, ଷ୍ଟିମାର ଓ ଡଙ୍ଗା ଷ୍ଟେସନ୍ ଅଛି, ସବୁଠାରେ ପାଳିକରି ଝମ୍ପୁ ଓ ଝମ୍ପୁଙ୍କ ବାଦୁଆ, ବାରିଆ, ଘୁଷୁରିଆ, କୁକୁରିଆ, ଭାଇ ଜଗନ୍ତୁ ଓ ବେଗର ରାଇଜର କିଏ ଆମ ରାଇଜର ସରହଦକୁ ପଶୁଛି, ତାହା ଜାଣି ସେହିଠାରେ ତାଙ୍କୁ ଦେଖିଲା କାମ କରାଯାଉ । ଯେଉଁଗୁଡ଼ାକ ସାଧାରଣଭାବରେ ଦୁଷ୍ଟ (ଅର୍ଥାତ ଦୁଷ୍ଟ ଅଥବା ଓଲ୍ଟା) ସେମାନଙ୍କୁ ରାଜ୍ୟ ଭିତରକୁ ଆଣି, ସେମାନଙ୍କ ନାମରେ ଗୋଟିଏ ଲେଖାଏଁ ଜନାକାରୀ ମକଦମା ଦାଏର କରି ତାଙ୍କୁ ଦନାକେତେ ଦଣା ପେଲା, କଡ଼ାବାଡ଼ିଆ, ମନୁଷ୍ୟମୟ (ତୁଳନା କର ଗୋମୟ) ଲେପନ ଓ ପଞ୍ଚମାନୁଷ୍ୟ (ତୁଳନା କର

ପଞ୍ଚଗବ୍ୟ ) ସେବନ ଆଦର ଅନୁଭବ ଓ ଆସ୍ୱାଦନ ଦେଇ ବାଗୀକର ଛାଡ଼ ଦଅଯାଉ । ତାହାହେଲେ ଭବିଷ୍ୟତ ପାଇଁ ସେମାନଙ୍କ ବଡ଼ଦାନ୍ତ ଭାଙ୍ଗିଯିବ । ଯେଉଁ ଆଗନ୍ତୁକ ଗୁଡ଼ାକ ଦୁଷ୍ଟ ଅଟେ ବୁର୍ଜ୍ୱା, ସେମାନଙ୍କୁ ଘାଟ ବା ଷ୍ଟେସନ୍‌ରୁ ଆଦର ଅଭ୍ୟର୍ଥନା କର, ନିମନ୍ତ୍ରଣ କର ସ୍ୱଯାନ ଓ ସଯାନ ଉଆସକୁ ଆଣି ଅନ୍ଦର ମହଲରେ ଛାଡ଼, ଆମ ଘରସାଉ ସୁଆଦ ତାଙ୍କ ପାଟିରେ ଲଗାଇ ଦିଅ ଓ ବେଲକାଲ ଉଣ୍ଡି ଜୋଟିମାନ! ଟେଛରଜୁଡ଼ିରୁ ତାଙ୍କ ଝଣ୍ଟାରେ କଚ୍ଛ ଗୁଞ୍ଜିଦିଅ ଓ ତାଙ୍କର ଉଆସରେ ଅବସ୍ଥାନ କାଳରେ ତାଙ୍କୁ ଗୋଟ'କେତେ ପୋଷା ସ୍ତାବକ ତୁମର ଓ ଆମର ଗୁଣ ଗାଥା ଶୁଣାନ୍ତୁ । ଏପରି କଲେ ଦେଖିବ ଯେ ସେମାନେ ଉଆସ ବାହୁଡ଼ା ବେଳକୁ କାହାଣୀରେ ମାଲ୍ୟାଣୀ ନାଳିଫୁଲ ଶୁଂଘେଇ ମଣିଷ ଗାରଡ଼ ବନାଇଲା ଭଳି, ସେଗୁଡ଼ାକ ଗାରଡ଼ ପାଲଟି ଯିବେ ଓ ସେମାନେ ତୁମର ନିମକ କସ୍ୱମଡରୁ ଯାଇ ପରଦେଶରେ ଲୋକସଭାରେ, ଖବର କାଗଜରେ ଓ ରାଜଦ୍ୱାରରେ ଭୁକ୍ତ ତୁମର ଗୁଣଗାନ କରି ବୁଲିବେ । ଏହି ଦୁଇ ଉପାୟରେ ଅଧିକାଂଶ ଖଳ ବା ବିଦେଶିଆଙ୍କ ମୁହଁ ବାନ୍ଧ ହୋଇଯିବ । ଈଶ୍ୱର ନ କରନ୍ତୁ— ଯଦି ସ୍ୟାଉ କେହି ଏ ଦୁଇ ପ୍ରୟୋଗରୁ ବଳାଇ ଯାଏ, × × × × ତେବେ ସନ୍ନିଥାନ୍ତ ମଲୁଥାଇଁ ଅକାଟ୍ୟ ହରତାଳ ଭସ୍ମର ପ୍ରୟୋଗ ଭଳି ଉଆସର ଜୀବଜଗତରେ ସେ ଶିକାର ଉଦ୍ୟମ କରୁଥିବା ଅଭିଯୋଗରେ ତାଙ୍କ ନାମରେ ଆମରି ଅଦାଲତରେ ମକଦ୍ଦମା ଦାଏର କରାଯିବ ।

× × × ×

"ମୁଁ କହୁ ଆଜ୍ଞା ହେଲ—

(୦) ଆମ ରାଜବଂଶରେ, ମାନ୍ଧାତାଙ୍କ ଅମଳରୁ ଯେଉଁ ଅନ୍ତର, ଭ୍ରାତାନ୍ତର, ପ୍ରତ୍ୟନ୍ତର, ଜାତ୍ୟନ୍ତର, ଯାକାନ୍ତର, ବାସାନ୍ତର, ରସାନ୍ତର ଆଦି ଅନ୍ତର ଦୁଅ ପ୍ରଥା ଅଛି ଓ ଯହିଁ ଫଳରେ ଅନ୍ତରାନ୍ତ ଓ ବରାଦର ଓ ସାଆନ୍ତ ପଦବୀଧାରୀ ଗୁଡ଼ାଏ ପୁରୁଷ ଓ ଧୁରୁଷ ନାମଧାରୀ ସ୍ତ୍ରୀ ନଅରରେ ଜନ୍ମ ହୋଇ ଭାବୀ ରାଜବଂଶଧରମାନଙ୍କର ଓ ରାଜ୍ୟର ଗଳଗ୍ରହ ହେଉଅଛନ୍ତି, ସେ ଉପଦ୍ରବକୁ ସମୂଳେ ଓପାଡ଼ି ପକାଇବାକୁ ହେବ । ଏଥିପାଇଁ ଆମର ଫୁଲବେହ୍ନା ଆଦି ଆମ ପ୍ରସାଦରୁ ବା ଆମ ଅନୁଚର, ସହଚର, ପାର୍ଶ୍ୱଚର, ସ୍ଥଳଚର, ଜଳଚର, ବନଚର ଆଦିଙ୍କ କମରଜୋରରୁ ଗର୍ଭଧର ହେଲେ, ତାକୁ ଦୁଇ ପ୍ରକାର ଖତମ୍ କରାଯିବ । ପ୍ରଥମ ଉପାୟ ହେଉଛି—ଉକ୍ତ ବେହ୍ନାଙ୍କ × × ଦର୍ଶନୀୟ ହେବାମାତ୍ରେ ତାଙ୍କୁ ଆମର କୌଣସି ବରାଦର ବା ଅନ୍ତର, ପ୍ରତ୍ୟନ୍ତର ସାଆନ୍ତ, କର୍ମଗୁଳ୍ମ ବା ଦେହରକ୍ଷୀଙ୍କ ସଙ୍ଗେ ପ୍ରାଜାପତ୍ୟ ବନ୍ଧନରେ ଛନ୍ଦି ଦେବାକୁ ହେବ ଓ ଏ ସବସ୍ରାଧେନୁ-ଗ୍ରାହୀ ବ୍ୟକ୍ତି ଆମ ଫୁଲବେହ୍ନାଙ୍କୁ ନିଜର ଆଇନସଙ୍ଗତ ଓ ଶାସ୍ତ୍ରସିଦ୍ଧ ଅର୍ଦ୍ଧାଙ୍ଗିନୀରୂପେ ଗ୍ରହଣ କରିବେ ଏବଂ ଫଳତଃ ଉକ୍ତ ଗର୍ଭୋତ୍ପନ୍ନ କ୍ଷେତ୍ରଜ ସନ୍ତାନ ଉପରୋକ୍ତ ଉପଯନ୍ତାଙ୍କ ସନ୍ତାନରୂପେ ମାର୍କା ଧାରଣ କରିବେ । × × × ଯେବେ ପ୍ରସ୍ତାବିତ ଅଗୁସ୍ୱାମୀ ବୁଢିଆ ହୋଇଥିବେ, ତେବେ ରାଜଅନୁଗ୍ରହ ଲାଭ କରିବା ପାଇଁ ସେ ଏ ପ୍ରସ୍ତାବକୁ ଖପ୍‌କିନି ମାଡ ବସିବେ । × × ×"

ଅତ୍ୟାଗ୍ରହୀ ରାଜାଙ୍କଠାରୁ ସମସ୍ତ କ୍ଷମତା କାଢ଼ି ନିଆଯାଇ ସେ ନିର୍ବାସନ ଦଣ୍ଡରେ ଦଣ୍ଡିତ ହେଉଥିବେଳେ ପ୍ରହରାଜେ ଲେଖିଲେ—

“ସପନରେ ରାଜଧାନୀ ଯୋଗ ।” ସେଇ ପ୍ରବନ୍ଧରୁ ବ୍ୟଙ୍ଗରସ ସୃଷ୍ଟିର ଅଳ୍ପ ଗୋଟିଏ ନମୁନା ପଢ଼ନ୍ତୁ—

“ସେଇଠଉଁ କଅଣ ହେଲା କି :

କୋଉଠଉଁ କଅଣ ହେଲା ?

ଶ୍ରଦ୍ଧାସ୍ପଦ ସଂପାଦକ ମହାଶୟ ଓ ପରମ ସ୍ନେହାସ୍ପଦ ନବ-ଭାରତର ଦଅ, ଅଦଅ, ସୁଧାର ବନ୍ଦଣାପାଠକ, ଉପପାଠକ, ପ୍ରପାଠକ, ଅନୁପାଠକ, ସୁପାଠକ, ଦୁଷ୍ପାଠକଗଣ ଓ ଆପଣଙ୍କ ସ୍ତ୍ରୀଲିଙ୍ଗ, ବିପରୀତ ଲିଙ୍ଗ ଓ ନପୁଂସକ ଲିଙ୍ଗ ବାଚକ ଅବତାରମାନେ ! ଶୁଣିବାକୁ ସାବଧାନ ହଣିମା !

ସପନରେ ସାତ ସମୁଦ୍ର ଲଙ୍କା ପାରକୁ ଯାଇ ସେଠାରେ ଯୁଗେକାଳ ଶୋଇ ପଡ଼ିଲି । **Ripvan Winkle** ( ରିପ୍‌ଭାନ୍ ଉଇଙ୍କିଲ୍ ) ପରି ଉଠି ଦେଖିଲି ଦେଶକୁ ଓଡ଼ିଶା ମାତାଙ୍କ ଭେକ, ଓଡ଼ିଶା ମାନଚିତ୍ରର ଆକାର, ଓଡ଼ିଆ ଝିଅଙ୍କ ରୂପ ସବୁ ଲେଉଟି କୁଳି ଭଳିଆ ବଦଳି ଗଲାଣି । × × × ଗାଢ଼ନିଦ୍ରାରେ ସ୍ୱପ୍ନ ନଦାରଦ୍ । ଖାଲି ନିଦ୍ରା କଥାଁ, ଯେତେ କଣା, ଯେତେ ବସ୍ତ୍ର, ସେତେ କସରତ ଗାଢ଼ ବା ଗାଢ଼ା, ସେଥିରେ ବାସ୍ତବ ବା ସ୍ୱପ୍ନଦୋଷ ନାସ୍ତି । × × ×
କିନ୍ତୁ ନିଦଟା ଫରଚୁ ହୋଇ ଭାଙ୍ଗିଗଲାରୁ ଜାଣିଲି ଯେ ମୋ ମଗଜ ଥଣ୍ଡା ହେବା ପାଇଁ ମୁଁ ବିଲକୁଲ ବଦଳି ହୋଇ ଆସିଛି । ମୋ ସଇଜରେ ସିନା ହାତ ଗୋଡ଼, ପେଟ ପିଠି, ନାକକାଣ, ଚଲମ ଚଲମ ଚଳାଇବାକୁ ମୋତେ ସୁବିଧା ଥିଲା, ପର ମୁଲକରେ ତା ସବୁ କରି ହେବ ନାହିଁ । × × × ହା ମୋ ସଇଜ ହା ମୋ ନିଶ ଓଗଡ଼ା, ହା ମୋ ଜଣେ ଚଢ଼ା, ଜଣେ ଓହ୍ଲା

ଜଣେ ତଡ଼ା, ଜଣେ ବାଡ଼ା, ଜଣେ କୋରଡ଼ା ଘେନି ଗୋଡ଼ା !
ମୋ ଅକଣ୍ଟକ ରାଜାମଙ୍ଗଳ !”

ସ୍ୱହସ୍ତଜ ‘ଉତ୍କଳ ସାହିତ୍ୟ ସମାଜ’ର ବାର୍ଷିକ ଅଧିବେଶନ ୧୯୨୯ରେ ସଭାପତି ହୋଇ, ଯେଉଁ ଲିଖିତ ଭାଷଣ ଦେଇଥିଲେ, ସେଥିରେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧରେ ତାଙ୍କର ମତ ସୁସ୍ପଷ୍ଟ । ସେଇ ଅଭିଭାଷଣର କେତେକାଂଶ ପଢ଼ନ୍ତୁ ।

“× × × ହଣ୍ଟର୍, ଗ୍ରୀଅରସନ୍, ମନମୋହନ, ଷ୍ଟାଲିଙ୍ଗ୍, ରାଜେନ୍ଦ୍ରଚନ୍ଦ୍ର ଆଦି ଆମର ପ୍ରତ୍ନତତ୍ତ୍ୱ ସଂଗ୍ରହରେ ବ୍ୟସ୍ତ; କିନ୍ତୁ ଆମର ସେ ଦିଗକୁ ଯଥୋଚିତ ଦୃଷ୍ଟି ନାହିଁ । ଓଡ଼ିଶାର ପ୍ରାଚୀନ ଗ୍ରନ୍ଥମାନଙ୍କର ଯେଉଁ ତାଲିକା ହଣ୍ଟର ସାହେବ ଓ କଲିକତାର ଏସିଆଟିକ୍ ସୋସାଇଟି ସଂଗ୍ରହ କରିଯାଇ ଅଛନ୍ତି, ସେଥିରୁ ଅଧିକାଂଶ ପୁସ୍ତକ ଆମେ ସଂଗ୍ରହ କରିପାରି ନ ଥାଉଁ । ଓଡ଼ିଶାର ଶତ ଶତ ପ୍ରାଚୀନ ଗ୍ରନ୍ଥମାନ ସଂଗୃହୀତ ହୋଇ ସୁଦୂର ଇଉରୋପ, ଇଂଲଣ୍ଡ, ଜର୍ମାନୀ ଆଦି ଦେଶର ସାଧାରଣ ପୁସ୍ତକାଗାରରେ ସାଇତା ହେଲା, କିନ୍ତୁ ସେ ଖବର ରଖିବାକୁ ଆମକୁ ସମୟ ନାହିଁ । ବଙ୍ଗ, ହିନ୍ଦୀ, ତେଲୁଗୁ, ତାମିଲ, ମରହଟ୍ଟୀ, ଗୁଜରାଟୀ ଆଦି ଭାଷାର ପଣ୍ଡିତମାନେ ଭାଷାବିଜ୍ଞାନ, ପାଶ୍ଚାତ୍ୟ ଓ ପ୍ରାଚ୍ୟ ବିଜ୍ଞାନର ଭିନ୍ନ ଭିନ୍ନ ଶାଖାମାନ ଆଲୋଚନା କରି ସହସ୍ର ସହସ୍ର ପାରିଭାଷିକ ଶବ୍ଦମାନଙ୍କ ଦ୍ୱାରା ନିଜ ନିଜ ଭାଷାକୁ ପୁଷ୍ଟ ଓ ମାର୍ଜିତ କରିବାରେ ଲାଗିଅଛନ୍ତି । କିନ୍ତୁ ଆମର ଶବ୍ଦ-ପଦାର୍ଥ ଜ୍ଞାନ ନାହିଁ । ଏହି ସବୁ ଅଭାବ ତେଣିକି ଥାଉ ଓଡ଼ିଆ ଭାଷାର ଶୁଦ୍ଧ ବ୍ୟାକରଣ ଅବଧି ହୋଇପାରି ନାହିଁ । ସଂସ୍କୃତ ବ୍ୟାକରଣ ପଢ଼ି ଆମେ ଓଡ଼ିଆ ବ୍ୟାକରଣରେ ପାଣ୍ଡିତ୍ୟ ଲାଭ କରୁଥାଉଁ । ଯୋଗଶାସ୍ତ୍ର ଓ ଯୋଗ ସାଧନକୁ ଆମର ସାଧାରଣଙ୍କ ବୋଧଗମ୍ୟ

କରାଇ ହିନ୍ଦୁଧର୍ମ ଓ ହିନ୍ଦୁଦର୍ଶନ ସଙ୍ଗେ ବୌଦ୍ଧଧର୍ମ ଓ ଦର୍ଶନର ସମନ୍ୱୟରେ ଯୋଗ ସାଧନ ମାର୍ଗକୁ ସାଧାରଣଙ୍କର ସୁଗମ କରିବ ବିଷୟରେ ଓଡ଼ିଆ ସାଧକମାନେ (ଯଥା—ଅଚ୍ୟୁତାନନ୍ଦ, ବଳରାମ ଯଶୋବନ୍ତ, ଦ୍ୱାରକାଦାସ ) ଯେତେଦୂର କୃତକାର୍ଯ୍ୟ ହୋଇ ଅଛନ୍ତି, ମୋର ବିଶ୍ୱାସ ଯେ ଭାରତର ଅନ୍ୟ କୌଣସି ଆଧୁନିକ ଜାତି ତାହା ପାରି ନାହିଁ । × × × ଭାଗବତ ପରି ଆଧ୍ୟାତ୍ମିକ ରହସ୍ୟପୂର୍ଣ୍ଣ ଗ୍ରନ୍ଥକୁ ସର୍ବଜନବୋଧ କରାଇବାରେ ଜଗନ୍ନାଥ ଯେଉଁ ଭାଷାର ସାହାଯ୍ୟ ନେଇ ଅଛନ୍ତି, ତାହା ଭାବିଲେ ଓ ସଂସ୍କୃତ ଭାଗବତକୁ ଦାସଙ୍କ ଭାଗବତ ସଙ୍ଗେ ମୁକାବିଲା କରି ଦେଖିଲେ ସ୍ତମ୍ଭୀଭୂତ ହେବାକୁ ହୁଏ ।

× × ×

ଏବେ ଉତ୍କଳ-ସାହିତ୍ୟାକାଶରେ ଗୋଟିଏ ନୂଆ ବଉଦ ଉଠାଇ ଅଛି । ସେ ବଉଦ ଖଣ୍ଡମାନ ଉଇଁ ସାହିତ୍ୟିକ ଭାଷା ଓ ଭାବକୁ କେଉଁଆଡ଼କୁ ଉଡ଼ାଇ ନେଉଅଛି, ତାହା ସାଧାରଣ ପାଠକ ଓ ଶିକ୍ଷିତ ସାଧାରଣ ଠଉରାଇବା ଦୁଷ୍କର ହୋଇ ପଡ଼ୁଅଛି । ବଙ୍ଗୀୟ କବିବର ରବୀନ୍ଦ୍ରଙ୍କ ଭାଷାର ପରିପାଟୀ ଓ ସୌନ୍ଦର୍ଯ୍ୟକୁ ଅନୁଶୀଳନ ଓ ସାଧନ ନ କରି ଓ ବୁଝି ନ ପାରି × × ଶବ୍ଦଯୋଜନାକୁ ଉପରି ପକାଇ × × ତାକୁ ଅନୁକରଣ କରି ଓଡ଼ିଆ ସାହିତ୍ୟରେ ନୂତନତ୍ୱ ଆଣିବାର ପ୍ରୟାସ ଆଧୁନିକ ଲେଖକମାନେ କରୁଥିବାର ବୋଧ ହେଉଅଛି । × × ଏବକୁ ସାହିତ୍ୟ ତୋଟାରେ ବିଶ୍ୱବନ୍ଦ୍ୟ କବି ରବୀନ୍ଦ୍ରଙ୍କ ଦାଣ୍ଡୁଅ ତଳା ବହୁତ ପଡ଼ିଲାଣି । ସମ୍ଭବତଃ ଦିନ କେତୋଟାରେ ସେ ତଳା ସବୁ ଓଡ଼ିଶାର ଗମ୍ଭୀର, ଜୋର, ଜଳଆଦରେ ଲୁଆ ହୋଇଯିବ ଓ

ସମ୍ଭବତଃ ଆମ ପୁଅ ନାତି ଅମଳକୁ ଓଡ଼ିଶା ତମାମ ରବୀନ୍ଦ୍ର—ନାଥଙ୍କ ପରି କବି ଡାଲ୍ଲି ସାଲ୍ଲି ହେବେ ।”

× × ×

## ଭାଷାକୋଷ ପ୍ରଣୟନ

ଚାରୁକଳାରେ ଓଡ଼ିଆ ଜାତିର ମହତ୍ତ୍ୱ ଫୁଟାଇଛି କୋଣାର୍କ, ଭୁବନେଶ୍ୱର । ଓଡ଼ିଆଭାଷା ରାଜ୍ୟରେ ଭାଷାଶିଳ୍ପ ଫୁଟିଛି ‘ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ।’ ବିଶ୍ୱଦରବାରରେ ‘ବିଶ୍ୱକୋଷ’ ଭଳି ଏହି ‘ଭାଷାକୋଷ’ ଆଦର, ସମ୍ମାନ ପାଇଛି ।

ଦିନକୁ ଅଠରଘଣ୍ଟା ଅକାତରେ ଖଟି, କୋଡ଼ିଏ ବର୍ଷରେ ପ୍ରହରାଜେ ଏ ବିଶାଳ ଗ୍ରନ୍ଥର ଗୁନ୍ଥିବା କାମ ଶେଷକଲେ । ଇତିହାସରେ ଏପରି ଅକ୍ଳାନ୍ତ କର୍ମୀ କେତେ ଜଣ ଅଛନ୍ତି ? ମତିମାନ୍ ଡୋକ୍, ହବାକ୍ ସାହେବ୍, ଏହାର ମୁଦ୍ରଣବ୍ୟୟର ପଥ ସୁଗମ କରି ଦେଇଥିଲେ । ବାରମ୍ବାର ଶୁଣ୍ଠି ପିଣ୍ଡା ହୋଇ ଯେତେବେଳେ ଅଥର ଅନାଟନ ପଡ଼ିଲା, ସେହି ସମୟରେ ପ୍ରହରାଜେ ନିଜବାସଭବନକୁ ବନ୍ଧାଦେଇ ଭାଷାକୋଷ କାମ ଚଳାଇଥିଲେ । ଏ ଗ୍ରନ୍ଥ ମୁଦ୍ରିତ ହେବା ପୂର୍ବରୁ ମହାତ୍ମାଗାନ୍ଧି, ପଣ୍ଡିତ ଗୋପବନ୍ଧୁ, ଚିଫ୍‌ଜଷ୍ଟିସ୍ ସର୍ କୁଟିନ୍‌ଟେଲର ପ୍ରଭୃତି ଗ୍ରନ୍ଥର ଉପାଦେୟତା ସମ୍ବନ୍ଧରେ ଉପଯୁକ୍ତ ସୂଚନାମାନ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ପ୍ରାୟ ତିନି ଚାରିମାସ ପର୍ଯ୍ୟନ୍ତ ‘କ’ ଅକ୍ଷର ପାଣ୍ଡୁଲିପିର କେତେ ଅଂଶ ସଂଶୋଧନ କରି, ଭାଷାକୋଷର ଦିଗ୍‌ଦର୍ଶନ ସମ୍ବନ୍ଧରେ ପ୍ରହରାଜଙ୍କୁ କେତେକ ସୂଚନା ମଧ୍ୟ

ଦେଇଥିଲେ । ତାଙ୍କ ମୂଲ୍ୟବାନ ସାହାଯ୍ୟରୁ ପ୍ରହରାଜେ ବଞ୍ଚିତ ହେଲେ, 'ମହାଭାରତୀୟ ରାଜନୈତିକ ଆନ୍ଦୋଳନ' ଯୋଗୁ । ହବାକ୍ ସାହେବଙ୍କ ସୁପାରିସରେ 'ଭାଷାକୋଷ'ର ସାଫିକାମ ପାଇଁ ୫୦୦୦, ମୁଦ୍ରଣ ପାଇଁ ୧୦୨୦୦ ଟଙ୍କା ପ୍ରାଥମିକ ସାହାଯ୍ୟ ରୂପେ ସରକାରଙ୍କଠାରୁ ମିଳିଥିଲା ।

ଓଡ଼ିଆ-ସାହିତ୍ୟର ଉନ୍ନତି ପାଇଁ ମୟୂରଭଞ୍ଜ ରାଜବଂଶ ଚିର ପ୍ରସିଦ୍ଧ । ମୟୂରଭଞ୍ଜ ରାଜାସାହେବ ସର୍ ପ୍ରତାପଚନ୍ଦ୍ର ଭଞ୍ଜଦେବଙ୍କଠାରୁ ଭାଷାକୋଷ ମୁଦ୍ରଣ ପାଇଁ ଦୁଇଟି କିସ୍ତିରେ ତେର ହଜାର ଟଙ୍କା ପ୍ରହରାଜଙ୍କୁ ମିଳିଥିଲା । ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ସ୍ମୃତିରକ୍ଷା ପାଇଁ ଗୋପାଳଚନ୍ଦ୍ରଙ୍କ ସଙ୍କଳିତ ଭାଷାକୋଷର ନାମ ହେଲା, 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' । ପାଟଣା ବିଶ୍ୱବିଦ୍ୟାଳୟ ପ୍ରଭୃତି କେତେକ ଶିକ୍ଷାନୁଷ୍ଠାନ, କେତେକ ରାଜାଜମିଦାର, ମହନ୍ତ ଅଂଶାନୁରୂପ ସାହାଯ୍ୟ କରିଥିଲେ । ୧୯୩୧ ମସିହା ରୁ ୧୯୪୦ ମଧ୍ୟରେ ସମଗ୍ର ଭାଷାକୋଷ ସାତଖଣ୍ଡରେ ପ୍ରକାଶ ପାଇଲା । ଛାପାଖରଚ ଦୁଇଲକ୍ଷ ଟଙ୍କା, ମୁଦ୍ରିତ ଶବ୍ଦ ସଂଖ୍ୟା ୧,୮୪୦୦୦ । ଗୋଟିଏ ଶବ୍ଦ ପାଇଁ କେତେ ଖରଚ ପଡ଼ିଲା, ହିସାବ କରନ୍ତୁ । ଶେଷଖଣ୍ଡ ଭାରତର ତତ୍କାଳୀନ ବଡ଼ଲାଟ ଲର୍ଡ଼ ଲିନ୍‌ଲିଥଗୋଙ୍କର ପୃଷ୍ଠପୋଷକତାରେ ପ୍ରକାଶ ପାଇଲା ।

ଏହି ଗ୍ରନ୍ଥ ଯୋଗୁ ୧୯୩୩ ମସିହା, କୈସର-ଇ-ହିନ୍ଦ ପଦକ, ୧୯୩୭ ମସିହା, 'ରାୟ ବାହାଦୁର' ଉପାଧି ସଂଗ୍ରାହକଙ୍କୁ ମିଳିଥିଲା । ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାହିତ୍ୟ ବିଶାରଦ' ପରେ 'ସାହିତ୍ୟ ଭୂଷଣ' ପଦବୀ ପ୍ରହରାଜେ ପାଇଥିଲେ । ୧୯୩୭ ମସିହା, କଟକ ମୁନ୍‌ସିପାଲିଟି 'ନର୍ମାଲ ସ୍କୁଲ ଲେନ୍'କୁ 'ଭାଷାକୋଷ ଲେନ୍' ନାମରେ ପରିଚିତ କରାଗଲା ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ନିଜ ସେକ୍ରେଟାରୀଙ୍କ ଦ୍ୱାରା ଭାଷାକୋଷ ସଂଗ୍ରାହକଙ୍କ ପାଖକୁ ନିମ୍ନଲିଖିତ ମର୍ମରେ ଇଂରେଜୀ ପତ୍ର ଲେଖିଥିଲେ ।

ଉତ୍ତରାୟଣ
ତା ୨୦ । ୭ । ୩୮

"ବିଶ୍ୱଭାରତୀର ଗବେଷଣା ବିଭାଗର କର୍ମରେ ବିଶ୍ୱକୋଷାତ୍ମକ ଅଭିଧାନ—"ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ" ଅତୀବ ଉପକାରୀ ଅଭିଜ୍ଞାନ ଗ୍ରନ୍ଥ ବୋଲି ଅନୁଭୂତ ହୋଇଅଛି । ଏଥିର ସଂଗ୍ରାହକ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ଓ ତାଙ୍କ ସହକର୍ମିଗଣ, ସେମାନଙ୍କର ଏହି ଉତ୍କୃଷ୍ଟ କର୍ମପାଇଁ ଅସ୍ମମାନଙ୍କର ଆନ୍ତରିକ ଧନ୍ୟବାଦର ପାତ୍ର ଅଟନ୍ତି ।"

(ସ୍ୱାକ୍ଷର) ରବୀନ୍ଦ୍ରନାଥ ଠାକୁର ।

ଭାରତ ବ୍ୟତୀତ ସୁଦୂର ନରୱେ, ଫ୍ରାନ୍ସ, ଇଂଲଣ୍ଡ, ରୁସିଆ, ଜର୍ମାନୀ ପ୍ରଭୃତି ସଭ୍ୟ ଦେଶରେ ଭାଷାକୋଷର ଗ୍ରାହକ ଥିଲେ । ମୁଦ୍ରିତ ହେଲାପରେ 'ଭାଷାକୋଷ' ପାଣ୍ଡୁଲିପିଗୁଡ଼ିକ (୧୧୦ଟି ମୋଟା ବନ୍ଧାଇ ଖାତା) ରେଭେନ୍ସା କଲେଜ ମିଉଜିୟମ୍‌କୁ ପଠାଯାଇଥିଲା ।

ଏ ଗ୍ରନ୍ଥର ଶେଷଖଣ୍ଡ (୭ମ ଖଣ୍ଡ) ମୁଖବନ୍ଧରେ 'ଭାଷାକୋଷ'ର ଦୋଷତ୍ରୁଟିକୁ ଲକ୍ଷ୍ୟ କରି ସଂଗ୍ରାହକ ବିନମ୍ର ଭାବରେ ଲେଖିଛନ୍ତି— "ଏ ଗ୍ରନ୍ଥର ଅପୂର୍ଣ୍ଣତା ଓ ଏଥିରେ ପରିଲକ୍ଷିତ ତ୍ରୁଟି, ଭ୍ରମ ଓ ପ୍ରମାଦାଦି ମୁଁ ଏ ଗ୍ରନ୍ଥର ପ୍ରତିଖଣ୍ଡରେ ସ୍ୱୀକାର କରି ଆସିଛି । ମୋ ଭଳି ଶକ୍ତିହୀନ, ବଳହୀନ, ଜଣେ ବ୍ୟକ୍ତିର ଚେଷ୍ଟାରେ ସଙ୍କଳିତ ଏ ବିରାଟ ଗ୍ରନ୍ଥରେ ବହୁ ଭ୍ରମ,

ପ୍ରମାଦ ତ୍ରୁଟି ରହିଅଛି । ମୁଁ କେତେଗୁଡ଼ିଏ ସହକର୍ମୀଙ୍କ ସାହାଯ୍ୟ ଲାଭ କରିଅଛି । ଏ ଗ୍ରନ୍ଥରେ ପରିଲକ୍ଷିତ ଉତ୍କର୍ଷ ଲାଗି ସେମାନେ ଧନ୍ୟବାଦାର୍ହ । କିନ୍ତୁ ଏଥିରେ ପରିଲକ୍ଷିତ ତ୍ରୁଟିମାନଙ୍କ ପାଇଁ ମୁଁ ଏକା ଦାୟୀ । ଈଶ୍ୱର କରନ୍ତୁ—ମୋ ଅପେକ୍ଷା ଶକ୍ତିଶାଳୀ, ଜ୍ଞାନୀ, ବଳଶାଳୀ, ବଳୀୟାନ୍ ଉତ୍କଳମାତାଙ୍କ କର୍ମୀ ସନ୍ତାନମାନଙ୍କ ଚେଷ୍ଟାରେ ଏ ଗ୍ରନ୍ଥର ପରିଶିଷ୍ଟ ଖଣ୍ଡ ପ୍ରକାଶିତ ହେଉ ।

× × × × ମୋଦ୍ୱାରା ସଂଗୃହୀତ ବହୁ ସହସ୍ର ଶବ୍ଦ ଓ ପରେ ନାନା ଅଞ୍ଚଳରୁ ସଂଗୃହୀତ ଶବ୍ଦମାନ, ଯାହା ଏ ଗ୍ରନ୍ଥରେ ସ୍ଥାନ ପାଇନାହିଁ, ସେଗୁଡ଼ିକ ଓ ମୋ ସହକର୍ମୀଗଣଙ୍କ ଦ୍ୱାରା ଇତି ମଧ୍ୟରେ ବହୁପରିଶ୍ରମରେ ସଂଗୃହୀତ ଶତାଧିକ ଜୀବିତ ଓ ସ୍ୱର୍ଗତ ବିଶିଷ୍ଟ ଉତ୍କଳୀୟମାନଙ୍କ ଜୀବନ ଚରିତମାନ ପରିଶିଷ୍ଟ ଖଣ୍ଡରେ ପ୍ରକାଶିତ ହେବ ଓ ତହିଁରେ ଭାଷାକୋଷରେ ପରିଲକ୍ଷିତ ଭ୍ରମମାନଙ୍କ ସଂଶୋଧନ ତାଲିକା ମଧ୍ୟ ସନ୍ନିବେଶିତ କରିବି ।'

ଏ ଗ୍ରନ୍ଥର ବାରଶହ ସେଟ୍ ମଧ୍ୟରୁ ବିକ୍ରି ହୋଇ ଯାହା ବାକିଥିଲା, ସେଗୁଡ଼ିକ ( ଅବନ୍ଧା ) ଅଳ୍ପ ମୂଲ୍ୟରେ ବିକ୍ରି କରିବାପାଇଁ ସରକାରଙ୍କ ସଙ୍ଗେ ପ୍ରହରାଜେ କଥାବାର୍ତ୍ତା ଚଳାଇଥିଲେ । କିନ୍ତୁ କାଳ ସହିଲା ନାହିଁ । ପ୍ରହରାଜଙ୍କ ମୃତ୍ୟୁ ପରେ ସେଗୁଡ଼ିକ ଭାଷାକୋଷ ଆଶ୍ରମରୁ ଅଦୃଶ୍ୟ ହେଲା । ଅନୁସନ୍ଧାନରୁ ଜଣାଗଲା, ସେଥିମଧ୍ୟରୁ କେତେକ ସେଟ୍ ପନିପରିବା ଦରରେ ବିକ୍ରି କରାଯାଇଛି; ବାକିତକ ସେର ଦରରେ ବିକ୍ରି ହୋଇ କଟକର ମୋଦି, ବଣିଆତ ଦୋକାନରେ 'ଠୁଙ୍ଗା ଅବତାର' ଧରି କଟକର ଘରେ ଘରେ ବିରାଜିଲେ ।

ପୂର୍ବେ କୁହାଯାଇଛି, 'ଭାଷାକୋଷ'ର ଛପା ଖରଚ ଚଳାଇବା ପାଇଁ ସଂଗ୍ରାହକଙ୍କୁ ବାରମ୍ବାର ବୁଲିବାକୁ ପଡ଼ୁଥିଲା । ଏଥିପାଇଁ ବହୁ କଷ୍ଟ, ବହୁ ଲାଞ୍ଛନା ସେ ଭୋଗିଥିଲେ ଏବଂ ବାଧ୍ୟ ହୋଇ 'ସତ୍ୟ ସମାଚାର ଓ ପ୍ରଜାତନ୍ତ୍ର' ସଂବାଦ ପତ୍ରର ସଂପାଦକତ୍ୱ ଗ୍ରହଣ କରିଥିଲେ । 'ସତ୍ୟ ସମାଚାର' ସରକାରଙ୍କ ପୃଷ୍ଠପୋଷକତାରେ କଂଗ୍ରେସ ଆନ୍ଦୋଳନକୁ ଦବାଇବା ପାଇଁ ଆତ୍ମପ୍ରକାଶ କରିଥିଲା । 'ପ୍ରଜାତନ୍ତ୍ର' ଭୋଟ ପାଇବାପାଇଁ କନିକା ରାଜା ସାହେବଙ୍କ ମୁଖପତ୍ର ବୋଲି କହିବା ଅଧିକ ସମୀଚୀନ । ପ୍ରହରାଜଙ୍କ ଦୁଃଖ କଷ୍ଟ କେହି ବୁଝିଲେ ନାହିଁ । ସେ ସରକାରୀ ସାହାଯ୍ୟ ନେଉଥିବାରୁ, କେତେକ ଉଚ୍ଛୃଙ୍ଖଳ ଅର୍ବାଚୀନ ଯୁବକ, 'ଭାଷାକୋଷ'ର ପାଣ୍ଡୁଲିପିଗୁଡ଼ିକୁ ପୋଡ଼ିଜାଳି ଦେବେ ବୋଲି ପ୍ରହରାଜଙ୍କ ପାଖକୁ ଡାକରେ ପତ୍ର ଦେଲେ । ଲଫାଫା ଭିତରେ ସେଇ ଚିଠାଉ ସଙ୍ଗେ ଯେଉଁ ବୀଭତ୍ସ ଜିନିଷ ଉପହାର ଦିଆଯାଇଥିଲା, ଲେଖକ ନିଜେ ସହକର୍ମୀ ଥିବାରୁ ସେଇ ଚିଠାଉ ଓ ଅପୂର୍ବ ବୀଭତ୍ସ ପଦାର୍ଥ ନିଜ ଆଖିରେ ଦେଖିଛି, ଛୁଡ଼ନ୍ତୁ ସେ କଥା ।

---

## ସୌଜନ୍ୟ

ସରଳ ମଧୁର ବ୍ୟବହାରରେ ବଡ଼ଠାରୁ ସାନ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରହରାଜେ ଆପଣାର କରିପାରୁଥିଲେ । ଦୁଷ୍ଟ ଶତ୍ରୁକୁ ମଧ୍ୟ 'ବାବାରେ' 'ଧନରେ' ବୋଲି ଡାକୁଥିଲେ । ଶତ୍ରୁ ମଧ୍ୟ ତାଙ୍କଠାରୁ ଉପକାର ପାଉ ନ ଥିଲେ ନୁହେଁ, ସରଳ ବିଶ୍ୱାସୀ ଥିବାରୁ କେତେକ ପ୍ରତାରକ ସୁଯୋଗ ଉଣ୍ଡି ଠକାକାଟିବା ଦୃଷ୍ଟାନ୍ତ ତାଙ୍କ ଜୀବନରେ ଊଣା ନୁହେଁ । ନ ବୁଝି ନ ସୁଝି ଚାହା ଅଚାହା

ଯେ କୌଣସି ଲୋକକୁ ବିଶ୍ୱାସ କରିବା, ତାଙ୍କ ଚରିତ୍ରରେ ଗୁଣ ବା ଦୋଷରୂପେ ରହିଥିଲା ।

ଭୃତ୍ୟ ବା ଆଶ୍ରିତ ଲୋକଙ୍କ ପ୍ରତି ତାଙ୍କର ସଦୟ ବ୍ୟବହାର କଥା ଭାବିଲେ ବିସ୍ମିତ ହେବାକୁ ହୁଏ । ମାସର ପହିଲା ଦିନ ସକାଳ ଠିକ୍ ୭ଟାରେ ଭୃତ୍ୟ ଓ ସହକର୍ମୀମାନଙ୍କୁ ବେତନ ଦେବାରେ ଧୂଳି ମଳି ନ ଥାଏ । ବେତନ ସଙ୍ଗରେ ବକ୍‌ସିସ୍ ବରାବର ଦିଆଯାଏ । ଗୃହର ଚାକର କିଛି ଦୋଷ ବା ଅପରାଧ କଲେ ଦଣ୍ଡ ବା ଭର୍ତ୍ସନା ତେଣିକି ଥାଉ, ତାର ସୁବିଧା ଅସୁବିଧା ବୁଝି ପୁରସ୍କାରର ବ୍ୟବସ୍ଥା କରିବା ପ୍ରହରାଜଙ୍କଠାରେ ସମ୍ଭବ ଥିଲା ଗରିବଗୁରୁବାଙ୍କ ମାଆ ବାପ ବୋଲି ସଭା ସମିତିରେ ଯେଉଁମାନେ ଲମ୍ବା ଚଉଡ଼ା ବକ୍ତୃତା ଝାଡ଼ନ୍ତି, ତାଙ୍କ ବେଭାର ଯେଉଁମାନେ ଅନୁଭବ କରିଥିବେ ବା କରୁଛନ୍ତି, ସେମାନେ କହିବେ । ବାସ୍ତବିକ କହିବାଠୁଁ କରିବା କାଠିକର ପାଠ । ତାଙ୍କ ସଂସ୍ପର୍ଶରେ ଆସିଥିବେ ଯେଉଁମାନେ, ସେମାନେ ବୁଝିଥିବେ, ପ୍ରହରାଜଙ୍କ ଜନ୍ମକୋଷ୍ଠୀର ମାନବିକତା ଆଉ ସରଳତା । ଗାଡ଼ିବାଲାଙ୍କୁ ନିର୍ଦ୍ଦିଷ୍ଟ ଗାଡ଼ି ଭଡ଼ାର ଦୁଇଗୁଣ ଦେବାକୁ ପ୍ରହରାଜେ କେବେ ପାସୋରି ନ ଥିଲେ ।

ମହାତ୍ମା ଗାନ୍ଧିଙ୍କ ପାଖେ ନିଜେ ଅଫିମ ଖାଇବା କଥା ଦ୍ୱିଧାଶୂନ୍ୟ ହୃଦୟରେ ଆପଣାର ଦୁର୍ବଳତା ପ୍ରକାଶ କରିବା ସହଜ କଥା ନୁହେ । ମନୁଷ୍ୟ ମାତ୍ରକେ ଦୋଷ ଦୁର୍ବଳତା ଅଛି । ପ୍ରହରାଜଙ୍କର ମଧ୍ୟ ଥିଲା । ନିଜର ଦୋଷଦୁର୍ବଳତାକୁ ଘୋଡ଼ାଇବା ପାଇଁ ସେ କେବେ ଅପଚେଷ୍ଟା କରି ନାହାନ୍ତି ।

ଯୋତା ସିଲାଇରୁ ଆରମ୍ଭ କରି ଚଣ୍ଡୀପାଠ ପର୍ଯ୍ୟନ୍ତ ସବୁକାମରେ ପ୍ରହରାଜେ ଧୁରନ୍ଧର । ଗାଁରେ ଥିଲାବେଳେ ବଢ଼େଇଙ୍କର

ଘାଇପଡ଼ିଶାଙ୍କ ଦୁଆର ମୁହଁ ଓଳାଇବା, ଗାଁ ଦାଣ୍ଡ ପରିଷ୍କାର କରିବା, ତାଙ୍କର ନିତ୍ୟକର୍ମ ମଧ୍ୟରୁ ଗୋଟିଏ । କୁକୁର, ବିଲେଇ ବିଷ୍ଠା ନିଜ ହାତରେ ଉଠାଇବା, ନିଜର ଓ ଅନ୍ୟର ମଳ ଉଠାଇ ନେବା, ବାସନ ମାଜିବା, ସେବାସେଇ କରିବା, ଘର ଝାଡ଼ୁ ପରିଷ୍କାର କରିବା ପ୍ରଭୃତି କାମରେ ସେ ସିଦ୍ଧହସ୍ତ । ଏଣେ ବ୍ରାହ୍ମଣର କର୍ମ କର୍ମଣୀରେ ଶିର ଅଭ୍ୟସ୍ତ । ଶୂଦ୍ରର ନୌକର ଥିଲେ ସୁଦ୍ଧା କାହାରି ଉପରେ ନିର୍ଭର କରିବା, ତାଙ୍କ ଜାତକରେ ନ ଥିଲା । ଗୋଟିଏ କଥାରେ କହିଲେ, ଗୋପାଳଚନ୍ଦ୍ର, ନିଜେ ଗୋଟିଏ ପ୍ରାଣବନ୍ତ ଅନୁଷ୍ଠାନ ଥିଲେ । ଏ କାଠର ଲୋକ ଆଧୁନିକ ଓଡ଼ିଶାରେ କେତେ ଜଣ ଅଛନ୍ତି, କିଏ କହିବ ?

---

## ହତ୍ୟା

"ବିଧିରବିଧାନ ବିଚିତ୍ର" । ଗୋପାଳବାବୁଙ୍କ ଭଳି ଜଣେ ଉଚ୍ଚକୋଟୀର ବ୍ୟକ୍ତିଙ୍କ କପାଳରେ ପାରିବାରିକ ସୁଖଶାନ୍ତି ଲେଖା ନ ଥିଲା, ଭାବିଲେ ଅଦ୍ଭୁତ ହେବାକୁ ପଡ଼େ । ସବୁ ଦୁଃଖ, ଲାଞ୍ଛନାକୁ ପଛରେ ପକାଇ, ପଥର ପରି ସହି ସେ କର୍ତ୍ତବ୍ୟ କର୍ମରୁ ଖସି ନ ଥିଲେ । କିନ୍ତୁ ଅଶାନ୍ତିର ମାତ୍ରା ଶେଷ ସୀମାକୁ ଛୁଇଁବାରୁ ପରିବାରରୁ ସକଳ ସମ୍ପର୍କ ତୁଟାଇ ସେ କଟକରେ ଏକାକୀ ରହିଲେ । ନିଜର ସେବା ଶୁଶ୍ରୂଷା ପାଇଁ ଶ୍ୟାଳିକା ସୀତାମ୍ବିକାଙ୍କୁ ପାଖରେ ରଖିଲେ । ଏପରି କେତେ ବର୍ଷ ବିତିଗଲା ପରେ ଗୋପାଳଙ୍କ ଧର୍ମପତ୍ନୀ କମିଂଶକାନ୍ତ ଗୋଟିଏ ମକଦ୍ଦମା ଗୋପାଳଙ୍କ ବିରୋଧରେ ଆରମ୍ଭ କରିଦେଲେ । ମକଦ୍ଦମା ବିଚାରାଧୀନ ଅବସ୍ଥାରେ ଥିଲାବେଳେ, ତାଙ୍କ ପତ୍ନୀଙ୍କୁ କେହି ହତ୍ୟା କଲେ ।

ହତ୍ୟା ସଂପର୍କରେ ପ୍ରହରାଜେ ସମ୍ପୃକ୍ତ ଥିବାର ସନ୍ଦେହ କରାଯାଇ, ତାଙ୍କୁ ଗିରଫ୍ କରିବା ପାଇଁ ଉଦ୍ୟମ ଚାଲିଲା । 'ଭାଷାକୋଷ' ଯୋଗୁଁ ପ୍ରହରାଜଙ୍କର ସରକାରୀ ଉପର ମହଲରେ ସୁଖ୍ୟାତି, ସୁନାମ ଥିଲା । ତେଣୁ ଗିରଫ୍ କରିବା ଉଦ୍ୟମ ଫସର ଫାଟିଗଲା । ପ୍ରହରାଜେ ନିର୍ଦ୍ଦୋଷ ବୋଲି ସରକାର ବୁଝିଥିଲେ । କିନ୍ତୁ ସେଇ-ଦିନଠୁଁ ଗୋପାଳବାବୁ ନିଜକୁ ସବୁବେଳେ ବିପନ୍ନ ବୋଲି ଭାବୁଥିଲେ । ସେଇଥିପାଇଁ ଯେତେ କାଇଦା କଟକଣା ଭିତରେ ଚାଲିବା କଥା, ତାର ବ୍ୟବସ୍ଥାରେ ତ୍ରୁଟି ନ ଥିଲା ।

'ଭାଷାକୋଷ'ର ଶେଷଖଣ୍ଡ ମୁଦ୍ରିତ ହେବାପରେ ପୂର୍ବ ଓକିଲାତି କାମକୁ ସେ ଫେରି ଆସିଲେ । କଚେରୀକୁ ଘଣ୍ଟେ ଦି ଘଣ୍ଟା ଗଲେ ମଧ୍ୟ ରୋଜଗାର ବେଶ୍ ଚାଲିଲା । ଆଇନଜୀବୀ ହିସାବରେ ସେ ବହୁ ଅର୍ଥ ଉପାର୍ଜନ କରିଥିଲେ ମଧ୍ୟ ସେଥିରୁ କାଣି କଉଡ଼ିଏ ସୁଦ୍ଧା ସଞ୍ଚୟ କରି ପାରି ନ ଥିଲେ । ପରିଣତ ବୟସରେ ବୁଝିଲେ, ଧନସମ୍ପତ୍ତି କେବଳ, "ହାତେ ଆସେ ହାତୁଁ ପଡ଼ିବା ପାଇଁ ସେ ।"

ଅର୍ଥ ଉପାର୍ଜନର ମମତା ତୁଟାଇ ଜୀବନର ଶେଷଭାଗରେ ତୀର୍ଥାଟନ କରି, ନିଜ ଗାଁରେ ପିତୃଦେବଙ୍କ ସ୍ମୃତି ରକ୍ଷା ପାଇଁ "ନୃସିଂହାଶ୍ରମ" ପ୍ରତିଷ୍ଠାର କଳ୍ପନା ସେ କରୁଥିଲେ । କଟକ ବାସଗୃହକୁ ବିକି କରି, ସେଇ ଅର୍ଥରେ ତୀର୍ଥାଟନ, ଆଶ୍ରମ ପ୍ରତିଷ୍ଠା ପ୍ରସ୍ତାବ ଶ୍ୟାଳିକା ପୀତାମ୍ବରୀଙ୍କ ଆଗରେ ରାଖିଲେ । ମନେ-ରଖିବାକୁ ହେବ, ସେଇ ବାସଗୃହଟି ପ୍ରହରାଜେ ପୀତାମ୍ବରୀଙ୍କ ନାଁରେ ବେନାମୀ କରି ଦେଇଥିଲେ । ପୀତାମ୍ବରୀ ଏ ପ୍ରସ୍ତାବରେ ରାଜି ହେଲେ ନାହିଁ । କିନ୍ତୁ ପ୍ରହରାଜେ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ

କରିବାକୁ ଜିଦ୍ ଧରିଲେ । କଟକ କୋଠା ବିକ୍ରି ହେବାପାଇଁ ଗ୍ରାହକ ମଧ୍ୟ ଠିକ୍ ହୋଇଗଲା । ପ୍ରହରାଜଙ୍କ ନିଜ ନାମରେ ଓ ନିଜ ପତ୍ନୀଙ୍କ ନାମରେ ଥିବା କେତେକ ଭୂସମ୍ପତ୍ତି ବିକ୍ରି କରିବା ପାଇଁ ବନ୍ଦୋବସ୍ତ ଚାଲିଲା । ଏହି ବିକ୍ରି ଭୂସଂପତ୍ତିରୁ କେତେ ହଜାର ଟଙ୍କା ପୀତାମ୍ବରଙ୍କୁ ଦେଇ ସାକ୍ଷୀଗୋପାଳ ପାଖ ନୂଆଗାଁରେ ତାଙ୍କୁ ସ୍ଥାୟୀ ଭାବରେ ରଖାଇବାକୁ ବ୍ୟବସ୍ଥା କରୁଥିଲେ ।

ହତ୍ୟାର ପ୍ରାୟ ପନ୍ଦର ଦିନ ପୂର୍ବରୁ ଦେଖାଗଲା, ତାଙ୍କ ଦୈନିକ କାର୍ଯ୍ୟ ନିର୍ଘଣ୍ଟରେ ବ୍ୟତିକ୍ରମ । ସେ ଏକାଦିକ୍ରମେ ୨।୩ ଘଣ୍ଟା ବସିରହି କାମ କରିବାରେ ଅଭ୍ୟସ୍ତ ନ ଥିଲେ । ଲେଖାପଢ଼ା କାମ ଚାଲିଥାଏ, ମଝିରେ ମଝିରେ ଘରର ଏପାଖ ସେପାଖ ଟିକିଏ ବୁଲି ଆସନ୍ତି । ଏବେ ତା' ଆଉ ନାହିଁ, ଆରାମ ଚେୟାରରେ ବସି ଅତୀତ ଡାଇରି ପଢ଼ିବାରେ ଲାଗିଥାନ୍ତି । ଡାଇରିରେ ଥିବା ବିଶିଷ୍ଟ ଘଟଣାମାନ ପାଖରେ ଥିବା ଲୋକଙ୍କୁ ଶୁଣାଇବାକୁ ତାଙ୍କର ଭାରି ଆଗ୍ରହ ଥିବାର ଲକ୍ଷ୍ୟ କରାଯାଇଛି । ଏସବୁ ପରବର୍ତ୍ତୀ ଓ ବିବର୍ତ୍ତୀ ୧୯୪୫, ମେ ମାସ ପ୍ରଥମ ସପ୍ତାହର ଘଟଣା ।

ପୀତାମ୍ବର ଓ ଧର୍ମପୁତ୍ର ଶ୍ରୀମାନ୍ ଜଗବନ୍ଧୁଙ୍କୁ ୧୮ ତାରିଖରେ ନୂଆଗାଁରେ ଛାଡ଼ି ଆସିବା ପାଇଁ ସ୍ଥିର କଲେ ।

ଆଉ ଗୋଟିଏ ଘଟଣା ଏଠାରେ କୁହା ନ ଗଲେ, ପ୍ରହରାଜଙ୍କୁ ହତ୍ୟା କରିବା ପାଇଁ କିପରି ଚକ୍ରାନ୍ତ ଚାଲିଥିଲା, ତା' ବୁଝିହେବ ନାହିଁ । ପାରିବାରିକ ଅଶାନ୍ତି ଯୋଗୁ ପ୍ରହରାଜେ ନିଜକୁ ସର୍ବଦା ବିପନ୍ନ ବୋଲି ମନେ କରିବା କଥା ଆଗରୁ କୁହାଯାଇଛି ।

ରାତିରେ ଶୋଇବା ପୂର୍ବରୁ ସେ ନିତି ଦୁଧ ପିଅନ୍ତି । ଦୁଧରେ ବିଷ ମିଶାଇ କେହି ଦେଇଥିବ ବୋଲି ସେ ବରାବର ଆଶଙ୍କା କରୁଥାଆନ୍ତି । ତେଣୁ ପରୀକ୍ଷା କରି ଦୁଧ ପିଇବାରେ ସବୁବେଳେ ଅଭ୍ୟସ୍ତ । ସେ ଏଇଥିପାଇଁ ଗୋଟିଏ ବିରାଡ଼ି ପୋଷିଥିଲେ । ବିରାଡ଼ିକୁ ଆଗେ ପିଇବାକୁ ଦେଇ ପରେ ନିଜେ ପିଅନ୍ତି । କିନ୍ତୁ ହତ୍ୟାର ଦୁଇ ଚାରିଦିନ ପୂର୍ବରୁ ଦୁଧ ପିଇବା ବେଳେ ବିରାଡ଼ିକୁ ନ ଦେଖି, ସେ ଦୁଧ ପିଇଲେ ନାହିଁ । ଆରଦିନ ବିରାଡ଼ି ଖୋଜା ହୋଇ ଆସିଲା । ଦୁଇ ଦିନ ପରେ ଘରେ ବିରାଡ଼ି ମରି ପଡ଼ିଥିବାର ଦେଖାଗଲା । ବୋଧହୁଏ ବିରାଡ଼ିକୁ ବିଷ ଦିଆଯାଇଥିଲା । ବିରାଡ଼ି ମରିବା ପରେ ପହରାଜେ ପରୀକ୍ଷା ନ କରି ଦୁଧ ପିଇବାକୁ ବାଧ୍ୟ ହେଲେ ।

୧୯୪୫ ମେ ୧୬ । ଗୋପାଳ ବାବୁ ନିଜ ବସାରେ ସକାଳ ୭ଟା ବେଳେ ସ୍ୱର୍ଗତ ଶଶିଭୂଷଣ ରାୟ ଓ ଲେଖକଙ୍କ ସଙ୍ଗେ ନାନା ଆଳାପ, ଆଲୋଚନା କରିବା ପରେ କଚେରୀକୁ ଗଲେ । ଲକ୍ଷ୍ୟ କରିବାର କଥା, ୧୮ ତାରିଖରେ ସାକ୍ଷୀଗୋପାଳ ଯିବା ପାଇଁ ଗୋପାଳ ବାବୁ ଠିକ୍ କରିଥିଲେ ।

ସନ୍ଧ୍ୟାବେଳେ ଜମି ବିକ୍ରି ପାଇଁ କବଲା ଚିଠା କରୁ କରୁ ୯ଟା ବାଜିଗଲା ।

ସନ୍ଧ୍ୟା ସାଢ଼େ ସାତଟାରେ ପ୍ରହରାଜଙ୍କର ପ୍ରତିଦିନ ଶୋଇବାର କଥା । ବିଳମ୍ବ ହୋଇଯିବାରୁ ତରତର ହୋଇ ଦୁଧ ପିଇବାକୁ ଗଲେ । ପିଇଲା ମାତ୍ରକେ ବିଷ ବୋଲି କ୍ଷୀଣ ସ୍ୱରରେ କହି ଢଳି ପଡ଼ିଲେ । ଡାକ୍ତରଖାନାରେ ରାତି ଦଶଟାରେ ସବୁ ଶେଷ । ମନେ ରଖନ୍ତୁ, ପ୍ରହରାଜଙ୍କ ମୃତ୍ୟୁ ଦିବସ ୧୯୪୫, ମେ ୧୬, ବୁଧବାର, ବୈଶାଖ ଶୁକ୍ଳ ପଞ୍ଚମୀ ।

ଶବ ବ୍ୟବଚ୍ଛେଦ ପରେ ପବିତ୍ର ସାହିତ୍ୟିକ ତୀର୍ଥ
'ସତୀଚଉରା'ରେ ଶବ ସଂସ୍କାର ଯଥା ରୀତିରେ ସମ୍ପନ୍ନ ହେଲା ।
ତା ପରେ ଚାଲିଲା ପୋଲିସ ଅନୁସନ୍ଧାନ । ପ୍ରହରାଜଙ୍କ ପୁତ୍ର
ଶ୍ରୀମାନ୍ ଚନ୍ଦ୍ରଶେଖର ଓ ଚାକର ରାଘବଙ୍କୁ ଗିରଫ କରାଗଲା ।
୫।୭ ଦିନ ପରେ ସେମାନେ ଖଲାସ ହେଲେ । ପୀତାମ୍ବର ଓ
ଜଣେ ଅଲଙ୍କାର ଦୋକାନୀଙ୍କୁ ଗିରଫ୍ କରିବା ପାଇଁ ଉଦ୍ୟମ
ଚାଲିଲା । କେଜାଣି କାହିଁକି ଅଲଙ୍କାର ଦୋକାନୀ ଗିରଫ୍ ହେଲେ
ନାହିଁ, ଗିରଫ୍ ହେଲେ ପୀତାମ୍ବର । ମକଦମା ଚାଲିଲା । ପୀତାମ୍ବର
ସନ୍ଦେହରେ ମୁକୁଳିଲେ ।

ଗୋପାଳ ବାବୁଙ୍କୁ ଯେଉଁ ବିଷରେ ହତ୍ୟା କରାଗଲା, ତା'ର
ନାଁ—ପଟାସିୟମ୍ ସାଇନେଡ୍ । ଏ ଅତି ଭୀଷଣ ବିଷ । ଏ ବିଷ
ମିଠା କି ଖଟା ବୋଲି ଜଣାଇବା ପାଇଁ ଦୁଇଟି ପ୍ରାଣୀ ପ୍ରାଣ
ହରାଇଥିଲେ ବୋଲି କୁହାଯାଉଛି । ଏ ଦୁଇଟି ସାହେବ
ସାହେବାଣୀ ( ସ୍ୱାମୀ ଓ ଭାର୍ଯ୍ୟା ) । ଏ ଦୁହେଁ ଦୁଇଟି ଅକ୍ଷରରେ
(Sw) ରେ ସୂଚନା ଦେଇଗଲେ, ଏ ବିଷ ମିଠା । ଜିଭରେ
ଖୋଉ ଖୋଉ ପ୍ରାଣବାୟୁ ଉଡ଼ିଯାଏ । ଏ ବିଷର ଉଗ୍ରତା କେତେକ
ପରିମାଣରେ କମାଇ ଦେଇ ଅଲଙ୍କାର ଦୋକାନୀଙ୍କୁ ଲାଇସେନ୍ସ
ସରକାର ଦେଇଥାନ୍ତି ।

କଟକରେ ଥିବା କୋଠାବାଡ଼ି ଓ ଭାଷାକୋଷ ସ୍ୱତ୍ୱ ନେଇ
ପ୍ରହରାଜଙ୍କ ପୁତ୍ର ଶ୍ରୀ ଚନ୍ଦ୍ରଶେଖର ପ୍ରହରାଜ ଓ ପୀତାମ୍ବରଙ୍କ ମଧ୍ୟରେ
ମକଦ୍ଦମା ଆରମ୍ଭ ହେଲା । ଶେଷରେ ଶ୍ରୀମାନ୍ ଚନ୍ଦ୍ରଶେଖର
ଜିଣିଲେ ।

## ଉପସଂହାର

ସ୍ୱର୍ଗତ ଗୋପାଳଚନ୍ଦ୍ର ଓଡ଼ିଶାର କେତେକ ବିଶିଷ୍ଟ ଅନୁଷ୍ଠାନ
ସହିତ ସଂପୃକ୍ତ ଥିଲେ । ସେ ଓଡ଼ିଶା ବ୍ରହ୍ମବିଦ୍ୟା ସମିତିର ସଭାପତି

ଏବଂ ସାକ୍ଷୀଗୋପାଳ, ଭୁବନେଶ୍ୱର ମନ୍ଦିର କମିଟିରେ ବହୁବର୍ଷ ସଭ୍ୟ ଥିଲେ । ନିଜଗାଁ ମାଇନରସ୍କୁଲର ସମ୍ପାଦକ ଥାଇ ସ୍କୁଲର ଉନ୍ନତିପାଇଁ ମନ ପ୍ରାଣ ଢାଳି ଦେଇଥିଲେ । ତାଙ୍କ ମୃତ୍ୟୁପରେ ଉକ୍ତ ମାଇନରସ୍କୁଲଟି ହାଇସ୍କୁଲରେ ପରିଣତ ହୋଇଛି । ପ୍ରହରାଜଙ୍କ ସ୍ମୃତି ରକ୍ଷାପାଇଁ ସ୍କୁଲର ନାମ ହେଲା—'ଗୋପାଳ ସ୍ମୃତି ବିଦ୍ୟାପୀଠ' । ପ୍ରହରାଜେ ଗାଁ ସ୍କୁଲଟିକୁ ହାଇସ୍କୁଲ କରିବାପାଇଁ ବହୁବର୍ଷ ପୂର୍ବରୁ କଳ୍ପନା କରୁଥିଲେ । ତାଙ୍କ କଳ୍ପନା ମୃତ୍ୟୁପରେ ଫଳବତୀ ହେଲା ।

ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମ ଦେବ ବର୍ମାଙ୍କ ଆନୁକୂଲ୍ୟରେ 'ସତୀଚଉରା'ରେ ଗୋପାଳଚନ୍ଦ୍ରଙ୍କ ସ୍ମୃତିସ୍ତମ୍ଭ ନିର୍ମିତ ହୋଇଅଛି । ଆଠମଲ୍ଲିକ ରାଜାସାହେବଙ୍କ ପୌରୋହିତ୍ୟରେ ଏହାର ଉଦ୍‌ଘାଟନ ଉତ୍ସବ ସମ୍ପନ୍ନ ହୋଇଥିଲା । ଏ ସ୍ମୃତିସ୍ତମ୍ଭ ନିର୍ମାଣ କର୍ମର ପ୍ରଧାନ ଉଦ୍ୟୋକ୍ତା ଥିଲେ । ପ୍ରହରାଜଙ୍କ ଅନ୍ତରଙ୍ଗ ବାଲ୍ୟବନ୍ଧୁ ସ୍ୱର୍ଗୀୟ ଶଶିଭୂଷଣ ରାୟ ।

ପ୍ରହରାଜଙ୍କ ଧାରାବାହିକ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ସଂଗୃହୀତ ହୋଇ ପୁସ୍ତକାକାରରେ ପ୍ରକାଶ କରାଗଲେ, ସେଥିରୁ ଓଡ଼ିଆ ସାହିତ୍ୟର ଇତିହାସ ସଂକଳନ ପାଇଁ ବହୁ ଉପାଦାନ ମିଳନ୍ତା । ବଡ଼ ବଣରେ ବଡ଼ ବାଘଥାଏ । 'ଭାଷାକୋଷ' ଭଳି ବିରାଟ ଗ୍ରନ୍ଥରେ ଭ୍ରମ ପ୍ରମାଦ କେତେ ପରିମାଣରେ ଅଛି, ଉପାଦେୟତା ବା କେତେ, ସେସବୁର ଧାରାବାହିକ ସମାଲୋଚନା ଏପର୍ଯ୍ୟନ୍ତ ହୋଇନାହିଁ । ଯାହା ସମାଲୋଚନା ହୋଇଛି, ସେ ସବୁ ଅସମ୍ପୂର୍ଣ୍ଣ ଓ ବିଶୃଙ୍ଖଳ ।

ମହାମାନବ ଯୀଶୁ, ସକ୍ରେଟିସ୍ ପ୍ରଭୃତିଙ୍କ ହତ୍ୟାରେ ବିଶ୍ୱ ଇତିହାସର କେତେକ ପୃଷ୍ଠା କଳଙ୍କିତ ହୋଇଥିଲା । ପରେ ଓଡ଼ିଶାର ଜଣେ ଭାଷାବିତ୍, ସାହିତ୍ୟିକ ଗୋପାଳଚନ୍ଦ୍ରଙ୍କ ହତ୍ୟାରେ ଓଡ଼ିଶା ଇତିହାସର କେତୋଟି ପୃଷ୍ଠାରେ କଳଙ୍କ ଲାଗିଲା । ଏହାଠୁଁ ବଳି କ୍ଷୋଭର କଥା ଆଉ କଅଣ ଅଛି ?

ପ୍ରହରାଜଙ୍କ ସମସ୍ୟା-ବହୁଳ ଜୀବନର ବିଶଦ ବିବରଣୀ ଦେବାପାଇଁ ଏ ସ୍ଥାନ ନୁହେ, ଅବକାଶ ମଧ୍ୟ ନାହିଁ । 'ଭାଷାକୋଷ' ସଂକଳନ କାର୍ଯ୍ୟ ଚାଲୁଥିଲାବେଳେ କଟକ ଷ୍ଟେସନ ଲେଭଲ କ୍ରସିଂଠାରେ ମାନ୍ଦ୍ରାଜ ମେଲ ସଙ୍ଗେ ଗୋଟିଏ ଯାତ୍ରୀବାହୀ ବସ୍‌ର ସଂଘର୍ଷ ଘଟିଲା । ପ୍ରହରାଜେ ସେଇ 'ବସ'ରେ ଯାଉଥିଲେ । ତାଙ୍କ ପାଖେ ବସିଥିବା ଲୋକଟି ଲାଇନ୍ ଉପରେ ପଡ଼ି କଟିଗଲା । ପ୍ରହରାଜେ ପାଞ୍ଚ ଛଅ ଇଞ୍ଚ ବ୍ୟବଧାନରେ ପଡ଼ି ବେହୋସ୍ ହୋଇଗଲେ । କିନ୍ତୁ ଏ ଦୁର୍ଘଟଣାରୁ ରକ୍ଷା ପାଇଗଲେ । ଜୀବନରେ ବହୁଥର ଏହିଭଳି ଭୀଷଣ ବିପଦର ଯେ ସମ୍ମୁଖୀନ ହୋଇ ଉଦ୍ଧାର ପାଇ ଥିଲେ ଶେଷରେ ନିଷ୍ଠୁର ନିର୍ଦ୍ଦେଶ ତାହାଙ୍କୁ ଠିକ୍ ସେହିଭଳି ଏକ ମର୍ମନ୍ତୁଦ ଘଟଣାର ଆବରଣ ପକାଇ ଟାଣି ନେଇଗଲା ।

"ଫେରଅସ ଜଙ୍ଗଲକୁ ଜଙ୍ଗଲ ଚନ୍ଦ୍ରମା"

ପ୍ରିଣ୍ଟର—ଶ୍ରୀ ଜୟନ୍ତ ପ.ଠିଆ
ଶ୍ରୀ ରାଧାନାଥ କୋ-ଅପରେଟିଭ୍ ପ୍ରେସ, କଟକ—୨ । ୧୯୫୬

ଓଡ଼ିଶାରେ ପ୍ରସିଦ୍ଧ ଶିଶୁ ସାହିତ୍ୟିକମାନଙ୍କ ଦ୍ୱାରା ସଙ୍କଳିତ

# ଅମର ଚରିତମାଳା

## ପ୍ରତ୍ୟେକର ମୂଲ୍ୟ ଛଅ ଅଣା


୧ । ଜୟଦେବ
୨ । ଜଗନ୍ନାଥ ଦାସ
୩ । ସାଧୁସୁନ୍ଦର ଦାସ
୪ । ସାରଳା ଦାସ
୫ । ଉପେନ୍ଦ୍ର ଭଞ୍ଜ
୬ । କବିସୂର୍ଯ୍ୟ
୭ । ରାଧାନାଥ ରାୟ
୮ । ଗଙ୍ଗାଧର ମେହେର
୯ । ନନ୍ଦକିଶୋର ବଳ
୧୦ । ଫକୀରମୋହନ
୧୧ । ଚନ୍ଦ୍ରଶେଖର
୧୨ । ବିଶ୍ୱନାଥ କର
୧୩ । କୁନ୍ତଳା କୁମାରୀ
୧୪ । ଗୋବିନ୍ଦ ରଥ
୧୫ । ଜୟୀ ରାଜଗୁରୁ
୧୬ । ବୃଷ୍ଟି ଖୁଣ୍ଟିଆ
୧୭ । କୃତ୍ତିବାସ ପଟ୍ଟପାଣି
୧୮ । ଉତ୍କଳମଣି ଗୋପବନ୍ଧୁ
୧୯ । କୁଳବୃଦ୍ଧ ମଧୁସୂଦନ
୨୦ । କର୍ମଯୋଗୀ ଗୌରୀଶଙ୍କର
୨୧ । ପଣ୍ଡିତ କୃପାସିନ୍ଧୁ
୨୨ । ନରସିଂହ ଦାସ
୨୩ । ନୀଳମଣି ବିଦ୍ୟାରତ୍ନ
୨୪ । ଖାରବେଳ
୨୫ । ଯଯାତିକେଶରୀ
୨୬ । ଚୋଳଗଙ୍ଗ ଦେବ
୨୭ । ଅନଙ୍ଗଭୀମ ଦେବ
୨୮ । କପିଳେନ୍ଦ୍ର ଦେବ
୨୯ । ପୁରୁଷୋତ୍ତମ ଦେବ
୩୦ । ପ୍ରତାପରୁଦ୍ର ଦେବ
୩୧ । ମୁକୁନ୍ଦଦେବ
୩୨ । ଶ୍ରୀ ରାମଚନ୍ଦ୍ର ଭଞ୍ଜ
୩୩ । ସୁଢ଼ଳ ଦେବ
୩୪ । ଭକ୍ତକବି ମଧୁସୂଦନ
୩୫ । ଗୋପାଳ ପ୍ରହରାଜ
୩୬ । ଶଶୀଭୂଷଣ ରାୟ



ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

# ଅମର ଚରିତ



ଦେଶପ୍ରାଣ ନରସିଂହ ଦାସ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

# ଦେଶପ୍ରାଣ ନରସିଂହ ଦାସ


ଲେଖକ

**ଶ୍ରୀ କାଳିଅ ପାଣିଗ୍ରାହୀ**

ହେଡ଼ ମାଷ୍ଟର, ସେକେଣ୍ଡାରୀ ଟ୍ରେନିଂ ସ୍କୁଲ, ବ୍ରହ୍ମପୁର



ପ୍ରକାଶକ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

ପ୍ରକାଶକ
ନବ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:
ବ୍ରହ୍ମପୁର : କଟକ : ସମ୍ବଲପୁର

ନୂତନ ସଂସ୍କରଣ

୧୯୫୫

ମୂଲ୍ୟ
ଛଅ ଅଣା

ମୁଦ୍ରାକର
ଶ୍ରୀ ମଦନମୋହନ ଦାସ
ମୁକୁର ପ୍ରେସ,
କଟକ-୨

# ଦେଶପ୍ରାଣ ନରସିଂହ ଦାସ

## ବାଲ୍ୟଜୀବନ

ତୁଳସୀ ଦୁଇ ପତ୍ରରୁ ବାସେ । ସେହିପରି ନରସିଂହ ଦାସଙ୍କ ବାଲ୍ୟଜୀବନ ତାଙ୍କ ଭବିଷ୍ୟତ୍ କାର୍ଯ୍ୟକଳାପର ଅଗ୍ରଦୂତ ପରିଚୟ ଦେଇଥିଲା । କାନକୁଟୁରୁ ନାମକ ଘୁମୁସରର ଗୋଟିଏ ପଲ୍ଲୀ-ଗ୍ରାମରେ ନରସିଂହ ୧୮୬୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ଥିଲା ତୁମ୍ବନାଥ ଦାସ । ସେସମୟରେ କେବଳ ଗଞ୍ଜାମ ଜିଲ୍ଲା କାହିଁକି ସମଗ୍ର ଓଡ଼ିଶା ପ୍ରଦେଶ ଆଧୁନିକ ଶିକ୍ଷା ଦିଗରେ ପଛରେ ପଡ଼ିଥିଲା । ଆଜିକାଲି ପରି ଏତେ ସ୍କୁଲ କଲେଜ ବସି ନ ଥିଲା । ଗ୍ରାମଗହଳରେ ମଧ୍ୟ ପ୍ରାଥମିକ ଶିକ୍ଷାର ପ୍ରସାର ନିମନ୍ତେ ସରକାରଙ୍କର ମନଧ୍ୟାନ ଯାଇ ନ ଥିଲା । କାନକୁଟୁରୁର ଗ୍ରାମ ଚଟଶାଳୀରେ ନରସିଂହଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପିଲାଟିବେଳୁଁ ନରସିଂହ ପଢ଼ାଶୁଣାରେ ଖୁବ୍ ଶ୍ରଦ୍ଧା ଦେଖାଇ-ଥିଲେ । ତାଙ୍କର ସୁଶ୍ରୀଯୁକ୍ତ ଅଙ୍ଗସୌଷ୍ଠବ ମାନସିକ ତୀକ୍ଷ୍ଣତା, ସଦାଚାର ଓ ସୁଶୀଳତା ଗ୍ରାମର ଆବାଳବୃଦ୍ଧବନିତାଙ୍କୁ ମୁଗ୍ଧ କରୁଥିଲା । ଚଟଶାଳୀରେ ଅବଧାନଙ୍କ କୋଇଲି, ଗୋପବୋଲିରେ

କେବଳ ନରସିଂହ ଭୃତ୍ର ବନ୍ଧୁ ନ ଥିଲେ । ସେ ପିଲାବୟସ ଭାଗବତ, ମହାଭାରତ ଇତ୍ୟାଦି ପୁରାଣ ପାଠ କରି ନିଜର ଜ୍ଞାନ ଭଣ୍ଡାରକୁ ଉତ୍ତମ ମୀତରନୂହାଜରେ ପୂର୍ଣ୍ଣ କରିଥିଲେ । ଶିଖିବା ସ୍ପୃ ନରସିଂହଙ୍କ ଜୀବନରେ ଏତେ ପ୍ରବଳ ଥିଲା ଯେ, ସେ ଗ୍ରାମଲୋକଙ୍କ ଶହ ଶହ ତଗଡମାଳୀ ମନେ ରଖିପାରୁଥିଲେ । ପ୍ରକୃତିଦତ୍ତ ଉଜ୍ଜ ମସ୍ତିଷ୍କରେ ତାଙ୍କର ଥରେ ଯେଉଁ ରେଖା ପଡୁଥିଲା, ତାହା ଚିରକା ସେହିପରି ରହିଯାଉଥିଲା । ନରସିଂହଙ୍କର ସ୍ମରଣଶକ୍ତି ଅଶ୍ଚର୍ଯ୍ୟଜନକ ସେ ଥରେ ଯାହା ଦେଖୁଥିଲେ, ଶୁଣୁଥିଲେ ବା ପଢୁଥିଲେ, ତାହ ତାଙ୍କ ମସ୍ତିଷ୍କର ଚିରସମ୍ପତ୍ତି ହୋଇ ରହିଯାଉଥିଲା । ଏହି ମାନସି ଶକ୍ତି ତାଙ୍କ ପରବର୍ତ୍ତୀ ଜୀବନକୁ ଖୁବ୍ କୃତିତ୍ୱପୂର୍ଣ୍ଣ କରିବାକୁ ସମ ହୋଇଥିଲା ।

## ଉଚ୍ଚ ଶିକ୍ଷା

ପିଲାଟିର ବୁଦ୍ଧି, ଶ୍ରଦ୍ଧା ଓ ଅଧ୍ୟବସାୟ ପ୍ରବୃତ୍ତି ଦେଖି ଭୁମ୍ବନା ସ୍ଥିର କଲେ, ନରସିଂହଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଅନ୍ୟତ୍ର ପଠାଇବେ ସେତେବେଳେ କୌଣସି ଇଂରାଜୀ ସ୍କୁଲରେ ପଢ଼ିବା କ୍ୱଚି ଲୋକଙ୍କ ଭାଗ୍ୟରେ ଘଟୁଥିଲା । ଗ୍ରାମର କରଣ କାର୍ଯ୍ୟ କରି ଭୁମ୍ବନା ମୋଟେ ମାସିକ ଆଠଟି ଟଙ୍କା ଦରମା ପାଉଥିଲେ । ସେଥିରୁ ସେ କୁଟୁମ୍ବ ପୋଷିବେ କେତେ ଓ ନରସିଂହଙ୍କ ଶିକ୍ଷାପାଇଁ ବ୍ୟ କରିବେ କେତେ ? ତଥାପି ଭୁମ୍ବନାଥଙ୍କର ହୃଦୟ ଖୁବ୍ ଟାଣ ଥିଲ ସେ ଠିକ୍ କଲେ, ଯେପରି ହେଉ ପୁତ୍ରର ଉଚ୍ଚଶିକ୍ଷା ନିମନ୍ତେ ଯୋଗା କରିବା ନିତାନ୍ତ ଅବଶ୍ୟକ । ଏଥିନିମନ୍ତେ ସେ ନିଜର ଓ ନି ପରିବାରର ସକଳପ୍ରକାର ସୁଖରେ ଜଳାଞ୍ଜଳି ଦେବାକୁ ପ୍ରସ୍ତୁ

ହେଲେ । ତେଣୁ ସେ ଠିକ୍ କଲେ, ନରସିଂହ ରସଲକୁଣ୍ଡାର ଇଂରାଜୀ ସ୍କୁଲରେ ପଢ଼ିବେ । ଏଥିନିମନ୍ତେ ଭୁମ୍ବନାଥଙ୍କୁ ତାଙ୍କ ମାସିକ ଦରମାରୁ ପାଞ୍ଚ ଟଙ୍କା ଓ ଅବଶ୍ୟକୀୟ ଗୃହଜଳ ଡାଲି ଚାଉଳ ପଠାଇବାକୁ ହେଲା । ନରସିଂହଙ୍କ ଉଚ୍ଚଶିକ୍ଷାର ମୂଳରେ ଭୁମ୍ବନାଥଙ୍କ ଉତ୍ସାହ ଓ ସ୍ୱାର୍ଥତ୍ୟାଗର ଯେଉଁ ବିମଳ ଆଦର୍ଶ ରହିଛି, ତାହା ପ୍ରତ୍ୟେକ ପିତାମାତାଙ୍କର ଅନୁକରଣୀୟ ।

ରସଲକୁଣ୍ଡା ସ୍କୁଲଟି ସେତେବେଳେ ଗୋଟିଏ ମଧ୍ୟଇଂରାଜୀ ସ୍କୁଲ ଥିଲା । ଇଂରାଜୀ ଶିକ୍ଷାପ୍ରତି ସେସମୟର ଲୋକେ ନାସା କୁଞ୍ଚନ କରୁଥିଲେ । ଆଧୁନିକ ଆଲୋକର ଅବାଧ ପ୍ରବେଶ ଦେଶରେ ବ୍ୟାପି ନ ଥିଲା । ଅତି ଅଳ୍ପସଂଖ୍ୟକ ଓଡ଼ିଆ ବାଳକ ସେ ସ୍କୁଲରେ ପାଠ କରୁଥିଲେ । ରସଲକୁଣ୍ଡା ମାଳ ଅଞ୍ଚଳର ପ୍ରବେଶଦ୍ୱାର ସଦୃଶ । ତେଣୁ ମାଳ ଅଞ୍ଚଳ ଓ ଘୁମୁସରର ଅନେକ ଉଚ୍ଚ କର୍ମଚାରୀ ରସଲକୁଣ୍ଡାରେ ବାସ କରୁଥିଲେ । ସେମାନଙ୍କର ପିଲାମାନେ ମଧ୍ୟ ରସଲକୁଣ୍ଡା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ୁଥିଲେ । ସାହେବ ପିଲାଙ୍କୁ ଶିକ୍ଷକ ତଥା ସହାଧ୍ୟାୟୀ ସମସ୍ତେ ଅତିଶୟ ଗୌରବ ପ୍ରଦାନ କରୁଥିଲେ । ସେମାନଙ୍କୁ ଶ୍ରେଣୀରେ ସ୍ୱତନ୍ତ୍ର ଆସନ ଯୋଗାଇବାକୁ କେହି ହେଲେ କୁଣ୍ଠିତ ହେଉ ନ ଥିଲେ । ଏହି ହୀନ-ମନୋଭାବ ରସଲକୁଣ୍ଡା ସ୍କୁଲର ବାତାବରଣକୁ ଯେପରି ଦୂଷିତ କରିଥିଲା, ଠିକ୍ ସେହିପରି ସାହେବ ପିଲାଙ୍କର ଉଚ୍ଚ-ମନୋଭାବକୁ ଅଭିବୃଦ୍ଧି କରି ଦେଇଥିଲା । ସେମାନେ ଭାବୁଥିଲେ ଯେ, ସେମାନେ ଶାସକ ସମ୍ପ୍ରଦାୟର ବାଳକବାଳିକା, ସେମାନଙ୍କ ଆସନ ଶାସିତ ସମ୍ପ୍ରଦାୟର ପିଲାଙ୍କଠାରୁ ଢେର୍ ଉଚ୍ଚତର । ଏହି ଅନୁଚିତ ଉଚ୍ଚ-ମନୋବୃତ୍ତି ହେତୁରୁ ସେମାନେ ବିଦ୍ୟାଳୟର "କଳା ଆଦ୍‌ମି"ମାନଙ୍କୁ

ସହ ଜମା ମିଳାମିଶା କରୁ ନ ଥିଲେ । ସେମାନଙ୍କର ଏହି ବ୍ୟବହାର ସେକାଳର ଲୋକଙ୍କୁ ଏତେ ସ୍ୱାଭାବିକ ବୋଧ ହେଉଥିଲା ଯେ, ସ୍କୁଲ ଶିକ୍ଷକ ବା ଛାତ୍ର କେହିହେଲେ ତଦ୍ଦ୍ୱାରା ଜାତୀୟ ଗୌରବର ହ୍ରାସ ହେଉଛି ବୋଲି ଭାବି ପାରୁ ନ ଥିଲେ । ସାହେବ ପିଲାମାନଙ୍କର ଧାରଣା ଥିଲା ଯେ, ସେମାନଙ୍କ ପରି ଅନ୍ୟ କୌଣସି ଛାତ୍ର ଇଂରାଜୀ ଭାଷାରେ ଦକ୍ଷତା ଲାଭ କରିପାରିବେ ନାହିଁ । ମାତ୍ର ଏହି ଧାରଣା ନରସିଂହ ସ୍କୁଲକୁ ଯିବାର ବର୍ଷେ ଦୁଇ ବର୍ଷଭିତରେ ଏକା-ବେଳକେ ଭାଙ୍ଗି ଦେଇଥିଲେ । ନରସିଂହ ଇଂରାଜୀ ଭାଷାରେ ପାରଦର୍ଶିତା ଲାଭ କରି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଦିନରାତି ପରିଶ୍ରମ କଲେ । ଏହି ଚେଷ୍ଟାରେ ସାହାଯ୍ୟ କରିବାକୁ ତାଙ୍କ ପଛରେ କେହି ନ ଥିଲେ । ତେଣୁ ତାଙ୍କୁ ନିଜ ଗୋଡ଼ରେ କେବଳ ଠିଆ ହେବାକୁ ହୋଇଥିଲା । ସେ ଶ୍ରେଣୀର ପାଠ୍ୟବହି ବ୍ୟତୀତ ବାହ୍ୟବହି-ପାଠଦ୍ୱାରା ଭାଷାର ଉନ୍ନତି କରି ପାରିଥିଲେ । ସେ କୌଣସି ପ୍ରତିବନ୍ଧକ ନ ମାନି ବିଭିନ୍ନ ବହି ନିଜେ ନିଜେ ପଢ଼ି ତାହାର ଓଡ଼ିଆ ଅର୍ଥ ବୁଝୁଥିଲେ । ମଧ୍ୟମ ସ୍କୁଲର ଜଣେ ଛାତ୍ର ପକ୍ଷରେ କୌଣସି ଇଂରାଜୀ ପତ୍ରିକା ଅନ୍ୟର ବିନା ସାହାଯ୍ୟରେ ପଢ଼ିବା କେଡ଼େ କଷ୍ଟସାଧ୍ୟ, ତାହା ସମସ୍ତଙ୍କର ସହଜେ ଅନୁମେୟ । ତଥାପି ନରସିଂହ ଗଞ୍ଜାମ ଗେଜେଟିଅରକୁ ପଢ଼ି ତାହାର ଓଡ଼ିଆ ଓ ତେଲଙ୍ଗା ଅନୁବାଦଦ୍ୱାରା ଅର୍ଥ ଜାଣିବାକୁ ଚେଷ୍ଟା କରୁଥିଲେ । ଏହିରୂପେ ପ୍ରଗାଢ଼ ଚେଷ୍ଟା ଓ ଅଦମ୍ୟ ଅଧ୍ୟବସାୟ ବଳରେ ସେ କୃତିତ୍ୱ ଅର୍ଜନ କରି ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କଲେ । ଇଂରାଜୀ ବାଳକମାନେ ଏହା ଦେଖି ଅବାକ୍ ହେଲେ । ସେମାନଙ୍କ ଭ୍ରାନ୍ତ ଧାରଣା କାହିଁ ଉଭେଇଗଲା । ସେମାନେ ଦେଖିଲେ, ନରସିଂହଙ୍କ ଇଂରାଜୀ ପଦଗୁଡ଼ିକର ଉଚ୍ଚାରଣ ଠିକ୍ ସାହେବଙ୍କ

ଦାକ୍ଷିଣାତ୍ୟ ଉଚ୍ଚାରଣଠାରୁ କୌଣସିମତେ ହୀନ ନୁହେଁ, ବରଂ ଶ୍ରେଷ୍ଠ । ପୁଣି ସେମାନେ ଦେଖିଲେ, ନରସିଂହ ଖୁବ୍ ସ୍ପଷ୍ଟ ବ୍ୟାକରଣସମ୍ମତ ଓ ଶୁଦ୍ଧ ଇଂରାଜୀ କହିବାରେ ଦକ୍ଷ । ତାଙ୍କର ଭାଷା-ପରିପାଟୀ ସଙ୍ଗେ ସଙ୍ଗେ ତାଙ୍କ ବେଶଭୂଷାର ପରିଚ୍ଛନ୍ନତା, ଅନ୍ତରବ୍ୟବହାରର ଭଦ୍ରୋଚିତ ଶୀଳତା ଓ ଶାରୀରିକ ବର୍ଣ୍ଣର ଉଜ୍ଜ୍ୱଳତାରେ ସାହେବ ବାଳକମାନେ ଆପ୍ୟାୟିତ ହୋଇ ତାଙ୍କ ସହିତ ମିଳାମିଶା କରିବାକୁ ଲାଗିଲେ । ନରସିଂହ ଜଣେ କଳା ଆଦ୍‌ମି ହେଲେ ସୁଦ୍ଧା ସେମାନଙ୍କର ତାଙ୍କପ୍ରତି କୌଣସି ପ୍ରକାର ଘୃଣା ବା ହୀନଭାବ ରହିଲା ନାହିଁ । ସ୍କୁଲଭିତରେ ଓ ସ୍କୁଲ୍‌ବାହାରେ ନରସିଂହ ସାହେବ ପିଲାଙ୍କ ସଙ୍ଗେ କାନ୍ଧରେ କାନ୍ଧ ମିଶାଇ ମିଳିମିଶି ରହିଲେ । ସେଠାର ଜେଲ କର୍ତ୍ତୃପକ୍ଷ ଜଣେ ସାହେବ ଥିଲେ । ତାଙ୍କ ପିଲାଙ୍କ ସଙ୍ଗେ ତାଙ୍କ ଘରକୁ ନରସିଂହ ସର୍ବଦା ଯା-ଆସ କରୁଥିଲେ । ଏହି ସଂସ୍ରବ ଫଳରେ ନରସିଂହ ବାଲ୍ୟବୟସରେ ଇଂରାଜୀ ଭାଷା ତଥା ଆଧୁନିକ ଶିକ୍ଷାରେ ଯଥେଷ୍ଟ ପରୋନାସ୍ତି ଉନ୍ନତି ଲାଭ କରିଥିଲେ । ମଧ୍ୟମ ସ୍କୁଲର ଜଣେ ଛାତ୍ର ହେଲେ ବି ଶୁଣି ହେଲା, ଲେଖା, ପଢ଼ା ଓ କଥୋପକଥନରେ ସେ ବେଶ୍ ପାରଦର୍ଶିତା ଲାଭ କରିଥିଲେ ।

ଆତ୍ମନିର୍ଭରଶୀଳତା, ଆତ୍ମବିଶ୍ୱାସ ଓ ନିର୍ଭୀକତାର ପରିଚୟ ନରସିଂହଙ୍କ ଜୀବନର ପ୍ରଥମାବସ୍ଥାରୁହିଁ ମିଳିଥିଲା । ସେ ରସଲକୁଣ୍ଡା ମଧ୍ୟଇଂରାଜୀ ସ୍କୁଲର ପାଠ ଶେଷ କରି ଉଚ୍ଚତର ଶିକ୍ଷାନିମନ୍ତେ ଅନ୍ୟତ୍ର ଯିବାକୁ କୃତସଂକଳ୍ପ ହୋଇଥିଲେ । ବ୍ରହ୍ମପୁରରେ ସେତେବେଳେ ଗୋଟିଏ ଉଚ୍ଚଇଂରାଜୀ ସ୍କୁଲ୍ ଥିଲା । ମଧ୍ୟ-ଇଂରାଜୀ ସ୍କୁଲରୁ ବ୍ରହ୍ମପୁର ସ୍କୁଲକୁ ଯାଇ ପଢ଼ିବା ନିମନ୍ତେ

ସରକାର ଗୋଟିଏ ବୃତ୍ତି ଖଞ୍ଜିଥିଲେ । ଉକ୍ତ ବୃତ୍ତିଲାଭ ଯୋଗ୍ୟତା-ଉପରେ ନିର୍ଭର କରୁଥିଲା ଏବଂ ଏଥିପାଇଁ ଜିଲ୍ଲାର ତତ୍କାଳୀନ ଶିକ୍ଷା-ଅଧିକାରୀ ବାଳକମାନଙ୍କୁ ପରୀକ୍ଷା କରୁଥିଲେ । ସେହିପରି ଗୋଟିଏ ବୃତ୍ତିପରୀକ୍ଷା ରସୁଲକୁଣ୍ଡା ସ୍କୁଲରେ କରାଗଲା । ନରସିଂହ ଓ ଅନ୍ୟାନ୍ୟ କେତେ ଛାତ୍ର ସେହି ପରୀକ୍ଷା ଦେଇଥିଲେ । ପରୀକ୍ଷାରେ ନରସିଂହ ଏତେ ଭଲ ଫଳ ଦେଖାଇଥିଲେ ଯେ, ତାଙ୍କୁ ନିଶ୍ଚୟ ସରକାରୀ ବୃତ୍ତିଟି ମିଳିବ ବୋଲି ସେ ଦୃଢ଼ ବିଶ୍ୱାସ କରିଥିଲେ । ଏହି କଥା ମଧ୍ୟ ସହାଧ୍ୟାୟୀମାନଙ୍କୁ ସେ କହି ଦେଇଥିଲେ । ମାତ୍ର ଶିକ୍ଷାଧିକାରୀ ନରସିଂହଙ୍କୁ ବୃତ୍ତି ନିମନ୍ତେ ସୁପାରିଶ ନ କରି ଅନ୍ୟ ଜଣେ ଛାତ୍ର, ଯେ କି ନରସିଂହଙ୍କ ସହ କୌଣସି ଗୁଣରେ ସମକକ୍ଷ ନୁହନ୍ତି, ତାଙ୍କୁ ବୃତ୍ତିଟି ଦେବା ନିମନ୍ତେ ସୁପାରିଶ କଲେ । ବୋଧହୁଏ ଯୋଗ୍ୟତା ବ୍ୟତୀତ ଅନ୍ୟ କେତେକ କାରଣରୁ ଏପରି ଅଯଥା ଓ ଅନ୍ୟାୟମୂଳକ ସୁପାରିଶ କରାଯାଇଥିଲା । ଅନ୍ୟାୟ ସହିବାର ଉପାଦାନରେ ନରସିଂହଙ୍କ ପ୍ରାଣ ଗଢ଼ା ହୋଇ ନ ଥିଲା । ସେ ବୃତ୍ତି-ଚ୍ଛେଦ ହେତୁ ଦୁଃଖିତ ନ ଥିଲେ; ମାତ୍ର ନିଜ ଆତ୍ମଗୌରବର ହ୍ରାସ ହେଲା ବୋଲି ସେ ମନେ କଲେ । କିନ୍ତୁ ଏ ଅନ୍ୟାୟର ଅନ୍ୟ କୌଣସି ପ୍ରତିକାର ନ ଦେଖି ସେ ଭାବିଲେ, ଆତ୍ମସମ୍ମାନ ହରାଇବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । ସେ ଯଦି ସରକାରୀ ବୃତ୍ତି ପାଇବା-ନିମନ୍ତେ ଶ୍ରେଣୀରେ ପ୍ରଥମ ସ୍ଥାନଲାଭର ଅଯୋଗ୍ୟ ବିବେଚିତ ହେଲେ, ସେ ଯଦି ସବୁ ପିଲାଙ୍କ ଉପରେ ଶୀର୍ଷ ସ୍ଥାନ ପାଇପାରିଲେ ନାହିଁ, ସେ ଯଦି ବ୍ରହ୍ମପୁରରେ ଉଚ୍ଚତର ଶିକ୍ଷା ପାଇବାର ସବୁ ଆଶା-ଭରସା ହରାଇଲେ, ତେବେ ଜୀବନ ଥାଇ କି କାର୍ଯ୍ୟ ? ସେ ଠିକ୍ କଲେ, କୂଅକୁ ଡେଇଁପଡ଼ି ଆତ୍ମହତ୍ୟା କରିବେ । ଏହି ବିଚାର କେବଳ ବିଚାରରେ ରହିଲା ନାହିଁ । ନରସିଂହ ଏହି ଉଦ୍ଦେଶ୍ୟରେ

କୂଅମୂଳେ ଠିଆ ହେବା ସମୟରେ ତାଙ୍କର କେତେକ ବନ୍ଧୁବାନ୍ଧବ କୌଣସି ପ୍ରକାରେ ସୂଚନା ପାଇ ତାଙ୍କୁ ସେହି କାର୍ଯ୍ୟରୁ ବିରତ ହେବାକୁ କହିଲେ । ସାହେବ ପିଲାମାନେ ମଧ୍ୟ ଏକଥା ଶୁଣି ତାଙ୍କ ନିକଟରେ ରୁଣ୍ଡ ହେଲେ ଏବଂ ତାହାଙ୍କୁ ନାନା ଆଶ୍ୱାସନା ଦେଇ ଘରକୁ ଫେରାଇ ଆଣିଲେ ।

ସେତେବେଳେ ଦୁଇ ଜିଲ୍ଲା—ବିଶାଖପାଟଣା ଓ ଗଞ୍ଜାମ ପାଇଁ ଜଣେ ସାହେବ ସ୍କୁଲ୍-ଇନ୍‌ସପେକ୍‌ଟର କାର୍ଯ୍ୟ କରୁଥିଲେ । ସେ ବିଶାଖପାଟଣାରେ ରହୁଥିଲେ, ତାଙ୍କ ସହକାରୀ ବ୍ରହ୍ମପୁରରେ ରହୁଥିଲେ । ବ୍ରହ୍ମପୁର ସହକାରୀ ସେତେବେଳେ ଜଣେ ତେଲଙ୍ଗା ଲୋକ ଥିଲେ । ନରସିଂହଙ୍କ ପ୍ରତି ସେ ଯେଉଁ ଅନ୍ୟାୟ କରିଥିଲେ, ସେହି ଅନ୍ୟାୟର ପ୍ରତିକାର ନିମନ୍ତେ ବିଶାଖପାଟଣା ତାର ପଠାଗଲା । ସାହେବ ଜଣେ ଉତ୍ତମ ଲୋକ । ବାଳକଟିର ଆତ୍ମହତ୍ୟା-ଚେଷ୍ଟା ସମ୍ବାଦ ପାଇ ସେ ଅତ୍ୟନ୍ତ ବିଚଳିତ ହୋଇ ଖୁବ୍ ଶୀଘ୍ର ରସଲକୁଣ୍ଡାକୁ ଆଗମନ କଲେ । ସାହେବ ପୁନର୍ବାର ପରୀକ୍ଷା କଲେ । ନିଷ୍ପକ୍ଷପାତ ପରୀକ୍ଷାରେ ନରସିଂହ ଅତି ସହଜରେ ଶୀର୍ଷ ସ୍ଥାନ ଅଧିକାର କଲେ । ବାଳକଟିର ବୁଦ୍ଧି, ବିଚକ୍ଷଣତା, ଭାଷା-ଶୈଳୀ, ବାକ୍‌ଚାତୁରୀ, ନିର୍ଭୀକ ସ୍ୱଭାବ, ସ୍ପଷ୍ଟ ଉଚ୍ଚାରଣ ଏବଂ ସ୍ମରଣଶକ୍ତି ଦେଖି ସାହେବ ଅବାକ୍ ହୋଇଗଲେ । ଏପରି ଜଣେ ବାଳକକୁ ଧୂମୁସରର ଗୋଟିଏ କୋଣରେ ପାଇ ତାଙ୍କର ଅପାର ଆନନ୍ଦ ହେଲା । ସେ ନରସିଂହଙ୍କୁ ସରକାରୀ ବୃତ୍ତି ପ୍ରଦାନ କରି ତାଙ୍କ ଉଚ୍ଚଶିକ୍ଷାଲାଭର ପନ୍ଥା ଫିଟାଇଦେଲେ ।

# ଯୁବକ ଜୀବନ

୧୮୮୫ ଅର୍ଥାତ୍ ଊଣିଶ ବର୍ଷ ବୟସରେ ନରସିଂହ ବ୍ରହ୍ମପୁର ଇଂରାଜୀ ବିଦ୍ୟାଳୟରେ ପ୍ରବେଶ ଲାଭ କଲେ । ଛାତ୍ରାବସ୍ଥାରେ ବ୍ରହ୍ମପୁର ଅବସ୍ଥାନ ସମୟରେ ଜାତୀୟତା ଓ ଦେଶପ୍ରେମିକତାର ନୂତନ ଭାବ ନରସିଂହଙ୍କ ଯୁବକ ଜୀବନକୁ ଆଘାତ କରିଥିଲା । ବ୍ରହ୍ମପୁର-ବାସରେ ତାଙ୍କର ଜାତୀୟତା-ଚକ୍ଷୁ ଉନ୍ମୀଳିତ ହେଲା । ସେ ଦେଖିଲେ, ମାନ୍ଦ୍ରାଜ ପ୍ରଦେଶରେ ଓଡ଼ିଆ ଜାତିର ହୀନ ଦଶା । ଓଡ଼ିଆ ଜମିଦାରମାନଙ୍କର ଇଲାକା ଓ ସରକାରଙ୍କର ସମସ୍ତ ଅଫିସରେ ଜଣେ ହେଲେ ଓଡ଼ିଆ କର୍ମଚାରୀ ଦେଖିବାକୁ ସେସମୟରେ ମିଳୁ ନ ଥିଲା । ଉତ୍କଳର ଏହି ବିଚ୍ଛିନ୍ନ ଅଞ୍ଚଳର ଶାସନ-ନିମନ୍ତେ ବ୍ରିଟିଶ ସରକାରଙ୍କର ପ୍ରତିନିଧି ଥିଲେ ଆନ୍ଧ୍ରମାନେ । ଆନ୍ଧ୍ର ଓ ଓଡ଼ିଆମାନଙ୍କର ସେସମୟର ସମ୍ବନ୍ଧ ଥିଲା ଶାସକ-ଶାସିତର ସମ୍ବନ୍ଧ । ନିଜ ଘରେ ଓଡ଼ିଆ ଥିଲା ନିଜେ ପ୍ରବାସୀ । ଶାସକର ସମସ୍ତ ପ୍ରକାର ସୁବିଧା ପାଉଥିଲେ ଅନ୍ୟ ଜାତି ଓ ଅନ୍ୟ ଭାଷୀ; ଆଉ ଓଡ଼ିଆମାନେ ଥିଲେ ଖଜଣାଦାତା ଓ ଶାସକମାନଙ୍କର ସେବକ । ହୀନମନୋବୃତ୍ତି ଏହି ଜାତିର ଏତେଦୂର ବୃଦ୍ଧି ଲାଭ କରିଥିଲା ଯେ, ଓଡ଼ିଆ ଜମିଦାରମାନେ ଓଡ଼ିଆ ବ୍ୟକ୍ତିଙ୍କୁ କୌଣସି ଗୁରୁତର ଓ ସମ୍ମାନ-ଯୋଗ୍ୟ କାର୍ଯ୍ୟ ପାଇବା ନିମନ୍ତେ ଅନୁପଯୁକ୍ତ ମନେ କରୁଥିଲେ । ଯହିଁ ଦେଖ ତହିଁ ଆନ୍ଧ୍ର ପ୍ରତିପତ୍ତି, ଆନ୍ଧ୍ର ପ୍ରଭାବ—ଆନ୍ଧ୍ରମାନଙ୍କର ସୁବିଧା ଓ ଆନ୍ଧ୍ର ଅଧିକାର । ଜମିଦାରୀ ଇଲାକାର କାଗଜପତ୍ର ଓଡ଼ିଆ ଭାଷାରେ ଲିଖିତ ନ ହୋଇ ତେଲଙ୍ଗୀ ଭାଷାରେ ଲେଖା ଯାଉଥିଲା । ଏଥିରେ ଓଡ଼ିଆ ଜମିଦାରମାନଙ୍କର କୌଣସି ପ୍ରକାର ଶୋଚନା ନ ଥିଲା । ଦେଶାତ୍ମବୋଧ ଏବଂ ନିଜ ଜାତି, ନିଜ ଭାଷା ଓ ନିଜ

ଅନ୍ୟର ବ୍ୟବହାରରେ ଓଡ଼ିଆମାନଙ୍କର ବିଶ୍ୱାସ ତୁଟିବା ଉପରେ ବସିଥିଲା । ଖାଣ୍ଟି ଓଡ଼ିଆ ସ୍ଥାନ ଘୁମୁସରରେ କଚେରୀ ଭାଷା ଥିଲା ତେଲଙ୍ଗୀ । ପୁରୁଷୋତ୍ତମପୁରରେ ସାହି ସାହି ଅନୁତ୍କଳମାନେ ବିଦେଶରୁ ଆସି ବସା କରିଥିଲେ । ଯାଗଯଜ୍ଞ କରିବାକୁ ମଧ୍ୟ ଓଡ଼ିଆ ଜମିଦାରମାନେ ଅନ୍ଧ୍ର ବ୍ରାହ୍ମଣମାନଙ୍କୁ ଆଣାଇ ସେମାନଙ୍କୁ ଭୂମ୍ୟାଦି ସମ୍ପତ୍ତି ଦାନ କରୁଥିଲେ । ଓଡ଼ିଆ ଜାତିର ଉନ୍ନତି ଚିନ୍ତା କାହାରି ମନରେ ଉଦିତ ହେଉ ନ ଥିଲା । ଓଡ଼ିଆମାନେ ଯେପରି ମନେ କରୁଥିଲେ, ସେମାନଙ୍କର ଜନ୍ମ ନିଜ ଦେଶରେ କେବଳ ପରର ସେବା କରି ବଞ୍ଚିବାପାଇଁ । ହୀନମନୋଭାବ ଓଡ଼ିଆମାନଙ୍କୁ ଏତେଦୂର ଗ୍ରାସ କରିଥିଲା ଯେ, ସେମାନଙ୍କର ଆତ୍ମସମ୍ମାନ ଓ ଜାତୀୟ ଗୌରବପ୍ରତି ଜମା ଦୃଷ୍ଟି ପଡ଼ୁ ନ ଥିଲା । ଯୁବକ ନରସିଂହଙ୍କ ଉଜ୍ଜ୍ୱଳ ଚକ୍ଷୁସମ୍ମୁଖରେ ନିଜ ଜାତିର ଏହି ଶୋଚ୍ୟ ଦଶା ଅତି ପ୍ରାଞ୍ଜଳ ହୋଇ ଦେଖାଗଲା । ସେ ଦେଖିଲେ ଚତୁର୍ଦ୍ଦିଗରେ ଓଡ଼ିଆ ଜାତିର ହତାଦର, ଓଡ଼ିଆ ଭାଷାର ଅବମାନନା, ଓଡ଼ିଆ ଦେଶର ଗୌରବହାନି ।

ସ୍ୱର୍ଗତ ଦାନିଆଲ୍ ମହାନ୍ତି ସେସମୟରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ବ୍ରହ୍ମପୁର ସହରରେ ଗୋଟିଏ ସଭା ପ୍ରତିଷ୍ଠା କରିଥିଲେ । ଉକ୍ତ ସଭାର ନାମ ଥିଲା "ହିତବାଦିନୀ ସମିତି" । ଉତ୍ସାହ ଅଭାବରେ ସଭାମାନଙ୍କର ଦଶା ଯାହା ହୋଇଥାଏ, ଦାନିଆଲ୍ ବାବୁଙ୍କ "ହିତବାଦିନୀ ସମିତି"ର ଦଶା ବି ତଦ୍ରୂପ ଥିଲା । ମାତ୍ର ନରସିଂହ ଯେତେବେଳେ ସେହି ସମିତିକଥା ଜାଣିଲେ, ହଠାତ୍ ତାଙ୍କ ମନରେ ଗୋଟିଏ ଉତ୍ସାହର ସ୍ରୋତ ଖେଳିଗଲା । ସେ ଅକୂଳ ସାଗରରେ କୂଳ ପାଇଲା ପରି ନିଜକୁ

ମନେ କଲେ । ଛାତ୍ର ହେଲେ କଣ ହେଲା, ନିଜ ପଢ଼ାଶୁଣା ବ୍ୟତୀତ ସେ ଏହି ସମିତିର ଉନ୍ନତିଚେଷ୍ଟାରେ ମନପ୍ରାଣ ଢାଳିଦେଲେ । ଯୁବକ-ସୁଲଭ ଉତ୍ସାହରେ ସେ ହିତବାଦିନୀ ସମିତିର ସଭ୍ୟସଂଖ୍ୟା ବୃଦ୍ଧି କଲେ ଓ ସେହି ସମିତିଦ୍ୱାରା ଓଡ଼ିଆ ଜାତିର ଦାବୀ ଗ୍ରହଣ କରିବାକୁ ଆନ୍ଦୋଳନ ଚଳାଇଲେ । ତାଙ୍କ ପରି ଆଉ କେତେ ଓଡ଼ିଆ ଯୁବକ ବ୍ରହ୍ମପୁରରେ ଥିଲେ । ନରସିଂହଙ୍କ ନେତୃତ୍ୱରେ ସେମାନେ ସମସ୍ତେ ଜାତୀୟବ୍ରତରେ ବ୍ରତୀ ହେଲେ । "ହିତବାଦିନୀ" ପ୍ରକୃତରେ ଜାତିର ଅଶେଷ ହିତ କରିବାକୁ ଲାଗିଲା । ସରକାରଙ୍କ-ଠାରେ ଓଡ଼ିଆ ଜାତିର ହାନିଗୁଡ଼ାକ ସୁଚାରୁରୂପେ ଉପସ୍ଥାପିତ ହୋଇପାରୁ ନ ଥିବାରୁ ଓଡ଼ିଆମାନଙ୍କର ସମସ୍ତ ବିଷୟ ଅବହେଳିତ ହେଉଥିଲା । ମାତ୍ର ଯେତେବେଳେ ସରକାରଙ୍କ ସମ୍ମୁଖରେ ସମସ୍ତ ବିଷୟ ଆମୂଳଚୂଳ ଉପସ୍ଥାପିତ ହେଲା, ସେତେବେଳେ କ୍ରମେ ଓଡ଼ିଆମାନଙ୍କର ଦାବୀ ପୂର୍ଣ୍ଣ ହେବାକୁ ଲାଗିଲା । 'ହିତବାଦିନୀ' ଆନ୍ଦୋଳନ ଫଳରେ ଓଡ଼ିଆଭାଷା-ଅନଭିଜ୍ଞ ଅନ୍ୟମାନଙ୍କ ପରିବର୍ତ୍ତେ ଓଡ଼ିଆ ପରୀକ୍ଷକମାନେ ନିଯୁକ୍ତ ହେଲେ । ପ୍ରତ୍ୟେକ କଚେରୀରେ ଓଡ଼ିଆ ଭାଷାର ପ୍ରଚଳନନିମନ୍ତେ ସମିତି ଦାବୀ କଲା । ସମସ୍ତ ପ୍ରକାର ଆନ୍ଦୋଳନର ମୂଳରେ ଥିଲେ ଯୁବକ ଛାତ୍ର ନରସିଂହ ଦାସ । ସ୍କୁଲରେ, ବାହାରେ, ସବୁଠାରେ ଅନ୍ୟମାନେ ନରସିଂହଙ୍କର ଏହି ଜାତୀୟ ପ୍ରୀତି ଓ ଜାତୀୟ ମମତା ଦେଖି ତାଙ୍କୁ ବିଷଚକ୍ଷୁରେ ଦେଖୁଥିଲେ । ମାତ୍ର ନିର୍ଭୀକ ଯୁବକଙ୍କର ତତ୍ପ୍ରତି ଲେଶମାତ୍ର ଭ୍ରୂକ୍ଷେପ ନ ଥିଲା । ଏତେ ଇତର କାର୍ଯ୍ୟରେ ବ୍ୟସ୍ତ ରହି ସୁଦ୍ଧା ନରସିଂହଙ୍କର ପାଠରେ କିଛି ବ୍ୟାଘାତ ହୋଇ ନ ଥିଲା । ଏହା ଅତୀବ ଆଶ୍ଚର୍ଯ୍ୟର କଥା । ସେ ବରଂ ଏପରି ଆନ୍ଦୋଳନରେ ନିଜକୁ ନିୟୋଜିତ କରି ନିଜର ବୁଦ୍ଧିବିଚକ୍ଷଣତା ଓ ଭାଷାଜ୍ଞାନ ବଢ଼ାଇଥିଲେ । ନରସିଂହଙ୍କ

ଜୀବନୀର ଏହି ଆଦର୍ଶଟି ପ୍ରତ୍ୟେକ ଉତ୍ସାହୀ ଯୁବକର ଶିକ୍ଷଣୀୟ ଓ ଅନୁକରଣୀୟ । ଯେଉଁ ବ୍ୟକ୍ତି ଜାତିର ଉଦ୍ଧାରରେ ବ୍ରତୀ, ସେହି ବ୍ରତ ସେ ସବୁ ଅବସ୍ଥାରେ ଗ୍ରହଣ କରିଥାଏ । ଛାତ୍ର ବୋଲି ଜାତିର ଡାକ ଏଡ଼ିଦେବା ନରସିଂହଙ୍କ ପରି ଦେଶପ୍ରାଣ ଯୁବକ ପକ୍ଷରେ ସମ୍ଭବ ନୁହେଁ । ନରସିଂହଙ୍କ ଛାତ୍ରଜୀବନର ଜାତୀୟ ଜାଗରଣ ତାଙ୍କ ପରବର୍ତ୍ତୀ ଜୀବନର ଜାତୀୟ କାର୍ଯ୍ୟପାଇଁ କେବଳ ଉପାଦାନ ନୁହେଁ, ତାହା ଉନ୍ମାଦନା ଓ ପ୍ରେରଣା ମଧ୍ୟ ଦେଇଥିଲା । "ଯା ନ ହୋଇଛି ବାଳୁତ କାଳେ, ତାହା କି ହୋଇବ ପାଚିଲା କାଳେ ?" ଯେଉଁ ବ୍ରହ୍ମପୁରରେ ବୀର ନରସିଂହଙ୍କ ଓଡ଼ିଆ ଆନ୍ଦୋଳନର ସୃଷ୍ଟି, ସେହି ବ୍ରହ୍ମପୁରରେ ଶ୍ମଶାନଶାୟୀ ହେବା ପର୍ଯ୍ୟନ୍ତ ନରସିଂହ ଦେଶକାର୍ଯ୍ୟରୁ ବିରତ ହୋଇ ନ ଥିଲେ ।

ମାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କଲାପରେ ବିଶ୍ୱବିଦ୍ୟାଳୟ ଶିକ୍ଷା ସକାଶେ ଯିବାପାଇଁ ନରସିଂହଙ୍କର ସୁବିଧା କିମ୍ବା ସମ୍ବଳ ନ ଥିଲା । ସେସମୟରେ ମାଟ୍ରିକ୍ୟୁଲେସନ୍ ପାସ୍ କରିବା ଲୋକ ଅତି କ୍ୱଚିତ୍ ଥିଲେ, ପୁଣି ମାଟ୍ରିକ୍ୟୁଲେସନ୍ ପରୀକ୍ଷାଟି ଆଜିକାଲିକା ବିଶ୍ୱବିଦ୍ୟାଳୟ ଉପାଧି ପରୀକ୍ଷାର ଗୌରବ ଲାଭ କରୁଥିଲା । ତେଣୁ ରସଲକୁଣ୍ଡାଠାରେ ମାଲି ଅଞ୍ଚଳର ଶାସନପାଇଁ ଯେଉଁ କଲେକ୍ଟର ଥିଲେ, ତାଙ୍କ କଚେରୀରେ ଗୋଟିଏ କିରାଣି-କାର୍ଯ୍ୟରେ ମାସିକ ଟ ୧୫ ୲ ଦରମାରେ ନରସିଂହ ପ୍ରବେଶ କଲେ । ସେସମୟରେ ଗଞ୍ଜାମ ଜିଲ୍ଲାରେ ଓଡ଼ିଆମାନେ ସହଜରେ ସରକାରୀ ଚାକିରୀ ପାଇପାରୁ ନ ଥିଲେ । ପ୍ରଥମ ସୁବିଧା ଅନ୍ଧ୍ରମାନଙ୍କୁ ଦିଆ-ଯାଉଥିଲା । ସେତେବେଳେ ରସଲକୁଣ୍ଡା ମଧ୍ୟ ବର୍ତ୍ତମାନ ପରି ଉନ୍ନତ ଅବସ୍ଥାରେ ନ ଥିଲା । ସେଠାକୁ ଯାତାୟାତ କରିବାର ସୁବିଧା

ନ ଥିଲା । ପୁଣି ହାକିମହୁକୁମାଙ୍କଦ୍ୱାରା ତେତେ ସ୍ୱାସ୍ଥ୍ୟପ୍ରଦ ସ୍ଥାନରୂପେ ତାହା ବିବେଚିତ ହୋଇ ନ ଥିଲା । କାହାକୁ କେଉଁଠାରେ କାର୍ଯ୍ୟ ନ ମିଳିଲେ କେବଳ ସେ ରସଲକୁଣ୍ଡାରେ କାର୍ଯ୍ୟ କରିବାକୁ ପସନ୍ଦ କରୁଥିଲା ।

ସରକାରୀ କାମରେ ପ୍ରବେଶ କଲେ ଦେଶର ଓ ଦଶର କାମ କରି ହୁଏ ନାହିଁ, ଏହି ଧାରଣା ଶିକ୍ଷିତ ସମାଜରେ ବଦ୍ଧମୂଳ ହୋଇଯାଇଛି । ଦେଶର କାମ କରିବାକୁ ହେଲେ ସରକାରୀ କାମ ଛାଡ଼ିବାକୁ ହେବ, ଏହା ସମସ୍ତଙ୍କର ବିଶ୍ୱାସ । ତେଣୁ ଅନେକ ସମୟରେ ଦେଖା ଯାଇଛି । ଲୋକେ ଦେଶାଭିମାନ ପାଉଛରେ ଗୋଡ଼ ଦେଇ ସରକାରୀ କାମଟିଏ ପାଇଲା ପରେ, ଦେଶର କଥା ଏକା-ବେଳକେ ପାସୋରି ଦେଇଥାନ୍ତି । ମାତ୍ର କିରାଣିକାମ କରିବାକୁ ଯାଇ ଯଦି ନରସିଂହଙ୍କୁ ଦେଶର କାର୍ଯ୍ୟକୁ ପଛରେ ପକାଇବାକୁ ହୋଇଥାନ୍ତା, ତେବେ ସେ ସେହି କାର୍ଯ୍ୟ ଗ୍ରହଣ କରିବା ପୂର୍ବରୁ ଥରେ ନୁହେଁ, ଦୁଇ ଥର ନୁହେଁ, ବହୁ ଥର ଭାବିଥାନ୍ତେ । କିରାଣି ହୋଇ ମୁଦ୍ଧା ସେ ପରୋକ୍ଷ ବା ପ୍ରତ୍ୟକ୍ଷଭାବରେ ଦେଶ ଓ ଜାତିର କାର୍ଯ୍ୟ ଚଳାଇପାରିବେ, ଏହି ଆଶା ଓ ଦମ୍ଭ ତାଙ୍କର ଯଥେଷ୍ଟ ଥିଲା । ସେ ପନ୍ଦର ଟଙ୍କା ପାଇଲେହେଁ ନିଜକୁ ସରକାରଙ୍କର ଦାସ ବୋଲି ମନେ କରି ନ ଥିଲେ । ସରକାରୀ କର୍ମଚାରୀଠାରେ ଦାସତ୍ୱ-ମନୋଭାବ ରହିବା ଅନାବଶ୍ୟକ, ସରକାରୀ କିରାଣି ହେଲେ ମୁଦ୍ଧା ଲୋକ ଦେଶ-ସେବକ ହୋଇ ରହିପାରିବ, ଏହି କଥା ନରସିଂହ ତାଙ୍କର ସମଗ୍ର ଜୀବନରେ ଦେଖାଇ ଦେଇଥିଲେ ।

ନରସିଂହ ନୂଆ କରି ରସଲକୁଣ୍ଡା ଅଫିସର କିରାଣିକାର୍ଯ୍ୟରେ ପ୍ରବେଶ କଲା ବର୍ଷ ସୋରଡ଼ା ଜଳଭଣ୍ଡାରର ଗଠନକାର୍ଯ୍ୟ ସମାପ୍ତ ହୋଇଥିଲା । ଧାଇଟିର ଉଦ୍‌ଘାଟନ କାର୍ଯ୍ୟ ମାନ୍ଦ୍ରାଜ ଲାଟଙ୍କଦ୍ୱାରା

ସମ୍ପାଦିତ ହେବ ବୋଲି ସ୍ଥିର କରାଗଲା । ସେହି ବର୍ଷ ଘୁମୁସରରେ ବର୍ଷାର ଅଭାବ ଯୋଗୁ ଘୋର ଦୁର୍ଭିକ୍ଷ ପଡ଼ିଥିଲା । ଲୋକେ ମାଛି ମଶା ପରି ମରି ଯାଉଥିଲେ । ହଜାର ହଜାର ଲୋକ ଖାଇବାକୁ ନ ପାଇ ହା-ଅନ୍ନ ଚିତ୍କାରରେ ଏଣେତେଣେ ବୁଲୁଥିଲେ । ମାତ୍ର ଜିଲ୍ଲାର ନୌକରସାହି ଲାଟସାହେବଙ୍କ ଶୁଭାଗମନ-ଉତ୍ସବର ବନ୍ଦୋବସ୍ତରେ ଏତେଦୂର ବ୍ୟସ୍ତ ଥିଲେ ଯେ, ଲୋକଙ୍କର ଏହି ଦୁରବସ୍ଥା ବିଷୟ ତାଙ୍କ ଦୃଷ୍ଟିରେ ଜମା ପଡ଼ୁ ନ ଥିଲା । ସେମାନେ ଏ ସମ୍ବନ୍ଧରେ ସରକାରଙ୍କୁ ଜମା ଖବର ଦେଉ ନ ଥିଲେ । ଘୁମୁସରର କେତେକ ସର୍ଦ୍ଦାର ଓ ଧନୀ ବ୍ୟକ୍ତିଙ୍କ ମନରେ ଗୋଟିଏ ଭାବ ଜାତ ହେଲା ଯେ, ଯେତେବେଳେ ଲାଟସାହେବ ସୋରଡ଼ା ଜଳଭଣ୍ଡାର ଉଦ୍‌ଘାଟନ କରିବାକୁ ଆସିବେ, ସେତେବେଳେ ସେମାନେ ଯାଇ ଘୁମୁସରର ଦୁର୍ଭିକ୍ଷ ବିଷୟ ତାଙ୍କୁ ଜଣାଇ ସରକାରଙ୍କର ସାହାଯ୍ୟ ଭିକ୍ଷା କରିବେ । ସେମାନେ ଭାବିଲେ, ଏହା ଛଡ଼ା ଦୁର୍ଭିକ୍ଷ-ପ୍ରତିକାରର ଅନ୍ୟ ଉପାୟ ନାହିଁ । ଲାଟ ସାହେବଙ୍କ ସହିତ ଦେଖା କରି ତାଙ୍କୁ ଗୁହାରି ଜଣାଇବାକୁ ହେଲେ, ଲାଟଙ୍କର କାର୍ଯ୍ୟନିର୍ଘଣ୍ଟରେ ଆଗରୁ ବନ୍ଦୋବସ୍ତ କରି ଏହି ବିଷୟଟି ରଖିବା ଆବଶ୍ୟକ । ମାତ୍ର ଏହା କରିବାକୁ ହେଲେ ହାକିମମାନଙ୍କର ଅନୁକମ୍ପା ଦରକାର । ଯେଉଁ ଦୁର୍ଭିକ୍ଷକଥା ସରକାରୀ କର୍ମଚାରୀମାନେ ସରକାରଙ୍କୁ ଜଣାଇ ନାହାନ୍ତି, ଲାଟଙ୍କ ସମ୍ମୁଖରେ ତାହାର ଅବତାରଣା ସେମାନେ କିପରି କରାଇଦେବେ ? ତେଣୁ ଉଦ୍ୟୋକ୍ତାମାନେ ଏକପ୍ରକାର ହତୋତ୍ସାହ ହୋଇଗଲେ । ସରକାରୀ କର୍ମଚାରୀମାନେ ସେମାନଙ୍କୁ ସାହାଯ୍ୟ କରିବା ତେଣେ ଥାଉ, ବ୍ୟଙ୍ଗ ବିଦ୍ରୁପ କରିବାକୁ ଲାଗିଲେ । ଏପରି ଅବସ୍ଥାରେ ଦେଶର ପ୍ରକୃତ ଅବସ୍ଥା ପ୍ରଦେଶର ଲାଟ କିପରି ଜାଣିବେ, ଏହା ଉଦ୍ୟୋକ୍ତାମାନେ କିଛି ସ୍ଥିର

କରିପାରିଲେ ନାହିଁ । ହଠାତ୍ ସେମାନଙ୍କ ମନରେ ନରସିଂହ ଦାସଙ୍କ କଥା ଉଦିତ ହେଲା । ସେମାନେ ଭାବିଲେ, ତାଙ୍କଠାକୁ ଗଲେ ସବୁ ଠିକ୍ ହୋଇଯିବ । ସମସ୍ତେ ମିଶି ରସଲ୍‌କୁଣ୍ଡାଠାରେ ନରସିଂହଙ୍କର ପରାମର୍ଶ ନେଲେ । ନରସିଂହ ମଧ୍ୟ ପୂର୍ବରୁ ଏ ବିଷୟ ଦିନରାତି ଚିନ୍ତା କରୁଥିଲେ । ଦେଶବାସୀ ଦୁର୍ଭିକ୍ଷଦାଉରୁ କିପରି ଉଦ୍ଧାର ପାଇବେ, ଏହି ବିଷୟରେ ତାଙ୍କ ପ୍ରାଣ କାନ୍ଦୁଥିଲା । ଉଦ୍ୟୋକ୍ତାମାନେ ତାଙ୍କର ପରାମର୍ଶପାଇଁ ଯିବାକ୍ଷଣି ସେ କଣ କରିବେ ଠିକ୍ କରିଦେଲେ । ଭୟ ନାହିଁ, ସନ୍ଦେହ ନାହିଁ, କି ଶୋଚନା ନାହିଁ—ପନ୍ଦର ଠଙ୍କାର କିରାଣି ହେଲେ କଣ ହେଲା, ଜାତୀୟ କାର୍ଯ୍ୟର ସୁଯୋଗ ବେଳେ ସେ ଜାତିର ବୀର । ସୋରଡ଼ାଠାରେ ଡାକ ଉଦ୍‌ଘାଟନବେଳେ ଲାଟଙ୍କ ସମ୍ମୁଖରେ ଲୋକଙ୍କର ହାରଗୁହାର-ସମେତ ଗୋଟିଏ ଆବେଦନପତ୍ର ପଠାଯିବାର ସ୍ଥିର ହେଲା । ନିଜେ ନରସିଂହ ତାଙ୍କର ଓଜସ୍ୱିନୀ ଓ ମର୍ମସ୍ପର୍ଶିନୀ ଭାଷାରେ ସେହି ଆବେଦନପତ୍ରଟି ଲେଖିଦେଲେ । କାର୍ଯ୍ୟନିର୍ଘଣ୍ଟରେ ସ୍ଥାନ ନାହିଁ, ଆଗରୁ କାହାରିକୁ ଜଣାଇ ଦିଆଯାଇ ନାହିଁ, ଏପରି ଅବସ୍ଥାରେ ଲାଟ ସାହେବଙ୍କ ସମ୍ମୁଖରେ ଲୋକଙ୍କର ଆବେଦନପତ୍ର ପାଠ କରିବାକୁ କିଏ ସାହସ କରିବ ? ସମସ୍ତେ ଆଉଜି ପଡ଼ିଲେ । ମାତ୍ର ସୁପ୍ତସିଂହ ଗୁରୁ ଆଘାତରେ ଗର୍ଜିଉଠିଲା ପରି ବୀର ନରସିଂହ ତାହା ପାଠ କରିବାକୁ ସ୍ଥିର କଲେ । ଭୟ ନାହିଁ, ଭ୍ରାନ୍ତି ନାହିଁ, ଚାକିରି ଖଣ୍ଡିକ ଚାଲିଯିବାର ଲେଶମାତ୍ର ଶୋଚନା ନାହିଁ—ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡି ମାରି ବାରଶ ବଢ଼େଇଙ୍କୁ ରକ୍ଷା କଲା ପରି ନରସିଂହ ଘୁମୁସରର ଅନ୍ନକାଙ୍ଗାଳ ସହସ୍ର ସହସ୍ର ନରନାରୀଙ୍କ ପ୍ରାଣରକ୍ଷା କରିବାକୁ ବଦ୍ଧପରିକର ହେଲେ ।

ଖୋରଢ଼ାରେ ବିରାଟ ଆଡ଼ମ୍ବର ସହ ସଭା ଅନୁଷ୍ଠିତ ହେଲା । ଲାଟ ସାହେବ ଓ ହାକିମମାନେ ଯେ ଯାହାର ସ୍ଥାନରେ ଉପବେଶନ କଲେ । ଏତିକିବେଳେ ଅପ୍ରତ୍ୟାଶିତଭାବରେ ନରସିଂହ ଘୁମୁସରର କେତେକ ପ୍ରତିନିଧିସ୍ଥାନୀୟ ବ୍ୟକ୍ତିଙ୍କ ସହ ନିର୍ଭୀକଚିତ୍ତରେ ଦରବାରରେ ପ୍ରବେଶ କରି ସିଧା ଲାଟ ସାହେବଙ୍କ ନିକଟକୁ ଯାଇ ନିବେଦନପତ୍ରଟି ପାଠ କରିବାକୁ ଲାଗିଲେ । ଏହା ଦେଖି ସଭାସଦ୍ ସମସ୍ତେ ଆଶ୍ଚର୍ଯ୍ୟାଭିଭୂତ ହୋଇ ଚିତ୍ରାର୍ପିତ ପରି ରହିଲେ । ମାତ୍ର ଲାଟ ସାହେବ ସୁକଣ୍ଠ-ନିନାଦିତ ସେହି ନିବେଦନ ପତ୍ରଟିକୁ ଅତି ମନୋଯୋଗ ସହକାରେ ଶ୍ରବଣ କରିବାକୁ ଲାଗିଲେ । ନିବେଦନପତ୍ର ଶ୍ରବଣାନନ୍ତର ଲାଟ ମହୋଦୟ ନରସିଂହଙ୍କୁ ଯେଉଁ ପ୍ରଶ୍ନାବଳୀ ପଚାରିଥିଲେ, ନରସିଂହ ସେହିସବୁ ପ୍ରଶ୍ନର ସଠିକ୍ ଉତ୍ତର ପ୍ରଦାନ କଲେ । ଲାଟ ସାହେବ ଘୁମୁସରର ପ୍ରକୃତ ଅବସ୍ଥା ଜାଣି ତାହାର ପ୍ରତିକାର କରିବାକୁ ପ୍ରତିଶ୍ରୁତ ହେଲେ । ନରସିଂହଙ୍କର ଏହି ନିର୍ଭୀକ ଜାତୀୟକାର୍ଯ୍ୟ ହେତୁ ଘୁମୁସରବାସୀ ଦୁର୍ଭିକ୍ଷର କରାଳ କବଳରୁ ରକ୍ଷା ପାଇଲେ । ସେହି ଦିନଠାରୁ ନରସିଂହଙ୍କର ନାମ ଗଞ୍ଜାମର ଗୃହେ ଗୃହେ ସମାଦୃତ ହେବାକୁ ଲାଗିଲା ।

## ହରିହର ମର୍ଦରାଜଙ୍କ ସହିତ ବନ୍ଧୁତା

କିରାଣିକାର୍ଯ୍ୟ ତ୍ୟାଗ କରି ନରସିଂହ ଦାସ ସବ୍-ରେଜିଷ୍ଟ୍ରାର-କାର୍ଯ୍ୟରେ ପ୍ରବେଶ କଲେ । ଏହି କାର୍ଯ୍ୟରେ ସେ ଗଞ୍ଜାମର ଅନେକ ସ୍ଥାନରେ ରହିଥିଲେ ସତ୍ୟ, ମାତ୍ର ପୁରୁଷୋତ୍ତମପୁରରେ ଅବସ୍ଥାନ ସମୟରେ ସେ ଅନେକ ଜାତିହିତକର କାର୍ଯ୍ୟ କରିଥିଲେ । ପୁରୁଷୋତ୍ତମପୁରରେ ବହି ନରସିଂହ ଲୋକଙ୍କଠାରୁ ଏତେ ଆଦର ଓ ଗୌରବ ଲାଭ କରିଥିଲେ ଯେ, ଆଜିପର୍ଯ୍ୟନ୍ତ ତାଙ୍କର

ପୁରୁଷୋତ୍ତମପୁର ସମ୍ବନ୍ଧ ଅତି ମଧୁରଭାବରେ ଲୋକେ ମନରେ ରଖିଛନ୍ତି । ସବ୍-ରେଜିଷ୍ଟ୍ରାର ଥିଲାବେଳେ ସେ ସମସ୍ତଙ୍କର କାର୍ଯ୍ୟ ସୁଚାରୁରୂପେ କରି ଦେଉଥିଲେ । ସବ୍-ରେଜିଷ୍ଟ୍ରାର ଅଫିସରୁ କେହି ଅତୃପ୍ତ ହୋଇ ଫେରୁ ନ ଥିଲେ । କିନ୍ତୁ ସେ କାହାରିଠାରୁ ଏକ ପାହୁଲା ଉତ୍କୋଚ ଗ୍ରହଣ କରୁ ନ ଥିଲେ । ଦେଶପ୍ରୀତି ବ୍ୟତୀତ ତାଙ୍କୁ ଅନ୍ୟ କୌଣସି ପ୍ରଲୋଭନ ଆକର୍ଷଣ କରୁ ନ ଥିଲା । ସେ ତାଙ୍କ ବେତନଟିରେ ମଧ୍ୟ ଲୋଭ କରୁ ନ ଥିଲେ । ବନ୍ଧୁ ଚର୍ଚ୍ଚା, ଓ ଅତିଥିଅଭ୍ୟାଗତ ଆଦରରେ ତାଙ୍କର ମାସିକ ଦରମା ନିଃଶେଷ ହେଉଥିଲା । ତଥାପି ସେ ଅନ୍ୟାୟଭାବରେ ପାହୁଲାଏ ଅର୍ଜନ କରିବାକୁ ସ୍ୱପ୍ନରେ ସୁଦ୍ଧା ଭାବୁ ନ ଥିଲେ । ଦେଶକାର୍ଯ୍ୟରେ ଯାହା ସେ ବ୍ୟୟ କରୁଥିଲେ, ତାହା ସେ ନିଜେ ବହନ କରୁଥିଲେ । ସେ ସବ୍-ରେଜିଷ୍ଟ୍ରାର କାମ କଲାବେଳେ ଲୋକପ୍ରିୟ ଥିଲେ ସତ୍ୟ, ମାତ୍ର ଲୋକପ୍ରିୟତା ଲାଭ ନିମନ୍ତେ ନିଜର ଆତ୍ମସମ୍ମାନ କିମ୍ବା ନୀତିରୁ ସ୍ଖଳିତ ହେଉ ନ ଥିଲେ । ସେ ନିୟମାନୁବର୍ତ୍ତିତା ଓ ନ୍ୟାୟ ନିମନ୍ତେ ଧନୀ-ନିର୍ଦ୍ଧନ, ରାଜା-ପ୍ରଜା, ସମସ୍ତଙ୍କୁ ଏକ ଦୃଷ୍ଟିରେ ଦେଖୁଥିଲେ । ସେସମୟରେ ଖଲ୍ଲିକୋଟର ଶାସକ ଥିଲେ ରାଜାସାହେବ ସ୍ୱର୍ଗୀୟ ହରିହର ମର୍ଦ୍ଦରାଜ ଦେବ । ତାଙ୍କ ଇଲାକାର କେତେ ଦସ୍ତାବେଜ ପୁରୁଷୋତ୍ତମପୁର-ସବ୍-ରେଜିଷ୍ଟ୍ରାରଙ୍କ ରେଜିଷ୍ଟର କରିବାକୁ ହେଉଥିଲା । ମାତ୍ର ନରସିଂହ ଦାସ ତାଙ୍କ କଚେରୀରେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖୁଥିବାରୁ ଖଲ୍ଲିକୋଟ କର୍ମଚାରୀମାନଙ୍କୁ ଅନେକ ସମୟରେ କିଛି ଦିନ ଅପେକ୍ଷା କରିବାକୁ ହେଉଥିଲା । ନରସିଂହ ଭାବୁଥିଲେ ଦରିଦ୍ର ପ୍ରଜାଙ୍କ କାର୍ଯ୍ୟ ପ୍ରଥମେ ଦେଖାଗଲା ପରେ ରାଜାମହାରାଜାଙ୍କ କାର୍ଯ୍ୟ ଦେଖାଯିବା ଉଚିତ । କାରଣ ଦରିଦ୍ର ପ୍ରଜାକୁଳ ଦୂର ଗ୍ରାମରୁ ଆସି

ଶର୍ତ୍ତାନ୍ତ ହେବା ଅପେକ୍ଷା ମୋଟ। ବେତନଭୋଗୀ ରାଜ-କର୍ମଚାରୀମାନେ ଦିନେ ଦୁଇଦିନ ଅପେକ୍ଷା କରିବା ଶ୍ରେୟସ୍କର। କର୍ମଚାରୀମାନେ ନରସିଂହ ଦାସଙ୍କର ଏହି ଆଚରଣରେ କ୍ଷୁବ୍ଧ ହୋଇ ରାଜାସାହେବଙ୍କୁ ଅଭିଯୋଗ କରିଥିଲେ । ଥରେ ରାଜାସାହେବ ନରସିଂହଙ୍କୁ ଏହି ସମ୍ପର୍କରେ କହିଥିଲେ ଯେ ତାଙ୍କ ପକ୍ଷରେ ଜଣେ ଓଡ଼ିଆ ରାଜାଙ୍କ କାର୍ଯ୍ୟ ପ୍ରଥମେ କରିବା ଉଚିତ ହେବନାହିଁ କି ? ମାତ୍ର ରାଜାଙ୍କ କଥା ନରସିଂହ ଗ୍ରହଣ କଲେ ନାହିଁ । ସେ ଖୋଲା ହୃଦୟରେ ରାଜାସାହେବଙ୍କୁ କହିଲେ ଯେ, ଦରିଦ୍ର ପ୍ରଜା ସାଧାରଣଙ୍କ ସେବା ତାଙ୍କର ପ୍ରଥମ କର୍ତ୍ତବ୍ୟ ଓ ସେହି କର୍ତ୍ତବ୍ୟ ପାଳନରେ ସେ କେବେ ପଶ୍ଚାତ୍‌ପଦ ହେବେ ନାହିଁ । ହରିହର ମର୍ଦ୍ଦରାଜ ଜଣେ ଗୁଣଗ୍ରାହୀ ସ୍ୱଦେଶବତ୍ସଳ ରାଜା ଥିଲେ । ସେ ନରସିଂହଙ୍କର ପ୍ରଜାପ୍ରୀତି ଓ ସ୍ପଷ୍ଟ ବଚନରେ ଅତ୍ୟନ୍ତ ପ୍ରୀତ ହେଲେ। ସେହି ଦିନଠାରୁ ଉଭୟଙ୍କ ମଧ୍ୟରେ ସଦ୍‌ଭାବ ସ୍ଥାପିତ ହେଲା । ସେହି ଦିନଠାରୁ ନରସିଂହ ରାଜାସାହେବଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ହେଲେ । ଦୁହିଙ୍କ ସ୍ନେହ ସମ୍ବନ୍ଧ ଉତ୍କଳବାସୀଙ୍କର ଗୋଟିଏ ପରମ ସୁଯୋଗ ହୋଇଥିଲା । ସ୍ୱଦେଶପ୍ରେମୀ ଦେଶହିତୈଷୀଙ୍କ ପରସ୍ପର ପ୍ରୀତି ଜାତିର ଯେପରି ବହୁ ହିତସାଧନ କରେ, ସେହିପରି ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଜାତିର ବହୁ ଅନିଷ୍ଟ ସାଧନକରେ ।

## ଅନ୍ୟାନ୍ୟ ଦେଶହିତକର କାର୍ଯ୍ୟ

ମନସ୍ୱୀ ହରିହରଙ୍କର ଦକ୍ଷିଣ ହସ୍ତରୂପେ ନରସିଂହ କେବଳ ଗଞ୍ଜାମ ନୁହେଁ ସମଗ୍ର ଉତ୍କଳର ଅଶେଷ ଉପକାର କରିଯାଇଛନ୍ତି । ସେହି ଉପକାରର ଉତ୍ତମ ଫଳ ଆମ୍ଭେମାନେ ଆଜି ଭୋଗକରି

ସେ ଦୁହିଙ୍କଠାରେ କୃତଜ୍ଞ ଓ ନତମସ୍ତକ । ଓଡ଼ିଆଭାଷାର ଅଭିବୃ
ଦ୍ଧିଉଦ୍ଦେଶ୍ୟରେ ରଙ୍ଗାଉଠିଲ ଗୁଲାସ୍ବା ଶାସ୍ତ୍ରୀ ନାମକ ଜଣେ ଅନ୍ୟ ବ୍ୟ
ସରସ୍ୱତୀ ପ୍ରେସରୁ ଗୋଟିଏ ସାପ୍ତାହିକ ଓଡ଼ିଆ ପତ୍ରିକା ପ୍ରକା
କରୁଥିଲେ । ଗୁଲାସ୍ବା ଶାସ୍ତ୍ରୀଙ୍କର ଏପରି ଓଡ଼ିଆ ବନ୍ଧ ପ୍ରକାଶ
ଦ୍ୱାରା ଦୁଇ ଚାରି ପଇସା ରୋଜଗାର ହୋଇପାରୁଥିଲା । ସେ
ପତ୍ରିକାଟିର ନାମ ଦେଇଥିଲେ "ଗଞ୍ଜାମ ହିତୈଷିଣୀ" । ପତ୍ରିକାଟି
ପଢ଼ି ନରସିଂହଙ୍କ ମନ ଗମ୍ଭୀର ଚିନ୍ତାରେ ମଗ୍ନ ହେଲା । ସେ ଭାବି
ଓଡ଼ିଆଙ୍କ ଦ୍ୱାରା ସମ୍ପାଦିତ ଗୋଟିଏ ଓଡ଼ିଆ ପତ୍ରିକା ପ୍ରକାଶି
ନ ହେଲେ ଓଡ଼ିଆଭାଷା ଲୁପ୍ତହେବ । ମାତ୍ର ପତ୍ରିକା ପ୍ରକାଶ ନିମନ୍ତେ
ଯେଉଁ ଧନ ଆବଶ୍ୟକ ତାହା ସେ କାହୁଁ ପାଇବେ ? ମନର ଭ
ମନରେ ଅଛି ଏହି ସମୟରେ ସେ "ହିତୈଷିଣୀ"ରେ ଖଲ୍ଲିକୋ
ରାଜାସାହେବଙ୍କ ନିନ୍ଦା ଦେଖିଲେ । ଗୁନାସ୍ବା ଶାସ୍ତ୍ରୀ ରାଜାସାହେବଙ୍କ
ନିକଟକୁ କିଛି ଯାଚଞ୍ଚା ନିମନ୍ତେ ଯାଇଥିଲେ; ମାତ୍ର ରାଜାଙ୍କର
ଦେଖା ନପାଇ ଅତୃପ୍ତ ଚିତ୍ତରେ ଫେରିଆସି ହିତୈଷିଣୀରେ
ରାଜାଙ୍କର ଅଯଥା ନିନ୍ଦାକରିଲ । ଗୁନାସ୍ବା ଶାସ୍ତ୍ରୀ ଭାବିଥିଲେ ଯେ
ସେ ଗୋଟିଏ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦନାକରି ଓଡ଼ିଆ ଜାତିର
ଅଶେଷ ଉପକାର ସାଧନ କରୁଥିବା ବେଳେ ତାଙ୍କପରି ଜଣେ
ପରୋପକାରୀ କର୍ମୀ ଓ ସାହିତ୍ୟସେବୀ ଲେଖକଙ୍କ ଦେଖ
ସୁଦ୍ଧା ନଦେବା ରାଜାଙ୍କ ପକ୍ଷେ ଅତ୍ୟନ୍ତ ଅନୁପଯୁକ୍ତ ଓ ନିନ୍ଦନୀୟ
ନରସିଂହ ଏହି ପତ୍ରିକାଟି ହାତରେ ଧରି ରାଜାସାହେବଙ୍କ
ଦେଖାଇଲେ । ଅପରହାତରେ ଗୋଟିଏ ପତ୍ରିକା ରହିଲେ ଜାତି
ଓ ବ୍ୟକ୍ତିଗତ ଅମଙ୍ଗଳ ହେବା ଉପରେ ଅବଶ୍ୟମ୍ଭାବୀ ଏହା ରାଜାଙ୍କୁ
ବୁଝାଇ ଦେଲେ । ସେଥି ସଙ୍ଗେ ସଙ୍ଗେ ଗୋଟିଏ ଓଡ଼ିଆ ପତ୍ରି
ପ୍ରକାଶ କରିବାର ଆବଶ୍ୟକତା ବିଷୟ ମଧ୍ୟ କହିଲେ । ହରିହର

ମର୍ଦ୍ଦରାଜ ଗୁନାୟୁ ଶାସ୍ତ୍ରୀଙ୍କୁ ଉଦାର ନରସିଂହ ଦାସ ଦେଖାଇ ଥିବା ନନ୍ଦାକଥା ପଚାରିବାରୁ ସେ ତାହା ନାହିଁ କରି ପାରିଲେ ନାହିଁ । ରାଜାସାହେବ ନରସିଂହ ଦାସଙ୍କ କଥାର ସତ୍ୟତା ଓ ଓଡ଼ିଆ ପତ୍ରିକାଟିଏ ପ୍ରକାଶ କରିବାର ଉପାଦେୟତା ସମ୍ବନ୍ଧେ ଆଉ ସନ୍ଦିହାନ ହେଲେ ନାହିଁ । ନରସିଂହଙ୍କ ସହ ପୁନର୍ବାର ଏହି ବିଷୟରେ ପରାମର୍ଶ କରି ସେ ଗୋଟିଏ ପତ୍ରିକା ପ୍ରକାଶ କରିବାକୁ ସ୍ଥିର କଲେ । ନରସିଂହଙ୍କର ମନୋରଥ ସିଦ୍ଧ ହେଲା । ରମ୍ଭା ରାଜପ୍ରାସାଦକୁ କୋଡ଼ିଏ ହଜାର ଟଙ୍କା ମୂଲ୍ୟର ଗୋଟିଏ ମୁଦ୍ରାଯନ୍ତ୍ର ଆନୀତ ହେଲା ଓ ବାମଣ୍ଡା ରାଜାଙ୍କ ଅନୁରୋଧ କରାଯାଇ ‘ସମ୍ବଲପୁର ହିତୈଷିଣୀ’ର ସୁଯୋଗ୍ୟ ସମ୍ପାଦକ ଶ୍ରୀନୀଳମଣି ବିଦ୍ୟାରତ୍ନଙ୍କୁ ପତ୍ରିକା ଚାଳନ ଭାର ପ୍ରଦତ୍ତ ହେଲା । ଏହିଭଳି ଗଞ୍ଜାମର ପ୍ରଥମ ସାପ୍ତାହିକ ଓଡ଼ିଆ ସମ୍ବାଦ ପତ୍ରିକା "ପ୍ରଜାବନ୍ଧୁ" ରମ୍ଭା ମୁଦ୍ରାଯନ୍ତ୍ରରୁ ପ୍ରକାଶ ପାଇଲା ।

ପ୍ରଜାବନ୍ଧୁ ଓଡ଼ିଆଜାତିର ଜାତୀୟତାକୁ କିପରି ବଞ୍ଚାଇ ରଖିଥିଲା ତାହାର ବିସ୍ତୃତ ବର୍ଣ୍ଣନା ସ୍ଥଳ ଏ ନୁହେଁ । ମାତ୍ର ଆମ୍ଭମାନଙ୍କୁ ଏତିକି ସ୍ମରଣ ରଖିବାକୁ ହେବ ଯେ, ସେହି ପ୍ରଜାବନ୍ଧୁର ପ୍ରଥମ ଭାବ ନରସିଂହ ଦାସଙ୍କ ମନରେ ସର୍ବପ୍ରଥମେ ଜାଗ୍ରତ ହୋଇଥିଲା ଓ ତାଙ୍କର ଚେଷ୍ଟା ଏବଂ ଉତ୍ସାହ ବଳରେ ତାହା ପ୍ରକାଶ ଲାଭ କରିଥିଲା ।

ପୁରୁଷୋତ୍ତମପୁର ଅବସ୍ଥାନ ସମୟରେ ନରସିଂହ ଦାସଙ୍କର ମନ ଅନ୍ୟ ଏକ ଜାତୀୟ ଅନୁଷ୍ଠାନ ପ୍ରତି ଧାବିତ ହୋଇଥିଲା । ତାହା ହେଉଛି ଓଡ଼ିଆ ନାଟ୍ୟକଳାର ବିକାଶ । ସେ ନିଜକୁ ଜାତୀୟ କାର୍ଯ୍ୟ ଓ ନିଜର କର୍ତ୍ତବ୍ୟରେ ନିୟୋଜିତ କରି ସାହିତ୍ୟ ଦିଗରେ ଦୃଷ୍ଟି ଦେବାକୁ ଅତି ଅଳ୍ପ ସମୟ ପାଉଥିଲେ । ମାତ୍ର

ଅନ୍ୟମାନଙ୍କର ନାଟ୍ୟକଳାର ଉନ୍ନତି ଦେଖି ନରସିଂହ ଓଡ଼ିଆ-ମାନଙ୍କର ମନକୁ ସେହି ଦିଗରେ ବଳାଇଥିଲେ । ସେହି ସମୟରେ ପାରଳା ମହାରାଜାଙ୍କ ଭ୍ରାତା ପଦ୍ମନାଭ ଦେବ ଅନେକଗୁଡ଼ିଏ ଓଡ଼ିଆ ନାଟକ ନିଜେ ରଚନାକରି ପାରଳାରେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚରେ ସେସବୁ ଅଭିନୟ କରାଉଥିଲେ । ତାଙ୍କ ଅନୁକରଣରେ ନରସିଂହ ପୁରୁଷୋତ୍ତମପୁର ଅଧିବାସୀଙ୍କ ସହ ଗୋଟିଏ ରଙ୍ଗମଞ୍ଚ ନିର୍ମାଣକରି ଅନେକଗୁଡ଼ିଏ ନାଟକ ଅଭିନୟ କରାଇବାକୁ ଲାଗିଲେ । ନାଟ୍ୟକଳାର ଅଭିବୃଦ୍ଧି ସକାଶେ ସେ ନିଜେ ଅନେକ ଧନ ବ୍ୟୟ କରିବାକୁ ପଡ଼ିଥିଲା । ଅଭିନୟ ସକାଶେ ଯେଉଁସବୁ ମୂଲ୍ୟବାନ୍ ବେଶଭୂଷାର ଆବଶ୍ୟକ ହୁଏ ସେ ସବୁ ଖଲ୍ଲିକୋଟ ରାଜାସାହେବଙ୍କଠାରୁ ଅଣାଯାଉଥିଲା । ପୁରୁଷୋତ୍ତମ-ପୁରରେ ନାଟକ ଅଭିନୟ ଗ୍ରାମବାସୀଙ୍କୁ ଗୋଟିଏ ନୂତନ ଉତ୍ସାହ ପ୍ରଦାନ କରିଥିଲା । ସମସ୍ତେ ନରସିଂହଙ୍କ ନେତୃତ୍ୱରେ ଗୃହୀତ ହୋଇଥିଲେ । ରଙ୍ଗମଞ୍ଚରେ ନାଟ୍ୟକଳାର ବିକାଶ ସଙ୍ଗେ ସଙ୍ଗେ ଜାତୀୟତା ପ୍ରତି ପ୍ରୀତି ମଧ୍ୟ ନରସିଂହଙ୍କର ତୀବ୍ର ଦୃଷ୍ଟି ରହିଥିଲା । ତେଣୁ ରଙ୍ଗମଞ୍ଚରୁ ଓଡ଼ିଆ ଜାତୀୟ ଗୀତର ମୂର୍ଚ୍ଛନା ଦର୍ଶକମାନଙ୍କର ଚିତ୍ତହରଣ କରୁଥିଲା ଓ ଜାତୀୟ ଜୀବନର ନିର୍ମଳସ୍ରୋତ ଗ୍ରାମବାସୀଙ୍କ ପ୍ରାଣରେ ଖେଳିଯାଉଥିଲା । ଏହାଦେଖି ନରସିଂହ ସମ୍ବଳ ଶୂନ୍ୟ ହୋଇସୁଦ୍ଧା ଅପାର ଆନନ୍ଦ ଅନୁଭବ କରୁଥିଲେ । ରଙ୍ଗମଞ୍ଚରେ ସେ ନିଜେ ଶୁଣୁଥିଲେ ପୁଣି ଲୋକଙ୍କୁ ଶୁଣାଉ ଥିଲେ —

ଜାତିର ଉନ୍ନତି ହେବକିରେ ଭାଇ ସ୍ୱାର୍ଥକୁ ଜଗତେ ମଣି,
ତୋ ଦ୍ୱାର ଝଙ୍କାଳରେ ମାଉଁସ ଲାଗିଲେ ଦେହର କି ଶୁଭ ଗଣି ।

ଆଜି ପୁରୁଷୋତ୍ତମପୁରରେ ସେହି ରଙ୍ଗମଞ୍ଚ ନାହିଁ କି ସେହି ନାଟ୍ୟଭାରତୀ ନାହିଁ। କିନ୍ତୁ ନରସିଂହ ମଧ୍ୟ ସେଠାରେ ନାହାନ୍ତି, ତଥାପି ଗୃହଅଡ଼େ ଟିକିଏ ଆଖି ବୁଲାଇ ଦେଖିଲେ ଗଞ୍ଜାମର ପ୍ରତ୍ୟେକ ଓଡ଼ିଆ କଣିକାରେ ନରସିଂହଙ୍କର ଆତ୍ମା ଭରପୂର ହୋଇ ରହିଅଛି।

## ଉତ୍କଳ ସମ୍ମିଳନୀ

ଓଡ଼ିଆ ଜାତିର ଉନ୍ନତିପାଇଁ ଦିବାନିଶି ଜଣେ କେହି ଯଦି ଚିନ୍ତା କରୁଥିଲେ ସେ ହେଉଛନ୍ତି ନରସିଂହ ଦାସ। ଓଡ଼ିଆଦେଶର ବ୍ୟବଚ୍ଛେଦ ଓଡ଼ିଆଭାଷାର ବିକଳାଙ୍ଗ ମୂର୍ତ୍ତି ଓ ଓଡ଼ିଆ ଜାତୀୟତାର ଶିଥିଳଗତି ନରସିଂହଙ୍କ ପ୍ରାଣରେ ଗୁରୁବେଦନା ଜାତ କରୁଥିଲା। ଉତ୍କଳଦେଶର ଏକତ୍ରୀକରଣ ବ୍ରତରେ ବ୍ରତୀହୋଇ ସେ ସର୍ବଦା ଚିନ୍ତିତ ଥିଲେ ଏବଂ ଅନେକ ସମୟ ପ୍ରଜାବନ୍ଧୁ ସମ୍ପାଦକ ବିଦ୍ୟାରତ୍ନ ଓ ଜୟକୃଷ୍ଣ ପ୍ରଭୃତି କେତେକ ଜାତୀୟ ପ୍ରେମୀଙ୍କ ସଙ୍ଗେ ପରାମର୍ଶ କରିବାକୁ ରମ୍ଭା ପ୍ରସ୍ଥାନ କରୁଥିଲେ। ସପ୍ତମ ଏଡ଼ୱାର୍ଡଙ୍କ ଅଭିଷେକୋତ୍ସବ ୧୯୦୧ ସେପ୍ଟେମ୍ବର ମାସରେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାର ସ୍ଥିରହୋଇ ହେଲା। ଉକ୍ତ ଉତ୍ସବରେ ଯୋଗଦାନ କରିବାକୁ ଖଲିକୋଟର ରାଜାସାହେବ ନିମନ୍ତ୍ରଣ ପ୍ରାପ୍ତ ହୋଇଥିଲେ। ହରିହର ମର୍ଦ୍ଦରାଜ ଦିଲ୍ଲୀ ଯିବାକୁ ଠିକ୍ କରି ନରସିଂହଙ୍କ ସହ ଅନେକଥର ପରାମର୍ଶ କରିବାକୁ ଲାଗିଲେ। ପରିଶେଷରେ ସ୍ଥିର ହେଲା ରାଜା ଦିଲ୍ଲୀ ପ୍ରସ୍ଥାନ କରିବେ। ସେଥି ନିମନ୍ତେ ତିରିଶ ହଜାର ଟଙ୍କା ବ୍ୟୟ କରିବା ମଧ୍ୟ ଠିକ୍ କରାଗଲା। ଏତେଗୁଡ଼ିଏ ଟଙ୍କା ଜଣକର ଆଡ଼ମ୍ବର ପିପାସାର ନିବୃତ୍ତି ନିମନ୍ତେ ଖର୍ଚ୍ଚ କରିବା। ନରସିଂହଙ୍କ

ମନକୁ ପାଇଲା ନାହିଁ । କିନ୍ତୁ ରାଜାଙ୍କୁ ତ ଏକଥା ଖୋଲ୍‌ଠୋକ୍ ଭାବେ କହିଦେବାଟା ଠିକ୍ ହେବନାହିଁ । ତେଣୁ ନରସିଂହ ନାନାପ୍ରକାର ଯୁକ୍ତିର ଅବତାରଣା କରି ଦୀର୍ଘ ପ୍ରୟାସରୁ ରାଜାଙ୍କର ମନକୁ ଫେରାଇଦେଲେ । ହରିହର ଜାଣିପାରିଲେ, ସେ ରମ୍ଭା ରାଜପ୍ରସାଦ କିମ୍ବା ଖଲ୍ଲିକୋଟ ରାଜ୍ୟରେ ଯେତେ ବଡ଼ ହୁଅନ୍ତୁ ପଛେ ହୋଲ୍‌କାର୍, ଗାଇକୋବାଡ୍ ବା ନିଜାମଙ୍କ ଭଳି ରାଜା ମହାରାଜାଙ୍କ ସମକ୍ଷରେ ଓ ତୁଳନାରେ ଅତି ହେୟ । ଛରେଶ ହଜାର ଟଙ୍କା ଅକାରଣ ବ୍ୟୟହେବ, ତଥାପି ସେ ଯେଉଁ ଜମିଦାରକୁ ସେ ଜମିଦାର ହୋଇ ରହିବେ । ନରସିଂହ ରାଜାଙ୍କୁ ପୁଣି କହିଲେ, ସେ ଯଦି ବିଭିନ୍ନ ସରକାର ଶାସିତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରି ଓଡ଼ିଆ ଜାତିର ଲୁପ୍ତ ଗୌରବ ଉଦ୍ଧାର କରିପାରିବେ ତେବେ ତାଙ୍କର ନାମ ଚିରଦିନ ପାଇଁ ସ୍ୱଦେଶ ଇତିହାସରେ ଅମରହୋଇ ରହିଯିବ ।

ନରସିଂହଙ୍କର ଏହି ସୁଯୁକ୍ତି ହରିହରଙ୍କ ମନକୁ ପାଇଲା । ସେ ଉତ୍କଳ ଦେଶର ଏକତ୍ରୀକରଣରେ ମନପ୍ରାଣ ଢାଳିଦେଲେ । ଅନତି ବିଳମ୍ବେ ଉତ୍କଳର ବିଭିନ୍ନାଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ବ୍ରହ୍ମପୁରଠାରେ ଗୋଟିଏ ସଭାରେ ଯୋଗଦେବାପାଇଁ ସାଦର ନିମନ୍ତ୍ରଣ ପ୍ରେରିତ ହେଲା । ନେତାମାନେ ଆସି ବ୍ରହ୍ମପୁରରେ ରାଜାଙ୍କର ଅତିଥି ହୋଇ ରହିଲେ । ଗଞ୍ଜାମର ସର୍ବପ୍ରଥମ ବି. ଏ. ଉପାଧିଧାରୀ ଓଡ଼ିଆ ସ୍ୱର୍ଗତ ଶାମସୁନ୍ଦର ରାଜଗୁରୁ ସଭାର ସଭାପତି ହେଲେ । ସଭାକୁ ମଧୁବାବୁ କଟକରୁ ଆସିଥିଲେ । ସେହି ସଭାରେ ମଧୁବାବୁଙ୍କ ପ୍ରସ୍ତାବ ଅନୁସାରେ ୧୯୦୨ ବଡ଼ଦିନ ଛୁଟିରେ ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ କଟକଠାରେ ହେବାର ସ୍ଥିର କରାଗଲା । ମଧୁବାବୁ ସମ୍ମିଳନୀର ସକଳ ବ୍ୟୟଭାର ବହନ କରିବାକୁ

ଅଙ୍ଗୀକାର କଲେ । ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ରଭଞ୍ଜ ଦେବ ସମ୍ମିଳନୀର ସଭାପତି ହେବାର ଠିକ୍ ହେଲା । ସମ୍ମିଳନୀର ଅଫିସ ରମ୍ଭାଠାରେ ରହିଲା ଓ 'ପ୍ରଜାବନ୍ଧୁ' ସମ୍ମିଳନୀର ମୁଖପତ୍ରହୋଇ ସମଗ୍ର ଦେଶ ର ଜାତିର ସନ୍ଦେଶ ପ୍ରଚାରକରିବାକୁ ଲାଗିଲା ।

କଟକର ବୈଠକ ଅତି ସମାରୋହରେ କରିବା ଆବଶ୍ୟକ । ସମୟ ଥାଉ ଥାଉ ସମସ୍ତ ବନ୍ଦୋବସ୍ତ କରିବାକୁ ହେବ । ସମୟ ଥାଉ ଥାଉ ଦେଶବାସୀଙ୍କୁ ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମ ଜଣାଇ ଦେବାକୁ ହେବ । ନଚେତ୍ ଦେଶବାସୀଙ୍କ ନବୋତ୍ସାହ ହଠାତ୍ ଭାଙ୍ଗିପଡ଼ିବ । ତେଣୁ ରମ୍ଭାଠାରୁ କଟକକୁ ଘନ ଘନ ପତ୍ର ପରେ ପତ୍ର ପଠାଗଲା; ମାତ୍ର ସବୁ ପତ୍ରକୁ ମଧୁବାବୁ ନିରୁତ୍ତର । ଦିନପରେ ଦିନ, ମାସପରେ ମାସ ବିତିଯାଉଛି । ତଥାପି କଟକରୁ ଚିଠିପତ୍ର ଆସିବାକୁ ନାହିଁ । ନରସିଂହ ଏଥିରେ ପ୍ରମାଦ ଗଣିଲେ । ରାଜାସାହେବଙ୍କ ସମ୍ମୁଖରେ ମୁଖ ଦେଖାଇବାକୁ ତାଙ୍କର ଲଜ୍ଜାବୋଧ ହେଲା । ରାଜାସାହେବ ମଧ୍ୟ କଟକର ଏହି ବିଚିତ୍ର ବ୍ୟବହାରରେ ଅତିଶୟ ମର୍ମାହତ ଓ ଦୁଃଖିତ ହେଲେ; ମନରେ ତାଙ୍କର ଅତ୍ୟନ୍ତ ରାଗ ଜାତହେଲା । ସେ ଭାବିବାକୁ ଲାଗିଲେ ଓଡ଼ିଆମାନଙ୍କ ଫାନ୍ଦରେ ପଡ଼ି ତାଙ୍କୁ ନିଜର ଇଜ୍ଜତ ହରାଇବାକୁ ହେଲା । ନୀଳମଣି, ନରସିଂହ ଓ ଜୟକୃଷ୍ଣ ନିରୁପାୟ ଓ ନିଃସହାୟ ଭାବେ "ଗୈରବ ମାଆପରି ହ୍ୱାର ଦେଇ କାନ୍ଦିବାକୁ ଲାଗିଲେ ।"

ଦିନେ ହଠାତ୍ ଗଡ଼ଜାତର ଜନୈକ ରାଜା ଏକ ଫୌଜଦାରୀ ଅଭିଯୋଗରେ ଅଭିଯୁକ୍ତହୋଇ ମଧୁବାବୁଙ୍କ ଓକିଲାତି ନିମନ୍ତେ ପତ୍ରଦ୍ୱାରା ହରିହରଙ୍କର ଆଶ୍ରୟ ନେଲେ । ସେ ପତ୍ରରେ ଲେଖିଥିଲେ ଯେ, ହରିହର ମଧୁବାବୁଙ୍କୁ କହିଲେ ସେ ନିଶ୍ଚୟ ତାଙ୍କପାଇଁ ଲଢ଼ି

ସରକାରୀ ଜୁଆରଣ୍ଟରୁ ମୁକ୍ତକରିବେ । ସେହି ରାଜା ଏହି ସାହାଯ୍ୟ ନିମନ୍ତେ ମଧୁବାବୁଙ୍କୁ ଯଥେଷ୍ଟ ଧନ ଦେବାକୁ ପ୍ରସ୍ତୁତ ଥିଲେ । ସେ ହରିହରଙ୍କୁ ଶେଷରେ ପ୍ରାର୍ଥନା କରିଥିଲେ ଯେ, ସେ ମଧୁବାବୁଙ୍କଠାରୁ କୌଣସି ବ୍ୟକ୍ତିଙ୍କୁ ପତ୍ରଦେଇ ପଠାଇବେ ।

ଏପରି ଗୋଟିଏ ଗୁରୁତର ବିଷୟରେ ଖଲ୍ଲିକୋଟର ରାଜାସାହେବ ନରସିଂହଙ୍କୁ ପରାମର୍ଶ କରିବା ଉଚିତ ମନେକରି ତାଙ୍କୁ ପତ୍ରଟି ଦେଖାଇଲେ । ନରସିଂହଙ୍କ ମନରେ ବିଦ୍ୟୁତବେଗରେ ସମ୍ମିଳନୀ ହେବାର ଗୋଟିଏ ଶୁଭସୂଚକ ଆଶା ଖେଳିଗଲା । ଯେ ଯେଉଁଥିରେ ଥାଏ, ତା'ର ମନ ସେଇଁଥିରେ ଡଳଥାଏ ସେ ଟିକିଏ ଖିଅ ମିଳିଲେ ସମସ୍ତ କାର୍ଯ୍ୟ ସିଦ୍ଧ କରିଦିଏ । ନରସିଂହ ରାଜ ସାହେବଙ୍କୁ ମନର କଥା କିଛି ନ କହି ଏତିକି କହିଲେ ଯେ, ସେ ତାଙ୍କର ପତ୍ରବାହକ ହୋଇ ମଧୁବାବୁଙ୍କ ନିକଟକୁ ଯିବାକୁ ପ୍ରସ୍ତୁତ । ସେଥିନିମନ୍ତେ ସେ କେତେଦିନ ଛୁଟିନେଇ ରାଜା-ସାହେବଙ୍କ ପତ୍ରସହ ମଧୁବାବୁଙ୍କ କଟକ ଭବନରେ ପହଞ୍ଚିଲେ । ମଧୁବାବୁ ନରସିଂହଙ୍କୁ ଦେଖିବା ମାତ୍ରେ ଜାଣିଲେ ସେ ସମ୍ମିଳନୀ ବିଷୟ ବୁଝିବାକୁ ସେଠାକୁ ଯାଇଛନ୍ତି । ତାଙ୍କଠାରେ ସେ କୌଣସି କଥା ଅଛପା ରଖିଲେ ନାହିଁ । ମଧୁବାବୁଙ୍କର ସମ୍ମିଳନୀ ସମ୍ବନ୍ଧରେ ଯେଉଁ ନୀରବତା ତାହାର ଏକମାତ୍ର କାରଣ ତାଙ୍କ ହାତରେ ସେତେବେଳେ ଧନର ଅଭାବ । ମଧୁବାବୁଙ୍କର ଧନାର୍ଜନ ଓ ଧନବ୍ୟୟ ଦୁଇଟି ନଳାଯୁକ୍ତ ଜଳଭଣ୍ଡାର ସଙ୍ଗେ ତୁଳନା କରାଯାଇ ପାରେ । ସମୟ ଓ କାର୍ଯ୍ୟ ହିସାବରେ ଅଙ୍କ କଷିଲେ ମଧୁବାବୁଙ୍କ ହସ୍ତ ସବୁବେଳେ ରିକ୍ତ; ପକେଟ୍ ସବୁବେଳେ ଶୂନ୍ୟ । ନିଜପାଇଁ ସେ ଯେତେ ମିତବ୍ୟୟୀ ଥିଲେ, ସେହି ପରିମାଣରେ ପରପାଇଁ,

ବିଶେଷତଃ କୌଣସି ସାମାଜିକ ଓ ଜାତୀୟ ଅନୁଷ୍ଠାନ ପାଇଁ ଧନବ୍ୟୟ କରିବାକୁ ସେତିକି ମୁକ୍ତହସ୍ତ ଥିଲେ। ସେ ଟିକିଏ ଲଜ୍ଜିତ ହୋଇ ନରସିଂହଙ୍କୁ କହିଲେ ଯେ, ଧନ ନ ଥାଇ ସେ କିପରି ସମ୍ମିଳନୀ କରିବେ ? ଏହି ଚିନ୍ତାରେ ଗ୍ରସ୍ତହୋଇ ସେ ବମ୍ବାରୁ ପ୍ରାପ୍ତ କୌଣସି ପତ୍ରର ଉତ୍ତର ଦେଇପାରୁ ନ ଥିଲେ।

ନରସିଂହ ମୃଦୁହାସ୍ୟକରି ମଧୁବାବୁଙ୍କୁ କହିଲେ, "ମୁଁ ତାହା ଜାଣି ଟଙ୍କା ଦେବାକୁ ଆସିଛି। ଆପଣ ସମ୍ମିଳନୀ ହେବାର ଯୋଗାଡ଼ କରନ୍ତୁ"। ମଧୁବାବୁ ଅଶ୍ରୁପ୍ଲାବିତ ହୋଇ ନରସିଂହଙ୍କ କଥାର କିଛି ଅର୍ଥ ବୁଝିପାରିଲେ ନାହିଁ। ମାତ୍ର ହରିହର ମର୍ଦ୍ଦରାଜଙ୍କ ପତ୍ର ପାଠପରେ ନରସିଂହ ମଧୁବାବୁଙ୍କୁ କହିଲେ ଯେ ସେ ନିଜେ ଯାଇ ସେହି ରାଜାଙ୍କୁ ଓ ତାଙ୍କସହ ମଧୁବାବୁଙ୍କର ଔକାଲତି ଫିସ୍ ଆଣିବେ। ମଧୁବାବୁ ସବୁ ବୁଝିପାରି ଆଶ୍ୱସ୍ତ ହେଲେ। ନିଜେ ନରସିଂହ ବିପଦ୍‌ସଂକୁଳ ଜଙ୍ଗଲ ଭିତରେ ରାତିଅଧରେ ଗୋଟିଏ ବଳଦଗାଡ଼ିରେ ଯାଇ ସେହି ରାଜାଙ୍କସହ ଟଙ୍କାଧରି ଆସିଲେ। କଟକରେ ସମ୍ମିଳନୀର ପ୍ରଥମ ବୈଠକ ହେଲା। ନରସିଂହଙ୍କର ଜାତୀୟ ଆଶା-ଲତା ମଞ୍ଜରିବାକୁ ଲାଗିଲା। ସେ ଚାକିରୀ, ହାକିମ କାହାକୁ ଖାତିର ନ କରି ଜାତୀୟ କାର୍ଯ୍ୟରେ ଲାଗିଗଲେ ; ଅନେକଥର ତାଙ୍କୁ କଟକ ଯିବା ଆସିବା କରିବାକୁ ପଡ଼ୁଥିଲା। ସେ ରାତି ରାତି କାମ ତୁଟାଇ ଦିନ ୧୧ଟାବେଳେ କଚେରୀରେ ହାଜର ହୋଇ ଯାଉଥିଲେ। ସମ୍ମିଳନୀ ଓ ଓଡ଼ିଆ ଆନ୍ଦୋଳନ ସମ୍ବନ୍ଧେ ବହୁ ଚିଠିପତ୍ର ତାଙ୍କଠାକୁ ଆସେ ଓ ସେ ମଧ୍ୟ ଲେଖନ୍ତି। ଊର୍ଦ୍ଧ୍ୱତନ କର୍ତ୍ତୃପକ୍ଷ ଲକ୍ଷିତ ନିଦର୍ଶନ ଧରି ତାଙ୍କର କ୍ଷତି କରି ପାରନ୍ତି। ତେଣୁ ସେ କେତେବେଳେ ଶ୍ରୀରାମ ଦାସ ନାମରେ ତାଙ୍କ ଲେଖାମାନଙ୍କ

ତାରେ ଅଭିହିତ ହେଲେ । ସେ ସମୟରେ ତାଙ୍କର ଜଣେ ବାଣୁଆ ଗୃହକର ତାଙ୍କୁ ବହୁତ ସାହାଯ୍ୟ କରିଥିଲା ଓ ଧନେହେଲେ ଗୁପ୍ତକଥା ବାହାରେ କାହାକୁ କହି ନଥିଲା ।

ନରସିଂହଙ୍କର ଅଦମ୍ୟ ଚେଷ୍ଟା, ପ୍ରବଳ ଆନ୍ଦୋଳନ ଓ ନିର୍ଭୀକ ମନସ୍ୱୀତା ଉପରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହୋଇ, ପ୍ରତିବର୍ଷ ଶ୍ରୀକ୍ଷେତ୍ରମଠ ବସି ଜାତିକୁ ବଞ୍ଚାଇ ରଖିଲା । ୧୯୦୮ ରେ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ହେଲା । କ୍ରମେ କ୍ରମେ ଜାତୀୟ ଜାଗରଣର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସରକାରଙ୍କର ଦୃଷ୍ଟି ଓଡ଼ିଆ ଜାତିର ଜୀବନ ମରଣ ସମସ୍ୟା ଦେଶମିଶ୍ରଣ ପ୍ରତି ଆକୃଷ୍ଟ ହେଲା । ଭାରତ ସରକାର ଓଡ଼ିଆମାନଙ୍କର ଏହି ଜାତୀୟ ଦାବୀର ସତ୍ୟାସତ୍ୟ ଜାଣିବା ସକାଶେ ଗୁପ୍ତଭାବେ ଅନୁସନ୍ଧାନ କରିବାକୁ ଲାଗିଲେ । କାରଣ ଯାହା ହୋଇଥାଉ ପଛେ ଓଡ଼ିଆମାନଙ୍କର ଦେଶମିଶ୍ରଣ ଆନ୍ଦୋଳନ ବିରୁଦ୍ଧରେ ମାନ୍ଦ୍ରାଜ ସରକାର ସବୁବେଳେ, ସବୁ ଅବସ୍ଥା ଓ ସବୁ ସ୍ତରରେ ବିରୁଦ୍ଧାଚରଣ କରି ଆସୁଥିଲେ । ମାନ୍ଦ୍ରାଜ ସରକାର ବା ଅନ୍ଧ୍ରଜାତି ଓଡ଼ିଆ ବିରୁଦ୍ଧରେ ହାଇ ମାରିଲେ ଫୁଟିକି ମାରିବାକୁ ଆମମାନଙ୍କର ବଦାନ୍ୟ ଶ୍ରେଷ୍ଠ ଆନ୍ଧ୍ର-ଦେବାନ ପୁଞ୍ଜି-ଗୃହଳତ-ପିତୁଳା ଜମିଦାର ଶ୍ରେଣୀ ଥିଲେ । ଫଳରେ ଗଞ୍ଜାମର ଜିଲ୍ଲା କଲେକ୍ଟର ଫେହିଷ୍ଟ୍ରଙ୍କ ସାହେବ ସୁଦୂର କଲିକତା ଯାଇ ଦେଶ-ମିଶ୍ରଣ ବିରୁଦ୍ଧରେ ମତ ଦେଇଥିଲେ । ସୁତରାଂ ଭାରତ ସରକାର ମଧ୍ୟ ସମ୍ମିଳନୀ ପ୍ରସ୍ତାବଗୁଡ଼ିକର ବିରୁଦ୍ଧାଚରଣ କଲେ । ନରସିଂହ ଭାରତ ସରକାରଙ୍କର ଆଶାହୀନ ଉତ୍ତର ଶୁଣିଲାକ୍ଷଣି ସଂଜ୍ଞାଶୂନ୍ୟ ହୋଇ ତଳେ ପଡ଼ିଗଲେ । ଦୁଇଘଣ୍ଟା କାଳ ତାଙ୍କର ଚେତନା ଆସିଲା ନାହିଁ । ଏଥିରୁ ନରସିଂହଙ୍କ ପ୍ରାଣରେ ଜାତୀୟ ଚିନ୍ତା କି କାର୍ଯ୍ୟ କରୁଥିଲା, ତାହା ଭାବିଲେ ବିସ୍ମିତ ହେବାକୁ ହୁଏ ।

## ମାନ୍ଦ୍ରାଜ ବ୍ୟବସ୍ଥା ସଭାରେ ଓଡ଼ିଆ ପ୍ରତିନିଧି

ମାନ୍ଦ୍ରାଜର ବ୍ୟବସ୍ଥାପକ ସଭାରେ ଜଣେ ହେଲେ ଓଡ଼ିଆ ପ୍ରତିନିଧି ନଥିବାରୁ ସରକାରଙ୍କଠାରେ ଓଡ଼ିଆମାନଙ୍କର ଦାବୀ ଉପସ୍ଥାପିତ ହୋଇ ପାରୁ ନଥିଲା, ବରଂ ବିକୃତ ବା ବିପରୀତ ଭାବେ ସରକାରଙ୍କୁ ଏହି ଜାତିର ହାରଗୁହାରି ଶୁଣାଯାଉଥିଲା । ଜଣେ ଓଡ଼ିଆ ପ୍ରତିନିଧି ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ରହିବା ଉଚିତ ଓ ନ୍ୟାୟ ସଙ୍ଗତ । ତେଣୁ ନରସିଂହ ଏହି କାର୍ଯ୍ୟରେ ଧନବ୍ରତ ଲାଗିପଡ଼ିଲେ । ସେ ଏଥିପାଇଁ ମାନ୍ଦ୍ରାଜ ଗଲେ । ପରଶେଷରେ ତାଙ୍କର ଚେଷ୍ଟା ଫଳବତୀ ହେଲା ଓ ଧରାକୋଟର ରାଜା ସାହେବ ମଦନମୋହନ ସିଂହ ଦେବଙ୍କୁ ମନୋନୟନ କରାଗଲା । ଏହାପରେ ମଦନମୋହନଙ୍କ ପଛରେ ନରସିଂହ ରହି ସେ ଜାତିର ସମସ୍ତ କାର୍ଯ୍ୟ ଚଳାଇଲେ, ଏହା କହିବା ବାହୁଲ୍ୟ ମାତ୍ର ।

## ଶେଷ ଜୀବନ

ନରସିଂହ ଜାତୀୟ କାର୍ଯ୍ୟରେ ଲାଗିଥିଲେ ମଧ୍ୟ ଆତ୍ମସମ୍ମାନ ହରାଇବାକୁ କଦାପି ପ୍ରସ୍ତୁତ ନ ଥିଲେ । ଓଡ଼ିଆ ଜାତୀୟତା ନାମରେ କୌଣସି ପ୍ରକାର ଅନୀତି, ଅନାଚାର, ଅନ୍ୟାୟ, ଅଧର୍ମକୁ ସେ ପ୍ରଶ୍ରୟ ଦେଉ ନ ଥିଲେ । ସେ ଧରାକୋଟ ରାଜାଙ୍କ ଅନୁରୋଧ ରକ୍ଷାକରି ତାଙ୍କର ଦେୱାନ କାର୍ଯ୍ୟ ବୁଝୁଥିଲେ । ମାତ୍ର ରାଜାଙ୍କର ବେତନ ଭୋଗୀ ବୋଲି ସେ ନିଜର ସମ୍ମାନକୁ ବିକ୍ରୟ କରି ନ ଥିଲେ । ଥରେ ସାଧାରଣ ରାଜକାର୍ଯ୍ୟରେ ଗୋଟି ନରସିଂହ ଘରେ ବିଶ୍ରାମ

ନେଉଛନ୍ତି ଏପରି ସମୟରେ ରାଜାଙ୍କର ଡାକରା ଆସିଲା, ସେ ରାଜପ୍ରସାଦକୁ ଯିବାପାଇଁ । ସେ ତାହା ରକ୍ଷା କଲେ ନାହିଁ । ରାଜା ସର୍ବାଙ୍କ ତାଙ୍କର ଏହି ଆଚରଣକୁ ସମାଲୋଚନା କଲେ । କିନ୍ତୁ ନରସିଂହ ରାଜାଙ୍କୁ ସ୍ପଷ୍ଟଭାବେ କହିଦେଲେ ଯେ, ତାଙ୍କ ପକ୍ଷେ "କାକ ସ୍ନାନ, ଗର୍ଦ୍ଦଭ ଭୋଜନ ଓ କୁକୁର ଦଉଡ଼" କରି ରାଜସେବା କରିବା ଅସମ୍ଭବ । ନରସିଂହ ଧରାକୋଟରେ ଆଉ ବେଶି ଦିନ ରହିଲେ ନାହିଁ ।

ବାହ୍ୟ କାର୍ଯ୍ୟରେ ଏତେ ବ୍ୟସ୍ତ ରହି ମଧ୍ୟ ନରସିଂହ ସରକାରୀ କାର୍ଯ୍ୟରେ କିଛି ହେଲେ ଖିଲା କରୁ ନ ଥିଲେ । ତାଙ୍କର ନିରଳସ ପ୍ରକୃତି, ଲୋଭ ହୀନ ଚରିତ୍ର ଓ କର୍ମ ନିଷ୍ଠାରେ ତୃପ୍ତହୋଇ କର୍ତ୍ତୃପକ୍ଷ ତାଙ୍କୁ ଅସ୍ଥାୟୀଭାବେ ଜିଲ୍ଲା ରେଜିଷ୍ଟ୍ରାର ପଦକୁ ଉନ୍ନୀତ କରିଥିଲେ । ତାପରେ ସେ ପୁନର୍ବାର ସବ୍-ରେଜିଷ୍ଟ୍ରାର କାର୍ଯ୍ୟ କରି କେତେଦିନ ପରେ ଭଗ୍ନସ୍ୱାସ୍ଥ୍ୟ ହୋଇ ବ୍ରହ୍ମପୁରଠାରେ ଅବସର ଗ୍ରହଣ କଲେ । ମାତ୍ର ଜାତୀୟ କାର୍ଯ୍ୟରୁ ଜୀବନର ଶେଷଦିବସ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ବିଧି ତାଙ୍କ ଲଲାଟରେ ଲେଖି ନ ଥିଲା । ବ୍ରହ୍ମପୁର ଅଧିବାସ ସମୟରେ ସେ ଉତ୍କଳର ଭବିଷ୍ୟତ ଭରସାର ସ୍ଥଳ ବ୍ରହ୍ମପୁର କଲେଜର ଛାତ୍ରମାନଙ୍କ ସହିତ ସର୍ବଦା ସମ୍ପର୍କ ରଖିଥିଲେ; ପୁଣି ସେମାନଙ୍କୁ ଉପଦେଶ, ପରାମର୍ଶ ଓ ସାହାଯ୍ୟ ପ୍ରଦାନକରି ଜାତୀୟ କାର୍ଯ୍ୟରେ ମତାଉଥିଲେ । ଅନ୍ୟମାନେ ଓଡ଼ିଆ ଛାତ୍ରମାନଙ୍କୁ ନାନାପ୍ରକାର ଅସହ୍ୟ ନିର୍ଯ୍ୟାତନା ଓ ଅପମାନ ଦେଉଥିଲେ, ସେମାନେ ନରସିଂହଙ୍କର ଉତ୍ସାହ ବାକ୍ୟ ଓ ସଦୁପଦେଶ ଦ୍ୱାରା ଗୃଢ଼ଭୂତହୋଇ ଦେଶର ଓ ଜାତିର ସମ୍ମାନ ରକ୍ଷାକରୁଥିଲେ । ଯୁବକ ପ୍ରାଣରେ ଜାତୀୟଭାବର ସଞ୍ଚାର କରାଇବାକୁ ନରସିଂହଙ୍କ ବ୍ୟକ୍ତିତ୍ୱ ଯଥେଷ୍ଟ ଥିଲା । ଏହି ବ୍ୟକ୍ତିତ୍ୱର ପ୍ରଭାବରେ ପ୍ରଭାବାନ୍ୱିତ

ହୋଇ ଓଡ଼ିଆ ଯୁବକମାନେ ସେମାନଙ୍କର ଜାତୀୟ ଭକ୍ତିକୁ ଶିଥିଳ ନ କରି ତାହା ରକ୍ଷିବାକୁ ସମର୍ଥ ହେଉଥିଲେ । ଶେଷ ଜୀବନର ଦିବସ ପର୍ଯ୍ୟନ୍ତ ନରସିଂହଙ୍କ ମନରେ ଜାତୀୟଉନ୍ନତି ଚିନ୍ତା ବ୍ୟତୀତ ଆଉ କିଛି ନ ଥିଲା । ସେ ଜାତିକୁ ତାଙ୍କର ସମସ୍ତ ପ୍ରାଣ ତିଳ ତିଳ କରି ଦାନ କରି ଶେଷ ବିଦାୟ ଗ୍ରହଣ କଲେ । ୧୯୧୩ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସରେ ତାଙ୍କର ଜାତୀୟତାପୂର୍ଣ୍ଣ କାର୍ଯ୍ୟାବଳୀ ସମାପ୍ତ ହେଲା । ସେ ଇହଲୀଳା ସମ୍ବରଣ କଲେ ।

ମହାସମାରୋହରେ ନରସିଂହଙ୍କ ଶବଧର ବ୍ରହ୍ମପୁରର ଓଡ଼ିଆମାନେ ଶୋଭାଯାତ୍ରାକରି ଶ୍ମଶାନକୁ ନେଲେ । ତାଙ୍କର ନଶ୍ୱର କଳେବର ଚିତାବହ୍ନିରେ ଭସ୍ମୀଭୂତ ହୋଇ ସତ, ମାତ୍ର ତାଙ୍କର ନାମ ଓ କାର୍ଯ୍ୟ କଳାପ ଉତ୍କଳ ଇତିହାସରେ ଅମର ହୋଇ ରହିଗଲା । ତେଣୁ ଜାତୀୟ କବି ଚନ୍ଦ୍ର ଚୂଡ଼ାମଣି ଗାଇଥିଲେ

ସାଧୁ ନରସିଂହ ଦାସ
ହୋଇଥିଲା ଦେଶ ସେବାରେ ଦାସ
ସହି ସଦା ଦୁଃଖ କ୍ଲେଶ ।

## ନରସିଂହଙ୍କ ସ୍ମୃତି

ନରସିଂହ ଆଜୀବନ କୁମାରବ୍ରତ ଗ୍ରହଣ କରିଥିଲେ । ମାତ୍ର ଉତ୍କଳବାସୀ ସମସ୍ତଙ୍କଠାରୁ ସେ ତର୍ପଣ ଗ୍ରହଣ କରିବାର ଯୋଗ୍ୟ ଅଟନ୍ତି । ଦେଶସେବା ପରାୟଣ ଯୁବକଙ୍କୁ ବିବାହ ଓ ସଂସାର ଚିନ୍ତା କରିବାପାଇଁ ଅବସର ନ ଥିଲା । ପୀଡ଼ିତା ମାତୃଭୂମିର ଶୁଶ୍ରୂଷାରେ ବ୍ୟସ୍ତ ରହି ଅଭିଶପ୍ତ ଜାତିର ଉଦ୍ଧାର ଚେଷ୍ଟାରେ ବ୍ରତୀ ହୋଇ ସେ ଜୀବନର

ସାଧାରଣ ଉଚ୍ଚପଦସ୍ଥ ବୀତଶ୍ରଦ୍ଧ ଥିଲେ । ଦେଶପ୍ରୀତିକୁ ସ୍ୱାର୍ଥ ସିଦ୍ଧିର ଉପାୟ କରିବା ଜାତୀୟ ଆନ୍ଦୋଳନକୁ ବୈଷୟିକ ସୂତ୍ରରେ ବ୍ୟବହାର କରି ନିଜର ସମ୍ପତ୍ତି ବୃଦ୍ଧି କରିବା କିମ୍ବା ସାମାଜିକ ଜୀବନର ଦୋହାଇ ଦେଇ ନିଜର ପ୍ରତିପତ୍ତି ବଢ଼ିଲା ପରେ ନିଜ ଲୋକଙ୍କୁ ତାଚ୍ଛଲ୍ୟ ପ୍ରଦର୍ଶନ କରିବା ଭଳି କୁତ୍ସିତ ପ୍ରବୃତ୍ତି ତାଙ୍କର ନ ଥିଲା । ଖାଣ୍ଟି ଦେଶପ୍ରେମ, ନିରୋଳା ମାତୃଭୂମି ସେବା ଓ ଅକପଟ ଜାତୀୟ ଆନ୍ଦୋଳନରେ ତାଙ୍କର ସାରାଜୀବନ ଅତିବାହିତ ହୋଇଥିଲା । ଜନ୍ମଭୂମି ପ୍ରତି ଅହେତୁକୀ ଭକ୍ତିରେ ତାଙ୍କର ହୃଦୟ ପୂର୍ଣ୍ଣ ହୋଇଥିଲା ।

ନରସିଂହ ଆମ୍ଭମାନଙ୍କ ସମ୍ମୁଖରେ ଯେଉଁ ବିମଳ ଆଦର୍ଶ ସ୍ଥାପନ କରି ଅମରଧାମକୁ ଚାଲିଯାଇଛନ୍ତି, ତାହାର ପ୍ରତିଦାନ କି ଆମ୍ଭମାନଙ୍କ ପକ୍ଷେ ସମ୍ଭବ ? ଅବଶ୍ୟ ତାଙ୍କ ନାମର ସ୍ମୃତି ରକ୍ଷା ସକାଶେ କିଛି କରାଯାଇପାରେ ଯାହା ଦ୍ୱାରା ଆମ୍ଭେମାନେ ନିଜ ନିଜକୁ ଗୌରବାନ୍ୱିତ କରିପାରିବା । ମାତ୍ର ତାଙ୍କ ସ୍ମୃତିର ଭୌତିକ ମୂଲ୍ୟ ପ୍ରତି ଅମ୍ଭେମାନେ ଦୃଷ୍ଟି ଦେଲେ ତାଙ୍କର ପୂତ ଚରିତ୍ର ଓ ବିମଳ ଦେଶସେବାର ଅବମାନନା ହେବ । ମହାପୁରୁଷ ନରସିଂହ ଦାସଙ୍କର ପ୍ରକୃତ ସ୍ମୃତିଚିହ୍ନ ମନୁଷ୍ୟ ହୃଦୟର ନିଭୃତତମ କନ୍ଦରରେ କେବଳ ଉତ୍ତୋଳନ କରାଯାଇପାରେ । ସେହି ଦିନ ଓଡ଼ିଆ ଜାତିର ଗୋଟିଏ ସ୍ମରଣୀୟ ଦିବସ, ଯେଉଁଦିନ ଗଞ୍ଜାମ ଜିଲ୍ଲାବୋର୍ଡ଼ର ଭୂତପୂର୍ବ ସଭାପତି ଶ୍ରୀଦେବ୍ର । ଦିବାକର ପଟ୍ଟନାୟକ ପୁରୁଷୋତ୍ତମପୁରର ଉଚ୍ଚବିଦ୍ୟାଳୟକୁ ନରସିଂହଦାସଙ୍କ ନାମରେ ନାମିତ କରିବାକୁ ସ୍ଥିର କରି ତାଙ୍କର ଉଦୟପୁ ବକ୍ତୃତାରେ ତାଙ୍କର ଅଭିମତ ବ୍ୟକ୍ତ କରିଥିଲେ । ସ୍ମୃତିର ମୂଲ୍ୟ କି ଟଙ୍କା ଦ୍ୱାରା

ବ୍ୟବସାୟୀ । ଦିବାକରବାବୁଙ୍କ ସମଗ୍ର ଜୀବନରେ ସେ ଏହି ବର୍ଗର ଅପେକ୍ଷା ଅଧିକ ସୁଚରିତ୍ର ବର୍ଗର କହିଅଛନ୍ତି ବୋଲି ମନେ ହୁଏନାହିଁ ।

ନରସିଂହଙ୍କର ଅମର ସ୍ମୃତିକୁ ହୃଦୟରେ ଧାରଣ କରି ଆଜି ଋଷିକୁଲ୍ୟା ବିଧୌତ ପୁରୁଷୋତ୍ତମପୁର ଧନ୍ୟ ହୋଇ ଅଛି । ପୁରୁଷୋତ୍ତମପୁର ବିଦ୍ୟାପୀଠ ନରସିଂହ ନାମାଙ୍କିତହୋଇ ଶ୍ରେଷ୍ଠ ଗୌରବରେ ଗୌରବାନ୍ୱିତ ହୋଇଅଛି ।

ବନ୍ଦେ ମାତରଂ

ମୁଦ୍ରାକର—ଶ୍ରୀ ମଦନ ମୋହନ ଦାସ, ନୂତନ ପ୍ରେସ, କଟକ—୧୯୫୫

# ଅମର ଚରିତ



କୃତ୍ତିବାସ ପାଟଶାଣୀ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

ବିପ୍ଳବୀ

# କୃତ୍ତିବାସ ପାଟଶାଣୀ

ଲେଖକ—

ଶ୍ରୀ ପରଶୁରାମ ହରଚନ୍ଦନ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୫

ମୂଲ୍ୟ ଛଅ ଅଣା

## ପଦେ କଥା

୧୯୫୦ ସାଲ ମାର୍ଚ୍ଚ ମାସରେ ଝଙ୍କାର (୧୨ ଭାଗ-୧୨ ଶ ସଂଖ୍ୟା) ପତ୍ରିକାରେ ପ୍ରଥମ କରି 'କୃତ୍ତିବାସ ପାଟଶାଣୀ'ଙ୍କ ସମ୍ବନ୍ଧରେ ପ୍ରବନ୍ଧଟିଏ ପ୍ରକାଶ ପାଏ । ତାଙ୍କ ସଂପର୍କରେ ପରଂପରାରେ ଚଳିଆସୁଥିବା କାହାଣୀ, ପ୍ରବଚନ, କମ୍ବଦନ୍ତୀ, ଘରୁବାହାରୁ ବାଉନ୍ଦ ସୂତ୍ରରୁ ପିଲଦିନୁଁ ଏ ପର୍ଯ୍ୟନ୍ତ ଯାହା ଯେତେବେଳେ ଶୁଣିବାକୁ ପାଇଥିଲି ସେ ସବୁ ଟିପିରଖିବାରେ ମୋର ପ୍ରବଳ ଆଗ୍ରହ ଥିଲା । କାରଣ କୃତ୍ତିବାସ ମୋ ପକ୍ଷରେ କେବଳ ଜଣେ ନମସ୍ୟ ଜାତୀୟ ବୀର ବ୍ରହ୍ମନ୍ତ, ମୋ ବଂଶର ଗୋଟିଏ ଯୋଗଜନ୍ମା ବୀରପୁରୁଷ ମଧ୍ୟ । ସଂଗ୍ରହ କରିଥିବା କାହାଣୀ, କିଂବଦନ୍ତୀକୁ ମୂଳକରି ପୂର୍ବୋକ୍ତ ପ୍ରବନ୍ଧଟି ମୁଁ ଲେଖିଥିଲି (ଅବଶ୍ୟ ପତ୍ରିକା କର୍ତ୍ତୃପକ୍ଷ ପ୍ରକାଶବେଳେ ଲେଖାଟିକୁ ବହୁତ କାଟ ଛାଣ୍ଟକରିଦେଇ ଥିଲେ) । ଏବେ ଏ ପୁସ୍ତିକାଟିର କଥାବସ୍ତୁ ସେଇ ପ୍ରବନ୍ଧର ପରିମାର୍ଜିତ ସଂସ୍କରଣ ମାତ୍ର ।

**ଲେଖକ**

## —କୃତ୍ତିବାସ ପାଟଶାଣୀ କିଏ ?—

'ସୁକୁନ୍ତଳାଭିଳାଷ' ରଚୟିତା ରାଜକବି ରଘୁନାଥ ହରିଚନ୍ଦନଙ୍କ ବାଣପୁର ଖାଲି ପ୍ରସିଦ୍ଧ କାବ୍ୟପୀଠ ବା ସାରସ୍ୱତ ପୀଠ ନୁହେଁ, ପ୍ରଧାନ ଶକ୍ତିପୀଠ ମଧ୍ୟ । ବାଣପୁରର ବଣପାହାଡ଼, ନଈନିର୍ଝରଣୀ, ହ୍ରଦତଡ଼ାଗର ଅପରୂପ ମାଧୁରୀ ନୀରସ ପ୍ରାଣକୁ, ରସବନ୍ତ, କାବ୍ୟକବିତାଭିମୁଖୀ କରିବା ସଙ୍ଗେ ସଙ୍ଗେ ପକ୍ଷାନ୍ତରେ ସେମାନଙ୍କର ଭୟାବହ ପ୍ରଳୟଙ୍କର ରୁଦ୍ରରୂପ ଓ ଦୁର୍ଦ୍ଦମନୀୟ ସାମରିକ ପ୍ରଭାବ ଏ ଭୂଇଁର ବୀରସନ୍ତାନମାନଙ୍କ ପାଇଁ ଉପଯୁକ୍ତ ସୁଯୋଗ ଦେଇ ସେମାନଙ୍କୁ ଦୁର୍ଦ୍ଧର୍ଷ ଯୋଦ୍ଧା କରି ଗଢ଼େ । ଦୁର୍ଗକଣ୍ଟକିତ ହ୍ରଦପର୍ବତ ପରିବେଷ୍ଟିତ ବାଣପୁର ଭୂମି ଶତ୍ରୁ ପକ୍ଷରେ କାଳେ କାଳେ ଅଭେଦ୍ୟ ଅଜେୟ ହୋଇ ଆସିଥିଲା । ବାଣପୁରର ପ୍ରକୃତି ସୁନ୍ଦରୀ ବେଳେ ବେଳେ ରୁଦ୍ରରୂପ ଧରି ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରୁଥିଲା ଓ ତାକୁ ପରାଙ୍ମୁଖୀ ପରାଭୂତ କରୁଥିଲା । ସେଥିପାଇଁ ଅପଦସ୍ତ ଶତ୍ରୁ ମନର କ୍ଷୁଧା ମେଣ୍ଟାଇବାକୁ ଈର୍ଷାରେ ଗୀତ ଗାଏ "ଶୋଳରି ଖଣ୍ଡି, ଭାଲେରି ବାଙ୍କ, କଂସାରି ନଈ, ବାଣପୁରିଆ ଭାଇ, ଏ ତିନିଙ୍କି କେବେ ପରତେ ନାହିଁ ।" ଶତ୍ରୁ ଆଖିରେ ଯେପରି ବାଣପୁରର ଲୋକଙ୍କଠାରୁ ଆରମ୍ଭ କରି ନଈ ପାହାଡ଼ ବଣ ପର୍ଯ୍ୟନ୍ତ ସବୁ ଭୀଷଣ, ସବୁ ତ୍ରାସପ୍ରଦ ।

ଶହୀଦ ବିପ୍ଳବୀ ବୀର କୃତ୍ତିବାସ ପାଠଶାଣୀ, ଏଇ ବାଣପୁରର ପୁଅ । ଘର ତାଙ୍କର ଦେଉଳଗାଁ ନାମକ ଗୋଟିଏ କ୍ଷୁଦ୍ର ପଲ୍ଲୀରେ । ତାଙ୍କ ପିତାଙ୍କର ନାମ ଥିଲା ଶ୍ୟାମସୁନ୍ଦର ପାଠଶାଣୀ । ଶ୍ୟାମସୁନ୍ଦରଙ୍କର ଦୁଇପୁଅ କୃତ୍ତିବାସ ଓ ଜଗଚନ୍ଦ୍ରଙ୍କ ମଧ୍ୟରେ କୃତ୍ତିବାସ ହେଉଚନ୍ତି ଜ୍ୟେଷ୍ଠ । ତେଣୁ ପିତାଙ୍କ ଅନ୍ତେ ପ୍ରଚଳିତ ବଂଶପରଂପରାକ୍ରମେ ସେ ହୋଇଥିଲେ ବାଣପୁର ମାଳ ସତଭାଗର ଦଳବେହେରା ବା ଶାସନକର୍ତ୍ତା । ପିଲାଦିନେ ସେ ବଡ଼ ଶାନ୍ତ ଶିଷ୍ଟ ଥିଲେ ବୋଲି କହନ୍ତି । କିଏ ଜାଣିଥିଲା ଦିନେ ସେ ଜଣେ ଏମିତ ଦୁର୍ଦ୍ଦାନ୍ତ ବିପ୍ଳବୀ ହେବେ ଯାହାଙ୍କ ନାଁ ଶୁଣିଲେ ବସୁଧା ଚମକିବ ! ତରୁଣ କୃତ୍ତିବାସ ସେକାଳର କୁଳଧର୍ମ ଅନୁସାରେ କୁସ୍ତିକସରତ, ଖେଳ, ଅଶ୍ୱାରୋହଣ ଓ ଅସିଚାଳନା ଆଦିରେ ବିଶେଷ ପାରଦର୍ଶିତା ଅର୍ଜ୍ଜନ କରିଥିଲେ । ବଳିଷ୍ଠ ସୁଦୀର୍ଘ ଶାଳପ୍ରାଂଶୁବପୁ ଓ ସୌମ୍ୟକାନ୍ତି ରୂପ ସଙ୍ଗେ ସେ ଜଣେ ଅସାମାନ୍ୟ ଯୋଦ୍ଧା ଥିଲେ । ତାଙ୍କୁ ଦେଖିଥିବା ଲୋକଙ୍କ କଥା ଛାଡ଼, ଦେଖିବା ଲୋକଙ୍କଠୁଁ ଶୁଣିଥିବା ଲୋକେ କେବେଠୁଁ ଗଲେଣି । ତଥାପି ଶୁଣାଯାଏ କୃତ୍ତିବାସଙ୍କ ପରି ରୂପବନ୍ତ ପୁରୁଷ କୋଟିକେ ଗୋଟିଏ ଜନ୍ମ ହୁଅନ୍ତି । ସେ ଧନୁର୍ବିଦ୍ୟାରେ ବିଚକ୍ଷଣ ଥିଲେ; ମାତ୍ର ତଲୁଆର ଓ ଚକ୍ର ଚଳେଇବାରେ ଅସାଧାରଣ ଲଘୁହସ୍ତତା ପାଇଁ ସେ ପ୍ରସିଦ୍ଧ । ତାଙ୍କ ଚକ୍ରଚାଳନାର ଅଦ୍ଭୁତ କୌଶଳ ସମ୍ବନ୍ଧରେ ଏବେ ମଧ୍ୟ ଗାଁ ଗଣ୍ଡା ଭିତରେ ଆଲୋଚନା ହୁଏ । ତା ଛଡ଼ା କଥିତଅଛି, ସେ ତଲୁଆର ବୁଲେଇଥିଲେ ସେଇଭିତରେ ଗୁଳି ବି ପଶି ପାରୁ ନଥିଲା, ଶହ ଶହ ଯୋଦ୍ଧା ତାଙ୍କ ପାଖ ପଶି ପାରୁ ନଥିଲେ ।

ସବୁ ଅସ୍ତ୍ର ଶସ୍ତ୍ର ଭିତରେ ଢାଲ ତଲୁଆର କୃତ୍ତିବାସଙ୍କର ଅତି ପ୍ରିୟ ଅସ୍ତ୍ର ଓ ଘନିଷ୍ଠ ସହଚର ଥିଲା । ଢାଲ ତଲୁଆର ସେ

ଦଣ୍ଡେ ହାତରୁ ଛାଡ଼ୁନଥିଲେ । ତାଙ୍କର ଏପରି ଅଭ୍ୟାସ ଥିଲା ଯେ ଖାଇ ବସିଲା ବେଳେ ମଧ୍ୟ ବାମ ଜାନୁତଳେ ଢାଲ ଓ ଡାହାଣ ଜାନୁଉପରେ ତଲୁଆର ରଖି ସେ ଖାଇ ବସୁଥିଲେ । ସେ ଯାହାହେଉ ଏ ଶାରୀରିକ ବଳ ସାହସ ବା ରଣନୈପୁଣ୍ୟ ଯୋଗୁଁ ସେ ବଡ଼ ହୋଇନଥିଲେ, ତାଙ୍କୁ ବଡ଼ କରିଥିଲା ତାଙ୍କର ଅସାଧାରଣ ଦେଶପ୍ରେମ ବା ଦେଶାତ୍ମବୋଧ । ଫିରିଙ୍ଗି ଔଦ୍ଧତ୍ୟ ନେଇ ଯେତେ-ବେଳେ ଦେଶର ସମସ୍ତ ସ୍ୱାଧୀନତା ନିର୍ମମଭାବରେ ଲୋପ କରିବାକୁ ବସିଲା ସେତେବେଳେ ସ୍ୱାଧୀନଚେତା ମନ ତାଙ୍କର ସ୍ୱତଃ ବିଦ୍ରୋହୀ ହୋଇଉଠିଲା । ଆଉ ଯେତେବେଳେ ଚତୁର୍ଦ୍ଦିଗରେ ନିଷ୍ଠୁର ଦମନ ଓ ଉତ୍କଟ ଅତ୍ୟାଚାର ବ୍ୟାପିଲା ତେବେ ମନ ତାଙ୍କର ଦାବାନଳ ହୋଇ ପଡ଼ିଲା । ସେ ପ୍ରତିଜ୍ଞା କଲେ ଫିରିଙ୍ଗିଙ୍କୁ ମାରି ପିଟି ନିକାଲିକରି ମାତୃଭୂମି ବାଣପୁରକୁ ଅନ୍ତତଃ କୌଣସିମତେ ସ୍ୱାଧୀନ କରିବେ । ଦିନରାତି ଏହାହିଁ ହେଲା ତାଙ୍କର ଏକମାତ୍ର ଚିନ୍ତା । ପ୍ରଥମେ ସେ ମୁଷ୍ଟିମେୟ ପାଇକ ଓ କନ୍ଧଙ୍କୁ ନେଇ ଗୋଟିଏ ସନ୍ତ୍ରାସବାଦୀ ଦଳ ଗଢ଼ିଥିଲେ । ଏମାନେ ମଝିରେ ମଝିରେ ରାଜସ୍ୱଲୁଣ୍ଠନ, ଫିରିଙ୍ଗି ଓ କମ୍ପାନୀ କର୍ମଚାରୀଙ୍କ ହତ୍ୟା ଆଦି କରି ଆତଙ୍କ ସୃଷ୍ଟି କରୁଥିଲେ; ବିଦ୍ରୋହ ବ୍ୟାପକ ହୋଇ ନଥିଲା; ନିଆଁ ଝୁଲ ଭିତରେ ଭିତରେ କୁହୁଳୁ ଥିଲା । ୧୮୧୭ ସାଲରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ପୁରୁଷକାରରେ ବାଣପୁର, ଘୁମୁସର ବାଟରୁ ସେଇ କୁହୁଳୁଥିବା ନିଆଁ ଝୁଲରୁ ଖୋରଧା ବିଦ୍ରୋହର ପ୍ରଥମ ସ୍ଫୁଲିଙ୍ଗ ଦେଖାଦେଲା । ସେଇଠୁରୁ ବିଦ୍ରୋହ ନିଆଁ ଜଳି ଉଠି ଖୋରଧାସାରା ବ୍ୟାପିଗଲା । ବାଣପୁରରେ ଯେ ବିପ୍ଳବ ସଙ୍ଗଠିତ ହୋଇଥିଲା ତାହା 'ପଞ୍ଝୁଆ ପଞ୍ଜୁରି' ନାମରେ ଅଖ୍ୟାତ; ଆଉ ସେଇ ବିପ୍ଳବର ନାୟକ ହେଉଚନ୍ତି

କୃତ୍ତିବାସ ପାଟଣାୟକ । ଏ ବେଶି ଦିନର କଥାନୁହେଁ, ମୋଟେ ଶହେ ଛକୋଡ଼ି ବର୍ଷତଳେ ଆମର ଏଇ ହତଭାଗ୍ୟ ମାଟିରେ ରକତ ମାଂସ ଦେହଧରି କୃତ୍ତିବାସ, ଜଗବନ୍ଧୁ, ଜୟକୃଷ୍ଣଙ୍କ ପରି ଦେଶପ୍ରାଣ ବୀରପୁରୁଷ ଥିଲେ ।

## —ବିପ୍ଳବ କାହିଁକି ହେଲା ?—

ଇଂରେଜ ଶାସନର ପ୍ରାରମ୍ଭରେ ଇଂରେଜ ଓ ସେମାନଙ୍କ ଅନୁଗୃହୀତ ବଙ୍ଗାଳୀ ଓ ମୁସଲମାନ କର୍ମଚାରୀମାନଙ୍କ ଦମନ, ଅତ୍ୟାଚାର, ଉତ୍ପାତ ଓ ଉପଦ୍ରବ ଫଳରେ ଖୋରଧାର ବାୟୁମଣ୍ଡଳ ଉତ୍ତପ୍ତ ଉତ୍ତେଜିତ ଓ ବିକ୍ଷୁବ୍ଧ ହୋଇ ଉଠିଥିଲା । ଖୋରଧାରେ ଗ୍ରାମ-ଶାସନ ବ୍ୟବସ୍ଥା ବହୁ ପୂର୍ବକାଳରୁ ଗୋଟିଏ ସୁନିୟନ୍ତ୍ରିତ ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ଏଇ ଗ୍ରାମ-ଶାସନ ସଂସ୍ଥାରେ ତାର ଯେ ବିଶେଷତ୍ୱ, ମୌଳିକତ୍ୱ ଓ ପ୍ରଗତିଶୀଳତା ଥିଲା ତାହା ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ । ସମଗ୍ର ଖୋରଧା କେତେଗୁଡ଼ିଏ ଗ୍ରାମପୁଞ୍ଜରେ ବିଭକ୍ତ ହୋଇଥିଲା । ପ୍ରତି ଗ୍ରାମପୁଞ୍ଜ ଗୋଟିଏ ଗୋଟିଏ ଗଡ଼ ଅଧୀନରେ ଥିଲା । ପ୍ରତି ଗଡ଼ର ଅଧ୍ୟକ୍ଷ ଥିଲେ ଜଣେ ଜଣେ ଖଣ୍ଡପତି ବା ଖଣ୍ଡାୟତ, ନୋହିଲେ ଦଳପତି ବା ଦଳବେହେରା । ଏହାଙ୍କ ସାଙ୍ଗକୁ ଶାସନ ସଂପର୍କିତ ବିଭିନ୍ନ ବିଭାଗର ପରିଚାଳନା ଦାୟିତ୍ୱରେ ପ୍ରତିଗଡ଼ରେ କଳିଙ୍ଗ ଭଗିଅ, ଭୁଇଁମୂଲ, କୋଠ କରଣ, ବୈଠି କରଣ, ଦଳ କରଣ, ସୀମା କରଣ, ବିଶୋଇ, ଦଳେଇ ପ୍ରଭୃତି ଥିଲେ ଓ କେତେଗୁଡ଼ିଏ ସୁଶିକ୍ଷିତ ପାଇକ ବା ପଦାତିକ ସେନାଥିଲେ । ଗାଁ ଗାଁରେ ପୁଣି ଗାଁ ଚଳାଇବା ପାଇଁ ନାୟକ, ପଧାନ, ଭୋଇ ଓ ପାଇକ ଥିଲେ । ଏମାନେ ନିର୍ଦ୍ଦିଷ୍ଟ ରାଜସ୍ୱଗଣ୍ଡାକ ପୁରୁଖୁରୁରେ ରାଜକୋଷରେ ଦିହଖାଇ ଦେଇ ନିଜ ନିଜ ଗ୍ରାମପୁଞ୍ଜ ଶାସନ, ସଂଗଠନ

ଓ ଶାନ୍ତିରକ୍ଷା ସ୍ୱାଧୀନଭାବରେ ଦକ୍ଷତାରସହିତ ପରିଚାଳନ କରୁଥିଲେ ଏବଂ ଯୁଦ୍ଧ ଲାଗିଲେ ସେହିଁ। ସୈନ୍ୟ ନେଇ ରାଜକୀୟ ବାହିନୀରେ ଯୋଗ ଦେଉଥିଲେ । ଏଥିପାଇଁ ଏମାନେ ରାଜକୋଷରୁ ଦରମା ପାଉନଥିଲେ । ପ୍ରତ୍ୟେକଙ୍କର ଗ୍ରାସାଚ୍ଛାଦନ ପାଇଁ ପୁରୁଷାନୁକ୍ରମିକ ଯାଗିରି ଥିଲା ।

ଖୋରଧା ମୁଲକରେ ଛବିଶ ପ୍ରକାର ଯାଗିରିର ପ୍ରଚଳନ ଥିବାର ବନ୍ଦୋବସ୍ତ ରିପୋର୍ଟମାନଙ୍କରୁ ଜଣାଯାଏ । ବର୍ଣ୍ଣିତ କର୍ମଚାରୀମାନଙ୍କ ଛଡ଼ା ବଢ଼େଇ, କମାର, ଘାଟୁଆ ଓ ଗ୍ରାମ-ସେବକମାନଙ୍କର ହେତା ଥିଲା; ବ୍ରାହ୍ମଣ ପଣ୍ଡିତ, ପୁରୋହିତ-ମାନଙ୍କର ନିଷ୍କର ଦାନଥିଲା । ରାଜଦତ୍ତ ବୃତ୍ତିବାଡ଼ିରେ ଭରଣ-ପୋଷଣ କରି ଏମାନେ ନିଜନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ନିଷ୍ଠା ଏବଂ ଦକ୍ଷତାରସହିତ ସଂପାଦନ କରୁଥିଲେ—ଦରମାଖିଆ ଚାକରିଆଙ୍କ ଭଳି ଚାକିରି ଅନୁରୋଧରେ ବାଧ୍ୟ ହୋଇ ନୁହେଁ, ଦେଶ-ଶାସନ କଳର ସ୍ୱାଧୀନ ସ୍ୱୟଂକ୍ରିୟ ଅଥଚ ଅନୁପୂରକ ଅଂଶ-ବିଶେଷ ଭଳି ସ୍ୱତଃସ୍ଫୂର୍ତ୍ତି ଦେଶାତ୍ମବୋଧର ପ୍ରେରଣାରେ । ସର୍ଦ୍ଦାର-ବିରାଦର ଭାଇବନ୍ଧୁ ବା ଗୋଟିଏ ପରିବାରର ଲୋକ ଭଳି ସେମାନଙ୍କର ପରସ୍ପର ଭିତରେ ଘନିଷ୍ଠ ସହଯୋଗମୂଳକ ସଂପର୍କ ଓ ସଂହତିଥିଲା । ଏବେ ବି ବର୍ଷକେ ଥରେ ବିଜୟାଦଶମୀ ଦିନ ଦଶହରା ପଡାରେ ଏମାନଙ୍କର ଯେଉଁ ସମ୍ମିଳିତ ବିଜୟୋତ୍ସବ ଅନୁଷ୍ଠିତ ହୁଏ, ସେଠାରେ ପୂର୍ବେ ଏମାନଙ୍କ ଭିତରେ କି ମଧୁର ଭ୍ରାତୃସଂପର୍କ ଥିଲା ତାହାର କ୍ଷୀଣ ଆଭାସ ମିଳେ ।

ଇଂରେଜମାନେ ଦେଖିଲେ ଯେ ଖୋରଧା ଲୋକଙ୍କ ଭିତରେ ଗାଁ ଗହଳରେ ଏପରି ଗୋଟାଏ ଯୁଗ ଯୁଗର ସୁଦୃଢ଼ ସଂଗଠନ

ଥିବା ହେତୁରୁ ତାହାର ଇଲାକାରେ ମେଳି ଓ ବିପ୍ଳବ ଥରକୁ ଥର ମୁଣ୍ଡ ଟେକୁଥି । କେନ୍ଦ୍ର-ଶାସନର କୌଣସି ପ୍ରଭାବ ପଡ଼ୁନି ତା ଉପରେ । ଅତି ସହଜରେ ସେମାନେ ମେଳି ବାନ୍ଧିପାରୁଛନ୍ତି । ଏକେମନ ଏକ ବନ୍ଧୁର ହୋଇ ନାଆଁକୁ ଡେଇଁ ପଡ଼ିବାକୁ ସାହସ କରୁଛନ୍ତି । ତେଣୁ ସେମାନେ ଏ ଅନୁଷ୍ଠାନ ଗୁଡ଼ିକୁ ଭାଙ୍ଗି ଚୁନାଚୁର କରିଦେବା ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ମନେକଲେ । ନୂତନ ବନ୍ଦୋବସ୍ତ ହୋଇ ପାଇକମାନଙ୍କ ଜାଗିରି ଓ ଅନ୍ୟାନ୍ୟ କେତେ କେତେ ଜାଗିରି ବାଜ୍ୟାପ୍ତ କରି ଦିଆଗଲା ବା ଛଡ଼ାଇ ନିଆଗଲା । ଅତ ଦଣ୍ଡବଡ଼ୁଆମାନଙ୍କ ଜାଗିରର ମୌରସି-ସ୍ୱତ୍ୱ ଲୋପକରି ସରବରାକାରୀ ଚାକରାନ ଜାଗିରରେ ପରିଣତ କରାଗଲା । ଉଦ୍ଦେଶ୍ୟ ହେଲା ଜାଗିର ଖଣ୍ଡି ହରାଇବା ଭୟରେ ଗଡ଼ୁଆ ମୁଖିଆଯାକ କୋମ୍ପାନୀ ସରକାର ପାଖେ ବନ୍ଧା ବିକି ହୋଇ ରହିବେ । ସେଥୁ ବ ହେଲା, ମେଳ ଫାଟିଲା, ଗୋଟି ମାରେଣି କରିବାର ପଥ ସୁଗମ ହୋଇଗଲା । ଯେ ଟିକିଏ ମୁଣ୍ଡ ଟେକିଲା ବା ଯାହା ବ୍ୟବହାରରେ ହାକିମ ହୁକୁମା ଟିକିଏ ଅସନ୍ତୁଷ୍ଟ ହେଲେ ତାକୁ ସଙ୍ଗେ ସଙ୍ଗେ ବରଖାସ୍ତ ଓ ପୁରୁଷାନୁକ୍ରମିକ ସତ୍ୱଯୁକ୍ତ ଜାଗିରରୁ ବଞ୍ଚିତ କରି ନୂଆ ନୂଆ ରାଜଭକ୍ତମାନଙ୍କୁ ସେସବୁ ସରବରାକାରୀ ଓ ଜାଗିର ଦେଇ ଦିଆଗଲା । ବହୁତ ରାଜଦଣ୍ଡରେ ବି ବାହାରିଲେ । କହିବା ବାହୁଲ୍ୟ ଯେ ଏବେ ଏ ସରବରାକାରୀ ପ୍ରଥା ଲୋପ ହେଲାକୁ ଖୋରଧାରେ ଯେଉଁ ସରବରାକାରମାନେ ଥିଲେ ଓ ଜାଗିରକୁ ରକ୍ତ କରି ପାଇଲେ ସେମାନଙ୍କ ଭିତରୁ ଅନେକେ ସେଇ ରାଜଭକ୍ତମାନଙ୍କ ବଂଶଧର ।

ଚକ୍ରୀ-ପିଙ୍ଗିଙ୍କ ଭେଦନୀତି ପ୍ରୟୋଗ କରି ଗାଁର ଏକତା ଭାଙ୍ଗି ମେଳିର ମଞ୍ଜି ମାରିଦେଲା । ତା ଉପରକୁ ହେଲା କଠୋର ଅସ୍ତ୍ର

ଅଇନ ଜାରି । ପାଇକମାନଙ୍କର ପାରଂପରିକ ସାମରିକ ଶିକ୍ଷାନୁ-ଷ୍ଠାନ ରୂପେ ଯେଉଁ ପାଇକ ଅଖଡ଼ାଗୁଡ଼ିକ ଥିଲା ସେ ସବୁ ଲୁଆଡ଼େ ଲୋପ ହୋଇଗଲା । ପାଇକପୁଏ ଦଣ୍ଡ ଭୟରେ ସେମାନଙ୍କର ନିତ୍ୟସଙ୍ଗୀ ପ୍ରାଣପ୍ରିୟ ଅସ୍ତ୍ରଶସ୍ତ୍ର, ଢାଲ୍ ତଲୱାର, ଛୁରିକଟାରି, ବର୍ଚ୍ଛା ବଲ୍ଲମ, ଟଙ୍କି ଜଞ୍ଜାଲ, ଧନୁଶର ଓ ନଳୀ ଆଦି-ମାଟି ଭିତରେ ପୋତି ପକାଇଲେ ବା ଅନ୍ୟ ଉପାୟରେ ଲୁଚାଇ ରଖିବାକୁ ବାଧ ହେଲେ । ସାମରିକ ଶକ୍ତିର ଧ୍ୱଂସବିଧାନ ସଙ୍ଗକୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେବା ପାଇଁ ନାନା ଚକ୍ରାନ୍ତ କରାଗଲା । ନିଷ୍ଠୁର ଲବଣ ଆଇନ, ଜଙ୍ଗଲ ଅଇନ ପ୍ରଭୃତି ଜାରୀ କରାଗଲା ଓ ଜମିଉପରେ ସଂପୂର୍ଣ୍ଣ ଅଭିନବ ରୀତିରେ ଅତିରିକ୍ତ କରଧାର୍ଯ୍ୟ କରାଗଲା । ବଣଜଙ୍ଗଲ ଭିତରେ କନ୍ଧଶବର ଲୋକେ ନିର୍ଦ୍ୱନ୍ଦ ନିରୁପଦ୍ରବଭାବେ ଯେ ତଇଲା ଚାଷ କରୁଥିଲେ ସେମାନେ ସୁଦ୍ଧା ଏ ଦାଉରୁ ବାଦ୍ ପଡ଼ିଲେ ନାହିଁ ।”

ପୂର୍ବବର୍ଣ୍ଣିତ ଜାଗିରୀଦାର, ନିଷ୍କର-ଭୋଗୀ ବା ହେତାଙ୍କିଆ ଶ୍ରେଣୀର ଲୋକେ ଖଜଣାଦିଅ କଅଣ ଜାଣି ନଥିଲେ । ଆଉ ଯେଉଁମାନେ ବା ଦେଉଥିଲେ ସେମାନେ କଉଡ଼ିରେ ଦେଉଥିଲେ । ଏବେ ନୂତନ ବିଧାନ ଅନୁସାରେ ସବୁ ଜମି ଉପରେ ଖଜଣା ବସିଲା, କଉଡ଼ି ଆଉ ଚଳିଲା ନାହିଁ, ଟଙ୍କାରେ ଖଜଣା ଦେବାକୁ ବାଧ କରାଗଲା । ଟଙ୍କା ପୁଣି ସେତେବେଳେ ନୂଆ ନୂଆ ଚଳୁଥିଲା ଓ ବଡ଼ ଦୁର୍ଲ୍ଲଭ ଥିଲା । ବଜାରରେ ଯଦି କେହି କଉଡ଼ି ବଦଳାଇ-ବାକୁ ଯାଉଥିଲା, ବନିମପୁ ହାର ଏପରି ସ୍ଥିର କରି ଦିଅଗଲା ଯେ ଗୋଟିଏ ଟଙ୍କା ପାଇବାକୁ ପାଞ୍ଚ ହଜାରଠାରୁ ସାତ ହଜାର ପର୍ଯ୍ୟନ୍ତ କଉଡ଼ି ଦେବାକୁ ପଡ଼ିଲା । ଲୋକେ ଗଣ୍ଠିଧନ କରି ଯେଉଁ କଉଡ଼ି ପୁଞ୍ଜି ସାଇତି ଥିଲେ ତାର ମୂଲ୍ୟ ଆଉ ପ୍ରାୟ କିଛି ରହିଲା ନାହିଁ ।

ଲୋକେ ତ ଏପରି କର ଦେବାରେ ଆଗରୁ ଅଭ୍ୟସ୍ତ ନଥିଲେ । ସେମାନଙ୍କୁ ଏହା ବଡ଼ ବାଧିଲା । ତା ଉପରକୁ ଖଜଣା ହିସବ ଆଦାୟ କରିବା ପାଇଁ ଯେଉଁ ଦୟାମାୟାହୀନ ନିଷ୍ଠୁର ବଙ୍ଗାଳୀ, ପଠାଣ ବା ନିମକହାରାମ ଦେଶୀ କର୍ମଚାରୀ ନିଯୁକ୍ତ ହୋଇଥିଲେ, ଶାନ୍ତିରକ୍ଷା ପାଇଁ ଯେଉଁ ପୋଲିସ ଫଉଜ ଥିଲେ ସେମାନେ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ଦିନୁଁଦିନ ଅତ୍ୟାଚାର ଅସହ୍ୟ ହୋଇ ଉଠିଲା, ଲୋକେ ଅତି ହାହାକାର କଲେ । ଲୋକସାଧାରଣଙ୍କ ଭିତରେ ଗଭୀର ଅସନ୍ତୋଷ ବ୍ୟାପିଲା । ଯା ଉପରକୁ ପୁଣି ସ୍ତ୍ରୀ ଜାତି ଉପରେ ଯେତେବେଳେ ମାଡ଼ ବସିଲା, ପାଇକେ ଆଉ ସମ୍ଭାଳ ପାରିଲେ ନାହିଁ, ତାଙ୍କ ଛାତିରେ ନିଆଁ ଜଳି ଉଠିଲା । ତାଙ୍କ ରକ୍ତ ଟଗ୍‌ମଗ୍ ଫୁଟି ଉଠିଲା । ଖୋର୍ଦ୍ଧା ପାଇକ କି ସମ୍ଭାଳେ ନାରୀନିର୍ଯାତନ । ସେତେବେଳେ ତ ସେ ଆଉ ଆଜି କାଲି ପରି ମେଣ୍ଢା ହୋଇଯାଇ ନଥିଲା ? ପୂର୍ବାପେକ୍ଷା ଦୁର୍ବଳ ହୋଇଥିଲେ ମଧ୍ୟ ବାପଅଜାଙ୍କ ରକ୍ତର ଗୌରବ ସେ ଭୁଲିନଥିଲା । ଦାରୁଣ ବିପର୍ଯ୍ୟୟ ଭିତରେ ମଧ୍ୟ ତାର ଆତ୍ମବୋଧ ଥିଲା । ଫଳରେ ତା'ର ବିଜାତୀୟ ଘୃଣା ଓ କ୍ରୋଧ ଆତ୍ମପ୍ରକାଶ କରୁଥିଲା ଖଣ୍ଡମେଳମାନଙ୍କରେ ।

ଏହାପରେ ଦିନାକେତେ ଯିବାପରେ ଯେତେବେଳେ ପାଇକ ସମାଜର ମୁକୁଟମଣି ବକ୍ସିସାମନ୍ତଙ୍କ ରୋଡ଼ଙ୍ଗ ଜମିଦାରୀ ବଙ୍ଗାଳୀ ଦେବାନ କୃଷ୍ଣଚନ୍ଦ୍ର ସିଂହ ଷଡ଼ଯନ୍ତ୍ର କରି ଆତ୍ମସାତ୍ କଲା—ଶେଷ ସମ୍ବଳ ଜମିଦାରୀ ଖଣ୍ଡିକ ହରାଇ ବକ୍ସି ବାଟରେ ଠିଆ ହେଲେ, ସେତେବେଳେ ପାଇକମାନଙ୍କ ଭିତରେ ଗଭୀର ଉତ୍ତେଜନା ଓ ବିକ୍ଷୋଭ ପ୍ରକାଶ ପାଇଲା । ଦେଶୋଦ୍ଧାର ପାଇଁ

କୃତସଂକଳ୍ପ ବକ୍‌ସି ଜନ୍ମଭୂମି ନାମରେ ପାଇକମାନଙ୍କୁ ଡାକ ଦେଲେ । ପାଇକ ପିଲା, ଯା ବକ୍‌ସିର ଡାକ କାନରେ ପଡ଼ିଲେ ସ୍ୱାତଡାଲ ପଙ୍କ ଭିତରୁ ଉଠିକି ଆସେ । ଗଡ଼ମାନଙ୍କରେ, ପାଇକ ଚଳିତରେ ଗୁଙ୍ଗୁ ଢମକ ବାଜିଉଠ ରଣଶିଙ୍ଗା ଡକୁଡ଼ା ପଡ଼ିଲା । ପାଇକପୁଅ କମର ଭିଡ଼ି ଗୁରୁ ହାତଆର ବାନ୍ଧି ତେଜି ପଡ଼ିଲା ଘର ଦେଶସୁଦ୍ଧ ଲଢ଼ିବାକୁ । ପାଇକଘର ଝିଅବୋହୂ ମା ମାଇପେ କସ୍ତୁରଙ୍ଗ ବନ୍ଦେଇ ହୁଳହୁଳି ପକାଇ ବନ୍ଦାପନା କରି ପୁଅ ଗିରସ୍ତ, ବାପ ଭାଇଙ୍କୁ ସଜବାଜ କରି ପଠେଇ ଦେଲେ ଯୁଦ୍ଧ କ୍ଷେତ୍ରକୁ । ଖୋରଧା ଟଳମଳ ହେଲା । ଫିରିଙ୍ଗି ପ୍ରମାଦ ଗଣିଲା, କମଳ-ହାରମଦଳ ଲୁଚିବାକୁ ଠଣା ଖୋଜିଲେ ।

ବାଣପୁର ବକ୍‌ସିଙ୍କର ଅତି ପ୍ରିୟଭୂମି ଏବଂ ତାଙ୍କର ଶାସନାଧୀନରେହିଁ ଏକ ପ୍ରକାର ଥାଏ କହିଲେ ଚଳେ । ବାଣପୁରିଆ ଲୋକେ ବକ୍‌ସିଙ୍କୁ ବକ୍‌ସି ମହାରାଜା ବୋଲି କହନ୍ତି । ବକ୍‌ସି ଅଧିକାଂଶ ସମୟରେ ବାଣପୁରର ପାର୍ବତ୍ୟ ଦୁର୍ଗମାନଙ୍କରେ ଓ ବଣ ଭିତରର ଠଣାମାନଙ୍କରେ ଅବସ୍ଥାନ କରନ୍ତି । ତାଙ୍କ ସ୍ମୃତି ଚିହ୍ନ ଏବେ ବି ବାଣପୁରର ବିଭିନ୍ନ ସ୍ଥାନରେ ଅଛି । ଏବେ ବି ବଣୁଆଲୋକେ ବଣ ଭିତରେ ବିଭିନ୍ନ ଜାଗାକୁ ଦେଖେଇ ଦିଅନ୍ତି ବକ୍‌ସି ଠଣା, ସାନ୍ତାଣୀ ଗାଧୁଆ, ଯମୁନା ନଦୀ, ଷୋଳପାଣି ଝର । ତା ଛଡ଼ା ବିଧାଧରପୁର, କୋଠ ବିଦ୍ୟାଧର-ପୁର, ବକ୍‌ସିପାଟଣା ପ୍ରଭୃତି ନାମରେ କେତେ କେତେ ଗାଁ ଓ ବ୍ରାହ୍ମଣଶାସନ ମଧ୍ୟ ବାଣପୁର ଭିତରେ ଅଛି । ସ୍ୱଜାତି ହରାଇବା ପରେ ବକ୍‌ସି ଅନେକ ସମୟରେ ବାଣପୁରକୁ ଲୁଚି ଚାଲି ଆସୁଥିଲେ ଓ ଷଣ୍ଢା ପାହାଡ଼ ତକଡ଼ାପଥର ଜଙ୍ଗଲ ଭିତରେ କେତେ ଦିନ ଲେଖାଏଁ ଅବସ୍ଥାନ କରୁଥିଲେ । କେବେ କମିଶ ଅଧପ୍ରତିଅ

ଲୁଟ କରି ଆସି ବିଦ୍ୟାଧରପୁରର ବ୍ରାହ୍ମଣମାନଙ୍କ ଦ୍ୱାରା ସତ୍କାରିତ
ହୋଇଥିବାର ଶୁଣା ଅଛି । ଲୁଟ କରି ଏପରି ଆସିବାର କାରଣ
ବାଣପୁର ଆସିବାକୁ ତାଙ୍କ ଉପରେ ନିଷେଧ ଆଦେଶ ଜାରି କରା
ହୋଇଥିଲା—ତାଙ୍କୁ ଦେଖିଲେ ବାଣପୁରର ଲୋକେ ମାତି
ଉଠିବେ ବୋଲି ଆଶଙ୍କା କରି । ଫେରୁଁ ବେଳ ତାଙ୍କ ଉପରେ
କଟକଣା ଅଧିକରୁ ଅଧିକ ଟାଣ ହେଲା । କୌଣସି ଅନ୍ୟ ବାଣପୁର
ପର୍ଯ୍ୟନ୍ତ ଆସିପାରିଲେ ନାହିଁ । ତେଣୁ ସେ ଭରସା ରଖିଲେ ତାଙ୍କର
ବିଶ୍ୱସ୍ତ ସହଚର କୃତ୍ତିବାସଙ୍କ ଉପରେ । କୃତ୍ତିବାସ ତ ଥିଲେ ମାଳ
ସାତ କୋଶର ରଜା—ଅବଶ୍ୟ ଉପାଧିଧାରୀ ରଜା ନୁହନ୍ତି, ସରଳ
ପ୍ରାଣ କନ୍ଧ ଜଙ୍ଗଲର ହୃଦପୁର ରଜା । ସେ କନ୍ଧ ପାଇକଙ୍କୁ ନେଇ
ଆଗରୁ ଗୋଟିଏ ସନ୍ତ୍ରାସବାଦୀ ଦଳ ଗଢ଼ି ଫିରିଙ୍ଗିଙ୍କୁ ଅସ୍ଥିର
କରୁଥିଲେ । ଏବେ ବକ୍ସିଙ୍କ ନିର୍ଦ୍ଦେଶରେ ତାଙ୍କ ଦଳ ବଢ଼ାଇ
ବାଣପୁରରେ ବ୍ୟାପକ ବିଦ୍ରୋହ ଆରମ୍ଭ କରିଦେଲେ ।
ବାଣପୁରରେ ବିଦ୍ରୋହ ପରିଚାଳନାଭାର ସେ ଏକାକୀ ନିଜ
ମୁଣ୍ଡ ଉପରେ ନେଲେ ।

ଏଇ ଯେ ବିଦ୍ରୋହ ହେଲା ସେଥିରେ ଖୋରଧା ଓ ବାଣପୁରର
କେତେ କେତେ ଦୁର୍ଗପତି ସେନାନାୟକ ଫାଶ ଦେଲେ ସତ,
କିନ୍ତୁ ଆଉ ଅନେକେ ପ୍ରବଳ ପରାକ୍ରାନ୍ତ ଫିରଙ୍ଗି ବିରୁଦ୍ଧରେ ଅସ୍ତ୍ର
ଉତ୍ତୋଳନ କରିବାକୁ ସାହସ କଲେ ନାହିଁ, କେହି ବା ଲାଭ
ଆଶାରେ ତାର ସ୍ତାବକ ସାଜିଲେ । ସବୋପରି ଚରଣ ପଟ୍ଟନାୟକ,
ଫତେ ମହମ୍ମଦ ପ୍ରମୁଖ ଦେଶଦ୍ରୋହୀ, ବିଶ୍ୱାସଘାତକ ନିମକହାରାମ
ଫିରଙ୍ଗିର ଗୋଲାମ ହୋଇ ବିସ୍ତର ଯାଗିରି ଖାଇ ତାକୁ
ସକ୍ରିୟଭାବେ ସାହାଯ୍ୟ କରୁଥିଲେ । ସେମାନେ ଫିରଙ୍ଗି ହାକିମ
ଦରବାର ମଣ୍ଡନ କରୁଥିଲେ ଓ ଗୋଇନ୍ଦାଗିରି କରି ସବୁବେଳେ

ଘର ମିଛ ଲୋକ ଖବର ଗୋରାଙ୍ଗ ପ୍ରଭୁମାନଙ୍କୁ ଯୋଗାଉଥିଲେ । ଖୋର୍ଦ୍ଧାରେ ଏମାନଙ୍କ ପ୍ରତିପତ୍ତି କହିଲେ ନ ସରେ । ମୋଟ ଉପରେ ଖୋର୍ଦ୍ଧା କମ୍ପା ବାଣପୁରରେ ଗୋଟାଏ ବଳବାନ୍ ଶତ୍ରୁ ବିରୁଦ୍ଧରେ ଏକ ସମ୍ମିଳିତ ସାମୁହିକ ଠିଆ କରିବା ଭଳି ଅବସ୍ଥା ସେତେବେଳେ ନଥିଲା । ଏହିପରି ଘୋର ଦୁର୍ଦ୍ଦିନରେ ଦେଶର ଏ ଦୁର୍ବଳତାକୁ ଭ୍ରୂକ୍ଷେପ ମାତ୍ର ନ କରି କୃତ୍ତିବାସ ଏକେଶ୍ୱର ବୀର ପରି ପ୍ରଥମେ ବାଣପୁରକୁ ବିଦେଶୀ କବଳରୁ ଉଦ୍ଧାର କରିବା ପାଇଁ ମୁଷ୍ଟିମେୟ କେତେ ପାଇକଙ୍କ ସହ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ ।

କୃତ୍ତିବାସ ସେତେବେଳେ ଉଦ୍ଦାମ ଯୌବନର ପ୍ରଥମ ପାଦରେ ଯାହାଙ୍କ ଦେଶମାତୃକାର ପାଦପୀଠରେ ଆତ୍ମୋତ୍ସର୍ଗ କରିବାର ପ୍ରକୃଷ୍ଟ ସମୟ । ପ୍ରତିଶୋଧର ତପ୍ତ ଲହୁର ଧାର, ଛାତିରେ ଅପୂର୍ବ ସାହସ ବକ୍ଷମ ବାହୁରେ ଅମିତ ବଳ, ଅସ୍ତ୍ରଚାଳନାରେ ଅସମ୍ଭବ ଦକ୍ଷତା ଏବଂ କାର୍ଯ୍ୟରେ ବାକ୍ୟରେ ଦେଶୋଦ୍ଧାର ଚିନ୍ତା । ସ୍ୱପ୍ନରେ ଜାଗରଣରେ ସେ ମାତୃ ଦେଶ ପାଇଁ ପାଗଳ ହୋଇ ପଡ଼ିଥିଲେ । ମୁଖମଣ୍ଡଳର ପ୍ରଶସ୍ତ ଲଲାଟ ପଟରେ ଦୃଢ଼ତା ଓ କଠୋର ପ୍ରତିଜ୍ଞାର ଉଜ୍ଜ୍ୱଳ ଅଗ୍ନି ବିଚ୍ଛୁରିତ ହୋଇ ପଡ଼ୁଥିଲା । ସେ ଯେପରି ଉତ୍କଳର ଅସ୍ତୋନ୍ମୁଖୀ ଶୌର୍ଯ୍ୟ ରବିର ଶେଷ ରଶ୍ମିରେଖା ଏବଂ ଉତ୍କଳ ଶାସ୍ତ୍ର ଯୁଦ୍ଧ ବାହିନୀର ଦେଶାତ୍ମବୋଧ ଦେଶପ୍ରାଣତାର ଜ୍ୱଳନ୍ତ ପ୍ରତୀକ । ପ୍ରମତ୍ତ କେଶରୀସମ ବଜ୍ର-ନିର୍ଘୋଷରେ କୃତ୍ତିବାସ ଡାକଦେଲେ "ଜାଗ ! ଉଠ ! ବାଣପୁରର ସୁପ୍ତ ଅବସନ୍ନ ବୀର ସୈନିକଗଣ ! ଫିରିଙ୍ଗି ନିପାତ କରିବାକୁ ହେବ । ଆମେ ବଂଶ ଥାଉ ଥାଉ ମଧ୍ୟ ଆମର ହେବ ବିଦେଶୀ ଫିରିଙ୍ଗିର ଖଟଣୀ ହୋଇଲି ? ବାପ ଗାଦିରେ ଆସନ କରିବ

ଲୁଟ କରି ଆସି ବିଦ୍ୟାଧରପୁରର ବ୍ରାହ୍ମଣମାନଙ୍କ ଦ୍ୱାରା ସତ୍କାରିତ ହୋଇଥିବାର ଶୁଣା ଅଛି । ଲୁଟ କରି ଏପରି ଆସିବାର କାରଣ ବାଣପୁର ଆସିବାକୁ ତାଙ୍କ ଉପରେ ନିଷେଧ ଆଦେଶ ଜାରି କରା ହୋଇଥିଲା—ତାଙ୍କୁ ଦେଖିଲେ ବାଣପୁରର ଲୋକେ ମାତି ଉଠିବେ ବୋଲି ଆଶଙ୍କା କରି । ବେଳୁଁ ବେଳ ତାଙ୍କ ଉପରେ କଟକଣା ଅଧିକରୁ ଅଧିକ ଟାଣ ହେଲା । ବକସି ଆଉ ବାଣପୁର ପ୍ରସ୍ତୁ ଆସିପାରିଲେ ନାହିଁ । ତେଣୁ ସେ ଭରସା ରଖିଲେ ତାଙ୍କର ବିଶ୍ୱସ୍ତ ସହଚର କୃତ୍ତିବାସଙ୍କ ଉପରେ । କୃତ୍ତିବାସ ତ ଥିଲେ ମାଳ ସାତ କୋଶର ରଜା—ଅବଶ୍ୟ ଉପାଧିଧାରୀ ରଜା ନୁହନ୍ତି, ସକଳ ପ୍ରାଣ କଲ ଢ଼ଙ୍ଗଙ୍କର ହୃଦୟର ରଜା । ସେ କଲି ପାଇକଙ୍କୁ ନେଇ ଆଗରୁ ଗୋଟିଏ ସନ୍ତ୍ରାସବାଦୀ ଦଳ ଗଢ଼ି ଫିରିଙ୍ଗିଙ୍କୁ ଅସ୍ଥିର କରୁଥିଲେ । ଏବେ ବକ୍ସିଙ୍କ ନିର୍ଦ୍ଦେଶରେ ତାଙ୍କ ଦଳ ବଢ଼ାଇ ବାଣପୁରରେ ବ୍ୟାପକ ବିଦ୍ରୋହ ଆରମ୍ଭ କରିଦେଲେ । ବାଣପୁରରେ ବିଦ୍ରୋହ ପରିଚାଳନାଭାର ସେ ଏକାକୀ ନିଜ ମୁଣ୍ଡ ଉପରେ ନେଲେ ।

ଏଇ ଯେ ବିଦ୍ରୋହ ହେଲା ସେଥିରେ ଖୋରଧା ଓ ବାଣପୁରର କେତେ କେତେ ଦୁର୍ଗପତି ସେନାନାୟକ ଫାଂସ ଦେଲେ ସତ, କିନ୍ତୁ ଆଉ ଅନେକେ ପ୍ରବଳ ପରାକ୍ରାନ୍ତ ଫିରିଙ୍ଗି ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ସାହସ କଲେ ନାହିଁ, କେହି ବା ଲୋଭ ଆଶାରେ ତାର ସ୍ତାବକ ସାଜିଲେ । ସର୍ବୋପରି ଚରଣ ପଟ୍ଟନାୟକ, ଫତେ ମହମ୍ମଦ ପ୍ରମୁଖ ଦେଶଦ୍ରୋହୀ, ବିଶ୍ୱାସଘାତକ ନିମକହାରାମ ଫିରିଙ୍ଗିର ଗୋଲାମ ହୋଇ ବିସ୍ତର ଯାଗିରି ଖାଇ ତାକୁ ସକ୍ରିୟଭାବେ ସାହାଯ୍ୟ କରୁଥିଲେ । ସେମାନେ ଫିରିଙ୍ଗି ହାକିମ ଦରବାର ମଣ୍ଡନ କରୁଥିଲେ ଓ ଗୋଇନ୍ଦାଗିରି କରି ସବୁବେଳେ

ଖତ ମିଛ ଖୋଜ ଖବର ଗୌରାଙ୍ଗ ପ୍ରଭୁମାନଙ୍କୁ ଯୋଗାଉଥିଲେ । ଖୋରଧାରେ ଏମାନଙ୍କ ପ୍ରତାପ କହୁଲେ ନ ସରେ । ମୋଟ ଉପରେ ଖୋରଧା କମ୍ପା ବାଣପୁରରେ ଗୋଟାଏ ବଳବାନ୍ ଶତ୍ରୁ ବିରୁଦ୍ଧରେ ଏକ ସମ୍ମିଳିତ ସାମୁଖ୍ୟ ଠିଆ କରିବା ଭଳି ଅବସ୍ଥା ସେତେବେଳେ ନଥିଲା । ଏହିପରି ଘୋର ଦୁର୍ଦ୍ଦିନରେ ଦେଶର ଏ ଦୁର୍ବଳତାକୁ ଭ୍ରୂକ୍ଷେପ ମାତ୍ର ନ କରି କୃତ୍ତିବାସ ଏକେଶ୍ୱର ବୀର ପରି ପ୍ରଥମେ ବାଣପୁରକୁ ବିଦେଶୀ କବଳରୁ ଉଦ୍ଧାର କରିବା ପାଇଁ ମୁଷ୍ଟିମେୟ କେତେ ପାଇକଙ୍କ ସହ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ ।

କୃତ୍ତିବାସ ସେତେବେଳେ ଉଦ୍ଦାମ ଯୌବନର ପ୍ରଥମ ପାଦରେ ଯାହାଙ୍କ ଦେଶମାତୃକାର ପାଦପୀଠରେ ଆତ୍ମୋତ୍ସର୍ଗ କରିବାର ପ୍ରକୃଷ୍ଟ ସମୟ । ପ୍ରତିହିଂସାର ତପ୍ତ ଲହୁରେ ଧୂଆଁ, ଚିତ୍ତରେ ଅପୂର୍ବ ସାହସ ବଜ୍ରସମ ବାହୁରେ ଅମିତ ବଳ, ଅସ୍ତ୍ରଚାଳନାରେ ଅସମ୍ଭବ ଦକ୍ଷତା ଏବଂ କାୟମନେ ବାକ୍ୟରେ ଦେଶୋଦ୍ଧାରର ଚିନ୍ତା । ସ୍ୱପ୍ନରେ ଜାଗରଣରେ ସେ ନିଜର ଦେଶ ପାଇଁ ପାଗଳ ହୋଇ ପଡ଼ିଥିଲେ । ମୁଖମଣ୍ଡଳର ପ୍ରଶସ୍ତ ଲଲାଟ ପଟରେ ଦୃଢ଼ତା ଓ କଠୋର ପ୍ରତିଜ୍ଞାର ଉଜ୍ଜ୍ୱଳ ଅଗ୍ନି ବିସ୍ଫୁରିତ ହୋଇ ପଡ଼ୁଥିଲା । ସେ ଯେପରି ଉତ୍କଳର ଅସ୍ତୋନ୍ମୁଖୀ ଶୌର୍ଯ୍ୟ ରବିର ଶେଷ ରଶ୍ମିରେଖା ଏବଂ ଉତ୍କଳ ଖଣ୍ଡ ପୂର୍ଣ୍ଣ ସ୍ୱାଧୀନତାର ଦେଶାତ୍ମବୋଧ ଦେଶପ୍ରାଣତାର ଜ୍ୱଳନ୍ତ ପ୍ରତୀକ । ପ୍ରମତ୍ତ ଭୈରବ ସମ ବଜ୍ର-ନିର୍ଘୋଷରେ କୃତ୍ତିବାସ ଡାକଦେଲେ "ଜାଗ ! ଉଠ ! ବାଣପୁରର ସୁପ୍ତ ଅବସନ୍ନ ବୀର ସୈନିକଗଣ ! ଫିରିଙ୍ଗି ନିପାତ କରିବାକୁ ହେବ । ଅଟମ ବଂଶ ଥକ ଆଜ ମଧ ଅମର ହେବ ବିଦେଶୀ ଫିରିଙ୍ଗିର ଖଟଣୀ ହୋଇଲି ? ବାଘ ଗୁଲିରେ ଅସନ କରବ

କୁକୁର ? ଅଜ ଯେଉଁ ହାତ ଅମର ଉଠୁଥିଲା ଲକ୍ଷେ ରଜାର ମଜ୍ଜମଣି ଚଳନ୍ତବିଷ୍ଣୁ ଠାକୁରରାଜା ବୀର ଶ୍ରୀ ଗଜପତିଙ୍କୁ ଅଭିବାଦନ ଜଣାଇବା ପାଇଁ ସେଇ ହାତ ପୁଣି ଉଠିବ ବିଜାତି ଫିରିଙ୍ଗିର ସେ ତା ତଳେ ସଲାମ ଠୁକିବାକୁ ? ନା, ନା, ଅସମ୍ଭବ ! ଖଣ୍ଡାପୂତ ଧମନୀ ଏବେ ସୁଦ୍ଧା ରକ୍ତଶୂନ୍ୟ ହୋଇନି, ଏବେ ସୁଦ୍ଧା ହାତ ତା'ର ପଙ୍ଗୁ ଅଥର୍ବ ହୋଇନି । ଅନେକ ଶହ ଶହ ବର୍ଷ ହେଲା ଅସ୍ତ୍ରବ୍ୟବହାର ଛାଡ଼ିଛୁଁ, ରଣକୌଶଳ ଭୁଲିଛୁଁ, ହାତ ହତିଆର ଅମର କଳଙ୍କ ଧରିଛି । ତଥାପି ଭୟ ନାହିଁ । ଏଇ ଦୁର୍ବଳ ଅନ୍ନକ୍ଳିଷ୍ଟ ଗାତ୍ର ଭିତରେ ଅମର ଏବେ ସୁଦ୍ଧା ବନ୍ୟ ବୀର-ରକ୍ତର ଅବଶେଷ ଅଛି—ସେଇତିକି ଯଥେଷ୍ଟ । କଣିକାଏ ନିଆଁ ମାତ୍ର ଜଳିଲେ ବିଶ୍ୱବ୍ରହ୍ମାଣ୍ଡ ପୋଡ଼ି ଛାରଖାର କରିଦେଇ ପାରିବ । ଜାଗ ଭାଇମାନେ ! ବାଣପୁରର ଟେକ ଓ ତା'ର ଗୌରବମୟ ପରମ୍ପରା ରକ୍ଷା କର ।" ଏ ଡାକ କି କେବେ ବୃଥା ଯାଏ ? ବାଣପୁର ଦେଉଳ କୋଣରେ ବିଜୁଳି ଖେଳିଗଲା । ପାଇକ ପାହାଡ଼ ଖୋଲରେ ହୁଣ୍ଡ ହୋଇଗଲେ । କନ୍ଧ ସର୍ଦ୍ଦାର ଲୋଚନା ତା'ର ଦଳବଳସହ ବଣ ମୂଳକରୁ ଚମକି ଅସିଲା—ପଦ୍ମତୋଳା ଶୁଣି ନଗ ସାପ ଗାତ ଭିତରୁ ବାହାରିପଡ଼ିଲା ପରି । ସେଇ ଲୋଚନା ସର୍ଦ୍ଦାର ହେଲା ବିପ୍ଳବୀର କୃତ୍ତିବାସଙ୍କର ଡାହାଣ ହାତ ।

## —ଲୋଚନା—

ଲୋଚନା କନ୍ଧ-ସର୍ଦ୍ଦାର । ଯେତେଦୂର ସମ୍ଭବ ତା'ର ଜନ୍ମସ୍ଥାନ ଘୁମୁସର । ସେ ବାଣପୁର ମାଳ ଭିତରେ ଘର କରି ରହୁଥିଲା । ଏଇ କନ୍ଧ ଲୋଚନାର ବିଶ୍ୱସ୍ତତା ଇତିହାସରେ

ଦୁର୍ଦ୍ଧର୍ଷ । ଦେହରେ ତା'ର ହାତୀର ବଳ, ଅନ୍ତଃକରଣରେ ସିଂହର ସାହସ । ଧନୁର୍ବିଦ୍ୟାରେ ସେ ଅସାଧାରଣ ଲଘୁହସ୍ତତା ଅର୍ଜନ କରିଥିଲା । ଏହା ଛଡ଼ା ସେ ଗୁଣୀ-ବିଦ୍ୟାରେ ବଡ଼ ଧୁରନ୍ଧର ଥିଲାବୋଲି କଥିତ ଅଛି । ଗୁଣୀ ବଳରେ ସେ ଅସାଧ୍ୟ ସାଧନ କରି ପାରୁଥିଲା । ସେ ନିଜେ ଅଫିମ ଖାଉଥିଲା ଓ କୃତ୍ତିବାସଙ୍କୁ ଅଫିମ ଖୁଆଉଥିଲା, ଯାହା ଯୋଗୁଁ କି ସେମାନଙ୍କ ଦେହରେ ଅସ୍ତ୍ର ଶସ୍ତ୍ର ଭେଦୁ ନଥିଲା । ଗୌରବର ବିପ୍ଳବୀ କୃତ୍ତିବାସଙ୍କ ବିଚାର ପରେ ଯେତେବେଳେ ତାଙ୍କୁ ଯାବଜ୍ଜୀବନ ଜେଲ୍ ଦଣ୍ଡ ଦିଆଗଲା ଲୋଚନାକୁ ମୂର୍ଖ ଜଙ୍ଗଲି ଲୋକ ବୋଲି ଖଲାସ ହୁକୁମ ଶୁଣାଇ ଦିଆଗଲା, ସେ ସଗର୍ବେ ଆଦେଶକୁ ପ୍ରତ୍ୟାଖ୍ୟାନ କରି ସ୍ୱେଚ୍ଛାରେ ଦ୍ୱୀପାନ୍ତର ଯାଇଥିଲା ।

ଏହି ଲୋଚନାକୁ ପାଇ କୃତ୍ତିବାସ ଦ୍ୱିଗୁଣ ଉତ୍ସାହରେ ମାତି ଉଠିଥିଲେ । ଲୋଚନା ଥିଲା ଏକାଧାରରେ ତାଙ୍କର ଦେହରକ୍ଷୀ, ମନ୍ତ୍ରଣାଦାତା, ସହକର୍ମୀ, ଭାଇ, ଆତ୍ମୀୟ ଓ ଅନ୍ତରଙ୍ଗ ବନ୍ଧୁ । କାୟାକୁ ଛାୟା ଭଳି ସେ ତାଙ୍କର ଅନୁସରଣ କରୁଥିଲା । ଲୋଚନା ଜଙ୍ଗଲି ସତ, କିନ୍ତୁ ତାର ଦେଶପ୍ରେମ, ଶକ୍ତି, ସାହସ ଓ ବିଶ୍ୱାସର ତୁଳନା ନାହିଁ । ତା'ର ସହାୟତାରୁହିଁ କୃତ୍ତିବାସ ଏତେ ବଡ ବିପ୍ଳବ ସଫଳତାର ସହିତ ପରିଚାଳନା କରିଥିଲେ । ସେ ତାକୁ ସହୋଦର ଭାଇଠାରୁ ଅଧିକ ଶ୍ରଦ୍ଧା କରୁଥିଲେ ଓ ଭାଇ ବୋଲି ଆଲିଙ୍ଗନ କରୁଥିଲେ । ଏହା ଲୋଚନା ତାହିଁକି ଯେଉଁ ଜଙ୍ଗଲି ଜାତିକୁ ଅସଭ୍ୟ, ଅନାର୍ଯ୍ୟ ବଣୁଆ ବୋଲି ତଥାକଥିତ ସଭ୍ୟ ସମାଜ ଘୃଣା କରେ ସେ ଜାତିର ବିଶ୍ୱାସ ଓ ସ୍ୱାଧୀନତା-ପ୍ରେମ ବାସ୍ତବିକ ସମ୍ମାନାର୍ହ । ସେ ଛଳ କପଟ ଜାଣେ ନାହିଁ, ନିବିଡ଼ ଅରଣ୍ୟାନୀ ମଧ୍ୟରେ ତା'ର ଘର । ପ୍ରକୃତିର କୋଳ ମନୋରମ

ସବୁଜ ଶ୍ୟାମଳ କୋଳରେ ସେ ବଢ଼ିଥାଏ । ସ୍ୱଚ୍ଛନ୍ଦ ବନଜାତ ଫଳମୂଳ ଓ ଝରଣା ଜଳ ଖାଇ ମୁକ୍ତ ଆକାଶ ତଳେ ସେ ମୁକ୍ତ ବିହଙ୍ଗ ପରି ବିଚରଣ କରେ । ବଣ ଫୁଲ ପରି ତାର ନିର୍ମଳ ସତେଜ ମନପ୍ରାଣ ଏ ସଭ୍ୟତାଭିମାନୀ ସମାଜ ଭିତରେ ଏକାନ୍ତ ଦୁର୍ଲ୍ଲଭ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ପରାଧୀନତାକୁ ପ୍ରାଣେ ପ୍ରାଣେ ଘୃଣା କରିଥାଏ; ଆଉ ପରାଧୀନତା ଅପେକ୍ଷା ମୃତ୍ୟୁକୁ ଶତଗୁଣେ ଶ୍ରେୟ ମନେ କରେ । ସେ ସବୁବେଳେ ଗୃହେଁ ଖାଂଚେ୍ର ତା ଗିରି ନଦୀ ପରି ସ୍ୱଚ୍ଛନ୍ଦ ଅବାରିତ ଗତି ।

## —ପଞ୍ଜୁଆ ପତୁରୀ -

ଆଗରୁ କହିଛି ୧୯୧୭ ବିପ୍ଳବ ଆଗରୁ କୃତ୍ତିବାସ ଗୋଟିଏ ସଂନ୍ୟାସବାଦୀ ଦଳ ଗଢ଼ି ହତ୍ୟା ଲୁଣ୍ଠନ କରି ଫିରିଙ୍ଗି ପ୍ରାଣରେ ଭୀତି ଆତଙ୍କ ସୃଷ୍ଟି କରୁଥିଲେ ଓ ଭିତରେ ଭିତରେ ବଳ ସଂଗ୍ରହ କରି ଉପଯୁକ୍ତ ସୁଯୋଗ ଅପେକ୍ଷାରେ ଥିଲେ । ଫ୍ଲେମିଙ୍ଗ ସାହେବଙ୍କୁ ଖୋରଧା କୋର୍ଟରେ ହତ୍ୟା କରିବାକୁ କୃତ୍ତିବାସ ଯେ ଦୁଇ ଜଣ ଦୁଃସାହସିକ ପାଇକଯୁବକଙ୍କୁ ପଠାଇଥିଲେ ସେ ବୋଧହୁଏ ସେଇ ସମୟ ଭିତରର ଘଟଣା । ସେ ଉଦ୍ୟମ ସଫଳ ହୋଇନଥିଲେହେଁ ଏହି ଘଟଣା ଯୋଗୁଁ ତାଙ୍କର ବିରୁଦ୍ଧରେ ଆଉ ଅନ୍ୟାନ୍ୟ ଗୁରୁତର ଅଭିଯୋଗ ଭିତରେ ତାଙ୍କୁ ହତ୍ୟାପାଇଁ ଚେଷ୍ଟା (attempt of murder) ଅଭିଯୋଗରେ ଅଭିଯୁକ୍ତ କରାଯାଇଥିଲା । ଯୁବକ ଦ୍ୱୟ ମୁଣ୍ଡ ପାଣି-ଛଡ଼େଇ ଜଙ୍ଗଲ ଅଟକଳ ଭିତରେ ସଶସ୍ତ୍ର ପ୍ରହରୀ ଆଖିରେ ଧୂଳି ଦେଇ କୋର୍ଟରେ ପଶିଥିଲେ; ଗୁଳି ବି ଫୁଟେଇ ଥିଲେ; ମାତ୍ର ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ । ତା ପରେ ସେମାନେ କିପରି ନିର୍ଦ୍ୱନ୍ଦରେ

ଭିତରୁ ଖସି ଆସି ପାରିଲେ ତାହାହିଁ ଅଧିକ ଶ୍ରେୟ । ଏହିପରି ଅସଂଖ୍ୟ ଘଟଣା ତାଙ୍କଦ୍ୱାରା ସଂଘଟିତ ହୋଇଛି ।

୧୮୧୭ ଖୋରଧା ପାଇକ ବିଦ୍ରୋହ ପଛରେ ସାରା ଓଡ଼ିଶାରେ ଏକାବେଳେ ବିଦ୍ରୋହଜନିଅଁ ଜାଳିବା ପାଇଁ ଗୋଟିଏ ସୁପରିକଳ୍ପିତ ଯୋଜନା ଥିଲା ପରି ମନେ ହୁଏ । କାରଣ ବକ୍ସିଙ୍କ ଅଧିନାୟକତ୍ୱରେ ଖୋରଧାରେ ବିଦ୍ରୋହ ଶିଖା ଝଟକିଲାବେଳକୁ ଜେତେଣେ କୁଜଙ୍ଗ କଳିକାରେ ବାମଦେବ ପଟ୍ଟଯୋଷୀ, ନାରାୟଣ ପରମଗୁରୁ ଓ ଗୋପରେ କରୁଣାକର ସର୍ଦ୍ଦାର ଅସ୍ତ୍ର ଉତ୍ତୋଳନ କରିଥିଲେ, ଆଉ ବାଣପୁରରେ କୃତ୍ତିବାସ ପଟ୍ଟଶାଣୀ ଅଗ୍ନି ସଂଯୋଗ କରି ଦେଇଥିଲେ । ବାଣପୁର ଅଞ୍ଚଳରେ ନିଆଁ ଲଗା ଆରମ୍ଭ ହେଲା । ବାଣପୁରରେ ବିପ୍ଳବ କରିବା ଦାୟିତ୍ୱ କୃତ୍ତିବାସଙ୍କ ଉପରେ ଥିଲା ଦିଆ ଯାଇଥିଲା । ସେ ସେତେବେଳକୁ ତାଙ୍କ ଦଳକୁ ଯଥେଷ୍ଟ ସଂପ୍ରସାରିତ କରି ସାରିଥିଲେ । ତାଙ୍କ ବଳ ଓ ଶକ୍ତି ଏତେ ବଢ଼ି ଯାଇଥିଲା ଯେ ବାଣପୁରର ଦାୟିତ୍ୱ ସେ ଏକାକୀ ନେଇ ପ୍ରବଳ ଫିରିଙ୍ଗିର ସମ୍ମୁଖୀନ ହେବା ପାଇଁ ନିର୍ଭୟରେ ବାହାରି ପଡ଼ିଲେ । ବାଣପୁରର ଏଇ ବିପ୍ଳବ ଖୋରଧା ବିପ୍ଳବର ଅଂଶ ବିଶେଷ ହେଲେହେଁ କାହିଁକି ଏହାକୁ ପଞ୍ଚୁଆ ଫଡୁର୍ସି କହନ୍ତି ତାହା ପରେ କୁହାଯାଉଛି ।

ଘରଦ୍ୱାର, ଧନସମ୍ପଦ, ରୂପସୀ ଷୋଡ଼ଶୀ ପତ୍ନୀ, ଯୌବନର ମୋହମଦିର ସ୍ୱପ୍ନ ଓ ଅନନ୍ତ କାମନା ପରିତ୍ୟାଗ କରି କୃତ୍ତିବାସ ହେଲେ ବନବାସୀ । ଶ୍ୱାପଦସଙ୍କୁଳ ନିବିଡ଼ ଅରଣ୍ୟ ଓ ପର୍ବତ ଗୁହା ହେଲା ତାଙ୍କର ବାସସ୍ଥଳୀ ଆଉ ତାଙ୍କର ସଙ୍ଗୀ ହେଲେ କେତେଗୁଡ଼ିଏ ବିଶୁଆ ଲୋକ ଓ କେତେକ ବୃତ୍ତିଚ୍ୟୁତ ପାଇକ ।

ବାଣପୁରର ପୂର୍ବ ରାଜଧାନୀ ଦୁର୍ଭେଦ୍ୟ ବଙ୍କାଡ଼ର ଭଗ୍ନ ଗିରିଦୁର୍ଗ ଗଡ଼ ନୀଳାଦ୍ରିପ୍ରସାଦ ଓ ନୀଳଗଡ଼ ଅଞ୍ଚଳର ଦୁର୍ଗମ ନିବିଡ଼ ଅରଣ୍ୟ ପରିବେଷ୍ଟିତ ପର୍ବତ ଖୋଲମାନଙ୍କରେ ବିପ୍ଳବୀ ଶିବିର ସ୍ଥାପନା କରାଗଲା । ବହୁତ ବିଦ୍ରୋହୀ ପାଇକ ଆସି ରୁଣ୍ଡ ହେଲେ । ଅସ୍ତ୍ର ଶସ୍ତ୍ର ବୋଇଲେ ଧନୁଶର । ଢାଲତଲୁଆର, ବର୍ଚ୍ଛାକଟାର, ଓଡ଼ିଆ ନଳୀ ଓ ଗୁଳିବାରୁଦ ସଂଗୃହୀତ ହୋଇ ରଖାଗଲା । ଅଞ୍ଚଳ ନିକଟରେ ଗୋଟିଏ ପାହାଡ଼କୁ ଏବେ ଭଣ୍ଡାର ପାହାଡ଼ ବୋଲି କହନ୍ତି । ସେଇ ପାହାଡ଼ଗର୍ଭସ୍ଥ ଗଭୀର ଅନ୍ଧକାରମୟ ଗହ୍ୱର ଭିତରେ କୃତ୍ତିବାସଙ୍କର ଅସ୍ତ୍ରାଗାର ଥିଲା । ଲୋକେ କହନ୍ତି ପାହାଡ଼ର କୌଣସି ଗୁପ୍ତ ସ୍ଥାନରେ ପଥରତଳେ ଗୋଟିଏ ସଂକୀର୍ଣ୍ଣ ସୁଡ଼ଙ୍ଗ ବାଟ ଥିଲା । ସେଇ ବାଟ ଦେଇଗଲେ ଗୋଟିଏ ପ୍ରଶସ୍ତ ଗୁମ୍ଫା ଭିତରେ ପହଞ୍ଚିବାକୁ ହୁଏ । ସେଠାରେ ଅନେକ ପୋଥିପତ୍ର ଓ ହାତ ହତିଆର ଏବେ ମଧ୍ୟ ଅଛି ।

ଅସ୍ତ୍ରଶସ୍ତ୍ର ଆଦି ସଂଗୃହୀତ ହୋଇ ସାରିଲା ପରେ କୃତ୍ତିବାସ ଲୋଚନା ସଙ୍ଗେ ପରାମର୍ଶ କରି ସ୍ଥିର କଲେ ଯେ ବଣ ପର୍ବତ, ଘାଟି, ଖୋଲ, ଜଙ୍ଗଲ ଆଦି ପ୍ରାକୃତିକ ବ୍ୟୂହର ସୁଯୋଗ ନେଇ ଶତ୍ରୁକୁ ଅସ୍ତବ୍ୟସ୍ତ ବା ଧ୍ୱଂସ କରିବାକୁ ହେବ । ଛୋଟା ଛୋଟି ଲଢ଼େଇ ତ ଅନେକ ଯାଗାରେ ହେବ । ତା ଛଡ଼ା 'ଶଠେ ଶାଠ୍ୟଂ ସମାଚରେତ୍' ନୀତିରେ ବଣ ପାହାଡ଼ରେ ଲୁଚି ରହି ଶତ୍ରୁକୁ ବାରମ୍ବାର ଅତର୍କିତ ଆକ୍ରମଣ କରିବାକୁ ହେବ । ଶକ୍ତିକ୍ଷୟ ଓ ଶାସନ ଅଚଳ ହେଲେ ଶତ୍ରୁ ଆପେ ଆପେ ଅପସରି ଯିବ କିମ୍ବା ପାର୍ ପାଇଯିବ । ସେଇ ଅନୁସାରେ ଯୋଜନାମାନ ପ୍ରସ୍ତୁତ କରାଗଲା । ଆଜି କାଲି ଯାହାକୁ ଗରିଲା-ଯୁଦ୍ଧ କହୁଚନ୍ତି କୃତ୍ତିବାସଙ୍କ ବିପ୍ଳବୀ ସେନା ମୁଖ୍ୟତଃ ସେଇ ପ୍ରକାର ଯୁଦ୍ଧ କରୁଥିଲେ ।

ବିପ୍ଳବ ବ୍ୟାପକ ଆକାର ଧରିଲା । ବାଣପୁରର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ହୁଲସ୍ଥୂଲ ପଡ଼ିଗଲା । ଏ ବିପ୍ଳବ କେତେ ଦିନ ଯାଏଁ ବାଣପୁରରେ ଲାଗିଲା, କେଉଁ ନିର୍ଦ୍ଦିଷ୍ଟ ଦିନ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ କି କି ଘଟଣା ସଂଘଟିତ ହୋଇଥିଲା ତାହାର କୌଣସି ସଠିକ ଖବର ଅବଶ୍ୟ ମିଳୁ ନାହିଁ, କିନ୍ତୁ ମୋଟ ଉପରେ ରଣ ପଣ୍ଡିତ କୃତ୍ତିବାସ ଅସୀମ ଦକ୍ଷତାର ସହିତ ବିଦ୍ରୋହ ପରିଚାଳନା କରି ବାଣପୁରରେ ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ । ଯଦି ଖୋରଧାର ଭାଗ୍ୟ ବିପର୍ଯ୍ୟୟ ଘଟି ନଥାନ୍ତା, ଯେବେ ବିଶ୍ୱାସ-ଘାତକ ଦଳ ବିଶ୍ୱାସରେ ବିଷ ଦେଇ ନଥାନ୍ତେ ତେବେ ବାଣପୁର ତଥା ଖୋରଧାର ଇତିହାସ ଭିନ୍ନ ଆକାର ଧାରଣ କରିଥାନ୍ତା ।

ଦାବାନଳ ପରି ବିପ୍ଳବ ବହ୍ନି ବାଣପୁର ସାରା ଖେଳିଗଲା । ବିପ୍ଳବୀ ପାଇକ ଓ କନ୍ଧମାନେ କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇ ପାହାଡ଼ ଘାଟି ଗୋହିରୀ ବାଟମାନଙ୍କରେ ବାଘ ଶିକାରକୁ ଛକି ରହିଲା ପରି ଛକି ରହିଲେ । ସେମାନେ ଯେତେବେଳେ ଦେଖନ୍ତି ରକ୍ଷୀ-ପରିବେଷ୍ଟିତ ହୋଇ ସରକାରୀ ଖଜଣା ଚାଲାଣ ହୋଇ ଯାଉଛି, ପୋଲିସ, ପଲଟନ୍ ବା ସରକାରୀ କର୍ମଚାରୀ ଯାଉଛନ୍ତି, ବାଘ ଝାମ୍ପିଲା ପରି ହଠାତ୍ ସେମାନଙ୍କ ଉପରେ ଝାମ୍ପି ପଡ଼ି କେତେକଙ୍କୁ ହାଣି ମାରି ଦେଇ ଟଙ୍କାକଉଡ଼ି ଲୁଣ୍ଠନ କରି ପୁଣି ଚାହୁଁ ଚାହୁଁ ଆଖି ପିଛୁଳାକେ କୁଆଡ଼େ ବଣ ପାହାଡ଼ ଭିତରେ ଉଭାନ ହୋଇଯାନ୍ତି । ଏହା ପ୍ରାୟ ଦୈନନ୍ଦିନ ଘଟଣା ହୋଇ ପଡ଼ିଲା । କର୍ତ୍ତୃପକ୍ଷ ପ୍ରମାଦ ଗଣିଲେ ।

ବାଣପୁରରେ ସେତେବେଳେ ନୂଆ ଥାନା ହୋଇଥାଏ । ପୋଲିସ ଫଉଜ ସେଠାରେ ଥାଆନ୍ତି ଓ ଖୋରଧା ଚାଲାଣ ହେବା

ପୂର୍ବରୁ ଖଜଣା କରଣ୍ଡ ସେଇଠି ଜମା ହେଉଥାଏ । ତା ଛଡ଼ା ବିଦ୍ରୋହ ଦମନ ପାଇଁ ଗୋରା ଓ କଳା ପଲଟଣ "ପଲଟଣ-ପଡ଼ଆରେ" ଛାଉଣି ପକାଇ ରହୁ ଥାଆନ୍ତି । ଦୁଇ ତିନୋଟି ଫାଣ୍ଡି, ଡାକ-ବଙ୍ଗଳା ଛଡ଼ା ବାଣପୁରରେ ସରକାରୀ ଅସ୍ଥାନ ଆଉ ନଥିଲା । ସୈନ୍ୟ ଓ ସରକାରୀଲୋକ ଛଡ଼ା ଗୋଇନ୍ଦାମାନେ ଏ ସବୁ ଜାଗାର ଆଖପାଖରେ ରହି କୃତ୍ତିବାସଙ୍କ ଗତିବିଧି ପର୍ଯ୍ୟବେକ୍ଷଣ କରୁଥିଲେ ଓ ଗୁପ୍ତ ସମ୍ବାଦ ଉପରକୁ ପଠାଉ ଥିଲେ । ଏମାନଙ୍କ ଭିତରୁ ଯେ ପାଇକଙ୍କ ହାତରେ ଧରା ପଡ଼ୁଥିଲେ ସେମାନେ ଅବଶ୍ୟ ଜୀବନ ହରାଉଥିଲେ ନୋଚେତ୍ କଠିନ ଶାରୀରିକ ଦଣ୍ଡ ଭୋଗୁଥିଲେ । ଏବେ ଅସ୍ଥାନଗୁଡ଼ିକ ପୋଡ଼ି ଦେଲେ ଫିରିଙ୍ଗି ବେଠିକର ହୋଇଯିବ ବୋଲି ଭାବି ସେଗୁଡ଼ିକ ପୋଡ଼ିଦେବାକୁ ବିପ୍ଳବୀମାନେ ସ୍ଥିର କଲେ । ଦିନେ ରାତିଅଧିଆ ଥାନାଘର ଚଢ଼ାଉ କରାଗଲା । ଭୀଷଣ ସଂଘର୍ଷ ଲାଗିଲା । ପୋଲିସ କେତେ ମଲେ କେତେ ପ୍ରାଣ ଘେନି ପଳାଇଲେ । ଶେଷରେ ବିପ୍ଳବୀମାନେ ଥାନା ଘରେ ନିଆଁ ଲଗାଇ ଦେଇ ଜମାଥିବା ଖଜଣା ଟଙ୍କା ଲୁଟି ନେଲେ । ଆଉ ଯେ ଫାଣ୍ଡି, ଡାକ-ବଙ୍ଗଳା ଆଦି ଥିଲା ତାକୁ ଦିନ ଦି'ପହରେ ପୋଡ଼ି ଦିଆଗଲା । ଶତ୍ରୁ ପ୍ରକୃତରେ ବେଠିକର ହୋଇ ପଡ଼ିଲା । ତାଙ୍କ ମନରେ ମହାଆତଙ୍କ ସୃଷ୍ଟି ହେଲା । ବାଘ ଦେଖିଲେ ମାଙ୍କଡ଼ ପଲ ଯେପରି ଛନିଆଁ ହୋଇ ଗଛରୁ ଖସିପଡନ୍ତି ପାଟ୍ଟଶାଣୀଙ୍କ ଗନ୍ଧ ପାଇଲେ ସରକାରୀ ଲୋକଙ୍କର ସେଇ ଦଶା ହେଉଥିଲା ।

ବିଦ୍ରୋହ ଦମନ କରିବା ପାଇଁ ସିପାହୀ ପଲଟନ ଯେ ଥରକୁଥର ଆସିଲେ ସେ ସବୁ ଅଧିକାଂଶ ମାଡ଼ ଖାଇ ମଲେ ସିନା ପାଇକମାନଙ୍କୁ ବେଶି ସଂଖ୍ୟାରେ ମାରିପାରିଲେ ନାହିଁ । ସେମାନଙ୍କ

ପଣ୍ଡା ପାଇବା ଜାତିଙ୍କର ପାଠ ହେଲା । ବାଣପୁରର ଦୁର୍ଭେଦ୍ୟ ବଣପର୍ବତ ସେମାନଙ୍କୁ ଲୁଚାଇ ରଖିଲା । ସେ ପ୍ରାକୃତିକ ବ୍ୟୂହ ଭେଦ କରିବା ଶତ୍ରୁ ପକ୍ଷରେ ଅସମ୍ଭବ ହୋଇପଡ଼ିଲା । ଶେଷ ଚେଷ୍ଟା ସ୍ୱରୂପ ଶତ୍ରୁପକ୍ଷ ଜଙ୍ଗଲ ଘେରାଉ କରି ପଶ୍ଚିମ ଦିଗରୁ ପ୍ରତାପ ପଟ୍ଟ କୃତ୍ତିବାସଙ୍କ ଜଙ୍ଗଲ ମଧ୍ୟସ୍ଥ ଠଣା ଆକ୍ରମଣ କଲେ । ନାଠିପଡ଼ା ଓ ଚମ୍ପାଦେଈପୁରର ପାଣପାଇକମାନେ ପଥ ପ୍ରଦର୍ଶକ ହେଲେ । ମାଣିକପୁର ଦଳବେହେରା ଏ କାର୍ଯ୍ୟରେ ବାଣପୁରରେ ଫିରିଙ୍ଗିମାନଙ୍କର ଜଣେ ମୁଖ୍ୟ ସହାୟକ ଥିଲେ (ସେ ସାହାଯ୍ୟ ନିମନ୍ତେ ପ୍ରଚୁର ନିଷ୍କର ଜାଗିର ପାଇଥିଲେ ଯାହାକି ଏବେ ତାଙ୍କ ବଂଶଧରମାନେ ଭୋଗ କରୁଛନ୍ତି) । କୃତ୍ତିବାସ ତାଙ୍କ ପାଇକମାନଙ୍କୁ ଛୋଟ ଛୋଟ ଗୋଷ୍ଠିରେ ବିଭକ୍ତ କରି ଘାଟି ଯାଗାମାନଙ୍କରେ ଏପରିଭାବେ ସଜାଇ ରଖିଥିଲେ ଯେ ଶତ୍ରୁ ସେମାନଙ୍କୁ ଆଦୌ ଦେଖି ପାରିବ ନାହିଁ ଅଥଚ ସେମାନେ ଶତ୍ରୁର ଗତିବିଧି ସଂପୂର୍ଣ୍ଣ ଲକ୍ଷ କରିପାରିବେ ଏବଂ ସଂକେତ ପାଇଲା ମାତ୍ରେ ସମସ୍ତେ ଚତୁର୍ଦ୍ଦିଗରୁ ଆକ୍ରମଣ କରିବେ ।

ସେଇଆହିଁ ହେଲା । ଶତ୍ରୁମାନଙ୍କୁ ଭୁଆଁ ବୁଲେଇ ଗୋଟିଏ ଖୋଲ ଭିତରେ ପୂରେଇ ଦିଆଗଲା । ସେଠାରେ ପଥର ଗଡ଼ାଇ ଶରମାରି ନଳୀ ଲଟ୍ଠ ଏପରି ପ୍ରଚଣ୍ଡ ଗତିରେ ତୋଫାନି ଆକ୍ରମଣ କରାଗଲା ଯେ ଶତ୍ରୁର ବୁଦ୍ଧି ହଜିଗଲା । କେତେ ସେଇଠି ମଲେ ଆଉ କେତେ ଛିନ୍ନଛତର ଜୀବନ ଘେନି ପଳେଇଗଲେ । ଏଥର ସେମାନେ ଯେ ମହାଶିକ୍ଷା ପାଇଲେ ସେଥିରେ ଏକାବେଳକେ ଦବି ଗଲେ । ତା ଉପରକୁ ପାଇକମାନେ ପଲଟଣ ପଡ଼ିଆ ଡେରାରେ ଅଗ୍ନି ସଂଯୋଗ କରିଦେଲେ, ତେଣେ ଚିଲିକା ପନ୍ତାକୂଳେ ଦଳେ ପାଇକ କେତୋଟି ନିମକ ସାହେବ ସିପେଇଙ୍କୁ ଛେଦ ପକେଇ

ଦେଲେ । ଏ ସବୁ ଫଳରେ ଶତ୍ରୁ ଏକାବେଳେ ବାଣପୁର ଛାଡ଼ି ପଳେଇଲା । ବାଣପୁର ସଂପୂର୍ଣ୍ଣ ରୂପେ ବିଦ୍ରୋହୀମାନଙ୍କର କବଳକବଳିତ ହେଲା । ସତକୁ ସତ ବିଜୟବୈଜୟନ୍ତୀ ବାଣପୁରରେ ଉଡ଼ିଲା । ବକ୍ସି ମହାରାଜାଙ୍କର ଓ ବିପ୍ଳବୀ ବୀର କୃତ୍ତିବାସ ପାଟଶାଣୀଙ୍କ ଜୟଧ୍ୱନିରେ ଆକାଶ ବିଦୀର୍ଣ୍ଣ ହେଲା ।

ଫିରିଙ୍ଗି ଛାଡ଼ି ପଳେଇଲେ, ବାଣପୁର ନିଷ୍କଣ୍ଟକ ହେଲା ସତ; କିନ୍ତୁ ରଜା କିଏ ବୋଲି ଲୋକେ ଜାଣି ନପାରି ବଡ଼ ଦୋସନ୍ଧିଆ ଅବସ୍ଥାରେ ପଡ଼ିଲେ । ବକ୍ସି ବାଣପୁର ଅସିପାରୁନାହାନ୍ତି ଅଥଚ ରାଜ୍ୟ ଅରାଜକ ରହିଲେ ଚଳୁ ନାହିଁ । ପରିସ୍ଥିତି ସେତେବେଳର ଯାହା ସେଥିରେ ଲୋକଙ୍କ ମନରେ ଆସ୍ଥା ବିଶ୍ୱାସ ଫେରାଇ ଆଣିବା ଅତି ଜରୁରୀ ହୋଇ ଉଠିଚ । ଏପରି ଅବସ୍ଥାରେ ପ୍ରତ୍ୟୁତ୍ପନ୍ନ-ମତି କୃତ୍ତିବାସ ବଡ଼ ଅଦ୍ଭୁତ ଉପାୟରେ ଅବସ୍ଥା ସମ୍ଭାଳି ଥିଲେ । 'ପଞ୍ଚୁଆ' ବୋଲି ଗଡ଼ ରେଡ଼ଙ୍ଗର ଗୋଟିଏ ଗଉଡ଼ ବଳଦ କିଣିବା ପାଇଁ ବାଣପୁର ଆସିଥିଲା । ତା'ଠାରୁ ବକ୍ସିଙ୍କ ସମ୍ବାଦ ପାଇବା ଆଶାରେ ପାଇକମାନେ ତାକୁ ବାଟରୁ ଧରି ନେଇଥିଲେ । ଭୀତତ୍ରସ୍ତ ପଞ୍ଚୁଆକୁ କୃତ୍ତିବାସ ଅଭୟ ଦେଇ ନିଜ ପାଖରେ ରଖିଥିଲେ । ତା'ର ବକ୍ସିଙ୍କ ଚେହେରା ସଙ୍ଗେ କେତେକ ସାଦୃଶ୍ୟ ଥିଲା । ଏବେ ତାକୁ ବକ୍ସି ବେଶରେ ସଜେଇ, ମକର-ମୁହାଁ ପାଲିଙ୍କିରେ ବସେଇ, ଛତନାସ ଅଢ଼େଣୀ ବୈରଖ ଟେକି, ବୀରତ୍ୱର କାହାଳି ସଙ୍ଗେ ମଣିମା ଡାକ ପକେଇ, ପଠୁଆର କରି ଗାଁ ଗାଁ ବୁଲେଇଲେ, ଅଜ ପ୍ରଚାର କଲେ ଯେ ବକ୍ସି ମହାରାଜା ଫିରିଙ୍ଗିଙ୍କି ତଡ଼ି ତାଙ୍କ ନିଜ ରାଜ୍ୟ ନିଜ ଅକ୍ତିଆରକୁ ନେଲେ । ଲୋକେ ଏଥିରେ ପୂର୍ଣ୍ଣ ବିଶ୍ୱାସ କଲେ । ଏଇ ପଞ୍ଚୁଆର ନାମ ଅନୁସାରେ ବାଣପୁର ବିଦ୍ରୋହ ବା ମେଳକୁ "ପଞ୍ଚୁଆ ଫଉସି"

ମେଳ କହନ୍ତି । ବାଣପୁରରେ 'ପଞ୍ଚୁଆ ଫଉରୁଷ' ଓ 'ପଞ୍ଚୁଆ ରଜା' ଶବ୍ଦ ଦୁଇଟିର ଏବେ ବ୍ୟାପକ ପ୍ରଚଳନ ଦେଖାଯାଏ । କୌଣସି ଯାଗାରେ ହୁରିଦଙ୍ଗୁଲ ବା ଅଦାଳତ ଦେଖିଲେ ଲୋକେ କହନ୍ତି 'ସେଠି ପଞ୍ଚୁଆ ଫଉରୁଷ ହେଉଛି' ଅଳ୍ପ ସାମାନ୍ୟ ଲୋକ ବଡ଼ ଆସନ ପାଇ ଫୁଲେଇ ହେଲେ 'ସେ ତ ପଞ୍ଚୁଆ ରଜା ହେଉଛି' ବୋଲି କହନ୍ତି ।

ବାଣପୁର ଜୟ କରି ବିଜୟୋନ୍ମତ୍ତ ବିଦ୍ରୋହୀ ପାଇକମାନେ ଖୋରଧା ଅଭିମୁଖେ ଯାତ୍ରା କଲେ । ବାଟଯାକ ବିପ୍ଳବ ନିଆଁ ଜାଳି ଜାଳି ବକ୍ସିଙ୍କ ଶିବିରରେ ଯାଇ ଯଥା ସମୟରେ ଯୋଗ ଦେଲେ । ସଦ୍ୟମୁକ୍ତ ବାଣପୁରର ଅବସ୍ଥା ସମ୍ଭାଳି ରଖିବା ପାଇଁ କୃତ୍ତିବାସ ଲୋଚନା ଓ କେତେକ କନ୍ଧପାଇକଙ୍କୁ ଧରି ବଙ୍କାଡ଼ ଗଡ଼ରେ ଅବସ୍ଥାନ କରିବାକୁ ପଡ଼ିଥିଲା । ବିପ୍ଳବର ବ୍ୟାପକତା, ବକ୍ସି ଓ ରଜାଙ୍କର ମିଳିତ ଉଦ୍ୟମ ଓ ଖୋରଧାରେ ଅଗଣିତ ପାଇକ ସମାବେଶ ଦେଖି କୃତ୍ତିବାସ ଆଶା କରିଥିଲେ ଯେ ଖୋରଧା ଯୁଦ୍ଧରେ ଜୟ ସୁନିଶ୍ଚିତ । କିନ୍ତୁ କିଏ ଜାଣିଥିଲା ତାଙ୍କର ଏ ଆଶା ଅଚିରେ ନୈରାଶ୍ୟରେ ପରିଣତ ହେବ । ପ୍ରଥମ ଯୁଦ୍ଧରେ ପାଇକ-ମାନେ ଜିଣିଥିଲେହେଁ ଦ୍ୱିତୀୟ ଥର ଯୁଦ୍ଧରେ ବକ୍ସିଙ୍କ ଅନୁପସ୍ଥିତିରେ ପାଇକମାନଙ୍କର ଦାରୁଣ ପରାଜୟ ହେଲା । ଓଡ଼ିଆର ତାହାହିଁ ଶେଷ ଯୁଦ୍ଧ । ଓଡ଼ିଆ ସେ ଯୁଦ୍ଧରେ ହାରିଛି ସତ, କିନ୍ତୁ ମହା ପରାକ୍ରମୀ ଅକୁମାରୀ-ହିମାଚଳ ବିଜେତା ଇଂରେଜ ଜାତିର ହୃଦୟରେ ବିଭୀଷିକାର ସଂଚାର କରି ତାଙ୍କୁ ଦେଖାଇ ଦେଇ ଯାଇଛି ଓଡ଼ିଆର ବୀରତ୍ୱ ଓ ରଣକୌଶଳ । ଦୁଇଶହ ବର୍ଷରୁ ଅଧିକ କାଳ ଅସ୍ତ୍ର ବ୍ୟବହାରରେ ଅନଭ୍ୟସ୍ତ ହାତ ଓ କଳଂକ ଲଗା ପୁରୁଣା ଅସ୍ତ୍ର ଶସ୍ତ୍ରରେ ଓଡ଼ିଆ କଅଣ କରିପାରେ ତାହା

ଖୋରଧା ଓ ବାଣପୁରରେ ଲକ୍ଷ କର ଫିରଙ୍ଗି କର୍ତ୍ତୃପକ୍ଷଙ୍କ ମନରେ ଧୋକା ପଶିଯାଇଥିଲା । ସେଥିଯୋଗୁଁ ସିନା ତା'ର ନଗ୍ନ ଦାନ୍ତ କାଟି ତା'ର ସଂହତ ଭଙ୍ଗି ତା ଭଳି ଗୋଟାଏ ଇତିହାସ-ପ୍ରସିଦ୍ଧ ବୀର ଜାତିକୁ ମେଣ୍ଢାରେ ପରିଣତ କରିଦେଲେ ।

ଖୋରଧା ଯୁଦ୍ଧର ଦାରୁଣ ବିପର୍ଯ୍ୟୟ ପରେ ରାଜଗୁରୁ, ବକ୍ସି ଓ ଅନ୍ୟାନ୍ୟ ବିପ୍ଳବୀ ସର୍ଦ୍ଦାରମାନଙ୍କୁ ଧରି ଆଣି ଫିରଙ୍ଗି ସରକାର ଫାଶୀ, ହତ୍ୟା, ଦ୍ୱୀପାନ୍ତର ଆଦି କଠୋର ଅମାନୁଷିକ ଦଣ୍ଡରେ ଦଣ୍ଡିତ କଲେ । କୃତ୍ତିବାସ କିନ୍ତୁ ଅନେକ କାଳ ପର୍ଯ୍ୟନ୍ତ ଶତ ଚେଷ୍ଟା ସତ୍ତ୍ୱେ ଧରା ହୋଇପାରି ନଥିଲେ । ତାଙ୍କୁ ଧରିବାର ସକଳ ଚେଷ୍ଟା ବିଫଳ ହେଲା । ବାଣପୁର ନିଷ୍କଣ୍ଟକ ହୋଇ-ପାରିଲା ନାହିଁ । ଶିକାରୀ ବାଘ ପାହାଡ଼ ଖୋଲରେ ରହି ଘୁମୁରୁଥିଲା—କେତେବେଳେ ଅଗ୍ନିନଳ କୁଦା ମାରି ଉଠିବ, କି ଭୀଷଣ କାଣ୍ଡ ଘଟାଇବ କିଏ ଜାଣେ । କୃତ୍ତିବାସ ଧରା ନ ପଡ଼ିବା ଯାଏ ଖୋରଧା ବିଜୟ ଯେ ଚୂଡ଼ାନ୍ତ ନୁହେଁ; ଏଇ ଚିନ୍ତାରେ ଖୋରଧାର ଫିରଙ୍ଗି କର୍ତ୍ତାମାନେ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ । ଶେଷକୁ ସେମାନେ ଘୋଷଣା କଲେ ଯେ, ଯେ ତାଙ୍କୁ ଧରେଇ ଦେବ ସେ ଅଠବାଟୀ ଦଶମାଣ ନିଷ୍କର ଯାଗିରୀ ଓ ଅନ୍ୟାନ୍ୟ ବହୁ ମୂଲ୍ୟ ପୁରସ୍କାର ପାଇବ । ନାଗରା ବାଜିଲା, ସମସ୍ତେ ଶୁଣିଲେ, କିନ୍ତୁ ଧରି ପାରୁଚି କିଏ? କୃତ୍ତିବାସ ବଣ ଭିତରେ କେଉଁ ଅଜ୍ଞାତ ଅଗମ୍ୟ ଖୋଲ ଭିତରେ ରହୁଥିଲେ । ପଦାକୁ ଯେ ବାହାରୁ ନଥିଲେ ତା ନୁହେଁ । ବରବର ପ୍ରତିଦାନ ଟିକିରେଇ ମଣ୍ଡପରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଘୋଡ଼ାରେ ଚଢ଼ି ଆସୁଥିଲେ । କିନ୍ତୁ ତାଙ୍କୁ ଧରି ନ ପାରିବାର ପ୍ରଧାନ କାରଣ ସଶସ୍ତ୍ର କୃତ୍ତିବାସଙ୍କ ସାମନାକୁ ଯିବା ପାଇଁ କେହି ହେଲେ ସାହସ କରୁନଥିଲେ । ସମସ୍ତେ

ଜାଣନ୍ତି କୃତ୍ତିବାସଙ୍କ ଅଗକୁ ଯିବା ଅର୍ଥ ମୂର୍ତ୍ତିମନ୍ତ ମୃତ୍ୟୁକୁ ଆଲିଙ୍ଗନ କରିବା । ସୁତରାଂ କେହି ତ ଆଉ ପାରିଲେ ନାହିଁ, ପାରିଲେ କେବଳ ଜଣେ । ସେ ହେଉଛନ୍ତି କୃତ୍ତିବାସଙ୍କ ଖୁଡୁତାଶୁର ରଂପାଙ୍ଗର ଦଳବେହେରା ବାସୁଦେବ ନରେନ୍ଦ୍ରସିଂହ । ବାସୁଦେବ କୃତ୍ତିବାସଙ୍କ ସ୍ତ୍ରୀଙ୍କର କକା ହେଲେ ମଧ୍ୟ ତାଙ୍କୁ ଝିଅ କରି ପାଳି-ଥିଲେ । ତେଣୁ କେହି କେହି ତାଙ୍କୁ କୃତ୍ତିବାସଙ୍କ ଶ୍ୱଶୁର ବୋଲି ମଧ୍ୟ କହନ୍ତି ।

## —ବାସୁଦେବ ନରେନ୍ଦ୍ରସିଂହ—

ବାସୁଦେବ ନରେନ୍ଦ୍ରସିଂହ ରଙ୍କାଡ଼ ଗଡ଼ ଓ ରମ୍ପାଙ୍ଗର (କଦାଳ) ସୀମାର ଦଳବେହେରା । ଏ ଥିଲେ ବାଣପୁରରେ ଫିରିଙ୍ଗି କର୍ତ୍ତୃପକ୍ଷଙ୍କର ଡାହାଣ ହାତ । ସ୍ୱାଙ୍କର କୌଶଳ ଆଉ କୂଟ ଚକ୍ରାନ୍ତରେ କୃତ୍ତିବାସଙ୍କ ପରି ବିପ୍ଳବୀ ସିଂହକୁ ଯନ୍ତାରେ ପକାଇବା ସମ୍ଭବ ହୋଇ ପାରିଥିଲା, ଆଉ ବାଣପୁର ବ୍ରିଟିଶ କରଗତ ହୋଇଥିଲା । ତାଙ୍କ ସାହାଯ୍ୟର ପୁରସ୍କାର ସ୍ୱରୂପ ଇଂରେଜ ସରକାର ତାଙ୍କୁ ରମ୍ପାଙ୍ଗର ସୀମା ସରବରାକାରୀ ମାନଙ୍କୁ ଅଢ଼ୁଇ ଅଠ ବାଟୀ ଦଶମାଣ ନିଷ୍କର ଜାଗିରି ଦେଇଥିଲେ ଯାହାକୁ ଏବେ ପୁତ୍ର ପୌତ୍ରାଦି କ୍ରମେ ତାଙ୍କ ଉତ୍ତରାଧିକାରୀମାନେ ଭୋଗ କରୁଛନ୍ତି । ଫିରିଙ୍ଗି ଦରବାରରେ ସେ ଜଣେ ଅତି ସମ୍ମାନିତ ବ୍ୟକ୍ତି ଥିଲେ ଓ ବାଣପୁରରେ ପ୍ରଭୂତ କ୍ଷମତା ଜାହିର କରିଥିଲେ ।

କି ଅଶୁଭ ମୁହୂର୍ତ୍ତରେ କୃତ୍ତିବାସ ବାସୁଦେବଙ୍କର ଜ୍ୱାଇଁ ହୋଇଥିଲେ । ବିବାହ ପୂର୍ବରୁ କେବେ ଦୁହିଙ୍କ ମଧ୍ୟରେ ସଦ୍ଭାବ ନଥିଲା, ସବୁବେଳେ ନାନା କାରଣରୁ ଦ୍ୱନ୍ଦ୍ୱ କଳହ ସଂଘର୍ଷ ଲାଗି ରହୁଥିଲା । ବିବାହ ପରେ ଯେ ଅନେକେ ଆଶା କରିଥିଲେ କ୍ରମେ ଦୁହିଁଙ୍କ ଭିତରେ ସଦ୍ଭାବ ଆସିଯିବ ବୋଲି

ତା ହୋଇ ପାରିଲା ନାହିଁ । ହେବ ବା କିମିତି ? ପ୍ରକୃତ ନେଇ ଜଣେ ଅନ୍ୟ ଜଣଙ୍କର ସଂପୂର୍ଣ୍ଣ ବିପରୀତ ଥିଲେ । ଏ ସବୁ ଅମେଳ ସଂଘର୍ଷ ଛଡ଼ା ଆଉ ଗୋଟିଏ ବିଶେଷ ଘଟଣାରୁ ବାସୁଦେବ କୃତ୍ତିବାସଙ୍କର ଚିର ଶତ୍ରୁ ହୋଇ ପଡ଼ିଥିଲେ । ଇଂରେଜ ଆଗମନକୁ ଆମ ଦେଶର ଯେଉଁ ମୁଷ୍ଟିଏ ଲୋକେ ସ୍ୱାର୍ଥ ଲାଳସାରେ ସ୍ୱାଗତ କରିଥିଲେ, ବାସୁଦେବ ସେଇ ଗୋଷ୍ଠୀର ଲୋକ । ଅଥଚ ପ୍ରବାଦ କହେ ବାସୁଦେବଙ୍କର ଯେଉଁ ପୂର୍ବ ପୁରୁଷ କେବେ କେଉଁ ଲଢ଼େଇ ଯୁଦ୍ଧରେ ରଣନୈପୁଣ୍ୟ ଓ ସୈନ୍ୟଚାଳନାରେ ଅଦ୍ଭୁତ ଦକ୍ଷତା ଦେଖାଇ ବିଜପୃଷ୍ଠୀଟା ପିଣ୍ଡ ନରେନ୍ଦ୍ର ସିଂହ ପଦବୀରେ ଭୂଷିତ ହୋଇ ଦେଶକୁ ଫେରିଥିଲେ । ବାସୁଦେବ ନିଜେ ଜଣେ ଶକ୍ତିଶାଳୀ ମଲ୍ଲଯୋଦ୍ଧା, ଧାନୁକୀ ଓ ବଳିଷ୍ଠ ବୀରପୁରୁଷ ଥିଲେ । କିନ୍ତୁ ନିଜର ସୁବିଧାବାଦୀ, କ୍ଷମତା ଲୋଲୁପ ଓ ସ୍ୱାର୍ଥପର ପ୍ରକୃତି ହେତୁରୁ ସେ ବଂଶପରଂପରା ରକ୍ଷାକରିବାକୁ ଅସମର୍ଥ ହୋଇ ପଡ଼ିଥିଲେ; ବଂଶ ବା ଦେଶ କାହାର ମୁହଁକୁ ନ ଚାହିଁ ବିଦେଶୀର ପକ୍ଷସମର୍ଥନ କରିଥିଲେ । ଏହି କାରଣରୁ ହିଁ ଲୋକେ ତାଙ୍କୁ ଭଲ ପାଉ ନଥିଲେ । କୃତ୍ତିବାସଙ୍କ ବିପ୍ଳବର ପ୍ରଥମ ପାଦରେ ତାଙ୍କ କଥା ଶୁଣି ଦଳେ ଫିରିଙ୍ଗି ପକ୍ଷ ଲୋକ ବୋଲି ବାସୁଦେବଙ୍କର ସେତେବେଳେ ଥିବା ଦଟିତଡ଼ା ଘର ଘେରିକରି ନିଆଁ ଲଗାଇ ଦେଇଥିଲେ । ଅମାନିଆଁ ପାଣିଚୁଅପରି ହୁରିଜୁଡିଆ ବିପ୍ଳବୀ ଜନତାର ଦଳ-ଅଦଳ କାର୍ଯ୍ୟ-ଅକାର୍ଯ୍ୟ ଜ୍ଞାନ ପ୍ରାୟ ନଥାଏ । ଅନେକ ସମୟରେ ଏମାନେ ଅମଡ଼ା ମାଡ଼ି ଚାଲିଥାନ୍ତି—ନେତାଙ୍କୁ ଅପେକ୍ଷା ନରଖି । ବାସୁଦେବ ସେଦିନ ଯେପରି ଅବସ୍ଥାରେ ପଡ଼ିଥିଲେ, ସେଇଠି ସେ ଖତମ୍ ହୋଇଥାଆନ୍ତେ । କେବଳ ତାଙ୍କ ଭାଗ୍ୟଙ୍କ ଯୋଗେ ରକ୍ଷା ପାଇଗଲେ । ଭାଗ୍ୟ ତାଙ୍କର ଏବ କାଳର

କବାଟକଣ 'ଗିଁ' ଫୁଟରେ ଫୁଙ୍କିଦେଲେ ପଡ଼ିମରିବା ଖେଳ କଣ୍ଢେଇ ମାଇପି ନଥିଲେ । ସେ ସାକ୍ଷାତ ରଣଚଣ୍ଡୀ । ପାଞ୍ଚ ହାତ ଉଚ୍ଚ ପାହାଡ଼େ ମଣିଷ, ବାଘୁଣୀଟାଙ୍କର ବଳ ଅଉ ସାହସ । ତା ଛଡ଼ା ସେ ବିଚକ୍ଷଣ ଖେଳବାଡ଼ ଥିଲେ । ଲଠି ଓ ତଲୁଆର ବୁଲେଇବାରେ ତାଙ୍କର ନାହିଁ ନଥିବା ଦକ୍ଷତା ଥିଲା । ସେଇ ଭାଉଜ ସେଦିନ ବାସୁଦେବଙ୍କ ପଛରେ ରହି କଂଧଙ୍କ ସଙ୍ଗେ ଲଢେଇ କରିଥିଲେ । କ୍ରମେ ଅସମ୍ଭାଳ ହେବାରୁ ଦିଅର ଭାଉଜ ପ୍ରାଣମୂର୍ଚ୍ଛା କରି ଘରୁ ବାହାରିପଡ଼ି ତଲୁଆର ଘୁରେଇ ଘୁରେଇ ଯୋଳଗି ପାହାଡ଼କୁ ପଳେଇ ଯାଇଥିଲେ ଓ ସେଠାରୁ ରାତି ରାତି ଖଲ୍ଲିକୋଟ ପଳାଇ ଯାଇ ସେଠି ଆଶ୍ରୟ ନେଇ ରହିଥିଲେ ।

ବାସୁଦେବ ନିରୁପାୟ ହୋଇ ଖଲ୍ଲିକୋଟରେ ନିର୍ବାସିତ ଜୀବନ ଯାପନ କରୁଥିଲେହେଁ ପ୍ରତିହିଂସା ନିଆଁ ତାଙ୍କ ଛାତିଭିତରେ ଜଳୁଥିଲା, କେବେ ସୁବିଧା ସୁଯୋଗ ପାଇଲେ ତାଙ୍କର ସର୍ବନାଶ କରିବେ ବୋଲି ଠାକି ରହିଥିଲେ । ତାଙ୍କର ଆକାଙ୍କ୍ଷିତ ସୁଯୋଗ ଚଳେ ବଳେ ଆସି ଜୁଟିଗଲା । ଫିରିଙ୍ଗି କର୍ତ୍ତୃପକ୍ଷଙ୍କଠାରୁ ଭିତର ଅଭୟପାଇ ତାଙ୍କ ଡାକରାରେ ସେ ଅନନ୍ଦୋନ୍ମତ୍ତ ହୋଇ ବାଣପୁର ଫେରିଲେ । ଫିରିଙ୍ଗି ସରକାର ତାଙ୍କୁ ଖଲ୍ଲିକୋଟରୁ ନେଇ ଆସି ହୀରପୁରରେ ଘରବାଡ଼ି ଦେଇ କଂପାନୀର ସୀମାର ସରବରାକାର କରି ରଖାଇଥିଲେ । ହୀରପୁରରେ ଅସି କିଛିକାଳ ରହିବା ପରେ କାଳକ୍ରମେ ବାସୁଦେବଙ୍କ ସଙ୍ଗେ କୃତ୍ତିବାସଙ୍କର ଅବଶ୍ୟ ମିଳାମିଶା ହୋଇଥିଲା । କିନ୍ତୁ ସେ ମିଳାମିଶାର ଅନ୍ତରାଳରେ ଗୋଟାଏ ପୈଶାଚିକ ଅଭିସନ୍ଧି ଲୁଚି ରହିଥିଲା । ବାସୁଦେବ ବାହାରକୁ କୃତ୍ତିବାସଙ୍କ ପ୍ରତି ଅତ୍ୟଧିକ ସ୍ନେହଶ୍ରଦ୍ଧା ଦେଖାଉଥିଲେହେଁ ଭିତରେ ଫିରିଙ୍ଗି ସଙ୍ଗେ ମିଳି ତାଙ୍କ ସର୍ବନାଶର ଯୋଗାଡ଼ କରୁଥିଲେ ।

## —କୃତ୍ତିବାସ କିପରି ଧରାହେଲେ—

ସବୁ ଉପାୟ ନିଷ୍ଫଳ ହେବାରୁ ଫିରଙ୍ଗି କର୍ତ୍ତାମାନେ କୃତ୍ତିବାସଙ୍କୁ ଧରାଇ ଦେବା ପାଇଁ ମୁଖ୍ୟତଃ ବାସୁଦେବଙ୍କ ଉପରେ ନିର୍ଭର କଲେ । ବାସୁଦେବଙ୍କର ଏକମାତ୍ର ଚିନ୍ତା ହେଲା କି କୌଶଳରେ କୃତ୍ତିବାସଙ୍କୁ ଧରାଇବେ । ତାଙ୍କ ପୂର୍ବ କ୍ରୋଧ ସଢ଼ରେହର ବୃଦ୍ଧି ପାଇଲା ।

ଖୋରଧା ବିଦ୍ରୋହ ପୂରାପୂରି ଦମନ କରି ଇଂରେଜମାନେ ଖୋରଧାରେ ପୁନଃପ୍ରତିଷ୍ଠିତ ହେଲେ । କିନ୍ତୁ ବାଣପୁର ନିଷ୍କଣ୍ଟକ ହୋଇପାରିଲା ନାହିଁ । କୃତ୍ତିବାସ ପାହାଡ଼ ଗୁହାରୁ ହୁଙ୍କାର ଛାଡ଼ୁଥାନ୍ତି । ବାଣପୁର ଅର୍ଦ୍ଧ ଅରାଜକ ଅବସ୍ଥାରେ ଥାଏ । ଖୋରଧାରୁ ଗୋଇନ୍ଦା-ମାନେ ଗୁପ୍ତ ସଂବାଦ ନେଇ ବରାବର ନରେନ୍ଦ୍ରସିଂହଙ୍କ ପାଖକୁ ଦୌଡ଼ୁଥାଆନ୍ତି, ପରାମର୍ଶ ଦେଉଥାଆନ୍ତି । ଲୋକବଳ ସାହାଯ୍ୟରେ କୃତ୍ତିବାସଙ୍କୁ ଧରିବା ତ ଅସମ୍ଭବ ପ୍ରମାଣିତ ହୋଇ ସାରିଥିଲା । ଯେଉଁ କଥା ଫିରଙ୍ଗି ପାରିଲା ନାହିଁ ବାସୁଦେବ ଅବା କେତେ କଡ଼ାରେ ଗଣ୍ଡାଏ ସେ ପାରନ୍ତେ । ତେଣୁ କପଟ ସ୍ନେହ ଦେଖାଇ ଛଳନା କରି ତାଙ୍କୁ କିପରି ଘରଭିତରକୁ ଅଣାଯାଇ ପାରିଲେ ବନ୍ଦୀ କରିହେବ ବୋଲି ସ୍ଥିର ହେଲା । ସେହି ଅନୁସାରେ ବାସୁଦେବ କାମରେ ଲାଗି ପଡ଼ିଲେ ।

ଏବେ ବନୁଅଡ଼ଠାରେ ଟିକିରେଣୁ ଠାକୁରାଣୀଙ୍କ ମନ୍ଦିରରେ ଯେଉଁ ଅପୂର୍ବ-ଲାବଣ୍ୟମୟୀ ସୂକ୍ଷ୍ମ ଗୃହୁଚଳା ବିମଣ୍ଡିତା ବିଶାଳ ଜିହ୍ୱାଧାରୀ ମୂର୍ତ୍ତି ଦର୍ଶକ ମନରେ ଭକ୍ତିଭକ୍ତ ଓ ଶଙ୍କାପୂର ସଂଗ୍ରହ କରେ, ସେ ହେଉଛନ୍ତି ବଙ୍କାଗଡ଼ର ଅଧିଷ୍ଠାତ୍ରୀ ଦେବୀ । ଆଗେ ତେଜ ଥିଲାବେଳେ ସେ ବଙ୍କାଗଡରେ ପ୍ରତିଷ୍ଠିତ ରହି ବାଣପୁରର

ସୁପ୍ରସିଦ୍ଧ ହରଚନ୍ଦନ ରାଜବଂଶଦ୍ୱାରା ପୂଜିତା ହେଉଥିଲେ । ଗଡ଼ ଭାଙ୍ଗିଯିବାପରେ ସେଠାରେ ଦେବୀଙ୍କର ସେବାପୂଜା ହୋଇ ନପାରିବାରୁ ସେ ହରୁଆଡ଼କୁ ସ୍ଥାନାନ୍ତରିତା ହୋଇଥିଲେ । ଏହି ଠାକୁରାଣୀଙ୍କୁ ଦର୍ଶନ କରିବା କୃତ୍ତିବାସଙ୍କର ଗୋଟିଏ ନିତ୍ୟନୈମିତ୍ତିକ କାର୍ଯ୍ୟ । କୃତ୍ତିବାସ ସେତେବେଳେ ଫେରାର ଆସାମୀ । ତାଙ୍କୁ ସବୁଆଡ଼େ ଖୋଜା ଲାଗିଛି । ତଥାପି ପ୍ରତିଦିନ ସେ ରାତି ପାହାନ୍ତିଅରୁ ଏକୁଟିଆ ଭୀଷଣ ବନପଥ ଦେଇ ଆସନ୍ତି ଓ ଠାକୁରାଣୀ ଦର୍ଶନ କରିଦେଇ ଫେରିଯାଆନ୍ତି । ଏ କଥା ବାସୁଦେବଙ୍କୁ ଅଗୋଚର ନଥିଲା । ନିକଟରେ ଚକାଦେବଙ୍କ ମନ୍ଦିରରେ ନରେନ୍ଦ୍ର ସିଂହଙ୍କ କଚେରୀ ବସେ, ଖଜଣା ଅସୁଲ ହୁଏ । ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ସେ ସେଇଠାରେ ବାରମ୍ବାର କୃତ୍ତିବାସଙ୍କ ସଙ୍ଗେ ଦେଖାକଲେ, କପଟ ଲୁହ ଗଡ଼େଇ ଛଳନାପୂର୍ଣ୍ଣ ଅନ୍ତରଙ୍ଗତା ଦେଖାଇ ତାଙ୍କୁ ପାଲରେ ପକାଇବାକୁ ଚେଷ୍ଟା କଲେ । କୃତ୍ତିବାସ ପ୍ରଥମେ ପ୍ରଥମେ ଶ୍ୱଶୁରଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରୁଥିଲେ; କିନ୍ତୁ କ୍ରମେ କଥା ଗୃତ୍ତୁସ୍ୱରେ ଭୁଲିଲେ । ତାଙ୍କ ଲୁହାସ୍ଥିତ ତରଳିଲା । ତରଳିବାର ଗୋଟିଏ ବିଶେଷ କାରଣ ଥିଲା । ଅନେକେ ହୁଏତ ପଚାରିବେ ଯାହା ସଙ୍ଗେ ଆଜୀବନ ଶତ୍ରୁତା ଚାଲି ଆସିଥିଲା ସେପରି ଲୋକର କଥାରେ କୃତ୍ତିବାସ ତରଳି ପଡ଼ିଲେ କିମିତି ? କିନ୍ତୁ ସେପରି ହୁଏ । ଲୁହାସ୍ଥିତ ତଳେ ବି ଏପରି ଗୋଟିଏ ଅତି ସୁକୁମାର କୋମଳ ସ୍ଥାନଥାଏ ଯେଉଁଠି ଆଘାତ ଲାଗିଲେ ଅତି ଅକର୍ମଶିଳା ପଥର ହୃଦୟ ସୁଦ୍ଧା ତରଳି ଯାଏ । ଖାଲି କିପ ବାଛ ବିଗ୍ରହ କରିବାର ବୁଦ୍ଧି ହଜିଯାଏ । ସେପରି ପରିସ୍ଥିତିରେ ମଣିଷ ଅତି ମାରାତ୍ମକ ଭୁଲ କରିପକାଏ । କୃତ୍ତିବାସଙ୍କର ସେୟା ହେଲା ।

କୃତ୍ତିବାସଙ୍କ ସ୍ତ୍ରୀ—ଯାହାଙ୍କୁ ବାସୁଦେବ କୃତ୍ତିବାସଙ୍କୁ ଜାଲରେ ପକାଇବା ପାଇଁ ଥୋପ କରି ବ୍ୟବହାର କଲେ, ତାଙ୍କ ସମ୍ବନ୍ଧରେ ପଦେ ଦୁଇଟି କହିବା ଦରକାର। ସେ ଥିଲେ ଗୋଟିଏ ସରଳା ସଚ୍ଚରିତ୍ରା ପତିପ୍ରାଣା ନାରୀ। ସେ ଅତିମାତ୍ରାରେ କୋମଳ ହୃଦୟା ଥିଲେ। ଭୀରୁତା ଓ ଭାବପ୍ରବଣତା ତାଙ୍କର ପ୍ରଧାନ ଦୋଷ ଥିଲା। ଶାଳୀନତାର କଷଟିରେ ଯାଞ୍ଚିଲେ ସେ ହୁଏତ ଗୋଟିଏ ଧର୍ମପରାୟଣା ପତିଗତ ପ୍ରାଣା ଆଦର୍ଶ ସ୍ତ୍ରୀ ବୋଲି ବିବେଚିତ ହୋଇପାରନ୍ତି; ମାତ୍ର ଗୋଟିଏ ଦୁର୍ଦ୍ଦାନ୍ତ ବିପ୍ଳବୀର ସହଧର୍ମିଣୀ ହେବାର ଯୋଗ୍ୟତା ତାଙ୍କର ମୋଟେ ନଥିଲା। ସେ ଗୋଟିଏ ଚିରଦୁଃଖିନୀ ଜନ୍ମ ପାଇଥିଲେ। ତାଙ୍କର ଶୈଶବରେ ପିତୃ ବିୟୋଗ ହୋଇଥିଲା; ବିବାହିତ ଜୀବନ ଦୀର୍ଘ ବିଚ୍ଛେଦର ହାହାକାର ଭିତରେ କଟିଥିଲା; ଆଉ ଅନ୍ତିମ ଜୀବନ ତାଙ୍କର କି ଭୀଷଣ ମର୍ମଦାହ ଭିତରେ ପଳେ ପଳେ ପୋଡ଼ି ପାଉଁଶ ହୋଇଥିଲା ସେ କଥା ବର୍ଣ୍ଣନା କରିବା ଅସମ୍ଭବ। ବିଧାତା ଯେପରି ତାଙ୍କ କପାଳରେ ସୁଖ କଥା ବୋଲି ଲେଖି ନଥିଲା। ବିପ୍ଳବୀ କୃତ୍ତିବାସଙ୍କର ସୃଷ୍ଟିଛଡ଼ା ପ୍ରକୃତି ଲକ୍ଷ କରି ତାଙ୍କର ଅମଙ୍ଗଳ ଆଶଙ୍କାରେ ପ୍ରାଣ ତାଙ୍କର ଶିହରି ଉଠୁଥିଲା। ତାଙ୍କୁ ବିପ୍ଳବ ପଥରୁ ଫେରାଇ ଆଣିବାକୁ କେତେ ଅନୁନୟ ବିନୟ, କେତେ ପ୍ରକାର ଚେଷ୍ଟା ସେ କରିଛନ୍ତି ମାତ୍ର କାହିଁରେ କିଛି ହେଲା ନାହିଁ। ତାର ବଦଳରେ ସେ ସ୍ୱାମୀଙ୍କଠାରୁ ପାଇଥାନ୍ତି ତାଚ୍ଛଲ୍ୟ, ଅବଜ୍ଞା ଓ ଅବହେଳା—ଗାଳି ତାଙ୍କର ପ୍ରତି ନୁହେଁ ତାଙ୍କ ପିତୃକୁଳ ପ୍ରତି ମଧ୍ୟ। ତା ସତ୍ତ୍ୱେ କୃତ୍ତିବାସଙ୍କ ସ୍ତ୍ରୀଙ୍କ ପ୍ରତି ଅଗାଧ ପ୍ରେମ ଓ ସ୍ନେହ ଥିଲା। ଦିନ ଗଡ଼ି ଚାଲିଥାଏ। ଦିନେ କୌଣସି ଦୁର୍ବଳ ମୁହୂର୍ତ୍ତରେ ଯୁବତୀ ମନର ଅତୃପ୍ତ ଆକାଂକ୍ଷାବଶରୁ ବା ତାଙ୍କୁ

ମନର ସ୍ୱାଭାବିକ ଭୀରୁତା ଓ ଦୁର୍ବଳତାରୁ ଏକାନ୍ତ ଅଜ୍ଞାତରେ ସ୍ୱାମୀଙ୍କୁ ଟିକିଏ ଅଭିମାନମିଶା କଡ଼ା କଥା କହି ପକାଇଲେ । ସେଥିରେ କୃତ୍ତିବାସଙ୍କ ମନରେ ଆଘାତ ଲାଗିଲା ଓ ସେ କିଛି ଉତ୍ତେଜିତ ହୋଇ ଉଠିଲେ । ଅତି କଟୁ ଓ ରୂକ୍ଷ ଭାଷାରେ ତାଙ୍କ ଠାରୁ ଝିଙ୍ଗାସ ପାଇ ଦାରୁଣ ଅଭିମାନରେ ସ୍ତ୍ରୀ ତାଙ୍କର ବାପଘରକୁ ଚାଲିଗଲେ । ସେହି ଦିନୁଁ ସେ ନରେନ୍ଦ୍ର ସିଂହଙ୍କ ଘରେ ଅବସ୍ଥାନ କରୁଥାନ୍ତି । ଆଉ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଭେଟ ହୋଇ ନାହିଁ ।

ଜୀବନର ଗୋଟାଏ ଅଭିଶପ୍ତ ମୂହୂର୍ତ୍ତରେ ଯାହା ଘଟିଗଲା ତାକୁ ଆଉ ସୁଧାରିବାର ଉପାୟ ନଥିଲା । ସେ ଦାରୁଣ ବିଚ୍ଛେଦ ଚିର ବିଚ୍ଛେଦରେହିଁ ପରିଣତ ହେଲା । କୃତ୍ତିବାସ ତାଙ୍କର ପ୍ରାଣପ୍ରିୟା ପ୍ରତି ଅହେତୁକୀ ନିଷ୍ଠୁରତା ପାଇଁ ଅନୁତାପ ଅବଶ୍ୟ କରୁଥିଲେ ମାତ୍ର ତାଙ୍କୁ ଫେରାଇ ଆଣିବାର ଉପାୟ ନଥିଲା । କାରଣ ସ୍ତ୍ରୀ ତାଙ୍କର ବିପ୍ଳବ ପଥର କଣ୍ଟକ ଥିଲେ ଓ ସେ ନିଜେ ଗୃହତ୍ୟାଗ କରି ବନବାସ କରୁଥିଲେ । ତା ସତ୍ତ୍ୱେ ଏବଂ ବିପ୍ଳବୀ ଜୀବନର ସମସ୍ତ ନିଷ୍ଠୁରତା ନୀରସତା ସତ୍ତ୍ୱେ ସ୍ତ୍ରୀ ତାଙ୍କର ସମଗ୍ର ହୃଦୟ ଅଧିକାର କରି ବସିଥିଲେ । ସ୍ତ୍ରୀପ୍ରତି ଏହି ଆସକ୍ତିରୂପକ ଦୁର୍ବଳତାହିଁ ଶେଷରେ ତାଙ୍କର କାଳ ହେଲା ।

ପ୍ରଥମେ ପ୍ରଥମେ କୃତ୍ତିବାସ ତ ବାସୁଦେବଙ୍କର ଅନୁରୋଧ ପ୍ରତ୍ୟାଖ୍ୟାନ କରୁଥିଲେ; କିନ୍ତୁ ଶେଷକୁ ଯେତେବେଳେ ତାଙ୍କୁ ସମ୍ବାଦ (ଅବଶ୍ୟ ଶଠତାପୂର୍ଣ୍ଣ ମିଥ୍ୟା ସମ୍ବାଦ) ଦିଆଗଲା ଯେ ତାଙ୍କର ପ୍ରାଣାଧିକା ସ୍ତ୍ରୀ ମୃତ୍ୟୁ ଶଯ୍ୟାରେ ପଡ଼ି ତାଙ୍କୁ ଶେଷ ଦର୍ଶନ ପାଇଁ ଅତୁଳ ପ୍ରାର୍ଥନା ଜଣାଉଛନ୍ତି । ସେ ଆଉ ଧୈର୍ଯ୍ୟ ରଖିପାରିଲେ ନାହିଁ, ଯିବାକୁ ରାଜି ହେଲେ ।

ନିର୍ଦ୍ଦିଷ୍ଟ ଦିନ ମୁହାଁ ସଞ୍ଜବେଳେ କୃତ୍ତିବାସ ତାହାଙ୍କୁ କିଛି ନକହି ବଣ ଭିତରୁ ବହିଷ୍କ୍ରାନ୍ତ ହେଲେ ଓ ନିର୍ବିଘ୍ନରେ ଶ୍ୱଶୁରଙ୍କ ଘରେ ପହଞ୍ଚିଲେ । ସେଦିନ ବାସୁଦେବଙ୍କର ଗୋଡ଼ ଭଲେ ପଡ଼ୁନଥାଏ । ଆଗରୁ ଖବର ଦେଇ ପୋଲିସଙ୍କୁ ଆଣି ଲୁଗୁଇ ରଖିଥାନ୍ତି । ଏଣେ ଜୋଇଁଙ୍କ ପାଇଁ ଘରେ ଆନନ୍ଦ ଉତ୍ସବ କହିଲେ ନ ସରେ । ବିପୁଳ ଆପ୍ୟାୟନ ଭିତରେ କୃତ୍ତିବାସଙ୍କର ମନ ନଥାଏ । ତାଙ୍କ ମନ ଛଟପଟ କରୁଥାଏ ଶଯ୍ୟାଗତା ପ୍ରିୟାଙ୍କୁ ଦେଖିବା ପାଇଁ । କିନ୍ତୁ ପ୍ରିୟା କେଉଁଠି ? ସେ ସେଠି ସେତେ-ବେଳକୁ ନଥିଲେ । ମର୍ମନ୍ତୁଦ ପତି ବିଚ୍ଛେଦ ଦୁଃଖରେ ସେ ଭାଙ୍ଗି ପଡ଼ିଥିଲେ । ତୁଚ୍ଛା କଥାଟାରେ ବୃଥା ଦମ୍ଭ ଓ ଅଭିମାନରେ ସ୍ୱାମୀଙ୍କ ଘର—କେତେ ସୁଖ ସ୍ମୃତି ବିଜଡ଼ିତ ପ୍ରିୟ ନୀଡ଼ ତାଙ୍କର—ଛାଡ଼ି ଆସିଥିବାରୁ ଆତ୍ମଧିକ୍କାର ଓ ଆତ୍ମଗ୍ଲାନିରେ ଜୀବନ ତାଙ୍କର ଦୁର୍ବିସହ ହୋଇ ଉଠିଥିଲା । ସେଥିରେ ବାପ ଘରର ଗଡବାଧି ତାଙ୍କ ପକ୍ଷରେ ନିତାନ୍ତ ବିଷାକ୍ତ ଓ ଅସହ୍ୟ ବୋଧ ହେବାରୁ କେତେ ଦିନ ଆଗରୁ ସେ ସ୍ୱାମୀ ଗୃହ ଦୋଉଁଗାଁକୁ ଫେରି ଯାଇଥିଲେ । ଏ କଥା କୃତ୍ତିବାସଙ୍କୁ ଜଣା ନଥିଲା । କିଛି ସମୟ ପରେ ଠାଆର ବ୍ୟବସ୍ଥା ହେଲା । ଶ୍ୱଶୁର ନିଜେ ଉପସ୍ଥିତ ହୋଇ ଠା' ରଙ୍କେ ହେବା ପାଇଁ ଯୋଉତବେଳେ ଅନୁରୋଧ କଲେ କୃତ୍ତିବାସ ଥ ଥାମାମା ହୋଇ ଠାଆକୁ ଗଲେ; ମାତ୍ର ହାତ ଚଳୁ ନଥାଏ । ଚତୁର ଚୂଡ଼ାମଣି ବାସୁଦେବ ତାଙ୍କର ଏ ଭାବ ଲକ୍ଷ କରି ପ୍ରକାରାନ୍ତରେ ଜଣାଇଦେଲେ ଯେ ଝିଅ ଦୁର୍ବଳତା ହେତୁରୁ ସେଠିକି ଆସି ପାରୁ ନାହିଁ । ଠା' ବଢ଼ିଲେ ପାଠ ଅଗଣା ଆଡ଼େ ବୁଲିଯାଇ ତାଙ୍କୁ ଦେଖି ଆସିବେ । କୃତ୍ତିବାସ ଏହା ଶୁଣି ଆଶ୍ୱସ୍ତ ହେଲେ ଓ ନିଶ୍ଚିନ୍ତ ମନରେ ଖାଇ ବସିଲେ । ବାସୁଦେବ ଏଣେ

ତାଙ୍କୁ ଖାଇବାକୁ ବସେଇଦେଇ ତେଣେ ପୋଲିସକୁ ଖବର ଦେଇଦେଲେ । ପୋଲିସ ଆସିଲେ, ମାତ୍ର ଯେତେବେଳେ ପରୁର ବୁଝିଲେ ଯେ କୃତ୍ତିବାସଙ୍କ ହାତରେ ତାଲ ତଲୁଆର ଅଛି, ଗୋଡ଼ ତାଙ୍କର ପଛକୁ ହଟିଲା । ଜାଣି ଜାଣି କିଏ ହାଣ ମୁହଁକୁ ଯିବ ? ସେମାନେ ବାସୁଦେବଙ୍କୁ ସଫା ଜଣାଇଦେଲେ ଯେ କୃତ୍ତିବାସଙ୍କ ହାତରୁ କୌଣସି ଉପାୟରେ ତଲୁଆର କାଢ଼ି ନ ଆଣିଲେ ସେମାନେ ତାଙ୍କ ଆଗକୁ ଯାଇ ପାରିବେ ନାହିଁ । ବାସୁଦେବ ବଡ଼ ବ୍ୟସ୍ତ ହୋଇପଡ଼ିଲେ, ମାତ୍ର ସେ ତ ସହଜରେ ହତାଶ ହୋଇଯିବାର ପାତ୍ର ନୁହନ୍ତି । ସେ ପୁଣି ଥରେ ଜୋଇଁଙ୍କ ପାଖକୁ ଯାଇ ଅନ୍ତର ଏକ କୌଶଳ ପ୍ରୟୋଗ କଲେ । ଗୁରୁର ବାଳକଙ୍କ ଉପରେ ପରସ୍ତେ ଟାଙ୍କ ହୋଇ ହିତୋପଦେଶ ଦେଲେ ଯେ ଭୋଜନ ବେଳେ ହାତରେ ତଲୁଆର ଧରିବା ଗୋଟାଏ ନିତାନ୍ତ ଅଲକ୍ଷଣ କଥା । ତାହାକୁ ଦଗିଲ ନାହିଁ କିଏ ରଖିଦେଇ ପାରିଲା ନାହିଁ ସେ ଦଶଣ୍ଡ ଠା' ବଢ଼ିଲା ପର୍ଯ୍ୟନ୍ତ । ଶ୍ୱଶୁରଙ୍କର ଆଦର ଅଭ୍ୟର୍ଥନା, ସର୍ବୋପରି ଦୀର୍ଘ ବିରହ ପରେ ମିଳନର ଅଗ୍ରହ ଆବେଗ ଓ ଉତ୍କଣ୍ଠା ଭିତରେ କୃତ୍ତିବାସ ନିଜକୁ ଏପରି ହଜାଇ ଦେଇଥିଲେ ଯେ ଏ କଥାରେ ଆଦୌ ପ୍ରତିବାଦ କଲେ ନାହିଁ । ଶ୍ୱଶୁର ନିଜେ ତାଙ୍କ ହାତରୁ ତାଲ ତଲୁଆର କାଢ଼ିନେଲା ବେଳେ ଔଁ ଚୁଁ ବି କଲେ ନାହିଁ । ଯେମିତି ସେ ତଲୁଆର ନେଇ ଯାଇଛନ୍ତି ସାଙ୍ଗେ ସାଙ୍ଗେ ପୋଲିସ ଫଉଜ କେଉଁଠି ଲୁଚି ରହିଥିଲେ, ଆସି ପିଙ୍କୁଳାକେ ଛୁଟିଆସିଲେ । ଘନ ଘନ ବିଗୁଲ୍ ବାଜିଉଠିଲା । ଅସଂଖ୍ୟ ପୋଲିସ ଜୁଣ୍ଡ ହୋଇ ନିଃଶସ୍ତ୍ର କୃତ୍ତିବାସଙ୍କୁ ଗୁରୁଆଡ଼ୁ ମାଡ଼ିବସିଲେ । ସେତେବେଳେ ଯାଇଁ କୃତ୍ତିବାସଙ୍କର ଚେତନାଦୟ ହେଲା । ମାୟା ଆବରଣ

ଖସିପଡ଼ିଲା । ବାସୁଦେବଙ୍କର ପ୍ରକୃତ ରୂପ ତାଙ୍କ ଆଖି ଆଗରେ ନାଚିଗଲା । କିନ୍ତୁ ନେଉ ଗୁଡ଼ି ତ କହୁଣୀ କି ବନ୍ଧାଯାଇଥିଲା । ଆଉ ଉପାୟ କଅଣ ଥିଲା । ଶତ୍ରୁ ଘରେ ଏକାକୀ, ପୁଣି ନିଃଶସ୍ତ୍ର; ତଥାପି ଆକାଶ ପୃଥିବୀ କଂପାଇ କୃତ୍ତିବାସ ଗର୍ଜିଉଠିଲେ, ବାସୁଦେବ ଓ ଫିରିଙ୍ଗି ଜାତିର ହୀନତା ଓ କାପୁରୁଷତାକୁ ଶତଧିକ୍କାର କରି ବାହୁଆନ୍ଦୋଳନଦ୍ୱାରା ଅନେକ ସିପାହୀଙ୍କୁ ଭୂମିଶାୟୀ କଲେ । ମାତ୍ର ସେମାନେ ବହୁ ସଂଖ୍ୟକ ଥିବାରୁ ଶେଷରେ କୃତ୍ତିବାସଙ୍କୁ ବାନ୍ଧି ପକାଇବାକୁ ସମର୍ଥ ହେଲେ । ଦୁର୍ଦ୍ଦାନ୍ତ କେଶରୀ ଏହିପରି କୁଟ କପଟରେ ପିଞ୍ଜରାବଦ୍ଧ ହେଲା ।

ରାସ୍ତା ଘାଟ ମାଛି ମରିଯାଉଚି, ଲୁହଆଉ ଶୂନ୍‌ସାନ । ଆକାଶରୁ ଝରିପଡ଼ୁଚି ଯେପରି ଗୋଟାଏ ଅସ୍ପଷ୍ଟ କରୁଣ କ୍ରନ୍ଦନର ସ୍ୱର । ହାତରେ ହାତକଡ଼ା ଅଣ୍ଟାରେ ବେଡ଼ି ପିନ୍ଧି ନିର୍ଭୀକ ସିଂହ ଠାଣିରେ ଖୋରଧା ଅଭିମୁଖେ ଚାଲିଛନ୍ତି ବିପ୍ଳବୀ ସିଂହ କୃତ୍ତିବାସ ପାଟଣାଣୀ । ମୁଖମଣ୍ଡଳ ଉଦାସ-ଗମ୍ଭୀର । ଭୀରୁ ପୋଲିସ ଫଉଜ ତାଙ୍କୁ ସାତପୁର କରି ବେଢ଼ିଚାଲିଛନ୍ତି । ସର୍ବହରା ନିରାଶ୍ରୟ ଦୁଃଖୀ ଜନତା ବାଟ ଦାଢ଼େ ଠିଆ ହୋଇ ନୀରବରେ ଅଶ୍ରୁବର୍ଷଣ କରୁଛନ୍ତି । ଗଛପତ୍ର କାନ୍ଦୁଚି । ସୋଲଗ୍ରା ଭାଲେଗ୍ରା ବଙ୍କାଡ଼ର ବକ୍ଷ ବିଦୀର୍ଣ୍ଣ କରି ଉଠୁଚି ଗଭୀର ଦୀର୍ଘଶ୍ୱାସ । ପଥ ମଧ୍ୟରେ କୃତ୍ତିବାସ କାହିଁକି କେଜାଣି ଦଣ୍ଡେ ଠିଆ ହୋଇ ଶେଷଥର ପାଇଁ ଜନ୍ମଭୂମି ଉପରେ ଟିକିଏ ଅଖିପକାଇ ନେଲେ, ହାତକଡ଼ି ଲଗା ହାତ ଉଠାଇ ମୁଣ୍ଡରେ ଲଗାଇ କାହା ଉଦ୍ଦେଶ୍ୟରେ ଯେପରି ଦଣ୍ଡବତ କଲେ । ଦୁଇ ଅଖିରୁ ଝରିପଡ଼ିଲା ଦୁଇବିନ୍ଦୁ ତପ୍ତଅଶ୍ରୁ ।

କିଛି ଦୂର ଅଗେଇ ଯିବା ପରେ କନ୍ଧ ସର୍ଦ୍ଦାର ଲୋଚନା ଖଣ୍ଡି ଅଦ୍ଭୁତ ମୂର୍ତ୍ତି କରି ଆସି ହାଜର ହୋଇଗଲା । ଉଗ୍ର ବିକଟାଳ

ରୂପ, ମୁଣ୍ଡବାଳ ଫରଫର ଉଡୁଛି, ଦେହ ସାରା ଧୂଳି ମାଟି ରାଙ୍ଗୁଡ଼ା ଦାଗ, "ମୋ ରଜା କାଇଁରେ, ମୋ ସା'ନ୍ତ କାଇଁରେ" ପାଟି କରି କରି ଆସି ପହଞ୍ଚିଲା ଓ ସଶସ୍ତ୍ର ସିପାହୀମାନଙ୍କୁ ଅବଜ୍ଞା କରି ଠେଲି ପେଲି ଦେଇ କୃତ୍ତିବାସଙ୍କ ପାଦ ତଳେ ପଡ଼ିଲା । ପୋଲିସ ଫଉଜ ଥକା ହୋଇଗଲେ, କାହା ତୁଣ୍ଡରେ କଥା ନାହିଁ । କୃତ୍ତିବାସଙ୍କ ଆଖିରୁ ଲୁହର ଝରଣା ଛୁଟିଲା । ଲୋଚନା ତାଙ୍କ ମୁହଁକୁ ବଲବଲ କରି ଚାହିଁ ତକା ପକାଇ କାନ୍ଦୁଥାଏ । ପୋଲିସ ଫଉଜ ଓ ପଥିକମାନେ ବିସ୍ମିତ ହୋଇ ଏ ଦୃଶ୍ୟ ଦେଖୁଥାଆନ୍ତି । ଲୋଚନା ଉନ୍ମତ୍ତ ହୋଇ ଉଠିଲା ପୋଲିସ ଫଉଜଙ୍କୁ ହାଣିମାରି ପକାଇବା ପାଇଁ । ଅକାଠ ଲୋଚନା ସେଠାରେ କି ମହା ବିଭ୍ରାଟ ସୃଷ୍ଟି କରିଥାଆନ୍ତା କିଏ ଜାଣେ । ପୋଲିସ ବି ଅତିଷ୍ଠ ହୋଇ ପଡ଼ିଥିଲେ । ମାତ୍ର କୃତ୍ତିବାସ ତାକୁ ନିବର୍ତ୍ତାଇଲେ । "ଶାନ୍ତ ହ ଲୋଚନା ! ବହୁତ ହଣାକଟା ତ ଆମେ କରିଚେ, ଆଉ କାହିଁକି ? ଯୋଉ ଦେଶରେ ଚରଣ ପଟ୍ଟନାୟକ ବା ବାସୁଦେବ ନରେନ୍ଦ୍ର ସିଂହ ପରି ପୁଅ ଜନ୍ମ ହୁଅନ୍ତି ସେ ଦେଶକୁ ସ୍ୱାଧୀନ ରଖିବାକୁ ଚେଷ୍ଟା କରିବା ବାତୁଳତା । ଆମର ଦିନ ଶେଷ ହୋଇଚି । ଆମର ଆଉ ଏ ଦେଶରେ ସ୍ଥାନ ନାହିଁ । ଦେଖୁଚୁ ତ ଦେଶଯାକ ନିମକହାରାମ ଗୋଷ୍ଠିର ଅମେଧ୍ୟ ଭୋଜୀ ଶ୍ୱାନ ଶୃଗାଳ ଦଳ ଆଜି କିପରି ଆନନ୍ଦରେ ଉନ୍ମତ୍ତ ହେଉଚନ୍ତି ? ବିଦେଶୀର ପାଦ ମଞ୍ଜାଳି ତା'ର ଉଚ୍ଛିଷ୍ଟ ଲେହନ କରି ସେମାନେ ଛାତି ଫୁଲେଇ ବୁଲିବେ ଆଉ ସେଇମାନେହିଁ ହେବେ ଏ ଦେଶର ବଡ଼ ଲୋକ । ସେ କଥା ଦେଖିବା ଆଗରୁ, ରାଜରାଣୀ ମାଆକୁ ଆମର ପୋଇଲୀ ବେଶରେ ଦେଖିବା ଆଗରୁ ମୃତ୍ୟୁ ଶତ ଗୁଣେ ଶ୍ରେୟ । ମା, ମା ! ତୋତେ ରକ୍ଷା କରି ପାରିଲି ନାହିଁ । ବିଦାୟ ଦେ ମା ଅଧମ ସନ୍ତାନକୁ

ଚୋ'ର । ଥାଅ ଭାଇମାନେ । ଯାଉଛି । ମୋର ଗୁପ୍ତ ତୁଣ୍ଡ ହୋଇ-ଯାଉଛି, ଅଉ ଦେଖା ପାଇବ ନାହିଁ ।" ଲୋଚନା ମନ୍ତ୍ରମୁଗ୍ଧ ପରି ସବୁ ଶୁଣିଲା, ନିବର୍ତ୍ତିଲା, ଅଉ ନିଜ ଇଚ୍ଛାରେ ବାନ୍ଧ ହୋଇ କୃତ୍ତିବାସଙ୍କ ସଙ୍ଗେ ସଙ୍ଗେ ଚାଲିଲା ।

## —ବିଚାର ଓ ଦଣ୍ଡ—

କୃତ୍ତିବାସ ଓ ଲୋଚନା ଖୋର୍ଧାରେ କେତେ କାଳ ଅଟକ-ବନ୍ଦୀ ହେବା ପରେ ସେମାନଙ୍କର ବିଚାର କରାଗଲା । ଫିରିଙ୍ଗି ବିଚାରପତିଙ୍କ ଅଦାଲତରେ ସେମାନଙ୍କୁ ହାଜର କରାଗଲା । ତାଙ୍କ ବିରୁଦ୍ଧରେ ରାଜଦ୍ରୋହ, ନରହତ୍ୟା, ହତ୍ୟା ପାଇଁ ଚେଷ୍ଟା, ଲୁଣ୍ଠନ, ଡକାୟତି ଓ ଅଗ୍ନିକାଣ୍ଡ ସୃଷ୍ଟି ପ୍ରଭୃତି ଅନେକ ଅଭିଯୋଗ ଅଣାଯାଇଥିଲା । ଘୃଣାରେ କୃତ୍ତିବାସ କୌଣସି ପ୍ରଶ୍ନର ଉତ୍ତର ଦେଲେ ନାହିଁ; ଗର୍ବୋନ୍ନତ ଶିର ତାଙ୍କର ତଳେ ହେଲେ ନଇଁଲା ନାହିଁ । ବେତ ପରି ଅବିଚଳିତ ନିଷ୍କଂପ ଓ ସିଂହ ପରି ନିର୍ଭୀକ ଭାବରେ ଦଣ୍ଡାଦେଶ ପ୍ରତୀକ୍ଷାରେ ସେ ଠିଆ ହୋଇ ରହିଲେ । ବିଚାର ଶେଷରେ ତାଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଆଦେଶ କରାଗଲା; ଅଉ ଲୋଚନା ମୂର୍ଖ ବଣୁଆ କନ୍ୟା ଥିବାରୁ ତାକୁ ଖଲାସ ହୁକୁମ ଶୁଣାଇ ଦିଆଗଲା ।

ଦଣ୍ଡାଦେଶ ଶୁଣି କୃତ୍ତିବାସଙ୍କ ଲୋମମୂଳ ସୁଦ୍ଧା କମ୍ପିଲା ନାହିଁ; ଧୀର ଗମ୍ଭୀର ମୁଖମଣ୍ଡଳରେ ରେଖାଏ ସୁଦ୍ଧା ହେଲା ନାହିଁ । କିନ୍ତୁ ଲୋଚନା କମ୍ପି ଉଠିଲା । ସେ କହିଲା "ତା ହୋଇ ପାରିବ ନାହିଁ ସାହେବ ! ମୋ ରଜା ଯୁଆଡେ ଯିବ ମୁଁ ସିଆଡ଼େ ଯିବି । ମୁଁ ମୂର୍ଖ ବଣୁଆ କନ୍ୟା ହେଲେ, ମୁଁ ଫେରାର ମୂଳ । ମୁଁ ନିଶ୍ଚୟ ମୋ ସାଆନ୍ତ ସାଙ୍ଗେ କଳାପାଣି ଯିବି । ସାଧବା'ର

ମୋତେ ତା ଠୁ ଅଲଗା କରି ରଖିବ ?" ତା କଥା ଶୁଣି ଫିରିଙ୍ଗି ଦରବାରରେ ସମସ୍ତେ ଉଚ୍ଚସ୍ତ ହୋଇ ପଡ଼ିଲେ । ବଗୃବଗଡ ଅବାକ୍ ହୋଇ ତା ମୁହଁକୁ ଚାହିଁଲେ । ଲୋଚନାର ଅସାଧାରଣ ବିଶ୍ୱାସ ଓ ଅଲୌକିକ ପ୍ରଭୁଭକ୍ତି ଦେଖି ସ୍ତମ୍ଭୀଭୂତ ବଗୃବଫଡ ତା ପ୍ରତି ଗଭୀର ଶ୍ରଦ୍ଧା ଜ୍ଞାପନ କଲେ । ଏଇ ଲୋଚନା ଅସଭ୍ୟ ବଣୁଆ କନ୍ଧ ଅଜ ଘଟନାସ୍କ, ନରେନ୍ଦ୍ରସିଂହ—ଯେଉଁମାନଙ୍କ ଯୋଗେ ଇତିହାସର ପୃଷ୍ଠା ଯୁଗେ ଯୁଗେ କଳଙ୍କିତ ହୁଏ—ସେମାନେ ପୁଣି ସଭ୍ୟ ! ନା ନା, ଲୋଚନା ଦେଶର ଗୌରବ, ଜାତିର ପୂଜ୍ୟ ।

ଲୋଚନାକୁ ନଗ୍ନେଡ଼ବନ୍ଧା ଦେଖି ବଗୃବଟଡ ଅନନ୍ୟୋପାୟ ହୋଇ ତାକୁ ମଧ୍ୟ ଦ୍ୱୀପାନ୍ତର ଆଦେଶ କଲେ । ଲୋଚନା ଆନନ୍ଦରେ ନାଚି ଉଠିଲା । ଖୋରଧାସାରା ଗୃହ ଅଡ଼ ବିଜୁଳୀ ବେଗରେ ପାଟଣାଣୀ ଓ ଲୋଚନା କଳାପାଣି ଗଲେ ବୋଲି ବାର୍ତ୍ତା ପ୍ରଚାର ହୋଇଗଲା । ସାରା ବାଣପୁର କାନ୍ଦିଲା । କୃତ୍ତିବାସ ଗଲା, ବାଣପୁର ଶୌର୍ଯ୍ୟ ଗୌରବର ଶେଷ ରଶ୍ମି ଚିର ଦିନ ପାଇଁ ପର୍ବତ ଅନ୍ତରାଳରେ ଲୁଚିଗଲା । ଲୋକେ ନୀରବରେ ମୁଣ୍ଡରେ ହାତ ମାରି କାନ୍ଦିଲେ "ହେ କାଳ ବିଧାତା ! ଆଉ ବାଣପୁର ଭୂଇଁ କୃତ୍ତିବାସ ପରି ପୁଅ ଜନ୍ମ କରିବ !"

## —ଉପସଂହାର—

କଳାପାଣି ବା ଆଣ୍ଡାମାନ ଦ୍ୱୀପରେ କେତେ କାଳ ରହିବା ପରେ ସେଠାର ସର୍ବୋଚ୍ଚ ହାକିମଙ୍କ ସ୍ତ୍ରୀ ପ୍ରସବ କରି ନପାରି ମରଣାନ୍ତକ କଷ୍ଟ ଭୋଗକଲେ । ସବୁ ପ୍ରକାର ଡାକ୍ତରୀ ଔଷଧ ପ୍ରୟୋଗ ବ୍ୟର୍ଥ ହୋଇଗଲା । ଏ କଥା କୃତ୍ତିବାସଙ୍କ କାନରେ ପଡ଼ିବାରୁ

ସେ ଓ ଲେଫଟନା ଅପାଚଡ ଭାବରେ ଙ୍କଦ୍ଦରୁଣି ଓ ମନ୍ତ୍ର ପ୍ରୟୋଗ କରି ସ୍ତ୍ରୀଟିକୁ ପ୍ରସବ କରାଇଦେଲେ । ସାହେବ ଓ ସାହେବାଣୀଙ୍କ ହୃଦୟ କୃତଜ୍ଞଭାବରେ ଭରିଗଲା । ସେମାନେ ଏ ଦୁହିଙ୍କୁ ହୃଦୟର ସହିତ ସଂବର୍ଦ୍ଧନା ତ କଲେ; ତା ଛଡ଼ା ଖଲାସ କରାଇ ଦେବେ ବୋଲି ପ୍ରତିଜ୍ଞା କଲେ । ମାତ୍ର କୃତ୍ତିବାସ ଏ ଅନୁଗ୍ରହ ପ୍ରତ୍ୟାଖ୍ୟାନ କଲେ । ସେ କହିଲେ, "ମୁଁ ପୁରସ୍କାର ଲାଳସାରେ ବା ତୁମ ପ୍ରିୟପାତ୍ର ହେବା କାମନାରେ ଏ କାର୍ଯ୍ୟ କରି ନାହିଁ, କରିଚି ମାନବର କର୍ତ୍ତବ୍ୟର ଅନୁପ୍ରେରଣାରେ । ତମର ସେଥିରେ ବ୍ୟସ୍ତ ହେବା ଦରକାର ନାହିଁ ସାହେବ ! ତା' ଛଡ଼ା ମୋତେ 'ଯେ ଖଲାସ କରାଇ ଦେବ କହୁଚ, ମୁଁ ଖଲାସ ହୋଇ କେଉଁଠିକି ଯିବି ? ସ୍ୱଦେଶକୁ ? ମୋର କଅଣ ଆଉ ସ୍ୱଦେଶ ହୋଇ କିଛି ଅଛି ? କଅଣ ଯାଇ ମୁଁ ଦେଖିବି ? ମାଆକୁ ମୋର ଫୋଇଲା ବେଶରେ ? ନା, ସାହେବ ! ମୁଁ ସେ ଦୃଶ୍ୟ ଦେଖି ସଂଭାଳି ପାରିବିନାହିଁ, କ୍ଷମାକର ।"

ଫିରିଙ୍ଗି ଶତ୍ରୁ ହେଲେ ବି ବୀରଜାତି । ବୀର ବୁଝେ ବୀରର ମର୍ଯ୍ୟାଦା । ସେ ଦେଶପ୍ରାଣ କୃତ୍ତିବାସଙ୍କୁ ଚିହ୍ନିଲା, ଆନନ୍ଦ ବିଭୋର ହୋଇ କୁଣ୍ଢାଇ ପକାଇଲା । ମୁଣ୍ଡ ତାର ଶ୍ରଦ୍ଧାରେ ନଇଁ ଆସିଲା । ଯା ପରେ ପୁଣି ଅଉ ଥରେ ସାହେବ ଓ ମେମ୍ କୃତ୍ତିବାସଙ୍କ ସଙ୍ଗେ ତାଙ୍କ ମୁକ୍ତି ପାଇଁ ଜିଗର୍ କଲେ । ଏଥର କୃତ୍ତିବାସ ସେମାନଙ୍କୁ ଭାଙ୍ଗିଦେବା ଉଦ୍ଦେଶ୍ୟରେ ଗୋଟିଏ ଅସମ୍ଭବ ସର୍ତ୍ତ ବାଢ଼ିଲେ । ସେ କହିଲେ ଯଦି ଗୋଟିଏ ମୁଣ୍ଡ ଓ ଗୋଟିଏ ଘର ସାହେବ ତାଙ୍କୁ ଫେରି କରାଇ ଦେଇ ପାରିବେ ତେବେ ସେ ସ୍ୱଦେଶକୁ ବାହୁଡ଼ି ଯିବେ । ଏଇ ମୁଣ୍ଡ ବୋଧହୁଏ ବାସୁଦେବଙ୍କ ମୁଣ୍ଡ ଓ ଘର ଭଣ୍ଡାରପାହାଡ଼ ଅଭ୍ୟନ୍ତରସ୍ଥ ଗୁପ୍ତ ଅସ୍ତ୍ରାଗାର ।

ସାହେବ ଏ ପ୍ରକାର ସର୍ତ୍ତ ପାଳନରେ ଅକ୍ଷମତା ପ୍ରକାଶ କଲେ । କୃତ୍ତିବାସ ସେଇଠାରେହିଁ ଜୀବନର ଅବଶିଷ୍ଟାଂଶ କଟାଇଲେ । ଏ ସଂବାଦ ଆସିଥିଲା କୃତ୍ତିବାସଙ୍କ ନାବାଳକ ଜ୍ୟେଷ୍ଠ ଭାଇ ଉପେନ୍ଦ୍ର ପାଟଣାଣୀଙ୍କ ନିକଟକୁ ଖଣ୍ଡିଏ ଚିଠିରେ ।

କୃତ୍ତିବାସ ସାହେବଙ୍କର ଅଯାଚିତ ମୁକ୍ତି ଗ୍ରହଣ ନକଲେହେଁ ବର୍ଣ୍ଣିତ ଘଟଣା ପରଠାରୁ ତାଙ୍କୁ ଆଉ ବନ୍ଦୀ ଜୀବନ କଟାଇବାକୁ ପଡ଼ିନଥିଲା । କର୍ତ୍ତୃପକ୍ଷ ତାଙ୍କୁ ସେଠାରେ ସମସ୍ତ ପ୍ରକାର ସ୍ୱାଧୀନତା ଦେଇଥିଲେ । ସେ ସେଠାରେ ଜଣେ ସମ୍ମାନିତ ବିଶିଷ୍ଟ ବାସିନ୍ଦା ଭାବରେ ଗୃହବାସ କରି ରହୁଲେ । ସେଇ ସ୍ୱାଧୀନତା ଯୋଗୁହିଁ ସେ ସାନଭାଇ ପାଖକୁ ସରକାରୀ ଡାକ ଜରିଆରେ ଚିଠି ଦେଇ ପାରିଥିଲେ । ସେ ଚିଠିରେ ସ୍ନେହର ସାନଭାଇଟିକୁ ଟିକିଏ ଦେଖିବା ପାଇଁ ଡକାଇଥିଲେ । ସରକାର ମଧ୍ୟ ତାଙ୍କ ଯିବା ଆସିବାର ସୁବିଧା କରିଦେବାର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଉପେନ୍ଦ୍ର ତ ଯିବାଲୋକ, ଲୋକେ ବାରଣ କରିବାରୁ ଗଲେ ନାହିଁ । ଅନିଶ୍ଚିତ ପରିସ୍ଥିତି ଭିତରକୁ ଉପେନ୍ଦ୍ରଙ୍କୁ ଛାଡ଼ିବାକୁ ଲୋକେ, ବଂଶଲୋପ ଭୟରେ ବାରଣ କଲେ ସିନା, ଶେଷରେ ବଂଶ ଲୋପହିଁ ହେଲା । କାରଣ ଉପେନ୍ଦ୍ର ନିଃସନ୍ତାନ ଅବସ୍ଥାରେ ମଲେ ।

ଜନ୍ମଭୂଇଁଠାରୁ କାହିଁ କେତେ ଦୂରେ ସମୁଦ୍ର ମଝିରେ ସୁଦୂର ଅଜ୍ଞାତ ଭୂଇଁର କେଉଁ ଅଜ୍ଞାତ କଣରେ ଦୁଇଟି ମହାର୍ଘ ଜୀବନର ଅବସାନ କେବେ କିପରି ହୋଇଥିବ କିଏ ଜାଣେ ! ଅନ୍ତିମ ଶଯ୍ୟାରେ ବନ୍ଧୁପରିଜନ ଆତ୍ମୀୟ ସ୍ୱଜନ ମନେ ପଡ଼ୁଥିବେ, ମାତୃଭୂମିର ଶ୍ୟାମଶୋଭାମୟୀ ପବିତ୍ର ମୋହନ କଲ୍ୟାଣମୟୀ ରୂପ ଆଉ ତାର କୋମଳକୋଳର ସୁଖମୟ ସ୍ପର୍ଶ ମନେ ପଡ଼ୁଥିବ,

ସର୍ବୋପରି ମନେପଡ଼ୁଥିବ ଶଯ୍ୟା ପାର୍ଶ୍ୱରେ ପ୍ରାଣପ୍ରିୟା ପତ୍ନୀର ହୃଦୟ ଉଜୁଡ଼ା ପ୍ରେମ, ସେବା, ଆଦର, ଯତ୍ନ । କିନ୍ତୁ ଶେଷ ମୁହୂର୍ତ୍ତରେ ବିନ୍ଦୁଏ ଅଶ୍ରୁ ଢାଳିବାକୁ ସେଠାରେ କେହି ନଥିବେ । ରିକ୍ତ ଶୂନ୍ୟ ବିକ୍ଷୁବ୍ଧ ସର୍ବହରା ଅନ୍ତରର ଗଭୀରତମ ପ୍ରଦେଶର ତପ୍ତ ଦୀର୍ଘଶ୍ୱାସ ସଙ୍ଗେ ପ୍ରାଣବାୟୁ ଉଡ଼ିଯାଉଥିବ । ଅଦ୍ଭୁତ କର୍ମୀ ବୀରପୁରୁଷମାନଙ୍କର ପୃଥିବୀପୃଷ୍ଠରୁ ଅଗମନ ଯେପରି ଅଦ୍ଭୁତ ଜୀବନର ଅବସାନ ତହୁଁ ବଳି ଅଦ୍ଭୁତ ।।

**ସ ମା ପ୍ତ**

ବ୍ରହ୍ମପୁର ନବ ପ୍ରୋର୍ସ ପ୍ରେସ୍‌ରେ ଶ୍ରୀ ଘନଶ୍ୟାମ ଦାଶଙ୍କଦ୍ୱାରା ମୁଦ୍ରିତ

ଓଡ଼ିଶାରେ ପ୍ରସିଦ୍ଧ ଶିଶୁ ସାହିତ୍ୟିକମାନଙ୍କ ଦ୍ୱାରା ସଙ୍କଳିତ

# ଅମର ଚରିତମାଳା


## ପ୍ରତ୍ୟେକର ମୂଲ୍ୟ ଛଅ ଅଣା

୧ । ଜୟଦେବ
୨ । ଜଗନ୍ନାଥ ଦାସ
୩ । ସାଧୁସୁନ୍ଦର ଦାସ
୪ । ସାରଳା ଦାସ
୫ । ଉପେନ୍ଦ୍ର ଭଞ୍ଜ
୬ । କବିସୂର୍ଯ୍ୟ
୭ । ରାଧାନାଥ ରାୟ
୮ । ଗଙ୍ଗାଧର ମେହେର
୯ । ନନ୍ଦକିଶୋର ବଳ
୧୦ । ଫକୀରମୋହନ
୧୧ । ଚନ୍ଦ୍ରଶେଖର
୧୨ । ବିଶ୍ୱନାଥ କର
୧୩ । କୁନ୍ତଳା କୁମାରୀ
୧୪ । ଗୋବିନ୍ଦ ରଥ
୧୫ । ଜୟୀ ରାଜଗୁରୁ
୧୬ । ବୃଷି ଖୁଣ୍ଟିଆ
୧୭ । କୃତ୍ତିବାସ ପଟ୍ଟସାଣି
୧୮ । ଉତ୍କଳମଣି ଗୋପବନ୍ଧୁ
୧୯ । କୁଳବୃଦ୍ଧ ମଧୁସୂଦନ
୨୦ । କର୍ମଯୋଗୀ ଗୌରିଶଙ୍କର
୨୧ । ପଣ୍ଡିତ କୃପାସିନ୍ଧୁ
୨୨ । ନରସିଂହ ଦାସ
୨୩ । ନୀଳମଣି ବିଦ୍ୟାରତ୍ନ
୨୪ । ଖାରବେଳ
୨୫ । ଯଯାତିକେଶରୀ
୨୬ । ଚୋଡ଼ଗଙ୍ଗ ଦେବ
୨୭ । ଅନଙ୍ଗଭୀମ ଦେବ
୨୮ । କପିଳେନ୍ଦ୍ର ଦେବ
୨୯ । ପୁରୁଷୋତ୍ତମ ଦେବ
୩୦ । ପ୍ରତାପରୁଦ୍ର ଦେବ
୩୧ । ମୁକୁନ୍ଦଦେବ
୩୨ । ଶ୍ରୀ ରାମଚନ୍ଦ୍ର ଭଞ୍ଜ
୩୩ । ଦୁର୍ଲଭ ଦେବ
୩୪ । ଭକ୍ତକବି ମଧୁସୂଦନ
୩୫ । ଗୋପାଳ ପ୍ରହରାଜ
୩୬ । ଶଶିଭୂଷଣ ରାୟ

ପ୍ରକାଶକ—

**ନବ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ**

# ଅମର ଚରିତ



ଜୟୀ ରାଜଗୁରୁ

…ନୀତ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

# ଜୟୀ ରାଜଗୁରୁ

ଲେଖକ—

ଶ୍ରୀ ସଦାଶିବ ରଥ ଶର୍ମ୍ମା

ଗବେଷକ, ପୁରୀ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୫

ମୂଲ୍ୟ ଛଅ ଅଣା

# ସୂଚୀପତ୍ର


| ବିଷୟ | | ପୃଷ୍ଠା |
|---|---|---|
| ୧ । ସୂଚନା | ... | ୧ |
| ୨ । ପରିଚୟ | ... | ୩ |
| ୩ । ସାଧନା | ... | ୪ |
| ୪ । ଅବସାଦ | ... | ୬ |
| ୫ । ଶକ୍ତିଲାଭ ଓ ଖୋରଧା ମେଳି | ... | ୭ |
| ୬ । ବିଦେଶୀ ଶାସନର ପ୍ରତିରୋଧ | ... | ୮ |
| ୭ । ବିପ୍ଳବ ପଥେ | ... | ୧୪ |
| ୮ । ଜୀବନରେ ସ୍ଖଳନ | ... | ୧୯ |
| ୯ । ଚରମ ଅଭିଯାନ | ... | ୨୧ |
| ୧୦ । ଦୈବୀ ସାଧନା | ... | ୨୩ |
| ୧୧ । ଅନ୍ତିମ ଜୀବନ | ... | ୨୬ |

## —ସୂଚନା—

ସମଗ୍ର ଭାରତ ମଧ୍ୟରେ ଓଡ଼ିଶାହିଁ ଥିଲା ଶେଷ ହିନ୍ଦୁ ସାମ୍ରାଜ୍ୟ। ଯେତେବେଳେ ଭାରତରେ ତୁର୍କ ଅଫଗାନ୍‌ମାନେ ବିରାଟ ମୁସଲମାନ ସାମ୍ରାଜ୍ୟ ଗଠନ କରୁଥିଲେ, କୋଟି କୋଟି ହିନ୍ଦୁ ମନ୍ଦିର ବିଧର୍ମୀଙ୍କ ହାତରେ ଲୋପପାଉଥିଲା, ସେତେବେଳେ ଓଡ଼ିଶାର ଗଙ୍ଗ-ସମ୍ରାଟମାନେ ପୁରୀ ଓ କୋଣାର୍କଠାରେ ବିରାଟ ମନ୍ଦିର ନିର୍ମାଣ କରୁଥିଲେ। ଏହି ମନ୍ଦିର ନିର୍ମାଣ ମୂଳରେ ଥିଲା ତାଙ୍କର ଅସୀମ ଶକ୍ତି ଓ ଅନବଦ୍ୟ ଧର୍ମପରାୟଣତା। ଓଡ଼ିଶାର ପାଇକମାନେ ଭାରତର ଯେ କୌଣସି ବଳିଷ୍ଠ ଶକ୍ତି ସହିତ ଯୁଦ୍ଧ କରିବା ପାଇଁ କୌଣସି ଗୁଣରେ ନ୍ୟୂନ ନଥିଲେ। ଓଡ଼ିଶାବାସୀ-ମାନେ ଗଜପତିଙ୍କୁ ଚଳନ୍ତି-ବିଷ୍ଣୁ ରୂପେ ମାନୁଥିଲେ ଓ ତାଙ୍କପାଇଁ ଯେ କୌଣସି ମୁହୂର୍ତ୍ତରେ ଜୀବନ ଦେବା ନିମିତ୍ତ କୁଣ୍ଠିତ ହେଉ-ନଥିଲେ। ଯୁଦ୍ଧକ୍ଷେତ୍ରରେ ପ୍ରତ୍ୟେକେ ଭାବୁଥିଲେ –

ମଲେ ପଛେ ମରିବା ରଣେ
ଅମ ପର ଅଛନ୍ତି ପଣେ।

ଓଡ଼ିଆ ଜାତି ନିଜର ସ୍ୱାର୍ଥ ଅପେକ୍ଷା ଦେଶ-ମାତୃକାର ସମ୍ମାନକୁ ଅଧିକ ମନେ କରୁଥିଲେ। ଏ ତ ଗଲା ମଧ୍ୟ ଯୁଗରେ

ଓଡ଼ିଶାର ଅବସ୍ଥା । ଅନ୍ତୁର ସୁଦୂର ଅତୀତ ଗର୍ଭକୁ ଦୃଷ୍ଟିନିକ୍ଷେପ କଲେ ଆମେ ଓଡ଼ିଆ ବୋଲି ମନରେ ସ୍ୱତଃ ଗର୍ବ ଆସେ । ଅଶୋକଙ୍କ କଳିଙ୍ଗ ବିଜୟ କଥା ଶୁଣି କିଏ ନକହିବ ଯେ ଓଡ଼ିଶା ସେତେବେଳେ ଥିଲା କେବଳ ବୀରଭୋଗ୍ୟା ? ଉତ୍ଥାନ ପତନ ତ ଜଗତର ନିୟମ । ତା ପରେ ଓଡ଼ିଶାର ହେଲା ପତନ । ରାଜଗାଦି ପାଇଁ ନିରବଚ୍ଛିନ୍ନ ଗୃହ ବିବାଦ ଲାଗିରହିଲା । ରାଜାମାନେ ହେଲେ ଦୁର୍ବଳ । ଆଦର୍ଶ ପରମ୍ପରାର ଅଯୋଗ୍ୟ ବଂଶଧର ରୂପେ ସେମାନେ ବିରାଟ ଦେଶକୁ ରକ୍ଷାକରି ପାରି-ନଥିଲେ । ବିଭିନ୍ନ ଶକ୍ତିଙ୍କ ଦ୍ୱାରା ଓଡ଼ିଶାର ବିଭିନ୍ନଅଂଶ ଅଧିକୃତ ହେଲା । ମରହଟ୍ଟାମାନେ ଶେଷରେ ରାଜାଙ୍କୁ କ୍ରୀଡ଼ନକ ରୂପେ ବ୍ୟବହାର କଲେ । ଅତ୍ୟାଚାର ସହନଶୀଳତାର ସୀମା ଟପିଗଲେ ମଣିଷ-ମନ ସ୍ୱତଃ ବିଦ୍ରୋହୀ ହୋଇଉଠେ, ଆତ୍ମବୋଧ ଆସେ । ଅତ୍ୟାଚାରିତ ଓଡ଼ିଆଙ୍କ ପ୍ରାଣରେ ବଳିଷ୍ଠ ନେତୃତ୍ୱର ପ୍ରେରଣା ବିଦ୍ରୋହର ପୂର୍ବାଭାସ ଦେଇଥିଲା । ଏହି ସମୟରେ ଇଂରେଜ-ମାନେ ଓଡ଼ିଶାର ସଂକୀର୍ଣ୍ଣ ପରିବେଷ୍ଟନୀ ମଧ୍ୟରେ ଅବଶ ଶେଷ-ସ୍ୱାଧୀନତା ଟିକକ ଲୁଟିବାକୁ ଛୁଟି ଆସିଲେ । ସେତେବେଳେ ଓଡ଼ିଶାର କ୍ଷୀଣଶକ୍ତି, କ୍ଷୀଣ ସ୍ୱାଧୀନତା ଅନ୍ତିମ ଦୀପ ଶିଖାପରି ଉଜ୍ଜ୍ୱଳ ଭାବରେ ଜଳି ଉଠିଥିଲା ଏବଂ ଶେଷ ଯୁଦ୍ଧ-କୌଶଳର ପରିଚୟ ଦେଇ ଇଂରେଜ ବାହିନୀର ତୀବ୍ର ପ୍ରତିରୋଧ କରିଥିଲା । ଏହି ବିଦ୍ରୋହର ସଂଗଠନ ପାଇଁ, ସୁପ୍ତ ଓଡ଼ିଆଙ୍କ ପ୍ରାଣରେ ଜାତୀୟ ଜାଗରଣର ତୀବ୍ର ଉଦ୍ଦୀପନା ଆଣିବା ନିମିତ୍ତ ଯେଉଁ ବୀର ପୁରୁଷଗଣ ଚେଷ୍ଟା କରିଥିଲେ ସେମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ ପ୍ରଧାନ ଓ ପ୍ରଥମ ।

## —ପରିଚୟ—

କବି ରାଜଗୁରୁଙ୍କ ପୂର୍ଣ୍ଣ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର । ସେ ପୁରୀ ରାଜବଂଶର ରାଜଗୁରୁ ଭାବେ ପ୍ରତିଷ୍ଠିତ ପରିବାରର ବ୍ୟକ୍ତି ଅଟନ୍ତି । ତାଙ୍କର ପିତାଙ୍କର ପିତା ଗଦାଧର ରାଜଗୁରୁ ମହାପାତ୍ର ବତ୍ସ ଗୋତ୍ରୀୟ ସାମନ୍ତ ବ୍ରାହ୍ମଣ ଥିଲେ ଓ ତାଙ୍କର ଅଦ୍ଭୁତ ପାଣ୍ଡିତ୍ୟ ଦେଶ ବିଦେଶରେ ଉତ୍ତମ ଭାବରେ ଜଣାଥିଲା । "ଗଦାଧର ପଦ୍ଧତି" ନାମକ ସ୍ମୃତି ଗ୍ରନ୍ଥ ରଚନା କରି ସେ ଭାରତ ପ୍ରସିଦ୍ଧ ହୋଇ ପାରିଥିଲେ । ତାହାଙ୍କର ଗ୍ରନ୍ଥ ଅନୁସାରେ ସମସ୍ତ ବେଦ ସମର୍ଥିତ କର୍ମ ଆଚରିତ ହୋଇଥାଏ । ସେହି ଗଦାଧର ରାଜଗୁରୁଙ୍କୁ ଉତ୍କଳରାଜା ବୀର ହରେକୃଷ୍ଣ ଦେବ ପୁରୀଜିଲ୍ଲାର ବୀର ହରେକୃଷ୍ଣପୁର ଶାସନ ଦାନ କରିଥିଲେ । ଏହା ପୁରୀ ସହରଠାରୁ ଜଗନ୍ନାଥ ସଡ଼କ ନିକଟରେ ପାଞ୍ଚ ମାଇଲ ଦୂରରେ ଅବସ୍ଥିତ । ସେହି ପ୍ରଣମ୍ୟ ଉନାମା ସ୍ମୃତିକାର ଗଦାଧରଙ୍କର ପୁତ୍ର * ବୃନ୍ଦ ରାଜଗୁରୁ । ସେ ଜ୍ୟୋତିଷ, ନ୍ୟାୟ, ଦର୍ଶନ ପ୍ରଭୃତି ଶାସ୍ତ୍ରରେ ବିଶେଷ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ପୁରୀରାଜବଂଶର ମନ୍ତ୍ରୀପଦରେ ନିଯୁକ୍ତ ହୋଇ ରାଜା ବୀରକିଶୋର ଦେବଙ୍କୁ ଉପଯୁକ୍ତ ଶାସନ ପରିଚାଳନାରେ ପ୍ରଭାବିତ କରାଇଥିଲେ । ମରହଟ୍ଟା-ଶାସକ ରଘୁଜୀ ଭୋଁସଲାଙ୍କ ପୁତ୍ର ଜାନୁଜୀ ଭୋଁସଲାଙ୍କ ପରି ଉଦ୍ଧତ ପ୍ରକୃତିର ବ୍ୟକ୍ତି ମଧ୍ୟ ତାହାଙ୍କୁ ବହୁମାନ୍ୟ ପ୍ରଦାନ କରିବାକୁ ବାଧ୍ୟହୋଇଥିଲେ । ସେହି ମହାପଣ୍ଡିତ ବୃନ୍ଦ ରାଜଗୁରୁଙ୍କ ଔରସରେ ପ୍ରସିଦ୍ଧ ନରସିଂହପୁର ଶାସନର ରଥସାମନ୍ତ ଘରର କନ୍ୟା ହୀରାମଣି ଦେବୀଙ୍କର ଗର୍ଭରୁ ୧୭୩୯ ଖ୍ରୀଷ୍ଟାବ୍ଦ କାର୍ତ୍ତିକ ଶୁକ୍ଳ ନବମୀ ତିଥିରେ ଜୟକୃଷ୍ଣ ଜନ୍ମଗ୍ରହଣ କରିଥିଲେ ।

* "ମହାଦେବ ରାଜଗୁରୁ ମହାପାତ୍ର" ତାଙ୍କର ସ୍ୱାକ୍ଷରରେ ଲିଖିତ ଅଛି ।

ଜୟକୃଷ୍ଣ ବା ଜୟୀ ରାଜଗୁରୁ ପିତାଙ୍କର ଦ୍ୱିତୀୟ ପୁତ୍ରଥିଲେ ବୋଲି ଜଣାପଡ଼େ; କିନ୍ତୁ ସେ ଜୀବିତ ସନ୍ତାନ ଭାବରେ ଏକମାତ୍ର ପୁତ୍ରଥିଲେ ।

ଜୟକୃଷ୍ଣ ସ୍ୱୀୟ ବଂଶପରଂପରା ଓ କୌଳିକ ପ୍ରଥା କ୍ରମେ ଶୈଶବ ଜୀବନ ଅତିକ୍ରମ କରିବା ପରେ ପୁରୀର ପ୍ରସିଦ୍ଧ ପଣ୍ଡିତ-ମାନଙ୍କଠାରୁ ସଂସ୍କୃତ ବିଦ୍ୟା ଅର୍ଜନକରି ଯୋଗ୍ୟତାର ସହିତ ଦିବ୍ୟସିଂହଦେବଙ୍କ ରାଜସଭାରେ ରାଜଗୁରୁ ତଥା ମନ୍ତ୍ରୀ ଭାବରେ ପ୍ରତିଷ୍ଠିତ ହେଲେ । ତାଙ୍କର ପରିଚାଳନା ଓ ରାଜନୀତିରେ ଏପରି ଦକ୍ଷତା ଅସିଥିଲା ଯେ ଯୁବକ ଜୟକୃଷ୍ଣଙ୍କୁ ବହୁ ସାମନ୍ତ-ରାଜା ମଧ୍ୟ ଆପଣାର କରିବାପାଇଁ ଚେଷ୍ଟିତ ଥିଲେ । ସେହି ରାଜାମାନଙ୍କ ମଧ୍ୟରେ ତାଙ୍କର ପ୍ରତିଭାରେ ବିଶେଷ ମୁଗ୍ଧ ଥିଲେ, ଆଠଗଡ଼ର ରାଜା ଧନଞ୍ଜୟ ହରିଚନ୍ଦନ ଜଗଦ୍ଦେବ । ସେ ଜୟକୃଷ୍ଣଙ୍କର ଅଶେଷ କ୍ଷମତାଶାଳୀ ମନୋବୃତ୍ତିରେ ମୁଗ୍ଧହୋଇ ତାହାଙ୍କୁ ଆଠଗଡ଼ ନେଇଯିବା ପାଇଁ ବହୁ ଉଦ୍ୟମ କରିଥିଲେ; ମାତ୍ର ଦିବ୍ୟସିଂହ ଦେବଙ୍କ ରାଜସଭାରେ ତାଙ୍କର ମନ୍ତ୍ରିତ୍ୱ ପ୍ରତିଷ୍ଠିତ ହେବାରୁ ସେ ରାଜ୍ୟର ସର୍ବବିଧ ମଙ୍ଗଳ ତଥା ନିଜର ପ୍ରତିଭା ବିକାଶ କରାଇବାରେ ବ୍ରତୀହେଲେ । ସେ ମନ୍ତ୍ରିତ୍ୱ ଗ୍ରହଣ କରି ଦେଖିଲେ, ମରହଟ୍ଟା-ମାନଙ୍କର ଶାସନ ଯେପରି ଚତ କରୁଛି, ଅଳ୍ପଦିନରେ ତାହା ଧ୍ୱଂସ ପ୍ରାପ୍ତହେବ ଓ ଅନ୍ୟ କୌଣସି ଶକ୍ତି ଓଡ଼ିଶାର ଅଧୀଶ୍ୱର ହେବେ । ଏହି ସୁଯୋଗରେ ସେ ଓଡ଼ିଶାରେ ଉଜ୍ଜ୍ୱଳ ରାଜବଂଶର ପ୍ରତିଷ୍ଠା ଓ ଅଖଣ୍ଡ କ୍ଷମତା ବଢ଼ାଇବା ପାଇଁ ଉଦ୍ୟମ କରି ବରୁଣାଇ ଗଡ଼କୁ ସୁଦୃଢ଼ କରାଇବାକୁ ଲାଗିଲେ । ସେହିଠାରେ ବାସକରି ସେ ଖୋର୍ଦ୍ଧା ଅଞ୍ଚଳରେ ପାଇକ ଜାଗରଣ ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ କଲେ । ସେ ପାଇକମାନଙ୍କର ଜାଗରଣ ନିମନ୍ତେ ସମସ୍ତ ପାଇକ-

ଗ୍ରାମ ପଦବ୍ରଜରେ ଭ୍ରମଣ କରି ସେମାନଙ୍କୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ କରି ରଖାଇ ପାରିଥିଲେ ।

## —ସାଧନା—

ଜୟୀ ରାଜଗୁରୁ ଦେଶର ଜାଗରଣ ଅନୟନ କରି ଅତ୍ୟାଗ୍ରହର ବିରୁଦ୍ଧରେ ଅସ୍ତ୍ରୋତ୍ତୋଳନ କରିବା ନିମନ୍ତେ ଯେଉଁଭଳି ସାଧନା କରିଥିଲେ ତାହା ତାଙ୍କର ଅପୂର୍ବ ଚନ୍ତାଶକ୍ତିର ପରିଚୟ ପ୍ରଦାନକରେ । ସେ ତତ୍‌କାଳୀନ ଘଟନାରୁ ଦେଶର ଅବସ୍ଥା କି ଆକାର ଧାରଣ କରିବ ତାହା ଉତ୍ତମ ରୂପେ ଜାଣିଥିଲେ ଓ ସେଥିପାଇଁ ଅକ୍ଳାନ୍ତ ପରିଶ୍ରମ କରି ପାଇକ ଅଖଡ଼ାମାନଙ୍କରେ ନିଜେ ସମରବିଦ୍ୟା ଶିକ୍ଷାଦେଇଥିଲେ । ପୁରୀ ସହରର ଅଖଡ଼ାମାନଙ୍କରେ ତାଙ୍କର ପ୍ରଭାବ ପଡ଼ିଥିଲା, ଓଡ଼ିଶାର ଗୃହଅଡ଼େ ପାଇକ ଜାଗରଣ ଦେଖା ଦେଇଥିଲା । ଜକ୍ତ ଉଦ୍ୟମରେ ସେଡ଼ଙ୍ଗର ବକ୍‌ସି ଦିଗମ୍ବର ଭୁୟାଁ, ବାଲୁସୁନ୍ଦରୀ ପ୍ରମୁଖ ବ୍ୟକ୍ତିମାନେ ରାଜଗୁରୁଙ୍କୁ ସାହାଯ୍ୟ କରି ଜାଗରଣରେ ନେତୃତ୍ୱ ନେଇଥିଲେ । ଏହି ଅନ୍ଦୋଳନ ଗୁପ୍ତ ଭାବରେ ସମଗ୍ର ଓଡ଼ିଶାରେ ଦେଖା ଦେଇଥିଲା ଓ କରଦରାଜ୍ୟମାନେ ମଧ୍ୟ ଏହି ଅବସରରେ ସ୍ଥାନେ ସ୍ଥାନେ ବିଦ୍ରୋହ ଅରମ୍ଭ କଲେ । ସେହି ବିଦ୍ରୋହମାନଙ୍କ ମଧ୍ୟରୁ ଢେଙ୍କାନାଳବିଦ୍ରୋହ ଅନ୍ୟତମ । ସ୍ଥୂଳତଃ ଢେଙ୍କାନାଳ, ସମ୍ବଲପୁର ପ୍ରଭୃତିରେ ନାନା ବିଦ୍ରୋହ ଦେଖା ଦେଇଥିଲା । ସେତେବେଳର ଗୋଳମାଳିଆ ପରିସ୍ଥିତିରେ ଦେଶର ଅବସ୍ଥା ଏପରି ହୋଇ ଉଠିଥିଲା ଯେ ଦେଶର ଶାସକ କିଏ ସେ ବିଷୟରେ ଜନସାଧାରଣ କିଛି ସ୍ଥିର କରିପାରୁନଥିଲେ । ଖୋରଧା ରାଜା ମରହଟ୍ଟାଙ୍କ ମାଲଗୁଜାରି ବା ପାଉଣା ଦେବାକୁ ବ୍ୟାକୁଳ ଥିଲେ । ତଥାପି

ମରହଟ୍ଟାମାନେ ନାନା କାରଣ ଦର୍ଶାଇ ଖୋରଧା ରାଜବଂଶଠାରୁ ଇଲାକାମାନ ଘେନାଯାଉଥିଲେ । ଫଳରେ ଖୋରଧାରାଜବଂଶ ତାଙ୍କର ରାଜଗାଦିର ସ୍ଥାୟିତ୍ୱ ସମ୍ବନ୍ଧେ ବିଶେଷ ସନ୍ଦେହ କରୁଥିଲେ । ମରହଟ୍ଟା ଅତ୍ୟାଚାରରେ ଉତ୍କଳ ବ୍ୟତିବ୍ୟସ୍ତ ଥିଲା ଓ ସମଗ୍ର ଦେଶ ନୂତନ ଶାସନକୁ ଅପେକ୍ଷା କରି ରହିଥିଲା ।

## —ଅବସାଦ—

ଜୟୀକୃଷ୍ଣ ରାଜଗୁରୁ ଏକମାତ୍ର ବ୍ୟକ୍ତି ଯେ କି ସେତେବେଳେ ଖୋରଧାରାଜାଙ୍କୁ ଉତ୍କଳର ଶାସକ ଭାବରେ ପୁନଃ ପ୍ରତିଷ୍ଠିତ କରି ଦେଶର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବାକୁ ପ୍ରଗାଢ଼ ଉଦ୍ୟମ ଚଳାଇ ଥିଲେ । ସେ ଏହି ଜାଗରଣରେ ଯେପରି ପରିଶ୍ରମ କରି ଥିଲେ ସେପରି ସଫଳତା ଲାଭ କରିବେ, ଏଥିରେ ଘୋର ସନ୍ଦେହଥିଲା । କାରଣ ଦେଶର ଅବସ୍ଥା ଏପରି ଥିଲା ଯେ ଜନସାଧାରଣ ଏକ ହତାଶଭାବ ପୋଷଣକରି ହତୋତ୍ସାହ ହୋଇ ପଡ଼ିଥିଲେ । ଏ ପରିସ୍ଥିତିରେ ଜୟୀ ରାଜଗୁରୁ ନିଜର ବିଫଳତାରେ ଅତି ହତାଶ ହୋଇ ଦୟାନଦୀରେ ଆତ୍ମବିସର୍ଜନ କରିବା ସ୍ଥିର କରିଥିଲେ ।

ବେଗୁନିଆପଦା ସେତେବେଳେ ଏକ ସାମନ୍ତଙ୍କର ବସତି-ଥିଲା ଓ ସେ ବରୁଣାଇ ଗଡ଼କୁ ରକ୍ଷା କରିବାର ଦାୟିତ୍ୱରେ ଥିଲେ । ସେ ବରୁଣାଇ ଗଡ଼କୁ ରକ୍ଷା କରିବା ଦିଗରେ ଯେପରି ତତ୍ପର ହେବା ଉଚିତ ସେପରି ଆଚରଣ କରି ନ ଥିଲେ । ଏଥିପାଇଁ ଜୟୀ ରାଜଗୁରୁଙ୍କ ମନରେ ବଡ଼ କ୍ଷୋଭ ଜାତ ହୋଇଥିଲା । ସେତେବେଳକୁ ପୁରୀର ସେବାୟତମାନେ ମରହଟ୍ଟା ଶାସନରେ ସନ୍ତୁଷ୍ଟ ରହି ଜଗନ୍ନାଥ ମନ୍ଦିରକୁ ଘେରି ରହିଥିଲେ । ଏପରି

ଅବସ୍ଥାରେ ସେ ଜାଗରଣର ସଫଳତା ଲକ୍ଷ୍ୟ କରି ଆତ୍ମହତ୍ୟା କରିବାକୁ ଉଦ୍ୟମ କଲାବେଳେ ବରୁଣାଇ ଠାକୁରାଣୀ ତାହାଙ୍କୁ ରକ୍ଷା କରିଥିଲେ ବୋଲି ପ୍ରବାଦ ପ୍ରଚଳିତ ଅଛି । ପରେ ସେ ବରୁଣାଇ ଦେବୀଙ୍କ ନିକଟରେ ଆପଣାର ସଫଳତା କାମନାରେ ବହୁବର୍ଷ ସାଧନା କରିଥିଲେ ଓ କଠୋର ତପସ୍ୟାରେ ସିଦ୍ଧି ଲାଭ କରିଥିଲେ । ଉକ୍ତ ସିଦ୍ଧିଲାଭ ସମ୍ପର୍କରେ ଏକ ରହସ୍ୟଜନକ କିମ୍ବଦନ୍ତୀ ଶୁଣାଯାଏ ।

## — ଶକ୍ତିଲାଭ ଓ ଖୋରଧା ମେଳ —

ଜୟୀକୃଷ୍ଣ ରାଜଗୁରୁ ସମରସାଧନା ନିମନ୍ତେ ଏକପାଦରେ ଦଣ୍ଡାୟମାନ ହୋଇ ଶତଚଣ୍ଡୀ ବ୍ରତ କରୁଥିଲେ ଓ ଯେଉଁ ଦିନ ତାଙ୍କର ବ୍ରତ ଶେଷ ହେବାର ଥିଲା, ସେଦିନ ଦେବୀ ବରୁଣାଇ ତାଙ୍କୁ ନାନା ଭୟ ପ୍ରଦର୍ଶନପୂର୍ବକ ପରୀକ୍ଷା କରି ପରିଶେଷରେ ବର ଦେବାପାଇଁ ଇଚ୍ଛା ପ୍ରକାଶ କଲେ । ରାଜଗୁରୁ ଇଚ୍ଛା କରିଥିଲେ ନିଜର ସୁଖସମୃଦ୍ଧି ନିମନ୍ତେ ଯେକୌଣସି ବର ମାଗିପାରିଥାନ୍ତେ; ମାତ୍ର ସେ ବରପ୍ରାର୍ଥନା କଲେ, "ଯେତେବେଳେ ମୁଁ ପ୍ରାର୍ଥନା କରିବି ସେତେବେଳେ ଆପଣ ଖୋରଧାରାଜାଙ୍କ ସପକ୍ଷରେ ନିଜେ ଯୁଦ୍ଧ କରିବେ ।" ଏହି ବରପ୍ରାପ୍ତିରେ ସେ ସଫଳତା ଲାଭ କରି ରାଜାଙ୍କୁ କହିଁଭି ଅଭୟବାଣୀ ପ୍ରଦାନ କରି ସ୍ୱାଧୀନତାରକ୍ଷା ପାଇଁ ଉଦ୍ୟମ ଚଳାଇଲେ ।

ସେତିକିବେଳେ ଇଂରେଜ ବା ବ୍ରିଟିଶ ଶକ୍ତିର ଆବିର୍ଭାବ ହୋଇଥିଲା ଓ ଜୟୀକୃଷ୍ଣଙ୍କୁ ଆପଣାର ପ୍ରତିଭା ଦେଖାଇବାର ସୁଯୋଗ ମିଳିଥିଲା । ଜୟୀକୃଷ୍ଣ ଏହି ସମୟରେ ପୁରୀରେ ଅବସ୍ଥାନ

କରି ଦେଶର ଅବସ୍ଥା ଲକ୍ଷ୍ୟ କରୁଥିଲେ ଓ ପୁରୀର ଅଖଡ଼ାମାନଙ୍କରେ ଆପଣାର ପ୍ରଭାବ ପକାଉଥିଲେ ।

## —ବିଦେଶୀ ଶାସନର ପ୍ରତିରୋଧ—

ଏହି ସମୟରେ ଜଣାଯାଇଥିଲା ଯେ, ନିକଟରେ ଇଂରେଜମାନେ ଓଡ଼ିଶା (ଖୋରଧା) ଦଖଲ କରିବେ । ମରହଟ୍ଟା ସରଦାରମାନେ ମରହଟ୍ଟା ସରକାରକୁ ଖାତିର ନ କରି ଦେଶର ରାଜକୀୟ ଅନୁଷ୍ଠାନମାନଙ୍କୁ ଅକ୍ତିଆର କରି ରଖିଥିଲେ । ରଘୁନାଥ ଶେଷଦ୍ରୀ, ଭୂପ ସିଂହ ବାରବାଟୀ ଦୁର୍ଗକୁ ଆପଣାର କବଳରେ ରଖିଥିଲେ ଓ ଦେଶର ଅରାଜକତାକୁ ଅପେକ୍ଷା କରୁଥିଲେ । ଏହି ସମୟରେ ୧୭୯୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ମଧ୍ୟଦେଇ ସୈନ୍ୟ ନେବାପାଇଁ ଅନୁମତି ଆଣିବା ନିମନ୍ତେ ନାଗପୁର ଯିବା କଥା ପ୍ରକାଶ ପାଇଲା । ଜୟୀ ରାଜଗୁରୁ ଏହି ସମ୍ବାଦ ପୂର୍ବରେ ପାଇଲେ ଓ ଏହା ଯେପରି ନ ହୋଇପାରେ ସେଥିପାଇଁ ବ୍ୟାକୁଳ ହୋଇ ନାଗପୁର ଯିବାର ଆୟୋଜନ କଲେ । ବହୁ ଚେଷ୍ଟାରେ ଜନୈକ ମରହଟ୍ଟା ବ୍ୟକ୍ତି ସୋମଜୀଙ୍କୁ ପୁରୀ ସହରର ବାସଭୂମି ଖଣ୍ଡିକ ବଦଳ ଦେଇ ତାହାଙ୍କଠାରୁ ଗୋଟିଏ ଟଟୁ ନେଇ ନାଗପୁର ଯାତ୍ରା କଲେ । ତାହାଙ୍କ ବାସଗୃହଟି କୁଣ୍ଡାଇବେଣ୍ଟ ସାହିର ବକ୍ସି-ନଅର ପାଖରେ ଥିଲା । ଉକ୍ତ ମରହଟ୍ଟା ପରିବାର 'ଜୀ' ଏବେ ମଧ୍ୟ ପୁରୁଷାନୁକ୍ରମେ ଏଠାରେ ବାସ କରୁଥିବା ଜନମୁଖରୁ ଜଣାପଡ଼େ । ସେ ଯାହା ହେଉ, ରାଜଗୁରୁ ଗୋଟିଏ ଟଟୁ ଓ ନରୋତ୍ତମ ଦାସଙ୍କଠାରୁ କିଛି ଅର୍ଥ ଗ୍ରହଣ କରି ନାଗପୁର ଯାତ୍ରା କଲେ । ସେତେବେଳେ ଯଦି ଖୋରଧା ରାଜା ତାଙ୍କୁ ଯଥୋଚିତ ସାହାଯ୍ୟ ଦେଇଥାନ୍ତେ, ତେବେ ସେ କିଛି କୃତକାର୍ଯ୍ୟ ହୋଇ-

ପାରିଥାନ୍ତେ; ମାତ୍ର ରାଜବଂଶର ଦୁରବସ୍ଥାରୁ ତାହା ସମ୍ଭବ ହୋଇପାରିଲା ନାହିଁ । ରାଜଗୁରୁ ପହଞ୍ଚିବା ପୂର୍ବରୁ ଦ୍ୱିତୀୟ ରଘୁଜୀ ଭୌଁସଲାଙ୍କଠାରୁ ଇଂରେଜମାନେ ସୈନ୍ୟ ନେବାର ହୁକୁମନାମା ପ୍ରାପ୍ତ ହୋଇଥିଲେ; ତେଣୁ ରାଜଗୁରୁ ହତାଶ ହୋଇ ଖୋରଧା ଫେରି ଆସିଲେ । ୧୭୯୮ ରେ ବ୍ରିଟିଶ ସୈନ୍ୟ କଲିକତାରୁ ଓଡ଼ିଶା ଦେଇ ମାନ୍ଦ୍ରାଜ ଯାତ୍ରା କଲେ । ଏହି ଅବସରରେ ଓଡ଼ିଶାର ଶେଷ ସ୍ୱାଧୀନତା-ସଂଗ୍ରାମ ପାଇଁ ବିଧିବଦ୍ଧ ଆୟୋଜନ ହୋଇଥିଲା ଓ ଜୟକୃଷ୍ଣ ରାଜଗୁରୁ ବରୁଣାଇ ଗଡ଼ରେ ରହି ବହୁ ବାଧାବିଘ୍ନ-ମଧ୍ୟରେ ସମସ୍ତ ବ୍ୟବସ୍ଥା କରୁଥିଲେ । ସେ ସେଠାରେ ଶେଷ ସମରକୁ ଅପେକ୍ଷା କରିଥିଲେ । ଦୈବାନୁକୂଲ୍ୟର ସୁଯୋଗ ମଧ୍ୟ ଶୀଘ୍ର ଦେଖାଦେଲା । ରଘୁଜୀ ଭୌଁସଲା ମରହଟ୍ଟା ଶାସକରୂପେ ବହୁ ସୈନ୍ୟଙ୍କର ଅଧୀଶ୍ୱର ଥିଲେ ମଧ୍ୟ ଓଡ଼ିଶାପ୍ରତି ତାଙ୍କର ବିଶେଷ ଦୃଷ୍ଟି ନ ଥିଲା । ତାଙ୍କର ଏପରି ଦୁର୍ବଳତାର ସୁଯୋଗ ନେଇ ୧୮୦୩ ମସିହା ସେପ୍ଟେମ୍ବର ମାସରେ କର୍ଣ୍ଣେଲ ହାରକଟ୍ ନାମକ ସେନାପତି ଓଡ଼ିଶା ଦଖଲ ନିମନ୍ତେ ବାହାରିଲେ । ଏହି ସମ୍ବାଦ ବରୁଣାଇ ଗଡ଼ରେ ପହଞ୍ଚିଲା । ଜୟକୃଷ୍ଣ ଏଥିରେ ବିଚଳିତ ନ ହୋଇ ଗୋଟିଏ ସ୍ଥାନରେ ଇଂରେଜଙ୍କୁ ପରାସ୍ତ କରି ଦେଶରୁ ତଡ଼ିଦେବା ମାନସରେ ଜଗନ୍ନାଥ ମନ୍ଦିରର ତତ୍କାଳୀନ ଶାସକ-ପ୍ରତିନିଧି କୃଷ୍ଣଚନ୍ଦ୍ର ପଟ୍ଟଯୋଶୀ ମହାପାତ୍ରଙ୍କୁ ଜଣାଇଲେ, "ବ୍ରିଟିଶ ଯଦି ଆସନ୍ତି, ତାଙ୍କୁ ପ୍ରତିରୋଧ ନ କରି ତାଙ୍କ ସଙ୍ଗେ ମିତ୍ରତା ସ୍ଥାପନ କରି ତାଙ୍କୁ ଖୋରଧା ଅଡ଼କୁ ବଳାଇଦେବେ । ସେମାନେ ପୁରୀରୁ ପଳାଇଗଲେ ପୁରୀର ଘାଟମାନଙ୍କୁ ଜଗିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ । ଯେପରିକି ପୁରୀ ଅଡ଼ୁ ଦ୍ୱିତୀୟ ବାହିନୀ ଖୋରଧା ଅଡ଼େ ଆସି ପାରିବ ନାହିଁ ।" ଏହିରୂପେ

ଇଂରେଜଙ୍କୁ ପରାସ୍ତ କରିବାକୁ ଯେତେ ବ୍ୟବସ୍ଥା ଓ ଷଡ଼ଯନ୍ତ୍ର କଲେ ମଧ୍ୟ ସେସମସ୍ତ ପଣ୍ଡ ହୋଇଗଲା ।

ପିପିଲି ନିକଟସ୍ଥ ଦାଣ୍ଡମୁକୁନ୍ଦପୁରଠାରେ ଦିଗମ୍ବର ଭୂୟାଁଙ୍କର ପୁରୀଆଡ଼ୁ ଆସୁଥିବା ବାହିନୀକୁ ପ୍ରତିହତ କରିବାର ଏକ ଯୋଜନା ନାନା କାରଣରୁ ସଫଳ ହୋଇପାରି ନ ଥିଲା । ଫଳତଃ ବ୍ରିଟିଶ ବାହିନୀ ପୁରୀରେ ସେବାୟତମାନଙ୍କ ଦ୍ୱାରା ଅଭିନନ୍ଦିତ ହୋଇ କ୍ରମେ କଟକ ଆଡ଼କୁ ମାଡ଼ି ଚାଲିଲେ; କିନ୍ତୁ ରାଜଗୁରୁ ଖୋରଧା ଅଞ୍ଚଳକୁ ବହୁ ସମୟ ଧରି ଅପରାଜିତ ରଖି ପାରିଥିଲେ । ସେ ମନେ କରିଥିଲେ, ପୁରୀରେ ବ୍ରିଟିଶ ସୈନ୍ୟଙ୍କୁ ଅଭିନନ୍ଦନ ଦେଇ ଆଦର ସମ୍ମାନ ଦେଖାଇଲେ ସେମାନେ ଖୋରଧାରାଜାଙ୍କୁ ଲେମ୍ବାଇ ପ୍ରଭୃତି ମାହାଲ ଜମିମାନ ଫେରାଇଦେବେ । ତଦ୍ଦ୍ୱାରା ନିଜର ବଳ ବଢ଼ିଯିବ ଓ ପରେ ପ୍ରତିରୋଧ କରିବାକୁ ସୁଯୋଗ ମିଳିବ । ମାତ୍ର ତାଙ୍କର ସମସ୍ତ ଆଶା ବିଫଳ ହେଲା । ସେ ପୁନଶ୍ଚ ହତାଶ ହେଲେ; କାରଣ ବ୍ରିଟିଶ, ଜଗନ୍ନାଥ ମନ୍ଦିରର ପରିଚାଳନା ସ୍ୱତନ୍ତ୍ରଭାବେ ଆପଣା ହାତକୁ ନେବାର ବ୍ୟବସ୍ଥା କଲେ । ବିଧର୍ମୀମାନଙ୍କର ଜଗନ୍ନାଥ ମନ୍ଦିରରେ ଅଧିକାର ସେ ସହ୍ୟ କରି ନ ପାରି ପୁରୀକୁ ଚାଲିଆସି ପ୍ରବଳ ପ୍ରତିରୋଧର ଆୟୋଜନ କରିବାକୁ ଲାଗିଲେ ।

ଏସମସ୍ତ ସତ୍ତ୍ୱେ କେବଳ ଖୋରଧା ଅଞ୍ଚଳର ଜାଗରଣ ଉପରେ ସେ ବିଶେଷ ଲକ୍ଷ୍ୟ ରଖିଥିଲେ ଓ ଅତି ଚତୁରତାର ସହିତ ସମସ୍ତ ପାଇକଦଳଙ୍କୁ କରାୟତ୍ତ କରିପାରିଥିଲେ । ସେ ପ୍ରଥମେ ନିଜର ସଂଗଠନ ମଧ୍ୟରେ ଦେଙ୍ଗଟାଙ୍ଗିକୁ ଯୁଦ୍ଧଭୂମି କରିବାକୁ ବାଛିଥିଲେ । ଖୋରଧାଗଡ଼ର ଉତ୍ତରକବାଟ

ଯୋଗୀନାଥ ହରିଚନ୍ଦନଙ୍କ ସାହଚର୍ଯ୍ୟରେ ଯୁଦ୍ଧକ୍ଷେତ୍ରର ଗୋଟିଏ ନକ୍ସା ପ୍ରସ୍ତୁତ କରାଇ, କିପରି ଇଂରେଜଙ୍କ ଉପରେ ଯୁଦ୍ଧ କରିବାକୁ ହେବ, ସେ ତାହାର ଏକ ଯୋଜନା ପ୍ରସ୍ତୁତ କରିଥିଲେ । ପରେ ମଙ୍ଗରାଜ ବଂଶର ରାମକୃଷ୍ଣ ମଙ୍ଗରାଜଙ୍କ ସାହାଯ୍ୟରେ ପାଇକ ଓ ସାମନ୍ତ ସଂଗଠନ ଆରମ୍ଭ କଲେ । ବଢେଇଠାଙ୍ଗି ତାଙ୍କର ପ୍ରଥମ ମିଳନସ୍ଥଳ ହେଲା । ସେଠାରେ ସେ ବାଜିରବନ୍ଧୁ ହରିଚନ୍ଦନଙ୍କ ସାହାଯ୍ୟ ପାଇଲେ, ଯାହା କି ତାଙ୍କର ଯୁଦ୍ଧସଜ୍ଜାକୁ ବହୁ ବଳିଷ୍ଠ କରିଥିଲା । ବାଜିରବନ୍ଧୁ ହରିଚନ୍ଦନ ଖୋରଧାରାଜାଙ୍କର ପ୍ରଧାନ ଥିଲେ ଓ ବେହେରାପଧାନ ତାଙ୍କର ପଦବୀ ଥିଲା । ସେ ରାଜାଙ୍କର ପ୍ରତିଷ୍ଠା ରକ୍ଷା କରିବା ନିମନ୍ତେ ପ୍ରାଣପାତ ଉଦ୍ୟମ କରିଥିଲେ ଓ ସେହି ଉଦ୍ୟମ ଫଳରେ ସାମନ୍ତମାନେ ସଂଗଠିତ ହୋଇଥିଲେ । ପ୍ରାଣପଣେ ଖୋରଧାକୁ ଇଂରେଜ-କବଳରୁ ରକ୍ଷା କରିବା ନିମନ୍ତେ ଜୟୀ ରାଜଗୁରୁଙ୍କ ସଂଗଠିତ ଦଳ ସାମନ୍ତ-ମେଳପାଇଁ ଜୀବନ ପଣ କରି ବାହାରିଲେ ।

ସେତେବେଳେ ପଦ୍ମନାଭପୁର ବେହେରାପଧାନ ଓ ହରିଡ଼ାମଡ଼ା ବିଶୋଇ ଅପେକ୍ଷାକୃତ ଧନୀ ଥିଲେ । ବହୁ ସମ୍ପତ୍ତି ସେମାନଙ୍କ ଅଧୀନରେ ଥିଲା । ସେମାନେ ତାହା ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଚେଷ୍ଟିତ ଥିଲେ । ରାଜାଙ୍କ ଅବସ୍ଥା ଓ ମରହଟ୍ଟାମାନଙ୍କ ଅତ୍ୟାଚାର ଦେଖି ସେମାନେ ଆପଣାର ସୁଖସମୃଦ୍ଧି ପାଇଁ ଇଂରେଜ ଶାସନର ବିରୋଧ କରିବାକୁ ଇଚ୍ଛୁକ ନ ଥିଲେ । ଜୟୀ ରାଜଗୁରୁ ଏଭଳି ସମ୍ବାଦ ପାଇ ହରିଡ଼ାମଡାରେ ପହଞ୍ଚିଲେ ଓ ଗୁପ୍ତବେଶରେ ବିଶୋଇଙ୍କ ଗୃହ ନିକଟସ୍ଥ ମନ୍ଦିରରେ ଅବସ୍ଥାନ କଲେ । ଜଣେ କିଏ ପଣ୍ଡିତ ମନ୍ଦିରରେ ରହୁଛନ୍ତି ବୋଲି ପ୍ରଚାରିତ ହେଲା; ତେଣୁ ତାଙ୍କ ପାଖକୁ ଲୋକେ ଆସିବାକୁ ଲାଗିଲେ । ରାଜଗୁରୁ ସେହି

ସୁଯୋଗରେ ନିଜକୁ ଜଣେ ଭାଗବତ-ପାଠକ ବୋଲି ପରିଚୟ ଦେଲେ । ବିଶୋଇଙ୍କର ଭାଗବତପାଠରେ ଅତ୍ୟଧିକ ଶ୍ରଦ୍ଧା ଥିଲା । ସେ ପ୍ରତ୍ୟହ ଅଖଡ଼ାକୁ ଆସି ଭାଗବତ ଶୁଣୁଥିଲେ, ତେଣୁ ରାଜଗୁରୁଙ୍କୁ ଭାଗବତ ପଢ଼ିବାପାଇଁ ଆମନ୍ତ୍ରଣ କଲେ । ରାଜଗୁରୁ ଏହି ସୁଯୋଗରେ ନିଜର ଅସାଧାରଣ ପାଣ୍ଡିତ୍ୟବଳରେ ଅପୂର୍ବ ପ୍ରେରଣା ଓ ଉତ୍ସାହ ଦେଇ, ନିରର୍ଥକ ସଂସାରରେ ନ୍ୟାୟ ଏକମାତ୍ର ଧର୍ମ ବୋଲି ଏପରି ବୁଝାଇଲେ ଯେ, ବିଶୋଇ ତାହାଙ୍କର ଶିଷ୍ୟତ୍ୱ ନେବାକୁ ଅନୁରୋଧ କଲେ । ଦୀକ୍ଷାପ୍ରଦାନର ଶୁଭ ମୁହୂର୍ତ୍ତରେ ଯେତେବେଳେ ଗୁରୁଦକ୍ଷିଣା ଦେବାକୁ ଶିଷ୍ୟ ପ୍ରାର୍ଥନା କରନ୍ତି, ସେତେବେଳେ ରାଜଗୁରୁ ଖୋରଧାର ସ୍ୱାଧୀନତା ପାଇଁ ତ୍ୟାଗ କରିବାକୁ ଅନୁରୋଧ କରି ଆପଣାର ପରିଚୟ ଦେଲେ । ସେହି ସମୟଠାରୁ ବିଶୋଇ ଆଉ ଘରକୁ ଲେଉଟି ନାହାନ୍ତି । ବିଶୋଇ ମେଳରେ ଯୋଗ ଦେବାରୁ ମେଣ୍ଢାଶାଳ ସାମନ୍ତରାୟ ବଂଶ ସକଳ ଧନଜନ ଘେନି ଖୋରଧାରେ ଯୋଗ ଦେଲେ । ଖୁବ୍ କମ୍ ସମୟ ମଧ୍ୟରେ ବେଙ୍ଗଠାଙ୍ଗି ଉଆସରେ ଶେଷ ସ୍ୱାଧୀନତା-ଯୁଦ୍ଧର ଆୟୋଜନ ହୋଇଗଲା । ଯୁଦ୍ଧ ବିଭାଗର ପରିଚାଳନା ଭାର ନେବାପାଇଁ ଯୋଗ୍ୟତମ ବ୍ୟକ୍ତିର ନିର୍ବାଚନ ହେଲାବେଳକୁ ଏକ ଅବସାଦ ଦେଖାଦେଇଥିଲା । ବଢେଇଠାଙ୍ଗି ପାଇକରାୟ, ଯେ କି ସମସ୍ତ ଯୁଦ୍ଧବିଦ୍ୟାରେ ସୁନିପୁଣ ଥିଲେ, ସେ ସାମାନ୍ୟ ମତଭେଦ ହେତୁ କିଛିଦିନ ପୂର୍ବରୁ ଢେଙ୍କାନାଳ ଚାଲିଯାଇଥିଲେ ଓ ସେଠାର ମେଳରେ ନାୟକ-ପଦବୀ ଗ୍ରହଣ କରିଥିଲେ । ଏହି କାରଣରୁ ଉପଯୁକ୍ତ ଜଗସେନାପତି ନିର୍ବାଚନରେ ସାମାନ୍ୟ ବିଳମ୍ବ ହେଲା । ପାଇକରାୟ ସମ୍ବାଦ ପାଇ ଢେଙ୍କାନାଳରୁ ଆସିବାବେଳକୁ ବକ୍ସିଙ୍କ ପ୍ରବଳ ପରାକ୍ରମରେ ମେଳର ପ୍ରତିରୋଧ ଆରମ୍ଭ ହୋଇ ଯାଇଥିଲା ।

ମେଳର ସମସ୍ତ ଆୟୋଜନ ହୋଇସାରିବାପରେ ସୈନ୍ୟ-ନିବେଶ ଦୁଇ ଭାଗରେ ବିଭକ୍ତ ହେବାର ସ୍ଥିର ହେଲା । ଗୋଟିଏ ଦଳ ଗଙ୍ଗପଡ଼ାଠାରେ ସଜ୍ଜିତ ଭାବରେ ରହିବେ, ଯେପରି କି ଇଂରେଜ ବାହିନୀ ତାହାକୁ ସୈନ୍ୟସମଷ୍ଟି ବୋଲି ଭାବିନେବ । ଦ୍ୱିତୀୟ ବାହିନୀରସୈନ୍ୟ ଯେ କି ଛକିକରି ଯୁଦ୍ଧ କରିବେ, ସେମାନେ ମୁଖ୍ୟ ହେବେ ଓ ଗଡ଼ମଧ୍ୟରେ ଶତ୍ରୁ ପ୍ରବେଶକୁ ପ୍ରବଳ ବାଧା ଦେବେ । ଏହି କଠୋର କାର୍ଯ୍ୟ ପାଇଁ ଖୋରଧା ଅଞ୍ଚଳର ପାଇକମାନେ ସୁଦକ୍ଷ ନ ଥିଲେ, କାରଣ ସେମାନେ ସମ୍ମୁଖ-ଯୁଦ୍ଧରେ ଅପେକ୍ଷାକୃତ ନିପୁଣ ଥିଲେ । କିନ୍ତୁ ଏହି ବିଷମ ପରିସ୍ଥିତିରେ କୁଜଙ୍ଗର ପାଇକରାୟ, ଯେ କି କନ୍ଧରାଜା ବୋଲି ବିଦିତ, ସେ ଆପଣାର ଅନ୍ନଦାତାଙ୍କୁ ରକ୍ଷା କରିବାପାଇଁ ଛେକା ସୈନ୍ୟମାନଙ୍କୁ ଖୋରଧା ପଠାଇ ଦେଇ ନିଜେ ଯୁଦ୍ଧରେ ଯୋଗ ଦେବେ ବୋଲି ରାଜଗୁରୁଙ୍କ ନିକଟକୁ ସମ୍ବାଦ ପଠାଇଲେ । ଏଥିରେ ରାଜଗୁରୁଙ୍କ ମନ ଅତ୍ୟନ୍ତ ଆନନ୍ଦିତ ହୋଇଗଲା । ବ୍ରିଟିଶ ବାହିନୀ ଖୋରଧା ପ୍ରବେଶ କରିବାର ଅଳ୍ପ ଦିବସ ପୂର୍ବରୁ ସମସ୍ତ ବ୍ୟବସ୍ଥା ସୁଶୃଙ୍ଖଳ କରି ସେ ପୁରୀ ଆସିଲେ ।

ରାଜଗୁରୁଙ୍କର ପୁରୀକୁ ଏହି ଶେଷ ଆଗମନର ଉଦ୍ଦେଶ୍ୟ ଥିଲା, ଜଗନ୍ନାଥ ମନ୍ଦିରକୁ ବିଦେଶୀ କବଳରୁ ରକ୍ଷା କରିବା । ପୁରୀସହରର ବାସିନ୍ଦାମାନଙ୍କର ଏହି କର୍ତ୍ତବ୍ୟରେ ପ୍ରଧାନ ଭାଗ ଅଛି, ଏହା ସୁଝିବା ଓ ଆବଶ୍ୟକୀୟ ବିଧାନ କରିବାପାଇଁ ସେ ପୁରୀ ଆସିଥିଲେ । ସେଠାରେ ପହଞ୍ଚିବାପରେ ସେ ସାହି-ନାୟକମାନଙ୍କୁ ଡକାଇ ଜଗନ୍ନାଥମନ୍ଦିରକୁ ରକ୍ଷା କରିବା ନିମନ୍ତେ ଆଦେଶ ପ୍ରଦାନ କରାଇଲେ । ଜଗନ୍ନାଥମନ୍ଦିର ଶେଷ ପର୍ଯ୍ୟନ୍ତ ଗଜପତିଙ୍କର ବୋଲି ଯେପରି

ସୁରକ୍ଷିତ ହେବ, ତାହାର ସମସ୍ତ ବ୍ୟବସ୍ଥା କରାଗଲା । ପୁରୀ ସହରର ମୁଖ୍ୟ ତୋରଣ ନିକଟରେ ବଳିଷ୍ଠ ପ୍ରହରୀ ରଖାଗଲା ଓ ଗଣେଶ ଗୁରୁଙ୍କର କ୍ଷୁଦ୍ର ବାହିନୀ ଏହି ଦ୍ୱାର ରକ୍ଷା କରିବାରେ ନିଯୁକ୍ତ ହେଲେ । ବାଲିସୁନ୍ଦରାଙ୍କ ଅଧିନସ୍ଥ ବାହିନୀ ସୁନ୍ଦରଯାଗା ନାମକ ଛାଉଣି ସ୍ଥାପନ କରି ପୂର୍ବଦିଗ ରକ୍ଷା କଲେ । ଏହିପରି ପାଞ୍ଚ ସାହିର ସାହିନାୟକ, ସାହିଭେଣ୍ଟିଆମାନଙ୍କ ଦ୍ୱାରା ଛତିଶା-ନିଯୋଗନାୟକ ପଟ୍ଟଯୋଷୀ ମହାପାତ୍ରଙ୍କ ଅଧୀନରେ ମନ୍ଦିର ରକ୍ଷାର ସମସ୍ତ ବିଧାନ କରିଥିଲେ । ଖୋରଧା ଫେରିଯିବାକୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଅତି ଅତୁର ବାକ୍ୟାବଳିଦ୍ୱାରା ପ୍ରଭୁଙ୍କର କୃପାପ୍ରାର୍ଥୀ ହୋଇଥିଲେ । ବିମଳାଙ୍କର ମାଙ୍ଗଳିକ ମାଜଣା କରିବା ନିମନ୍ତେ କେତେକ ବଛା ବଛା ପାଇକ ଯୋଦ୍ଧାଙ୍କର ଅସ୍ତ୍ରଶସ୍ତ୍ର ନେଇ ମାଜଣା ଆରମ୍ଭ କଲେ । ଆବଶ୍ୟକୀୟ ପୂଜାଦି ବଢ଼ିବାପରେ କ୍ଷୁଦ୍ର ବାହିନୀ ଜଗନ୍ନାଥ ମନ୍ଦିରର ଦ୍ୱାରଦେଶରୁ ଶୁଭଯାତ୍ରା କରି ବଡ଼ଦାଣ୍ଡରେ କିଛି ବାଟ ଯାଇ ଯେଉଁଠାରେ ବିଶ୍ରାମ କରିଥିଲେ, ସେଠାରେ ଏବେ ମାଜଣା-ଛାଉଣି ନାମରେ ଯେଗା ଅବସ୍ଥିତ । ଛାଉଣିରେ ମଙ୍ଗଳ ବାହିନୀକୁ ରଖି ରାଜଗୁରୁ ଧନ ଓ ଖାଦ୍ୟଦ୍ରବ୍ୟ ଖୋରଧା ପଠାଇବା ନିମନ୍ତେ ସେଠାରେ କେତେକ ଦିନ ରହିବାକୁ ସ୍ଥିର କଲେ । ବରୁଣାଇ ଗଡର ସୈନ୍ୟମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ମନ୍ଦିରର ସୁପକାରମାନଙ୍କ ମଧ୍ୟରୁ କେତେକଙ୍କୁ ନେବାପାଇଁ ଉଦ୍ୟମ କରିବା ଏହି ରହଣିର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ।

## —ବିପ୍ଳବପଥେ—

ଜୟକୃଷ୍ଣ ରାଜଗୁରୁଙ୍କର ଏହି ପୁରୀରହଣି ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେ ପୁରୀର ସେବାୟତ ଓ ମଠାଧୀଶମାନଙ୍କୁ ବିଧର୍ମୀ

ଶାସନର ପ୍ରବଳ ପ୍ରତିରୋଧ କରିବାକୁ ପ୍ରବର୍ତ୍ତାଇଲେ । ଏହି ସମୟରେ ୧୨୧୧ ସାଲ ବିଜୟାଦଶମୀ ବା ଦଶହରା ଦିନ ସେ ଶୁଣିପାରିଲେ ଯେ, ମୁକୁନ୍ଦ ଦେବ କୌଣସି ହୁକୁମନାମା ଦେଇ-ପାରିବେ ନାହିଁ ବୋଲି ବ୍ରିଟିଶ ସରକାର ଆଦେଶ ଦେଇଛନ୍ତି ଏଥିରେ ରାଜଗୁରୁଙ୍କ ମନ ଅତ୍ୟନ୍ତ ବିଦ୍ରୋହୀ ହୋଇ ଉଠିଲା ସେ ତତ୍‌କ୍ଷଣାତ୍ ପଞ୍ଚଯୋଷୀ କୃଷ୍ଣଚନ୍ଦ୍ରଙ୍କ ସାହଚର୍ଯ୍ୟରେ ପାଞ୍ଚଶ-ପାଇକଙ୍କୁ ନେଇ ପିପିଲିଠାରେ ଥିବା ଇଂରେଜସୈନ୍ୟଙ୍କ ଉପରେ ଚଢ଼ାଉ କଲେ । କଥିତ ଅଛି, ଦାଣ୍ଡମୁକୁନ୍ଦପୁରଠାରେ ଭୀଷଣ ସଂଘର୍ଷ ହେଲା । ବହୁ ଇଂରେଜ କର୍ମଚାରୀ ପ୍ରାଣ ହରାଇଲେ ଓ ସେଠାରୁ ବହୁ ଅସ୍ତ୍ରଶସ୍ତ୍ର, ପ୍ରଚୁର ଅର୍ଥ ରାଜଗୁରୁଙ୍କ ହାତରେ ପଡ଼ିଲା । ସେସମସ୍ତ ନେଇ ଗଡ଼ବେଗୁନିଆପଦା ଦେଇ ସେ ବରୁଣାଇ ଗଡ଼ରେ ପହଞ୍ଚିଲେ । ସେଠାରେ ରାଜା ଓ ବକ୍ସିଙ୍କ ସଙ୍ଗେ ତାହାଙ୍କର ଯୋଗ ହେବାରୁ ସଂଗଠନ ଦୃଢ଼ତର ହୋଇଥିଲା ଓ କରଦ ସାମନ୍ତମାନେ ଉକ୍ତ ଅନ୍ତିମ ବିପ୍ଳବରେ ଯୋଗ ଦେଲେ ।

ବୀରଦେଶ ଭାବରେ ଓଡ଼ିଶାର ଯେଉଁ ଟିକକ ଅସ୍ତିତ୍ୱ ଅବଶେଷ ଥିଲା ତାହା ଏହି ଯୁଦ୍ଧରେ ଶେଷ ହେବ, ଏହା ଜାଣି ମଧ୍ୟ ରାଜଗୁରୁ ନିଜେ ବୀରବେଶରେ ସମସ୍ତ ପାଇକ ଦଳକୁ ଛିନ୍ନ କରି ବରୁଣାଇ ଗଡ଼ରେ ମରଣକୁ ଅପେକ୍ଷା କରି ରହିଲେ ଏହିଠାରେ ଗୋଟିଏ ବିଶେଷ ଘଟନା ଘଟିଥିବା ପ୍ରକାଶ, ଯାହା କି ତାଙ୍କର ଅଦ୍‌ଭୁତ ସାହସ ଓ ଧର୍ମନିଷ୍ଠାର ପରିଚୟ ଦିଏ ।

ସେତେବେଳେ ଦେଶର ଅବସ୍ଥା ଯାହା ଥିଲା ସେଥିରେ ଖୋରଧାରାଜାଙ୍କର ଦୃଢ଼ ରହିବାର କାରଣ କିଛି ନ ଥିଲା । ଧନବଳ

ମଧ୍ୟ ତାଙ୍କର ଅତି ସାମାନ୍ୟ ଥିଲା । ପୁଣି ଜଗନ୍ନାଥ ମନ୍ଦିର ଓ ସମଗ୍ର ଦେଶ ସଙ୍ଗେ ଯୋଗାଯୋଗ ଆଦୌ ନ ଥିଲା । ମରହଟ୍ଟାମାନଙ୍କୁ ବଳବାନ୍ ମନେ କରି ସେମାନଙ୍କ ସହ ଏକତା ପ୍ରତିଷ୍ଠା ନିରର୍ଥକ ମନେ କରିବାର ଯଥେଷ୍ଟ କାରଣ ଥିଲା । ଏଣେ ଇଂରେଜ ସରକାର ରାଜାଙ୍କୁ ମରହଟ୍ଟାଙ୍କ ପକ୍ଷରେ ଥିବାର ବୃଥା ସନ୍ଦେହ କରି ବନ୍ଦୀକରିବା ନିମନ୍ତେ ପ୍ରବଳ ଚେଷ୍ଟା କରୁଥିଲେ । ଏ ଅବସ୍ଥାରେ କି ଚାଲ ଥିଲା ଯେ, ରାଜା କେବଳ ବରୁଣାଇ ଗଡ଼କୁ ଆଶ୍ରା କରି ବ୍ରିଟିଶର ବିରୋଧ କରିବେ ? ଏହି ଚିନ୍ତାରେ ଭୟାକୁଳ ହୋଇ ରାଜା ଏସମସ୍ତ ଆୟୋଜନକୁ ନିରର୍ଥକ ମନେ କରୁଥିଲେ ଓ ଦିନେ ପ୍ରକାଶ୍ୟରେ ରାଜଗୁରୁଙ୍କ ସମ୍ମୁଖରେ ଏହା ପ୍ରକାଶ କଲେ । ରାଜଗୁରୁ ଏପରି କଥାରେ ଭୀମ ଗର୍ଜନ କରି ଆପଣାର ବାମ ହସ୍ତରେ ଅସ୍ତ୍ରାଘାତ ପୂର୍ବକ କହିଥିଲେ, “ଯେଉଁପର୍ଯ୍ୟନ୍ତ ଏ ଦେହରେ ରକ୍ତ ପ୍ରବାହିତ ହେଉଥିବ ସେପର୍ଯ୍ୟନ୍ତ ଖୋରଧା ରାଜାଙ୍କୁ ମୁଁ ବିଧର୍ମୀ ହସ୍ତରେ ଦେଇପାରିବି ନାହିଁ । ମୁଁ ରାଜବଂଶର ଗୁରୁ, ରାଜ୍ୟର ମନ୍ତ୍ରୀ, ମୋର ଆଦେଶ ବର୍ତ୍ତମାନ ମାନିବାକୁ ହେବ । ଆପଣ ନୀରବରେ ବସିରହନ୍ତୁ, ମୁଁ ମରିଗଲେ ଆପଣ ଆତ୍ମସମର୍ପଣ କରିପାରନ୍ତି ।” ଏହି କଥା ବହୁ ବୃଦ୍ଧବ୍ୟକ୍ତିଙ୍କ ମୁହଁରେ ଏବେ ମଧ୍ୟ ଅବିସମ୍ବାଦିତଭାବେ ରହିଅଛି । ରାଜା ଅନ୍ୟ ଉପାୟ ନ ଦେଖି ଖୋରଧା ଗଡରେ ବସିରହିଲେ ଓ ରାଜଗୁରୁ ଏକାକୀ ସମସ୍ତ ବ୍ୟବସ୍ଥା କରି ଗଡ଼ ରକ୍ଷା କଲେ । ଏହାମଧ୍ୟରେ ଇଂରେଜମାନେ ସୈନ୍ୟ ନେଇ ବରୁଣାଇ ଗଡ଼ ଅବରୋଧ କରିବା ପାଇଁ ଆସିଗଲେ ।

ଇଂରେଜମାନେ ଖୋରଧାରେ ପ୍ରବେଶ କରିବାକୁ ପେଣ୍ଠାଶାଳ ଘାଟି ରାସ୍ତା ଦେଇ ଆସିବାବେଳେ ଭାବିଥିଲେ ଯେ, ଖୋରଧାରେ ପ୍ରବଳ ପ୍ରତିରୋଧର ବ୍ୟବସ୍ଥା ହୋଇଥିବ, ମାତ୍ର ଆସିବାପରେ ପୂର୍ଣ୍ଣ

ସୁପସ୍ଥିତ ବ୍ୟବସ୍ଥା ଦେଖି ମନେ ମନେ ଅତ୍ୟନ୍ତ ଖୁସି ହେଲେ । ଖୋରଧା ସୀମାରେ ମହୁଲ ଗ୍ଲେଟରସ୍ଙ୍କର ଗଡ଼ାବେଷ୍ଟା ପ୍ରତିହାସ୍ଥ ଥିଲେ । ସେ ଇଂରେଜବାହିନୀକୁ ଏପରି ବ୍ୟବହାର ଦେଖାଇଥିଲେ ଯେ ସେହିଠାରୁ ଆଦୌ ପ୍ରତିରୋଧ ହେବ ନାହିଁ ବୋଲି ଇଂରେଜମାନଙ୍କର ଧାରଣା ହୋଇଥିଲା । ତେଣୁ ସେମାନେ ପଲ୍ଟନପଡ଼ିଆରେ ତମ୍ବୁ ପକାଇ ଅନୁସନ୍ଧାନ ନିମନ୍ତେ ଗୁପ୍ତଚର ପଠାଇଥିଲେ ।

ପ୍ରଥମେ ଯେଉଁ ସନ୍ଧାନକାରୀ ଦଳ ଯାଇଥିଲେ, ସେମାନେ ଖୋରଧା ଅଞ୍ଚଳରେ ବୁଲି ଚତୁରିତାର ସହିତ ଅନୁସନ୍ଧାନ କରି ଗଙ୍ଗପଡ଼ା ଅଞ୍ଚଳ ବୁଲି କୌଣସି ସାମରିକ ବ୍ୟବସ୍ଥା ହୋଇ ନାହିଁ ବୋଲି ଜଣାଇଥିଲେ; କାରଣ ବହୁ ସମୟପରେ ଗଙ୍ଗପଡ଼ା ଠାଙ୍ଗିରେ ସୈନ୍ୟ ସମାବେଶ ହୋଇଥିଲା । ସୈନ୍ୟମାନେ ଗଙ୍ଗପଡ଼ା ଠାଙ୍ଗିରେ ଜମିଯିବାପରେ ଇଂରେଜମାନେ ତାହା ଜାଣି ପାରିଲେ ଓ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇ ରହିଲେ । ତଥାପି ଆକ୍ରମଣର ଅବସ୍ଥା ପରିଦର୍ଶନ ନିମନ୍ତେ ଦ୍ୱିତୀୟ ଥର ଗୁପ୍ତଚର-ମାନଙ୍କୁ ପଠାଇଲେ ।

ଗୁପ୍ତଚରମାନେ ଯାଇ ଦେଖିଲେ ଯେ କଂକଣହାର ଜଗଦ୍ଦେବଙ୍କ ତତ୍ତ୍ୱାବଧାନରେ ସାମାନ୍ୟ କେତେକଣ ପାଇକ ଗଙ୍ଗପଡ଼ା ଠାଙ୍ଗିରେ ଅଛନ୍ତି । ସମସ୍ତ ତେଙ୍ଗାଇ ଓ ଗଡ଼ମଧ୍ୟରୁ ମହାମାରବତା ବ୍ୟତୀତ ଅନ୍ୟ କିଛି ପ୍ରତୀୟମାନ ହେଉନାହିଁ । ସେଠାରେ ସେମାନେ ଯନ୍ତ୍ରସାହାଯ୍ୟରେ ଗଡ଼ମଧ୍ୟର ଦୃଶ୍ୟ ଦେଖିଲେ; ମାତ୍ର ଏପରି କୌଶଳରେ ଭିତରର ସମର ସଜ୍ଜା ହୋଇଥିଲା ଯେ, ବ୍ରିଟିଶସୈନ୍ୟମାନେ ମନେ କଲେ, କେବଳ ଗଙ୍ଗପଡ଼ା ଠାଙ୍ଗିରେ ସୈନ୍ୟମାନେ ନାମକୁ ମାତ୍ର ପ୍ରତିରୋଧ ପାଇଁ

ଅଛନ୍ତି । ସେମାନେ ବନ୍ଦୀ ହେଲେ ଦୁର୍ଗ ଅପୃଷ୍ଠପ୍ରୀନ ହୋଇଯିବ । ଦୁର୍ଗର ଅବସ୍ଥିତି ଏହି ଧାରଣାର ପ୍ରତିକୂଳ ଥିଲା ।

ଇଂରେଜ ସୈନ୍ୟମାନଙ୍କର ଅଗ୍ରଗତିରେ ପ୍ରଥମେ ବାଧା ଦେଲେ କୁଜଙ୍ଗ ସାମନ୍ତ ଅଶ୍ୱପତି ନିରଞ୍ଜନ । ତାଙ୍କର ବାଧା ଏତେ ସହଜ ନ ଥିଲା । ମାତ୍ର ସୁସଜ୍ଜିତ ଆଧୁନିକ ଯନ୍ତ୍ରପାତି ଚାଳନାରେ ସିଦ୍ଧହସ୍ତ ଇଂରେଜ ବାହିନୀକୁ ସେ କ'ଣ ବା କରିପାରିବେ ? ରଙ୍ଗପଡ଼ା ବାହିନୀ ପରାସ୍ତ ହେଲେ ଓ ବ୍ରିଟିଶ ବାହିନୀ ଗଡମଧ୍ୟରେ ଭର୍ତ୍ତିକରି ଓ ରାଜାଙ୍କୁ ବନ୍ଦୀ କରିବାକୁ ଅଗ୍ରସର ହେଲେ । ସେତେବେଳେ ରାଜଗୁରୁ ପୂର୍ବବିଧାନ ଅନୁଯାୟୀ ଖୋରଧାର ଦୁର୍ଦ୍ଦାନ୍ତ ସାମନ୍ତମାନଙ୍କର ମୂଲ୍ୟବାନ୍ ସାହଚର୍ଯ୍ୟରେ, ଚିରବନ୍ଦିତ ବଂଶପରମ୍ପରାର ଅନ୍ନଦାତା ଓଡ଼ିଶା ଗଜପତିଙ୍କର ମର୍ଯ୍ୟାଦା ଓ ବରୁଣାଇ ଗଡ଼ ରକ୍ଷା କରିବାକୁ ବହୁ କୌଶଳପୂର୍ଣ୍ଣ ବ୍ୟବସ୍ଥା କରିବାକୁ ଭୁଲି ନ ଥିଲେ । ପ୍ରତିରୋଧ ଯେପରି ଠାଣୁଆ ହେବ ସେଥିପାଇଁ ସେ ଅତି ଉତ୍ତମ ବ୍ୟବସ୍ଥା କରିଥିଲେ । ବରୁଣାଇ ଘାଟିମାନଙ୍କୁ ସୁଦୃଢ଼ ପାଇକବାହିନୀଦ୍ୱାରା ରକ୍ଷା କରିଥିଲେ ଓ ସମଗ୍ର ପାହାଡରେ ଏପରି ସୈନ୍ୟସଜ୍ଜା କରିଥିଲେ ଯେ, ସପ୍ତାହକ ପର୍ଯ୍ୟନ୍ତ ବ୍ରିଟିଶ ସୈନ୍ୟ ବହୁ ଚେଷ୍ଟା କରି ମଧ୍ୟ ଗୋଟିଏ ସୁଦ୍ଧା ସୈନିକଙ୍କୁ ଦେଖି ପାରି ନ ଥିଲେ । ଏଥିରେ ସୁଯୋଗ୍ୟ ବ୍ରିଟିଶ ସେନାପତି ଅତି ଅଧୈର୍ଯ୍ୟ ହୋଇ ସ୍ଥାନୀୟ ବ୍ୟକ୍ତିଙ୍କର ସାହାଯ୍ୟ ବିନା କାର୍ଯ୍ୟ ନିରର୍ଥକ ହେବା ସୁନିଶ୍ଚିତ ବୋଲି ଜାଣି ପାରିଲେ; କାରଣ ସେତେବେଳକୁ କେବଳ ଶୂନ୍ୟରୁ ତୀର ଆସି ଅସଂଖ୍ୟ ସେନାଙ୍କର ପ୍ରାଣନାଶ କରିଥିଲା । ବ୍ରିଟିଶ ସୈନ୍ୟ ଦେଖିଲେ, ବିନା ଯୁଦ୍ଧରେ ଯଦି ଏପରି ସୈନ୍ୟକ୍ଷୟ ହୁଏ, ତେବେ ପରାଜୟ ଅବଶ୍ୟମ୍ଭାବୀ । ଏହା ଭାବି ସେ ସ୍ଥାନୀୟ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ

ନିମନ୍ତେ ବ୍ୟାକୁଳ ହୋଇ ଉଠିଲେ । ଏତିକିବେଳେ ଜୟୀ ରାଜଗୁରୁଙ୍କର ଏକ ବ୍ୟକ୍ତିଗତ କଳଙ୍କ ତାଙ୍କ ପରାଜୟର କାରଣ ହେଲା ।

## —ଜୀବନରେ ସ୍ଖଳନ—

ଜୟକୃଷ୍ଣ ରାଜଗୁରୁ ଯେତେବେଳେ ଖୋରଧା ଅଞ୍ଚଳରେ ବିପ୍ଳବ ନିମନ୍ତେ ବୁଲୁଥିଲେ, ସେତେବେଳେ ଏକ ବିଶେଷ ଘଟନା ଘଟିଥିବା ଖୋରଧା ଅଞ୍ଚଳରୁ ଜଣାପଡ଼େ । ତାହା ହେଉଛି, ରାଜଗୁରୁ ଅତ୍ୟନ୍ତ ସୁନ୍ଦର ଓ ତେଜସ୍ୱୀ ପୁରୁଷ ଥିଲେ । ତାଙ୍କର ଶାରୀରିକ ଗଠନ ଓ ତେଜଃ-ପୁଞ୍ଜ ଦର୍ଶନରେ ଲୋକେ ପ୍ରଭାବିତ ହୋଇ ପଡୁଥିଲେ । ସେତେବେଳେ ରାମେଶ୍ୱର ଦଳବେହେରା ଅତ୍ୟନ୍ତ ପ୍ରତାପଶାଳୀ ଥିଲେ ଓ ସେ ରାଜଗୁରୁଙ୍କୁ ଅତ୍ୟନ୍ତ ଶ୍ରଦ୍ଧାଭକ୍ତି କରିବା ସଙ୍ଗେ ସଙ୍ଗେ ତାହାଙ୍କୁ ବହୁଭାବରେ ସାହାଯ୍ୟ କରୁଥିଲେ । କାଞ୍ଚିବେର୍ଣ୍ଣା ନାମ୍ନୀ ତାଙ୍କର ଏକ ଆତ୍ମୀୟା ଯୁବତୀର ସୌନ୍ଦର୍ଯ୍ୟରେ ରାଜଗୁରୁଙ୍କ ଭଳି ଶକ୍ତିଶାଳୀ ସଂଯତ ପୁରୁଷ ମଧ୍ୟ ବିଚଳିତ ହୋଇଥିଲେ ଓ ତାହା ସଙ୍ଗେ ତାଙ୍କର ପ୍ରେମାଳାପ ହେବା ପ୍ରକଟିତ ହେଲା । ସେହି ରମଣୀ ରାଜଗୁରୁଙ୍କୁ ପୂର୍ଣ୍ଣ ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ତାହାଙ୍କୁ ବିପଦସଙ୍କୁଳ ବିପ୍ଳବପଥରୁ ଟାଣି ନେବାକୁ ଚେଷ୍ଟା କଲା । ଖୋରଧାଗଡ଼ ନିକଟରେ ଥିବା ଗୁମ୍ଫଡ଼ା ଉପରେ ଗୋଟିଏ ଯାନ୍ତ୍ରିକ ପ୍ରକ୍ରିୟାଦ୍ୱାରା ବିପ୍ଳବ ସଫଳ ହେବ କି ବିଫଳ ହେବ ଏହା ଦେଖାଇବାର ଏକ ଫନ୍ଦି ଫାନ୍ଦିଲା । ସେଥିରେ ଗଙ୍ଗପଡ଼ା ଦଳବେହେରା ଯୋଗ ଦେଇ ପରୀକ୍ଷାର ସାର୍ଥକତା ପ୍ରମାଣ କରି ରାଜଗୁରୁଙ୍କ ମନରେ ବିଶ୍ୱାସ ଆଣାଇ ଦେଇଥିଲେ ।

ଶୃଙ୍ଖଳା ଉପରେ ପୁଙ୍ଖାପୁଙ୍ଖ ହୋଇ ପୂର୍ବଦିଗକୁ ଶର ନିକ୍ଷେପ କରାଗଲା ପରେ କିଛି ସ୍ମାରକ ଦେଖାଇ କାର୍ଯ୍ୟବେର୍ଥ୍ୟା, ବିପ୍ଳବ କୃତକାର୍ଯ୍ୟ ହେବ ନାହିଁ ଓ ଇଂରେଜ ଏହା ପଣ୍ଡ କରିଦେବ ବୋଲି ଦର୍ଶାଇଥିଲା । ଏହାର ମୂଳରେ ଥିଲା ରାଜଗୁରୁଙ୍କୁ ଅପଶାର କୁତ୍ସିତ କବଳରେ ବାନ୍ଧିରଖିବା । ମାତ୍ର ତାହା ରାଜଗୁରୁ ସ୍ୱୀକାର ନ କରି ତାହାପ୍ରତି ଏଥିପାଇଁ କଠୋର ଦଣ୍ଡ-ବିଧାନ କରିଥିବାର ଜଣାଯାଏ । ତଥାପି ସେହି ସର୍ପିଣୀ ରମଣୀ ପ୍ରତିଶୋଧ ନେବା ନିମନ୍ତେ ଓଲସିଂହ ସାମନ୍ତଙ୍କ ଅଶ୍ରପୁରେ ରହି ସୁଯୋଗର ପ୍ରତୀକ୍ଷା କରିବାକୁ ଲାଗିଲା । ଏଣେ ରାଜଗୁରୁଙ୍କ ଉଦ୍ୟମ ଅତି ବେଗରେ ସାଫଲ୍ୟମଣ୍ଡିତ ହେବା ସଙ୍ଗେ ସଙ୍ଗେ ବିଧର୍ମୀ ବାହିନୀ ପରାହତ ହେଲପର ଦୂରରେ ରହିଲା । ଏହି ହତାଶ ଅବସ୍ଥାରେ ଯେତେ-ବେଳେ ଇଂରେଜ ସେନାନାୟକ କୌଣସିମତେ ଦୁର୍ଗ ଭେଦକର ରହସ୍ୟ ଜାଣିବାକୁ ଚେଷ୍ଟାକଲେ, ସେ ଉକ୍ତ ରମଣୀ ତାହାଙ୍କୁ ସାହାଯ୍ୟ କରିବାକୁ ପ୍ରାର୍ଥନା କଲା । ସେଥିରେ ସେନାପତି ଅବିଶ୍ୱାସ କରିବା ସଙ୍ଗେ ସଙ୍ଗେ ଜନୈକ ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱୀକୃତି ଓ ସାହାଯ୍ୟ ଆବଶ୍ୟକ ବୋଲି ପ୍ରକାଶ କରିବାରୁ ଧନଲୋଭରେ ହେଉ ବା ଅନ୍ୟ କାରଣରୁ ହେଉ, ଓଲସିଂହ ସାମନ୍ତ ଇଂରେଜ ବାହିନୀକୁ ଖୋରଧା ଗଡ଼ର ବାଟ ବତାଇବାକୁ ସ୍ୱୀକାର ଜଣାଇଲେ ଏବଂ ନିମକ ହାରାମ ଜାଗିର ପ୍ରାପ୍ତ ହୋଇ ବାଟ ବତାଇଦେଲେ । ସେତେବେଳକୁ ଅବରୋଧର ଦ୍ୱିତୀୟ ସପ୍ତାହ ହେଲଣି; ନିରାଶାରେ ଇଂରେଜ ବାହିନୀ ଭାଙ୍ଗି ପଡ଼ିଲଣି; ଏହି ଅବସ୍ଥାରେ ନୀଳକଣ୍ଠଙ୍କ ଦେଉଳ ଓ ଗୋପୀନାଥଙ୍କ ଦେଉଳ ଗଡ଼ପଟ ସନ୍ଧିରେ ଥିବା ଗୁପ୍ତପଥ ଇଂରେଜମାନେ ଜାଣିପାରିବାରୁ ଅଭିଯାନ ଭିନ୍ନ ଆକାର ଧାରଣ କଲା ।

## — ଚରମ ଅଭିଯାନ —

ଦ୍ୱିତୀୟ ସପ୍ତାହର ଅର୍ଦ୍ଧଭାଗରେ ଇଂରେଜ ସେନା ପକ୍ଷରୁ ଗୋପୀନାଥଙ୍କ ମନ୍ଦିରରେ ପ୍ରଥମ ଗୋଳାବର୍ଷଣ ହେଲା । ପାଇକମାନେ ଦୁର୍ଗଅଡ଼କୁ ଧାବିତ ହେବାକୁ ଲାଗିଲେ । ଏତିକି ବେଳେ ରାଜଗୁରୁଙ୍କର ପ୍ରଥମ ଅଧୈର୍ଯ୍ୟ ପ୍ରକାଶ ପାଇଥିଲା; ମାତ୍ର ତାହା ଅତି ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲା, କାରଣ ସେତେବେଳେ ସ୍ୱଧର୍ମାନୁରାଗୀ ଉତ୍କଳର ଗଜପତିଙ୍କୁ ତଥା ସହସ୍ର ସହସ୍ର ବର୍ଷର ପରମ୍ପରା ରକ୍ଷା କରିବାକୁହିଁ ସେ ପ୍ରଥମ କର୍ତ୍ତବ୍ୟ ବୋଲି ମନେ କଲେ । ନିଜର ଜୀବନ ମଧ୍ୟ ତାଙ୍କ ନିକଟରେ ତୁଚ୍ଛ ମନେହେଲା । ସେ ରାଜାଙ୍କୁ ବିଧର୍ମୀ କବଳରୁ ଉଦ୍ଧାରକରିବା ନିମନ୍ତେ ବ୍ୟାକୁଳ ହୋଇ ଉଠିଲେ, ମାତ୍ର ଉପାୟାନ୍ତର ନ ଥିଲା । ବରୁଣାଇ ଘାଟିର ଚାରିଅଡ଼ ବ୍ରିଟିଶ ସୈନ୍ୟଦ୍ୱାରା ଆବୃତ ଥିଲା । କୌଣସି ବ୍ୟକ୍ତି ଗଡ ମଧ୍ୟରୁ ବାହାରକୁ ଯିବା ସମ୍ଭବପର ନ ଥିଲା । ଏ ଅବସ୍ଥାରେ ରାଜାଙ୍କୁ କପରି ବା କେଉଁଠାକୁ ଅନ୍ତର କରହେବ ? ମାତ୍ର ସୁଚତୁର ରାଜଗୁରୁ ଗୋଟିଏ ଉପାୟରେ ଆପଣାର ତୀକ୍ଷ୍ଣବୁଦ୍ଧିର ପରିଚୟ ଦେବା ସଙ୍ଗେ ସଙ୍ଗେ ରାଜାଙ୍କୁ ଗଡ଼ ବାହାରକୁ ଅତି ନିରାପଦରେ ନେଇଯାଇଥିଲେ ବୋଲି ପ୍ରକାଶ ।

ଇଂରେଜ ବାହିନୀ ଯେତେବେଳେ ବହୁ କଷ୍ଟରେ ଦୁର୍ଗଭେଦ କରିବାକୁ ଚେଷ୍ଟିତ ଓ ସହସ୍ର ସଂଖ୍ୟାରେ ଭୂପତିତ ହେଉଥିବା ସତ୍ତ୍ୱେ ଗାଡ଼ ମଧ୍ୟଦେଇ ଦୁର୍ଗଅଡ଼କୁ ଗତି କରିବାରେ ବ୍ୟସ୍ତ, ସେତେବେଳେ ହଠାତ୍ ଦୁର୍ଗ ନିକଟରେ କାହାଳୀ, ଢମକାଦି ବାଦ୍ୟ ବାଜିଉଠିଲା । ପ୍ରତିଧ୍ୱନି ଛଳରେ ସମଗ୍ର ବରୁଣାଇ କମ୍ପିତ ହେଲା । ସୈନ୍ୟଠାରୁ ଆରମ୍ଭ କରି ଶତ୍ରୁ ପର୍ଯ୍ୟନ୍ତ କେହିହେଲେ ଏତାଦୃଶ ଘଟନାର ରହସ୍ୟ ବୁଝିପାରିଲେ ନାହିଁ । ସ୍ୱପକ୍ଷୀୟ ସୈନ୍ୟମାନେ

ବୁଝିଲେ, ବୋଧହୁଏ ରାଜଗୁରୁ ବରୁଣାଇ ଦେବୀଙ୍କ ବର ମାଗିବା ପ୍ରମାଣେ ଠାକୁରାଣୀ ଶେଷରେ ଯୁଦ୍ଧକ୍ଷେତ୍ରକୁ ବିଜେ କରୁଛନ୍ତି । ଶତ୍ରୁ ପକ୍ଷୀୟ ସେନାପତିଙ୍କୁ ତାଙ୍କର ଚରମାନେ ଜଣାଇଲେ ଯେ, ରାଜା ଭୟାକୁଳ ହୋଇ ଆତ୍ମସମର୍ପଣ କରିବାକୁ ଆସୁଅଛନ୍ତି । ଏହିପରି ଧାରଣା ଉଭୟଙ୍କ ପକ୍ଷରେ ଯୁକ୍ତିଯୁକ୍ତ ଥିଲା, ତେଣୁ ସ୍ୱଦେଶୀ ସୈନିକମାନେ ଉତ୍ସାହିତ ଓ ବିଦେଶୀ ସୈନିକମାନେ ଆନନ୍ଦିତ ହେବାକୁ ଲାଗିଲେ ।

ଏହି ଅବସରରେ ଛତ୍ର, ଚାମର, ଧ୍ୱଜା, ବଇରଖ ସହ ଏକ ଶୋଭାଯାତ୍ରା ଦୁର୍ଗର ସମସ୍ତ ସେବାୟତଙ୍କୁ ନେଇ ପୂର୍ବଦ୍ୱାରଟି ଆଡ଼କୁ ବାହାରିଲା ଶୋଭାଯାତ୍ରାରେ ରାଜାଙ୍କ ପୋଷାକରେ ଠିକ୍ ରାଜାଙ୍କ ଭଳି ଜଣେ ବ୍ୟକ୍ତି ଗମନ କରୁଥିଲେ ଓ ଛତ୍ରାଦି ବିଧିବଦ୍ଧଭାବରେ ବ୍ୟବହୃତ ହେଉଥିଲା । ଏଥିରେ ବ୍ରିଟିଶ କର୍ତ୍ତୃପକ୍ଷମାନେ ରାଜା ଆତ୍ମସମର୍ପଣ ନିମନ୍ତେ ଆସୁଥିବା ସଂବାଦକୁ ସତ୍ୟ ମଣିଲେ । ଠିକ୍ ପରେ ପରେ ଘଣ୍ଟି, କାହାଳୀ, ଧୂପ, ଦୀପ ପ୍ରଭୃତି ପୂଜା ଉପହାର ସହ ଏକ ଘଟ ମଧ୍ୟ ବିଜେ ହେଉଥିଲା । ଏ ଘଟଣାର ରହସ୍ୟ ବିଷୟ କେହି କିଛି ବୁଝି ନ ପାରିଲେ ମଧ୍ୟ ଏହା ଦେବୀସିଦ୍ଧି ସମ୍ବନ୍ଧୀୟ ବ୍ୟାପାର ବୋଲି ସମସ୍ତେ ଜାଣିଥିଲେ । ସେହି ଶୋଭାଯାତ୍ରାରେ ନୃତ୍ୟଗୀତ ମଧ୍ୟ ହେଉଥିଲା । ଆଡ଼ମ୍ବରପୂର୍ଣ୍ଣ ଜଙ୍ଗଲୀୟ ଶୋଭାଯାତ୍ରା ମନୋମୁଗ୍ଧକର ପାଇକନୃତ୍ୟ ଦେଖି ପାଶ୍ଚାତ୍ୟ ସୈନିକମାନେ ଏପରି ବିହ୍ୱଳ ହୋଇ ପଡ଼ିଲେ ଯେ, ସତର୍କତା ବହୁ ପରିମାଣରେ କମିଯାଇଥିଲା । ଏହି ଅବସରରେ ଜଣେକ ବ୍ୟକ୍ତି ଠାକୁରାଣୀଙ୍କ ଘଟ ମୁଣ୍ଡାଇ ପଶ୍ଚିମ ଘାଟି ଆଡ଼ୁ ତଳକୁ ଖସିଲା ଓ ଆଉ ଜଣେ ଘଣ୍ଟି ବଜାଇ ବଜାଇ ଘଟସଙ୍ଗେ ବାହାରିଗଲା । ଘଟ ଉପରେ ଥିବା

ଘଣ୍ଟକଳସ ଫୁଲରତ୍ନଶଯ୍ୟ, ଘଣ୍ଟମଣ୍ଟୁଅର ବଚଜ ପଟଛନ୍ଦ, ଘଣ୍ଟୁଆର ଅଦ୍ଭୁତ ତାନ-ଗାନ-ସହ ନୃତ୍ୟ ମଧ୍ୟରେ କହ୍ଲର ଗଜପତି ଓ ଦୁର୍ଗାଚରଣ ସିଂହ ବରୁଣାଇରୁ ଅନ୍ତର ହୋଇ-ପଡ଼ିଲେ । ବରୁଣାଇ ଥିଲେ ଖୁଦ୍‌ପୁର ମୌଜାର ଘଟଭଙ୍ଗାବର ନାମକ ବରଗଛ, ଯାହା କି ଏହି କିମ୍ବଦନ୍ତୀର ସ୍ମୃତି ଘେନି ସମ୍ୟକ ଭାବରେ ପରିଚିତ, ସେହିଠାରେ ଭକ୍ତ ଅବାସ୍ତବ ଘଟ ଭାଙ୍ଗିଦେଇ ଓଡ଼ିଶାର ଗଜପତି ଆତ୍ମଗୋପନ କରିଥିଲେ । ମହାରାଜା ପ୍ରଥମେ ଖୁଦ୍‌ପୁର ଶ୍ଳୋଚରଯ୍ୟଙ୍କ ଉଆସରେ କିଛି ସମୟ ରହି ରାଜଗୁରୁଙ୍କ ନିର୍ଦ୍ଦେଶକ୍ରମେ ସେଠାରୁ ପୁରୀ ଚାଲିଯାଇଥିଲେ । ରାଜଗୁରୁ ତତ୍‌କାଳୀନ ଗଙ୍ଗାମାତା ମଠର ମହନ୍ତ ନରୋତ୍ତମ ଦାସଙ୍କ ନିକଟକୁ ଦୁର୍ଗଚରଣଙ୍କ ହାତରେ ଏକ ପତ୍ର ଦେଇ ଗଜପତିଙ୍କୁ ଅତି ଗୋପନରେ ରଖିବାକୁ ଓ ତାଙ୍କର ସମସ୍ତ ଯତ୍ନ ନେବାକୁ ଲେଖିଥିଲେ । ରାଜାଙ୍କ ସମ୍ମାନ ରକ୍ଷାରେ ତିଳେମାତ୍ର ଯେପରି ତ୍ରୁଟି ନ ହୁଏ, ସେଥିପାଇଁ କଡ଼ା ଆଦେଶ ଦେଇଥିଲେ । ମହନ୍ତ ଜଣ୍ଡିଅଷ ପଟ୍ଟଯୋଷୀ ମହାପାତ୍ର, ଯେ କି ଛତିଶନିଯୋଗର ନାୟକ, ତାହାଙ୍କୁ ଯୁଦ୍ଧ କ୍ଷେତ୍ରକୁ ପ୍ରଚୁର ଅର୍ଥ ଓ ଗଜପତିଙ୍କୁ ଯଥୋଚିତ ସମ୍ମାନର ସହିତ ଆବଶ୍ୟକୀୟ ଦ୍ରବ୍ୟାଦ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ସମସ୍ତ ଫଳରେ ରାଜା ପୁରୀରେ ନିରାପଦରେ ପହଞ୍ଚିଲେ । ଯଥୋଚିତ ଭାବରେ ତାଙ୍କର ଆତ୍ମଗୋପନ ମଧ୍ୟ ସମ୍ଭବପର ହେଲା ।

## —ଦୈବୀ ସାଧନା—

ଏଣେ ଯୁଦ୍ଧକ୍ଷେତ୍ରରେ ଅବରୋଧର ସତର ଦିନଠାରେ ଶୋଭାଯାତ୍ରା ଶେଷ ହେଲା ଓ ନିରର୍ଥକ ଶୋଭାଯାତ୍ରାକାରୀମାନେ

ବନ୍ଦୀ ହେଲେ । ମାତ୍ର ସେପର୍ଯ୍ୟନ୍ତ ଖୁବ୍ କ୍ୱଚିତ୍ ପାଇକ ବନ୍ଦୀ ହୋଇଥିଲେ । ଏହି ସମୟହିଁ ରାଜଗୁରୁଙ୍କ ଶେଷ ପରୀକ୍ଷା ବେଳ । ଅସୀମ ଧୈର୍ଯ୍ୟ ତାହାଙ୍କୁ ବଞ୍ଚାଇ ରଖିଥିଲା । ଶେଷବେଳକୁ ତାଙ୍କର ଦୈବୀ ସାଧନାର ଅଦ୍ଭୁତ ଫଳ ପ୍ରକଟିତ ହେବାରୁ ଶେଷ ଉତ୍ସାହ ରାଜଶକ୍ତିପକ୍ଷ ଜଳି ଉଠିଥିଲା । ଦେବୀ ସାଧନା ବଳରେ ସେ ବର ପ୍ରାର୍ଥନା କରୁଥିଲେ ଯେ, ସ୍ୱୟଂ ବରୁଣାଇ ଠାକୁରାଣୀ ଯୁଦ୍ଧ କରିବେ । ବର୍ତ୍ତମାନ ସେହି ବେଳ ଅସିଲା । ରାଜ୍ୟର ମନ୍ତ୍ରୀ ରାଜପରିଚ୍ଛଦ ଛାଡ଼ି ଶୁଦ୍ଧପୂତ ସାମନ୍ତ ବ୍ରାହ୍ମଣ ଭାବରେ ଚକ୍ଷୁରୁ ଲୋତକଧାର ବୁହାଇ ବୁହାଇ ବରୁଣାଇ ମନ୍ଦିର ଅଡ଼କୁ ବାହାରିଲେ । ପୂର୍ବ ପ୍ରାର୍ଥନାର ସିଦ୍ଧି ଏହି ପବିତ୍ର ଯାତ୍ରାର ଲକ୍ଷ୍ୟଥିଲା । ଯେତେବେଳେ ଛନ୍ନ ରହିଥିବା ପାଇକମାନେ ଦଳ ଦଳ ହୋଇ ବିଧର୍ମୀ ସୈନ୍ୟଙ୍କ କବଳରେ ପଡ଼ିବା ଉପରେ, ଅନ୍ୟ ପଳାୟନର ଉପାୟ ନାହିଁ, ଗୁରୁଅଡ଼େ ଖାଲି ଚାହାଁର, ଠିକ୍ ସେତିକିବେଳେ ଜଙ୍ଗଲର ପୂଜ୍ୟ-ସନ୍ତାନ ପାଷାଣ-ପ୍ରତିମା ନିକଟରେ କାତର ପ୍ରାର୍ଥନା କରୁଥିବା କଥା ଅଜି ଜଡ଼ବାଦୀଙ୍କ ସମୀପରେ ଅସାର କଳ୍ପନା ବୋଲି ଜଣାପଡ଼ୁଥିଲେ ମଧ୍ୟ ତାହାର ଫଳ ସେତେବେଳେ ଜଡ଼ବାଦୀ ପ୍ରକୃତିକ ଇଂରେଜମାନେ ମଧ୍ୟ ସ୍ୱୀକାର କରିଥିବାର ଜଣାଯାଏ । ଯେତେବେଳେ ଅଳ୍ପସଂଖ୍ୟକ ଜଙ୍ଗଲସେନାଙ୍କୁ ଦେଖି ଇଂରେଜମାନେ ଗୋଳାବର୍ଷଣ ପାଇଁ ତତ୍ପର ହେଲେ, ସେତେବେଳେ ସେମାନଙ୍କର ତୋପ, ବନ୍ଧୁକ ଅଦି ହଠାତ୍ ନିଷ୍କ୍ରିୟ ହୋଇପଡ଼ିଲା । ଏହା ସେମାନଙ୍କ ପକ୍ଷରେ ମହାବିପଦର କାରଣ ହେଲା । ପାଇକମାନେ ଏଭଳି କାଣ୍ଡ ଦେଖି ବରୁଣାଇ ଦେବୀ ଯୁଦ୍ଧ କରିବାକୁ ଅସିଲେ ବୋଲି ଭାବି ଅତି ଆନନ୍ଦିତ ହେଲେ ଓ ଆଗକୁ ମାଡ଼ିଗଲେ । ଇଂରେଜମାନେ

ଅନନ୍ୟୋପାୟ ହୋଇ ନୂତନ ବନ୍ଧୁକ ସାହାଯ୍ୟରେ ଗୋଳା ବର୍ଷିବାକୁ ଆରମ୍ଭ କଲେ; ମାତ୍ର ସେ ପ୍ରୟାସ ମଧ୍ୟ ପୂର୍ବପର ନିଷ୍ଫଳ ହେଲା । ଏଥିରେ ଇଂରେଜମାନେ କିପରି ବିଚଳିତ ହୋଇ-ପଡ଼ିଥିବେ, ତାହା ସହଜରେ ଅନୁମେୟ ।

ମାତ୍ର ସେତିକିବେଳେ ପୂର୍ବବର୍ଣ୍ଣିତା ସେହି କୁତ୍ସିତା ରମଣୀ ପୁଣି ବିଶ୍ୱାସଘାତକତା ମଧ୍ୟରେ ଦେଶକୁ ଶତ୍ରୁଦାନ ପାଇଁ ପରାଧୀନତାର କବଳରେ ଫିଙ୍ଗି ଦେଲା । ବ୍ରିଟିଶ ଶକ୍ତିପକ୍ଷ ବିଚଳିତ ହେବା ବେଳକୁ ରମଣୀ ପ୍ରକାଶ କଲା ଯେ, "କଳ୍ପୀ ରାଜଗୁରୁ ବରୁଣାଇଙ୍କ ବର ମାଗି ଏପରି କରୁଅଛୁ । ମାତ୍ର ତାହାର ପ୍ରତିକାର ଉପାୟ ମୋତେ ଜଣା ଅଛି । ଯଦି କଳ୍ପୀ ରାଜଗୁରୁଙ୍କ ଧରିକି ମୋତେ ବିବାହ କରାଇଦେବ, ତେବେ ମୁଁ ତାହା ପ୍ରକାଶ କରିବି ।" ଆତୁର ବେଳରେ ଇଂରେଜମାନେ ଏଭଳି ସୁଯୋଗକୁ କି ଛାଡ଼ିପାରନ୍ତି ? ସେମାନେ ଉକ୍ତ ପ୍ରସ୍ତାବରେ ସ୍ୱୀକୃତ ଜଣାଇବାରୁ ରମଣୀ ଯୁଦ୍ଧକ୍ଷେତ୍ରରେ ଗୋଟିଏ ବୃଷଭ ବଳି ଦେଇ ମନ୍ତ୍ରସିଦ୍ଧି ନଷ୍ଟ କରିବାର ରହସ୍ୟ, ଯାହାକି ରୂପର ବାମପଟରେ ସେ ଲାଭ କରିଥିଲା, ତାହା ପ୍ରକାଶ କରିଦେଲା । ଏହି ଷଣ୍ଢବଳି ଦାନ ଫଳରେ ମନ୍ତ୍ରସିଦ୍ଧି ନଷ୍ଟ ହେଲା ଓ ଗୋଳା ଗୁଳିଲା । ଏହିପରି ଅବସ୍ଥାରେ ଦୀର୍ଘ ତେଇଶ ଦିନ ଅବରୋଧ ପରେ ଓଡ଼ିଶାର ଶେଷ ସ୍ୱାଧୀନତାର ନିଶ୍ୱାସ ବାହାରି ଯାଇଥିଲା ଓ ପାଇକମାନେ ଛତ୍ରଭଙ୍ଗ ଦେଇଥିଲେ । ବରୁଣାଇଗଡ଼ ଇଂରେଜଙ୍କ ଅକ୍ତିଆରକୁ ଆସିଲା । ସେ ଦୁର୍ଦ୍ଦିନଟି ୧୮୦୪ ମସିହାର ସେପ୍ଟେମ୍ବର ମାସ ୨୪ ତାରିଖ (ଅନୁଶ୍ରୁତ) । ବରୁଣାଇଗଡ଼ ଅବରୁଦ୍ଧ ହେବା ସଙ୍ଗେ ସଙ୍ଗେ କେତେକ ଜନକ୍ଷୟ ମଧ୍ୟ ହେଲା । ତେଇଶ ଦିନର କଠୋର ସାଧନା ପରେ ଇଂରେଜ ସୈନ୍ୟ ବରୁଣାଇଗଡ଼ର କେତେକ ଶୂନ୍ୟ ଗୃହହିଁ ପାଇଲେ ।

ଏଥିପାଇଁ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ଅବଶ୍ୟ ଅନୁଶୋଚନା କରିବାକୁ ପଡ଼ିଥିଲା । କିନ୍ତୁ ତାଙ୍କର ବିଜୟ ବାସ୍ତବ ବିଜୟରେ ପରିଣତ ହେଲା । ବିକ୍ରୁଣାଇ ମନ୍ଦିର ମଧ୍ୟରୁ ସାମନ୍ତ ଜୟୀ ରାଜଗୁରୁ, ଦିଗମ୍ବର ଭୂୟାଁ, ତିଳମାଳିବଳ୍ପି ତିନିହେଁ ପରିଶେଷରେ ଧରା ହେଲେ । ଖୋରଧାଗଡ଼ ବ୍ରିଟିଶ ଅକ୍ତିଆରରେ ରହିଲା । ଯେଉଁ ସରସ୍ୱତୀ ମନ୍ଦିରରେ ଦିନେ ରାଜଗୁରୁ ମନ୍ତ୍ରୋଚ୍ଚାରଣ କରୁଥିଲେ, ସେହି ପବିତ୍ର ଭୂମି, ପଲଟନ ପଡ଼ିଆର ତମ୍ବୁ ମଧ୍ୟରେ ସେ ବନ୍ଦୀ ହୋଇ ରହିବାକୁ ସାର ହେଲା । ସେତିକିବେଳେ ଜଣେ ସଧବା ରମଣୀ ରାଜଗୁରୁଙ୍କ ପ୍ରାଣଭିକ୍ଷା କରିଥିଲା; ମାତ୍ର ଯାହାଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁଁ ବ୍ରିଟିଶ ସାମ୍ରାଜ୍ୟର ପ୍ରତିଷ୍ଠାରେ ବାଧା ଆସିଥିଲା ତାହାଙ୍କ ପ୍ରାଣ ସାମାନ୍ୟ ରମଣୀର ପ୍ରାଣ ଅପେକ୍ଷା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିବାରୁ ତାହାର ଅନୁରୋଧକୁ ହସରେ ଉଡ଼ାଇ ଦେବା ଛଡ଼ା ଅନ୍ୟ ଉପାୟ ନ ଥିଲା । ତେଣୁ ନୈରାଶ୍ୟ ସାଗରମଧ୍ୟରେ ସେ କ୍ରୋଧାତୁର ହୋଇ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ନିରର୍ଥକ ଆକ୍ରମଣ କରି ପରିଣାମରେ ରାଜଗୁରୁଙ୍କ ନିକଟରେ ବନ୍ଦିନୀ ଭାବରେ ରହିବାର ସୌଭାଗ୍ୟ ପାଇଲା । ଏହାହିଁ ତାହା ପକ୍ଷରେ ଯଥେଷ୍ଟ ହେଲା; ମାତ୍ର ସେ ରାଜଗୁରୁଙ୍କ କଣ୍ଠରୁ ପଦୁଟିଏ ହେଲେ ଅମୃତମୟ ବାଣୀ ଶୁଣିପାରିଲା ନାହିଁ । ଜୟୀ ରାଜଗୁରୁଙ୍କୁ କଟକ ନିଆଯିବା ପରେ ଖୋରଧା ଅଞ୍ଚଳରେ ପାଗଳିନୀ ହୋଇ ବୁଲି ବୁଲି ବହୁ ଦିନପରେ ଉକ୍ତ ଦେଶଦ୍ରୋହିଣୀ ନାରୀ ମରି ଯାଇଥିଲା ।

## —ଅନ୍ତିମ ଜୀବନ—

ଓଡ଼ିଶା ଗଜପତି ମୁକୁନ୍ଦ ଦେବ ଗୁପ୍ତଭାବରେ ପଳାୟନ କରି ପୁରୀ ଗଙ୍ଗାମାତା ମଠରେ ଅବସ୍ଥାନ କରୁଥିଲେ । ଏଣେ

ଇଂରେଜମାନେ ବରୁଣାଇ ଗଡ଼ରେ ବହୁ ଅନୁସନ୍ଧାନ କରି ମଧ୍ୟ ଯେତେବେଳେ ମହାରାଜାଙ୍କୁ ନ ପାଇଲେ, ସେତେବେଳେ ପୁଣି ଷଡ଼୍‌ଯନ୍ତ୍ରର ଆଶଙ୍କା କଲେ ଏବଂ ଉକ୍ତ ଷଡ଼୍‌ଯନ୍ତ୍ର ବିଷୟ ଜାଣିବା ପାଇଁ ପଲ୍‌ଟନପଡ଼ିଆର ତମ୍ବୁ ମଧ୍ୟରେ ଜୟୀ ରାଜଗୁରୁଙ୍କ ଉପରେ ନିର୍ମମ ଅତ୍ୟାଚାର ଆରମ୍ଭ କଲେ । ପ୍ରତ୍ୟେକ ବନ୍ଦୀକୁ ପୃଥକ୍ ଭାବରେ ରଖି ସେମାନଙ୍କ ଉପରେ ମଧ୍ୟ ନାନା ଅତ୍ୟାଚାର କରାଗଲା । ଏତେସବୁର ଫଳ କିନ୍ତୁ ବିଶେଷ କିଛି ହେଲା ନାହିଁ । ଜୟୀ ରାଜଗୁରୁଙ୍କ ମୁଣ୍ଡ ତଳକୁ କରି ତଳେ ନିଆଁ ଜାଳି ଚାବୁକ ମାଡ଼ ହେଲା; ରାଜଗୁରୁ ସେଥିରେ ମୂର୍ଚ୍ଛା ଯାଉଥିଲେ ମଧ୍ୟ ରାଜାଙ୍କର କୌଣସି ସମ୍ବାଦ କହିଲେ ନାହିଁ । ଅବଶେଷରେ ବନ୍ଦୀମାନଙ୍କୁ କଟକ ନେଇଯିବା ସ୍ଥିର ହେଲା । ଏଣେ ରାଜା ପୁରୀରେ ଅତି ଗୋପନୀୟ ଭାବରେ ଜୀବନଯାପନ କରୁଥିଲେ ମଧ୍ୟ ସମସ୍ତ ସମ୍ବାଦ ତାଙ୍କ ନିକଟରେ ଯଥାସମୟରେ ପହଞ୍ଚୁଥିଲା । ତହୁଁ ସେ ମଠ-ବୈଷ୍ଣବ ରୂପେ ପ୍ରଚ୍ଛନ୍ନ ଭାବରେ କାଳ କାଟିବାକୁ ଠିକ୍ କରି ରାତି ରାତି ଖୋରଧା ପଳାଇଲେ । ମାତ୍ର ଖୋରଧାରେ ପହଞ୍ଚିବା ପୂର୍ବରୁ ସେ ଶୁଣିଲେ ଯେ, ରାଜଗୁରୁଙ୍କୁ କଟକ ନିଆଯାଇଅଛି । ତେଣୁ ସେ କଟକ ଅଭିମୁଖରେ ଯାତ୍ରା କରି ବାଟରେ ଇଂରେଜ ବାହିନୀଙ୍କଠାରେ ଆତ୍ମପ୍ରକାଶ କରିବା ଫଳରେ ବନ୍ଦୀଭାବରେ କଟକ ଗଲେ । କଟକରେ ସମସ୍ତ ବନ୍ଦୀ କିଛି ଦିନ ରହିବା ପରେ ବାଲିସୁନ୍ଦରୀ ଦିଗମ୍ବର ଭୂୟାଁଙ୍କୁ ଖଲାସ କରି ଦିଆଗଲା ଏବଂ ରାଜା ଓ ରାଜଗୁରୁଙ୍କୁ ମେଦିନୀପୁର ନିଆଗଲା । ସେଠାରେ ରାଜା ପହଞ୍ଚିଲାବେଳକୁ ତାଙ୍କର ରାଜ୍ୟ ସରକାର ଖାସ୍ ଦଖଲକୁ ନେଇ ଯାଇଥିଲେ । କିଛି ଦିନ ପରେ ଉଭୟଙ୍କୁ ପରସ୍ପରଠାରୁ ପୃଥକ୍ ଭାବରେ ରଖାହେଲା । ୧୮୦୫ ମସିହାର ପ୍ରଥମ ଭାଗରେ

ମେଦିନୀପୁରର ଏକ ପ୍ରକାଶ୍ୟ ସ୍ଥାନରେ ଗୋଟିଏ ବରଗଛ ଡାଳରେ ନିର୍ମମ ଭାବରେ ଜୟୀକୃଷ୍ଣ ରାଜଗୁରୁ ପ୍ରାଣଦଣ୍ଡ ପାଇଲେ । ମାତ୍ର ତାହା ଓଡ଼ିଶାରେ ପ୍ରକାଶ କରାଗଲା ନାହିଁ; ପରନ୍ତୁ ନାନା ଅପପ୍ରଚାରଦ୍ୱାରା ତାଙ୍କ ପ୍ରତି ବିରାଗଭାବର ସୃଷ୍ଟି କରାଗଲା ।

ରାଜଗୁରୁଙ୍କ ପରେ ଦେଶଭକ୍ତ, ସ୍ୱାଧୀନଚେତା, ନିର୍ଭୀକ ବୀରଙ୍କୁ ଚରିତହୀନ ଓ ଦେଶଦ୍ରୋହୀ ଭାବରେ ଚିତ୍ର କରି ଇଂରେଜ ଚାଟୁପକ୍ଷ ଓ ଇଂରେଜ କର୍ମଚାରୀମାନେ ଅପପ୍ରଚାର କରୁଥିବା ବେଳେ ୧୮୦୭ ମସିହାରେ ରାଜା ନାମକୁମାତ୍ର ପଦବୀ ଗ୍ରହଣ କରି ପୁରୀ ଫେରିଲେ ଏବଂ ଦେଶମାତୃକାର ଶ୍ରେଷ୍ଠ ପୁତ୍ରଙ୍କର ମରଣ ସମ୍ବାଦ ସମର୍ଥନ କଲେ । ଗଜପତି ମୃତ୍ୟୁଯନ୍ତ୍ରଣା ଭୋଗ କଲାପରି ବାଲିସାହିର ପୁରୁଣା ନଅର ଥିବା ସ୍ଥାନରେ ବାସ କରିବାକୁ ଲାଗିଲେ । ସେତିକିରେ ବ୍ରିଟିଶ ସରକାର ସନ୍ତୁଷ୍ଟ ନ ହୋଇ ରାଜାଙ୍କର ସର୍ବସ୍ୱ ହରଣ କରିବା ସଙ୍ଗେ ସଙ୍ଗେ ତାଙ୍କ ବଂଶର ବିଲୋପ ସାଧନ-ପୂର୍ବକ ଉତ୍କଳଇତିହାସର ପରମ୍ପରାକୁ ବିନଷ୍ଟ କରିଦେବାକୁ ପ୍ରୟାସ କରିଥିଲେ । ମାତ୍ର କେବଳ ଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ ଗଜପତି ବଂଶ ନାମକୁମାତ୍ର ଅବଶେଷ ରହି ଓଡ଼ିଶା ଇତିହାସର ମହନୀୟ ନିଦର୍ଶନ ରକ୍ଷା କରନ୍ତି, ଯାହା କି ଜାତିର ପରମ ଗୌରବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେ ଯାହା ହେଉ, ଅଜୀବନ ବ୍ରହ୍ମଚାରୀ, ଜାତୀୟ-ଜୀବନର ପଥପ୍ରଦର୍ଶକ ପଣ୍ଡିତପ୍ରବର ଜୟୀକୃଷ୍ଣ ରାଜଗୁରୁ ମହାପାତ୍ର ଜାତିନିମନ୍ତେ ତାଙ୍କର ପ୍ରତ୍ୟେକ ରକ୍ତବିନ୍ଦୁ ଦାନ କରି ଶେଷରେ ଅମର ପୁରର ଯାତ୍ରୀ ହୋଇଅଛନ୍ତି ଏବଂ ଆମ୍ଭମାନଙ୍କ ପାଇଁ ରଖିଯାଇଅଛନ୍ତି କେବଳ ଆଦର୍ଶ । ମାତ୍ର ଆମ୍ଭେମାନେ ତାଙ୍କ

ପବିତ୍ର ଆଦର୍ଶର ଅନୁସରଣକରିବା ଦୂରେ ଥାଉ, ତାଙ୍କର ଜୀବନୀ ମଧ୍ୟ ଭୁଲିଯାଉଥାଇଁ । ଭଗବାନଙ୍କଇଚ୍ଛା ପୂର୍ଣ୍ଣ ହେଉ, ସେହି ଜାତୀୟ ବୀରଙ୍କର ଶୁଭାଶିଷ ଆମ ଦେଶର ଭବିଷ୍ୟତ ବଂଶଧର ମାନଙ୍କ ପ୍ରାଣକୁ ଜାତୀୟତାର ମହାମନ୍ତ୍ରରେ ଉଦ୍‌ବୁଦ୍ଧ କରୁ ।

ସ ମା ପ୍ତ

ବ୍ରହ୍ମପୁର ନବ ଜ୍ୟୋତିଷ ପ୍ରେସରେ ଶ୍ରୀ ଘନଶ୍ୟାମ ଦାଶଙ୍କଦ୍ୱାରା ମୁଦ୍ରିତ

ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କ ପ୍ରଣୀତ

# ଗ୍ରହ ଉପଗ୍ରହ ସିରିଜ୍

ଶିଶୁମାନଙ୍କ ପାଇଁ ବିଜ୍ଞାନ ରାଜ୍ୟର
ନୂତନ ଆଲୋକ

୧ । ସୂର୍ଯ୍ୟ    ୩ । ଚନ୍ଦ୍ର
୨ । ପୃଥିବୀ    ୪ । ମଙ୍ଗଳ
୫ । ଆକାଶ ମଣ୍ଡଳ

ପ୍ରତ୍ୟେକଟି ସଚିତ୍ର । ପ୍ରତ୍ୟେକର ମୂଲ୍ୟ ଟ ୦ ।

---

ସ୍ୱର୍ଗତ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରଣୀତ

# ହିତ କଥା ସିରିଜ୍

ସଂସ୍କୃତ 'ହିତୋପଦେଶ କଥା'ର ଅବଲମ୍ବନରେ ଲିଖିତ ।

୧ । ପ୍ରଥମ ଭାଗ—ମିତ୍ରଲାଭ    ୩ । ତୃତୀୟ ଭାଗ—ବିଗ୍ରହ
୨ । ଦ୍ୱିତୀୟ ଭାଗ—ସୁହୃଦ୍‌ଭେଦ    ୪ । ଚତୁର୍ଥ ଭାଗ—ସନ୍ଧି

ପ୍ରତ୍ୟେକଟି ସଚିତ୍ର । ପ୍ରତ୍ୟେକର ମୂଲ୍ୟ ଟ ୦ ୵୬

ନୂତନ ସଂସ୍କରଣ ପ୍ରକାଶ ପାଉଛି ।

ପ୍ରକାଶକ—
ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ଓଡ଼ିଶାରେ ପ୍ରସିଦ୍ଧ ଶିଶୁ ସାହିତ୍ୟିକମାନଙ୍କ ଦ୍ୱାରା ସଙ୍କଳିତ

## ଅମର ଚରିତମାଳା


ପ୍ରତ୍ୟେକର ମୂଲ୍ୟ ଛଅ ଅଣା

୧ । ଜୟଦେବ
୨ । ଜଗନ୍ନାଥ ଦାସ
୩ । ସାଧୁସୁନ୍ଦର ଦାସ
୪ । ସାରଳା ଦାସ
୫ । ଉପେନ୍ଦ୍ର ଭଞ୍ଜ
୬ । କବିସୂର୍ଯ୍ୟ
୭ । ରାଧାନାଥ ରାୟ
୮ । ଗଙ୍ଗାଧର ମେହେର
୯ । ନନ୍ଦକିଶୋର ବଳ
୧୦ । ଫକୀରମୋହନ
୧୧ । ଚନ୍ଦ୍ରଶେଖର
୧୨ । ବିଶ୍ୱନାଥ କର
୧୩ । କୁନ୍ତଳା କୁମାରୀ
୧୪ । ଗୋବିନ୍ଦ ରଥ
୦୫ । ଜୟୀ ରାଜଗୁରୁ
୧୬ । ବୁଝି ଖୁଣ୍ଟିଆ
୧୭ । କୃତ୍ତିବାସ ପଠସାଣି
୧୮ । ଉତ୍କଳମଣି ଗୋପବନ୍ଧୁ
୧୯ । କୁଳବୃଦ୍ଧ ମଧୁସୂଦନ
୨୦ । କର୍ମଯୋଗୀ ଗୌରୀଶଙ୍କର
୨୧ । ପଣ୍ଡିତ କୃପାସିନ୍ଧୁ
୨୨ । ନରସିଂହ ଦାସ
୨୩ । ନୀଳମଣି ବିଦ୍ୟାରତ୍ନ
୨୪ । ଖାରବେଳ
୨୫ । ଯଯାତିକେଶରୀ
୨୬ । ଚୋଳଗଙ୍ଗ ଦେବ
୨୭ । ଅନଙ୍ଗଭୀମ ଦେବ
୨୮ । କପିଳେନ୍ଦ୍ର ଦେବ
୨୯ । ପୁରୁଷୋତ୍ତମ ଦେବ
୩୦ । ପ୍ରତାପରୁଦ୍ର ଦେବ
୩୧ । ମୁକୁନ୍ଦଦେବ
୩୨ । ଶ୍ରୀ ରାମଚନ୍ଦ୍ର ଭଞ୍ଜ
୩୩ । ସୁଢ଼ଳ ଦେବ
୩୪ । ଭକ୍ତକବି ମଧୁସୂଦନ
୩୫ । ଗୋପାଳ ପ୍ରହରାଜ
୩୬ । ଶଶୀଭୂଷଣ ରାୟ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ କଟକ

# ଅମର ଚରିତ



ଜଗନ୍ନାଥ ଦାସ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ

ମହାପୁରଷ

# ଜଗନ୍ନାଥ ଦାସ

ଲେଖକ—

ପଣ୍ଡିତ ନରସିଂହ ମହାପାତ୍ର

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୪

ମୂଲ୍ୟ ଛଅ ଅଣା

# ସୂଚୀ


| ବିଷୟ | | ପୃଷ୍ଠା |
|---|---|---|
| ୧ । ଜନ୍ମ | ... | ୩ |
| ୨ । ଶିକ୍ଷା | ... | ୫ |
| ୩ । ଓଡ଼ିଆ ସାହିତ୍ୟକୁ ଦାନ | ... | ୬ |
| ୪ । ଦୀକ୍ଷା ଗ୍ରହଣ | ... | ୧୬ |
| ୫ । ପ୍ରତିପତ୍ତିରେ ଈର୍ଷା | ... | ୨୦ |
| ୬ । ଓଡ଼ିଆ ମଠ | ... | ୨୨ |
| ୭ । ବୈକୁଣ୍ଠପ୍ରାପ୍ତି | ... | ୨୮ |

## ମହାପୁରୁଷ

# ଜଗନ୍ନାଥ ଦାସ

—ଜନ୍ମ—

"ଥିବାଯାଏ ଭାଷା ଗାଇବ ଓଡ଼ିଶା,
'କହେ ଜଗନ୍ନାଥ ଦାସ' ।"

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ମୁସଲମାନ ରାଜତ୍ୱରେ 'ସନାତନ ଧର୍ମ'ର ଗତି ମନ୍ଥର ହେବାରେ ଲାଗିଲା । ଲୋକଙ୍କ ଭିତରେ ଧର୍ମବିଶ୍ୱାସ ଓ ଈଶ୍ୱରଭକ୍ତି ଊଣା ହୋଇ ଆସିବାରୁ ଲୋକମାନେ ଇନ୍ଦ୍ରିୟଲାଳସା ଓ ଭୋଗବିଳାସରେ ଜୀବନର ସାର୍ଥକତା ଦେଖିବାରେ ଲାଗିଲେ । ପୁରାଣ କହେ, ଏପରି ଦୁଃସମୟରେ ଭଗବାନ୍ ଅବତାର ଗ୍ରହଣ କରିଥାନ୍ତି—ଜନସାଧାରଣଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ।

ଶ୍ରୀକ୍ଷେତ୍ର (ପୁରୀ)ର ପଶ୍ଚିମରେ ପ୍ରାୟ ଛଅ କୋଶ ଦୂରରେ ଓଡ଼ିଶାର ସ୍ୱାଧୀନ ରାଜା କପିଳେନ୍ଦ୍ର ଦେବଙ୍କ ସ୍ଥାପିତ କପିଳେଶ୍ୱରପୁର ବ୍ରାହ୍ମଣଶାସନ ଅବସ୍ଥିତ । ୧୪୯୦ ଖ୍ରୀଷ୍ଟାବ୍ଦ ଭାଦ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ (ରାଧା ଜନ୍ମାଷ୍ଟମୀ) ଦିନ ଏହି ବ୍ରାହ୍ମଣ-ଶାସନର ଏକ ବ୍ରାହ୍ମଣ ପରିବାରରେ ମହାପୁରୁଷ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ପିତାଙ୍କ ନାମ ଭଗବାନ୍ ଦାସ ଓ ମାତାଙ୍କ ନାମ ପଦ୍ମାବତୀ । ପଣ୍ଡିତ ଭଗବାନ୍ ଦାସ ଯେପରି ସ୍ୱଧର୍ମନିଷ୍ଠ, ସଚ୍ଚରିତ୍ର ଓ ଭକ୍ତ ଥିଲେ, ସେହିପରି ଦୟାଳୁ ଥିଲେ । ସେ ଭକ୍ତମାନଙ୍କୁ ସଂସ୍କୃତ ପୁରାଣ ଓଡ଼ିଆ ଭାଷାରେ ଭଲରୂପେ ବୁଝାଇ ପାରୁଥିଲେ । ତତ୍କାଳୀନ ଗୁଣଗ୍ରାହୀ ମହାରାଜ ପୁରୁଷୋତ୍ତମ ଦେବ, ଦାସଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ, ତାହାଙ୍କୁ 'ପୁରାଣପଣ୍ଡା' ଉପାଧିରେ ଭୂଷିତ କରିଥିଲେ ।

ସ୍ୱାମୀ ଯେପରି ଧାର୍ମିକ ଓ ଗୁଣବାନ୍, ପଦ୍ମାବତୀ ସେହିପରି ସୁଶୀଳା ଓ ପତିବ୍ରତା ଥିଲେ । ଯେଉଁ ସମୟରେ ଶ୍ରୀମତୀ ରାଧା ଜନ୍ମଗ୍ରହଣ କରିଥିଲେ, ରାଧାଷ୍ଟମୀ ଦିନ ଠିକ୍ ସେଇ ସମୟରେ ଜଗନ୍ନାଥ ଦାସଙ୍କର ଆବିର୍ଭାବ ହୋଇଥିବାରୁ ଲୋକେ ତାହାଙ୍କୁ ରାଧାଙ୍କ ଅଂଶର ଅବତାର ବୋଲି ବିଶ୍ୱାସ କରୁଥିଲେ । ସେଦିନ କପିଳେଶ୍ୱରପୁର ବ୍ରାହ୍ମଣଶାସନର ଘରେ ଘରେ ରାଧାଙ୍କ ଜନ୍ମୋତ୍ସବ ଓ ଦୁର୍ବାଷ୍ଟମୀ ପୂଜା ଲାଗିଥାଏ । କିନ୍ତୁ ଦାସଙ୍କ ଘରେ ପୁତ୍ରଜନ୍ମୋତ୍ସବ । ଲୋକମୁଖରେ ଦାସଙ୍କ ପୁତ୍ରଜନ୍ମ ସଂବାଦ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ପ୍ରଚାରିତ ହୋଇଗଲା । ଲୋକେ ନବଜାତ ଶିଶୁକୁ ଦେଖିବା ପାଇଁ ଦାସଙ୍କ ଘରେ ଆସି ରୁଣ୍ଡ ହେଲେ । ଯଥାବିଧି 'ଜାତକର୍ମ' ସମ୍ପନ୍ନ ହେଲା ।

## —ଶିକ୍ଷା—

ବାଲ୍ୟକାଳରୁ ଦାସଙ୍କର ସୌମ୍ୟମୂର୍ତ୍ତି ଓ ମହାପୁରୁଷ-ଲକ୍ଷଣ ଦେଖି ଲୋକେ ବିସ୍ମିତ ହେଉଥିଲେ । ଏପରି ପୁତ୍ରଲାଭ ପୂର୍ବଜନ୍ମ ତପସ୍ୟାର ଫଳ ବୋଲି ଲୋକେ କୁହାକୋହି ହେଲେ । ଶ୍ରୀଜଗନ୍ନାଥଙ୍କ ଅନୁଗ୍ରହରୁ ଏପରି ସୁଲକ୍ଷଣ ପୁତ୍ର ପାଇଛନ୍ତି ବୋଲି ଭାବି ଭଗବାନ୍ ଦାସ ପୁତ୍ରର ନାମ 'ଜଗନ୍ନାଥ' ରଖିଲେ ।

ଶୈଶବକାଳରୁ ବାଳକ ଜଗନ୍ନାଥଙ୍କର ଅସାଧାରଣ ପ୍ରତିଭା ଓ ସ୍ମୃତିଶକ୍ତିର ପରିଚୟ ମିଳିଥିଲା । ସେ ପଞ୍ଚମ ବର୍ଷରେ ଗ୍ରାମ ପାଠଶାଳାରେ ଅଧ୍ୟୟନ ଆରମ୍ଭ କଲେ । ପ୍ରାଥମିକ ଶିକ୍ଷା ଅତ୍ୟଳ୍ପ ସମୟମଧ୍ୟରେ ଶେଷ ହେଲା ପରେ ସେ ପିତାଙ୍କ ନିକଟରେ ଅମରକୋଷ ଅଭିଧାନ ଏବଂ କଳାପ ଓ ବର୍ଦ୍ଧମାନ ନାମକ ଦୁଇଟି ସଂସ୍କୃତ ବ୍ୟାକରଣ ପଢ଼ିବାରେ ଲାଗିଲେ । ଜଗନ୍ନାଥ ନିକଟବର୍ତ୍ତୀ ବ୍ରାହ୍ମଣଶାସନକୁ ପ୍ରତିଦିନ ଯାଇ ଯଜୁର୍ବେଦ ଓ ସାମବେଦର ସଂହିତାମାନ ମଧ୍ୟ ଅଧ୍ୟୟନ କରୁଥିଲେ । ତୀକ୍ଷ୍ଣ ମେଧା ବଳରେ ନ୍ୟାୟ, ବେଦାନ୍ତ, ଦର୍ଶନ ଶାସ୍ତ୍ର ପ୍ରଭୃତିରେ ସେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ରାମାୟଣ ଓ ମହାଭାରତ ପ୍ରଭୃତି ଧର୍ମଶାସ୍ତ୍ରର ଚର୍ଚ୍ଚା ସଙ୍ଗେ ସଙ୍ଗେ ସେ ଏହିସବୁ ଶାସ୍ତ୍ରରେ ବ୍ୟୁତ୍ପତ୍ତି ଲାଭପୂର୍ବକ ଶ୍ରୀମଦ୍‌ଭାଗବତ ପଢ଼ିଲେ ।

ଅଠର ବର୍ଷ ବୟସ ବେଳକୁ ସେ ସମସ୍ତ ଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ହୋଇଯିବାରୁ ତାଙ୍କର ଯଶଃସୌରଭ ଚାରିଆଡ଼େ ବ୍ୟାପି-ଯାଇଥିଲା । ଏହି ସମୟରେ ପିତା ଭଗବାନ୍ ଦାସ ପୁତ୍ରର

ବିବାହ ପ୍ରସ୍ତାବ ବାଢ଼ି ବସିଲେ । କିନ୍ତୁ ଯୁବକ ଜଗନ୍ନାଥ ଅନେକ ଶାସ୍ତ୍ର ପଢ଼ିସାରିବା ପରେ ବିବାହ କରିବେ ବୋଲି ପିତାଙ୍କୁ ବିନୀତଭାବରେ ଜଣାଇଲେ । ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାହାଙ୍କର ଭଗବତ୍‌ପ୍ରୀତି ମଧ୍ୟ କ୍ରମଶଃ ବଢ଼ିବାରେ ଲାଗିଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରେ ପ୍ରଗାଢ଼ ଭକ୍ତି ତାଙ୍କୁ ପ୍ରତ୍ୟହ ଜଗନ୍ନାଥ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରକୁ ଆକର୍ଷଣ କରୁଥିଲା । ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସେ ପ୍ରତିଦିନ ଶ୍ରୀମଦ୍‌ଭାଗବତ ପାଠ କରୁଥିଲେ । ବଡ଼ଦେଉଳର ଦକ୍ଷିଣ ଦିଗରେ ବଟଗଣେଶଙ୍କ ପାଖରେ ଦାସଙ୍କର ପୁରାଣପାଠ ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ଥିଲା । ପ୍ରତିଦିନ ବହୁ ଲୋକ ଏହି ପୁରାଣପାଠ ଶୁଣିବା ପାଇଁ ଏଠାରେ ରୁଣ୍ଡ ହେଉଥିଲେ । ପୁରାଣପାଠକଙ୍କ ପାଇଁ ରାଜା ବୃତ୍ତି ଖଞ୍ଜି ଦେଇଥିଲେ । ଏବେ ମଧ୍ୟ ଉକ୍ତ ବୃତ୍ତି ଖଞ୍ଜା ଅଛି ଏବଂ ପୁରାଣପାଠ ହେଉଛି ।

## —ଓଡ଼ିଆ ସାହିତ୍ୟକୁ ଦାନ—

ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ—ଏହି ପାଞ୍ଚ ଜଣ ଓଡ଼ିଆସାହିତ୍ୟରେ ପଞ୍ଚସଖା । ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଓଡ଼ିଶାର ଘରେ ଘରେ ପରିଚିତ । ଏହା ସଂସ୍କୃତ ଶ୍ରୀମଦ୍‌ଭାଗବତର ଅବିକଳ ଅନୁବାଦ ନ ହେଲେ ମଧ୍ୟ ମୂଳ ଗ୍ରନ୍ଥର ଅଧିକାଂଶ ବିଷୟ ଭଣାଅଧିକେ ଏଥିରେ ବର୍ଣ୍ଣିତ ହୋଇଛି । ଅଳକ ପ୍ରାୟ ପାଞ୍ଚ ଶହ ବର୍ଷ ତଳେ ଦାସେ ଓଡ଼ିଆ ଭାଷାରେ ଭାଗବତ ଲେଖିଥିଲେ । କିନ୍ତୁ ଭାଷା ତୃଷ୍ଟିରୁ ବିଚାର କଲେ, ତାହା ଏବେ ମଧ୍ୟ ଓଡ଼ିଆ ଭାଷାର ଆଦର୍ଶ ହୋଇ ରହିଛି ଓ ବହୁ କାଳ ରହିବ ।

ପୂର୍ବେ କୁହାଯାଇଛି, ଦାସେ 'ବଟଗଣେଶ' ନିକଟରେ ସଂସ୍କୃତ ଭାଗବତ ପାଠ କରୁଥିଲେ ଏବଂ ଉପସ୍ଥିତ ଜନତାକୁ ଭାଗବତ ଭଳି କଠିନ ଓ ଜଟିଳ ବିଷୟକୁ ସରଳ ଭାଷାରେ ବୁଝାଉଥିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନପାଇଁ ଓଡ଼ିଶାର ସବୁ ଅଞ୍ଚଳରୁ ଲୋକେ ଆସନ୍ତି । ସବୁ ଅଞ୍ଚଳର ଲୋକେ ବୁଝିପାରିବା ଭଳି ଭାଷା ସେ ବ୍ୟବହାର କରୁଥିଲେ । ତେଣୁ ଭାଗବତର ଭାଷା ନିଛକ ଓଡ଼ିଆ ଭାଷା । ଯଥାର୍ଥରେ ଜଗନ୍ନାଥ ଦାସଙ୍କୁ 'ଉତ୍କଳର ବ୍ୟାସ' ବୋଲି କହିଲେ ଭୁଲ୍ ହେବ ନାହିଁ । ଏହି ଗ୍ରନ୍ଥରେ ସେ ନିଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱକୁ ଯେପରି ସରଳ ଓ ସରସ ଭାଷାରେ ଫୁଟାଇ ପାରିଛନ୍ତି, ତାହା କେବଳ ଦାସଙ୍କ ପକ୍ଷରେ ସମ୍ଭବ ଥିଲା । ଭାଷାର ସ୍ୱଚ୍ଛନ୍ଦ ଓ ପ୍ରାଞ୍ଜଳ ବିକାଶ ତଥା ଭାବପ୍ରକାଶ-ଭଙ୍ଗୀର ଅଭିନବ ଶୈଳୀ ଜଗନ୍ନାଥ ଭାଗବତର ବିଶେଷତ୍ୱ । ଏଠାରେ ସେଥିରୁ କେତୋଟି ପଂକ୍ତିର ଉଦାହରଣ ଦିଆଗଲେ ବୋଧହୁଏ ଅବାନ୍ତର ହେବ ନାହିଁ ।

"ସର୍ବ ଶରୀର ମଧ୍ୟେ ସାର,
ଦୁର୍ଲ୍ଲଭ ନର କଳେବର ।
ସୁଲଭ ନାବରୂପେ ଘଟେ,
ବନ୍ଧନ ଭବସିନ୍ଧୁ ତଟେ ।
ଏ ନାବେ ଗୁରୁ କର୍ଣ୍ଣଧାର,
ମୁହିଁ ଅନୁକୂଳ ସମୀର ।
ଏମନ୍ତ ନାବ ଥାଉଁ କୂଳେ,
ଯେ ବା ନ ତରେ ଭବଜଳେ;
ସେ ନର ହୀନ ମୂଢ଼ମତ,
ତାହାକୁ ବୋଲି ଆତ୍ମଘାତ ।
× ×

ଲୀଳା ବିଧୃତ କଳେବର,
ଦେବ ମାନବେ ଅଗୋଚର ।

× ×

ଦୁର୍ଗମ ପଥ ଏ ଭଜନ,
ଭୟେ ଭାଜନ୍ତି ଯୋଗିଜନ ।

× ×

ତେଣୁ ତାତ କର୍ମ ପାଦେ ସେବ,
କର୍ମଠୁଁ ନାହିଁ ଅନ୍ୟ ଦେବ ।

× ×

ଏ ଜୀବ ଭାବୁଥାଇ ଯାହା,
କାଳେ ପ୍ରାପତ ହୁଏ ତାହା ।

× ×

କଳ୍ପଣା-ମୂଳେ କାଳ ଥାଇ,
ପ୍ରାଣୀ ତା ଜାଣି ନ ପାରଇ ।

× ×

ଅଶେଷ ଦୁଃଖ ନାଶ କରେ,
ନିତ୍ୟ ଯେ ବିଷ୍ଣୁ ନାମ ଧରେ ।

× ×

ଅଙ୍ଗରୁ ଆଳସ୍ୟ ତେଜିବ,
ନିନ୍ଦିତ ଭୋଗ ନ କରିବ ।

× ×

ଅଧର୍ମ ବଢ଼େ ଦିନୁ ଦିନେ,
ନରତେ କୁସଙ୍ଗ ମିଳନେ ।

× ×

ଅଳପେ ବହୁତ ସନ୍ତୋଷ,
ନ ମିଳେ କଲେ ଉପବାସ ।

× ×

ଅନିତ୍ୟ ଅସତ୍ୟ ଶରୀର
ଅନ୍ତେ ଲଭଇ ଭମ ଘୋର ।

× ×

ଅତ୍ମାକୁଶଳେ ସର୍ବସିଦ୍ଧି,
ତରଇ ସଂସାର-ବାରିଧି ।

× ×

ଅତ୍ମାକୁ ଅତ୍ମା ଯେବେ ସ୍ମରେ,
ପରମ ଅନନ୍ଦେ ବିହରେ ।

× ×

ଅପଣା ଦନ୍ତେ ଜିହ୍ୱା ଛେଦ,
କେ ତାର ଅଛି ପ୍ରତିବାଦୀ ?

× ×

ଉପାୟୁ ଅହାର କାରଣେ
ଚିନ୍ତିବ ଶରୀରଧାରଣେ ।

× ×

ଉତ୍ତମ ସଙ୍ଗେ ସଙ୍ଗ ଯାର,
ସେ କରେ ଉତ୍ତମ ବେଭାର ।

× ×

ଏ ମନ ସ୍ୱଭାବ ଚଞ୍ଚଳ,
କେବେହେଁ ନ ହୁଏ ନିଶ୍ଚଳ ।

× ×

ଏ ଯେ ମନୁଷ୍ୟ କଳେବର,
ଦୁର୍ଲଭ କ୍ଷଣକେ ଭଙ୍ଗୁର ।

× ×

ଏ ଦେହ ଥିଲେ ସର୍ବ ପାଇ,
ଜଳେ ଯେସନେ ଚନ୍ଦ୍ର ଛାଇ ।

× ×

କାମ ସଂକଳ୍ପ ଦନ୍ତୁ ଦନେ,
ବଢ଼ଇ ବିଷୟ ଶତ୍ରୁନେ ।

× ×

କର୍ମ ଅଦାର ସହେ ଦୁଃଖ,
କେବେହେଁ ନୁହଇ ବିମୁଖ ।

× ×

କହଲେ ପର ଅପମାନେ,
ବିବାଦ ନ କରିବ ମନେ ।

× ×

ସମତା ଦୃଷ୍ଟି ସତ୍ୟ ଭାଷା,
ଏଣେ କରିବ ନିତ୍ୟ ଅଶା ।

× ×

ଧନ କାର୍ପଣ୍ୟ ସେବା ଫଳେ
କିବା ଅସାଧ୍ୟ ମହୀତଳେ ?

× ×

ଧନ ଅର୍ଜନେ ଧର୍ମ କର
ଧର୍ମେ ପ୍ରାପତ ନରହର ।

× ×

ଯାହାର ଚରିତ ଗହନ,
ଧ୍ୟାନେ ଭାବନ୍ତି ମୁନିଜନ ।

× ×

ଧର୍ମପାଳକ ତୁ ଜଗତେ,
ଶରୀର ବହୁ ଭକ୍ତହିତେ ।

× ×

ଦୁଷ୍ଟ ଜୀବାର ସନ୍ତୁ ପାଳୁ,
ତୁ ନାଥ ପରମ ଦୟାଳୁ ।

× ×

ଏ ଦେହ ବାଷ୍ପ ଭସ୍ମକୁମ୍ଭି,
ମାୟା ବଳରେ ବୃଥା ଭ୍ରମି ।

× ×

ଅନିତ୍ୟ ଶରୀରକୁ ବହି
ପ୍ରାଣୀଙ୍କ ଦ୍ରୋହ ଯେ ଚିନ୍ତଇ,
ମାୟା ଶରୀରେ ଗର୍ବ ବହି
ଅନ୍ଧେ ଯାତନା ସଞ୍ଚଇ ।

× ×

ଦେହ ଆତ୍ମା ଲଗି ନ ଥାଇ,
ଆତ୍ମା ଯେ ଜ୍ୟୋତି ସ୍ୱରୂପହିଁ ।

× ×

ଜଗତ ବାସୁଦେବ ଜାଣି
ସର୍ବେ ଏକତ୍ୱ ପରମାଣି ।

× ×

ଯେ ବସ୍ତୁ ସର୍ବଭୂତେ ଏକ,
ଅର୍ଥ ବାଦରେ ସେ ଅନେକ ।
× ×
ଜୀବନ୍ତେ ଏକୁ ଅଟେ ସଖା,
ମରଣେ ପରଲୋକେ ଦେଖା ।
× ×
ଯାହାରେ ହେଳ ତୁ ସଦୟେ,
ସେ ନ ପଡ଼ଇ ମାୟା ମୋହେ ।
× ×
ତୁ ନାଥ ପୁରୁଷ ପୁରାଣ,
ଜ୍ୟୋତି ଅନ୍ତରେ ଅଛ ଶୂନ୍ୟ ।
× ×
ଯାହାକୁ ରଖିବେ ଅନନ୍ତ,
କି କରିପାରେ ବଳବନ୍ତ ?
ପରମ ପବିତ୍ର ଏ ବାଣୀ,
ସଂସାରୁ ତରି ଏହା ଶୁଣି ।"

ଭକ୍ତକବି ଜଗନ୍ନାଥ ସଂସ୍କୃତ ଭାଗବତରୁ କେବଳ ଆଧ୍ୟାତ୍ମିକ ବିଷୟବସ୍ତୁ ଅନୁବାଦ କରି ନାହାନ୍ତି, ପ୍ରାକୃତିକ ଶୋଭାର ବର୍ଣ୍ଣନା ମଧ୍ୟ ନିପୁଣଭାବରେ ଅନୁବାଦରେ ଫୁଟାଇ ପାରିଛନ୍ତି । ତଳେ ଦିଆଯାଇଥିବା କେତେକ ପଂକ୍ତିରେ ତାହା ସୁସ୍ପଷ୍ଟ ।

"ଘନ କାନନ ଲତାମାନ,
ଅଛନ୍ତି ନାନା ପକ୍ଷିଗଣ ।
ସ୍ୱଚ୍ଛ ନିର୍ମଳ ସ୍ୱାଦୁ ବାରି,
ବିବିଧ ଜଳାଶୟ ପୂରି ।

କୁକ୍କୁଟ କାରଣ୍ଡବ ହଂସ,
କରନ୍ତି ଋତୁରେ ବିଳାସ ।

× ×

ନନ୍ଦନ ବନେ ପକ୍ଷିପନ୍ତି,
କଳ୍ପ ପାଦପେ ବିରାଜନ୍ତି ।
ବିହଙ୍ଗମିଥୁନ ଶୋଭିତ,
ଭୃଙ୍ଗ କୋକିଳ ଗାନେ ରତ ।
ହଂସ ସାରସ ଚକ୍ରବାକେ,
କାରଣ୍ଡେ, ଜଉମ ଡାହୁକେ
କେଳି କରନ୍ତି ସରୋବରେ,
ବହନ୍ତି ସୁଗନ୍ଧ ସମୀରେ ।

× ×

ପୁଲହାଶ୍ରମ ଉପବନେ,
ବିବିଧ ବିଟପୀ ଗହନେ ।
ନାନା କୁସୁମ ପରିମଳ,
ନିର୍ମଳ ସୁଶୀତଳ ଜଳ ।
ମନ୍ଦ ପବନ ଅବିରତେ,
ତହିଁ ଭରତ ଶୁଦ୍ଧ ଚିତ୍ତେ ।
କୋମଳ ତୁଳସୀର ଜଳ,
ଶୀତଳ ପକ୍ୱ ଫଳମୂଳ ।

× ×

ନଦୀଏ ଉଚ୍ଛୁଳଲେ ଜଳେ,
ପକ୍ଷୀଙ୍କ ନାଦ ବୃକ୍ଷଡାଳେ ।

ସ୍ତବକ ପୁଷ୍ପ ବନେ ଫୁଟି,
ଗନ୍ଧ ପ୍ରସରଇ ପ୍ରକଟି ।

× ×

ଦେଖ ସୁସଞ୍ଚ ବାଲକୁନ୍ଦ,
ଗୃହାନ୍ତେ ଜନ୍ମଇ ଆନନ୍ଦ ।
ନିର୍ମଳ ବାରି ନଦୀ ତୀର,
ଶୀତଳ ବହଇ ସମୀର ।
ବିବିଧ କୁସୁମ ସକଳ,
ସୁଗନ୍ଧ ବହେ ପରିମଳ ।
ଶୁକ କୋକିଳ ନାଦ ଦେନି,
ଭ୍ରମରେ ମନୋହର ଧ୍ୱନି ।
ନବ ପଲ୍ଲବ ତରୁଗଣ,
ମୟୂର କଣ୍ଠ ନାଦ ଶୁଣ ।

× ×

ସ୍ୱଭାବେ ଶରଦର କାଳ,
ପବନ ବହେ ପରିମଳ ।
ଗଗନେ ପ୍ରକାଶିଲେ ଶଶୀ,
ନିର୍ମଳ ବିରାଜଇ ନିଶି ।
ଫୁଟିଲେ ଜଳେ ସ୍ଥଳେ ଫୁଲ,
ସୁଗନ୍ଧ ଶୀତଳ ଅମୂଲ୍ୟ ।
ଶରଦ କାଳର ଯେ ଶଶୀ,
ମଲ୍ଲିକା ପୁଷ୍ପ ପ୍ରାୟ ଦିଶି ।

× ×

ପବନ ବହଇ ଶୀତଳ,
ଶୂନ୍ୟେ ଉଡ଼ନ୍ତି ମେଘମାଳ ।

× ×

ସ୍ୱଭାବେ ଗୋବନ୍ଦର ପୁର,
କି ଅବା ଦେବା ପଟ୍ଟାନ୍ତର ।
ପୁଷ୍ପିତ ଉପବନ ମଧ୍ୟେ
ଭ୍ରମଣ ପକ୍ଷିକୁଳ ନାଦେ ।
ନୀଳକୁମୁଦ ପଦ୍ମସାର,
ସୁଗନ୍ଧ ପୁଷ୍ପ କହ୍ଲାର ।
ହଂସ ସାରସ ନାଦେ ମିଶି,
ସୁନ୍ଦର ଜଳାଶପୂରଣି ।

× ×

ସେ ଋଷି ଆଶ୍ରମ ମହିମା,
ଅଶେଷ ସୁଖାଳୟ ସୀମା ।

× ×

ପୂର୍ଣ୍ଣ ସେ ବୃକ୍ଷ ଲତାଦରେ,
ବେଷ୍ଟିତ ସୁଗନ୍ଧ ପୁଷ୍ପରେ ।
ପବନ ପକ୍ଷିଗଣ ଧ୍ୱନି,
ନିର୍ମଳ ଜଳ ପୁଷ୍କରଣୀ ।
ମତ୍ତ ଭ୍ରମରେ ପୁଷ୍ପବାସେ,
ମକରନ୍ଦ ପାନେ ହରଷେ ।
ମତ୍ତ କୋକିଳ କରେ ଧ୍ୱନି,
ମତ୍ତ ମୟୂର ନୃତ୍ୟ ଭୂମି ।

ଉଲ୍ଲସେ ନାନା ପକ୍ଷିଗଣେ,
ସର୍ବେ ଆନନ୍ଦ ସେହି ବନେ ।
× ×
ନିଦାଘ କାଳେ ଶୀତ ଜଳେ,
କ୍ରୀଡ଼ା କରନ୍ତି ହସ୍ତୀବଳେ ।"

ଅନ୍ୟାନ୍ୟ ବର୍ଣ୍ଣନାଃ—

"ନୀଳ ନୀରଦ ତନୁବର୍ଣ୍ଣ,
ପ୍ରକାଶ କମଳଲୋଚନ ।
× ×
ଆଜାନୁ ଲମ୍ବେ ଭୁଜ ଚାରି,
ଶଙ୍ଖ କମଳ ଗଦା ଧରି ।
ପୀତ ବସନ କଟିମାନେ,
ତଡ଼ିତ ନୀଳ ମେଘେ ସାଜେ ।
× ×
ଅଳପ ହସେ ମୁଖ ରଙ୍ଗ,
ଓଷ୍ଠ ପାଚିଲା ଫଳ ବିମ୍ବ ।
କୁନ୍ଦକଳିକା ଦନ୍ତପନ୍ତି,
ଯେହ୍ନେ ଶୋଭିତ ଗଜମୋତି ।
ରାଜହଂସର ପ୍ରାୟେ ଧୀରେ,
ଗୁଳାଇ ନୂପୁର ପୟରେ ।"

ଗାଁଗହଳରେ ଏବେ ମଧ୍ୟ "ଭାଗବତ ଘର" ବା "ଭାଗବତ ଟୁଙ୍ଗି" ଅଛି । ପଲ୍ଲିବାସୀମାନେ ଦିନରେ ନିଜର କାମଧନ୍ଦା ସାରି ସନ୍ଧ୍ୟାରେ 'ଭାଗବତ ଘର'କୁ ଆସନ୍ତି । କୀର୍ତ୍ତନ ଭଜନ କରି ଭାଗବତ ପୁରାଣ ଶୁଣନ୍ତି । ଏହି ଭାଗବତଘରେ ଗ୍ରାମ୍ୟ ବିବାଦ ପ୍ରଭୃତି ମୀମାଂସିତ ହୋଇଥାଏ ।

ହରିଜା ପ୍ରଭୃତି ମାସ୍ତ୍ରଙ୍କ ଗ୍ରେଗ ଗ୍ରାମରେ ଦେଖା ଦେଲେ ଲୋକେ 'ଭାଗବତ ସପ୍ତାହ' ଅରମ୍ଭ କରନ୍ତି ଏବଂ କ ଦିନ କ ରାତି ସବୁବେଳେ ଭାଗବତ ପାରାୟଣ କରି ଅପୂର୍ବସନ୍ତୋଷ ଲାଭ କରନ୍ତି ।

ମେଦିନୀପୁର ଓ କାନ୍ଥି ଅଞ୍ଚଳରେ ବଙ୍ଗଳା ଅକ୍ଷରରେ 'ଓଡ଼ିଆ ଭାଗବତ' ଛାପା ହୋଇ ବିକି ହେଉଛି । ଦାସଙ୍କ ଭାଗବତ ଓଡ଼ିଆ ପ୍ରାଣକୁ ଯେପରି ଛୁଇଁପାରିଛି, ଆଜିକାଲି ଅନ୍ୟ କୌଣସି ଓଡ଼ିଆ ଗ୍ରନ୍ଥ ଓଡ଼ିଆଙ୍କ ପ୍ରାଣକୁ ସେପରି ସ୍ପର୍ଶ କରିବା ଦୂରେ ଥାଉ, ସେମାନଙ୍କ ପାଖରେ ସୁଦ୍ଧା ପହଞ୍ଚି ପାରି ନାହିଁ । ମୋଟାମୋଟି କହିଲେ, ଜଗନ୍ନାଥ ଦାସଙ୍କ 'ଭାଗବତ' ଓଡ଼ିଆ ଜାତୀୟତାର ଶ୍ରେଷ୍ଠ ପ୍ରତୀକ ।

ଭାଗବତ ବ୍ୟତୀତ ଦାସେ ଓଡ଼ିଆ ଭାଷାରେ ଷୋଳ ଚଉପଦୀ, ଶୈବାଗମ ଭାଗବତ, ସର୍ଗ ବର୍ଣ୍ଣନା, ଗୁଣ୍ଡିଚା ବିଜେ, ଗୋଲୋକ ସାରୋଦ୍ଧାର ପ୍ରଭୃତି ଲେଖି ଯାଇଛନ୍ତି । ସଂସ୍କୃତ ଭାଷାରେ ମଧ୍ୟ ସେ ପ୍ରାୟ ଦଶ ଖଣ୍ଡ ପୁସ୍ତକ ଲେଖିଛନ୍ତି ।

## —ଦୀକ୍ଷା ଗ୍ରହଣ—

ସବୁ ଦିନ ପରି ଦାସେ ବଟମୂଳରେ ଶ୍ରୀମଦ୍ଭାଗବତ ଚର୍ଚ୍ଚା କରିବାରେ ଲାଗିଥାନ୍ତି । ଏହି ସମୟରେ ବଙ୍ଗ ଦେଶରୁ ଶ୍ରୀଚୈତନ୍ୟ ସହଚରମାନଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ବଡ଼ଦେଉଳକୁ ଆସିଲେ । ସେଇ ବଟମୂଳରେ ଶ୍ରୀଚୈତନ୍ୟଙ୍କ ସହିତ ଦାସଙ୍କର ପ୍ରଥମ ସାକ୍ଷାତ୍ । ସେତେବେଳକୁ ଦାସଙ୍କର ବୟସ ଊଣେଇଶ ମାତ୍ର ।

ଏ ମିଳନ ଯେପରି-ସେପରି ମିଳନ ନୁହେଁ—ଏହା ଭକ୍ତର ଭକ୍ତ ସହିତ ଅପୂର୍ବ ମିଳନ । ଦାସେ ଭାଗବତ ଦଶମସ୍କନ୍ଧର ବ୍ରହ୍ମସ୍ତୁତି ପାଠ କରୁଥିଲେ । ଚୈତନ୍ୟଦେବଙ୍କ ସହିତ ସାକ୍ଷାତ୍ ହେବାରୁ ଦାସେ ଭାବବିହ୍ୱଳ ହୋଇଗଲେ । ତା ପରେ ପ୍ରକୃତିସ୍ଥ ହୋଇ ଚୈତନ୍ୟଦେବଙ୍କ ସଙ୍ଗରେ ମନ୍ଦିର ପ୍ରଦକ୍ଷିଣ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ । ଦେବଦର୍ଶନ ପରେ ଶ୍ରୀଚୈତନ୍ୟ ନିଜର ସହଚରମାନଙ୍କୁ କହିଲେ, "ଦାସେ ସାମାନ୍ୟ ଲୋକ ନୁହନ୍ତି, ସେ ଜଗନ୍ନାଥଙ୍କର ସଙ୍ଗୀ ।"

ପ୍ରତ୍ୟହ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଚୈତନ୍ୟଦେବ ବଡ଼ଦେଉଳକୁ ଆସିଲେ ବଟମୂଳରେ କିଛି ସମୟ ବସି ପୁରାଣ ଶୁଣନ୍ତି । ଦାସଙ୍କୁ ଚୈତନ୍ୟଦେବ ବିଶେଷ ସମ୍ମାନ ଦେଖାଇବାରୁ ତାହା ଗୌଡ଼ୀୟ ବୈଷ୍ଣବମାନେ ସହିପାରିଲେ ନାହିଁ । ସେମାନେ ଚୈତନ୍ୟଦେବଙ୍କୁ କହିଲେ, "ଦୀକ୍ଷା ଗ୍ରହଣ କରି ନ ଥିବା ବ୍ୟକ୍ତିକୁ ଏପରି ସମ୍ମାନ ଦେଖାଇବା ବୈଷ୍ଣବ ପକ୍ଷରେ ଅଶୋଭନୀୟ ।" କିନ୍ତୁ ଚୈତନ୍ୟଦେବ ଉତ୍ତରରେ କହିଲେ, "ଦୀକ୍ଷା ଗ୍ରହଣ କରି ନ ଥିଲେ ମଧ୍ୟ ଦାସଙ୍କ ସର୍ବାଙ୍ଗ ଭକ୍ତିରସରେ ପରିପୂର୍ଣ୍ଣ ।"

ଦାସେ ଯେତେବେଳେ ଶୁଣିପାରିଲେ ଯେ ଗୌଡ଼ୀୟ ବୈଷ୍ଣବମାନେ ଚୈତନ୍ୟଦେବଙ୍କ ନିକଟରେ ଦୀକ୍ଷା ଗ୍ରହଣ କରି ନ ଥିବାର ଅଭିଯୋଗ କରୁଛନ୍ତି, ସେତେବେଳେ ସେ ଦୀକ୍ଷା ଗ୍ରହଣ ପାଇଁ ବ୍ୟାକୁଳ ହୋଇ ଉଠିଲେ । ଦାସ ଆପଣେ ଅତି ଆଗ୍ରହରେ ଚୈତନ୍ୟଦେବଙ୍କ ନିକଟରେ ଦୀକ୍ଷାଗ୍ରହଣ ନିମନ୍ତେ ଉପସ୍ଥିତ ହେଲେ । ସେସମୟରେ ଶ୍ରୀଚୈତନ୍ୟ କାଶୀ ମିଶ୍ରଙ୍କ ଘରେ

ରହୁଥାଅନ୍ତି । କାଶୀ ମିଶ୍ରଙ୍କ ଘର ଏବର ରାଧାକାନ୍ତ ମଠ । ଦାସ ଅପଣଙ୍କ ଅଭିପ୍ରାୟ ବୁଝିପାରି ଚୈତନ୍ୟଦେବ ତାଙ୍କୁ ଦୀକ୍ଷା ଦେବାପାଇଁ ବଳରାମ ଦାସଙ୍କୁ ଇଙ୍ଗିତ ଦେଲେ । ଦାସ ଅପଣେ ଯେପରି ଗୁରୁ ପାଇବାକୁ କାମନା କରୁଥିଲେ, ସେହିପରି ଗୁରୁ ପାଇଲେ । ବଳରାମ ଦାସ ଓ ଶ୍ରୀଚୈତନ୍ୟ ଅଭିନ୍ନ-ଶରୀର । ପ୍ରାଚୀନ ବୈଦିକ ବିଧାନ ସଙ୍ଗେ ସମତା ରଖି ଏଇ ଦୀକ୍ଷାଗ୍ରହଣ କର୍ମ ସମ୍ପନ୍ନ ହେଲା ।

ଦାସେ ଏବେ ଡୋରକୌପୀନଧାରୀ ବୈରାଗୀ । ତାହାଙ୍କର ଭଗବତ୍‌ପ୍ରୀତି ଦିନକୁ ଦିନ ବଢ଼ିବାରେ ଲାଗିଲା । ଜଗନ୍ନାଥ ମହାପ୍ରଭୁଙ୍କର ଦର୍ଶନ, ଖଟଣି ଓ ସେବା ତାଙ୍କର ନିତ୍ୟନୈମିତ୍ତିକ କର୍ମ ହେଲା । ସେ ଜଗନ୍ନାଥ ମୂର୍ତ୍ତିରେ ରାଧାକୃଷ୍ଣଙ୍କର ବିକାଶ ଦେଖୁଥିଲେ ଓ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ନିତ୍ୟ ବୃନ୍ଦାବନ ବୋଲି ମଣୁଥିଲେ । ପ୍ରତିଦିନ ସେ ପାହାନ୍ତି ଅବକାଶ ସମୟରେ ବଡ଼-ଦେଉଳକୁ ଯାଇ ତନି ଧୂପ, ପାଞ୍ଚ ଅବକାଶ ଓ ବଡ଼ସିଂହାର ପର୍ଯ୍ୟନ୍ତ ଜଗନ୍ନାଥଙ୍କ ନିକଟରେ ରହି ସେବାରେ ଖଟିଥାଅନ୍ତି । ମହାପ୍ରଭୁଙ୍କ ପହଡ଼ ପରେ ନିଜ ଆଶ୍ରମକୁ ଫେରନ୍ତି ।

ବଳରାମ ଦାସ ଓ ଚୈତନ୍ୟଦେବ ଉଭୟଙ୍କୁ ଦାସ ଅପଣେ ସମାନଭାବରେ ଗୁରୁରୂପେ ସେବା କରୁଥିଲେ । ତାହାଙ୍କର ଅସାଧାରଣ ପ୍ରେମ ଭକ୍ତି ଦେଖି ଶ୍ରୀଚୈତନ୍ୟ ତାହାଙ୍କୁ ଦିନେ କହିଲେ, "ଦାସେ, ତୁମେ ଅତିବଡ଼ ।" ଏହା କହି ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟ ଦାସ ଅପଣଙ୍କ ମୁଣ୍ଡରେ ବାନ୍ଧିଦେଲେ । ସେଇ ଦିନରୁ ଲୋକେ ଦାସଙ୍କୁ "ଅତିବଡ଼ ଗୋସ୍ୱାମୀ" ବୋଲି ଡାକିଲେ ।

## —ପ୍ରତିପତ୍ତିରେ ଈର୍ଷା—

ଦାସଙ୍କର 'ଅତିବଡ଼' ଉପାଧିଲାଭ ଚାରିଆଡ଼େ ପ୍ରଚାରିତ ହୋଇଗଲା । ଏଥିରେ କେତେକ ଗୌଡ଼ୀୟ ବୈଷ୍ଣବ ଈର୍ଷାରେ ଜଳିଗଲେ । ସେମାନେ କହି ଚାଲିଲେ, "ଆମେମାନେ ଏପର୍ଯ୍ୟନ୍ତ ଶ୍ରୀଚୈତନ୍ୟ ଗୋସାଇଁଙ୍କର ଦିନରାତି ସେବା କଲୁଁ, କିନ୍ତୁ ସେ ଜଣେ ଓଡ଼ିଆ ବ୍ରାହ୍ମଣକୁ ହଠାତ୍ ଏଡ଼େ ବଡ଼ ଉପାଧିଟାଏ ଦେଇ ପକାଇଲେ । ଏହାଙ୍କ ସଙ୍ଗରେ ରହିଲେ ସେହି ଓଡ଼ିଆ ବ୍ରାହ୍ମଣର ଗୌରବ ସବୁବେଳେ ଶୁଣିବା । ତେଣୁ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବା ଶ୍ରେୟସ୍କର ।"

ଏହିପରି ପରପ୍ରଚାର ଫଳରେ କେତେକ ଗୌଡ଼ୀୟ ବୈଷ୍ଣବ ଶ୍ରୀଚୈତନ୍ୟଙ୍କୁ ଛାଡ଼ି ଯାଜପୁରରେ ରହିଲେ । କିଛି ଦିନ ପରେ ଚୈତନ୍ୟ ସେମାନଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ଆଣିବା ପାଇଁ ଜଣେ ଗୌଡ଼ୀୟ ବୈଷ୍ଣବଙ୍କୁ ଯାଜପୁର ପଠାଇଲେ । ଉତ୍ତରରେ ସେମାନେ କହିଲେ, "ନିଜେ ଚୈତନ୍ୟଦେବ ଆସିଲେ ଆମେମାନେ ଯିବୁଁ ।" ଚୈତନ୍ୟଦେବ ଦାସଙ୍କୁ କହିଲେ, "ଚାଲ, ଆମେ ସମସ୍ତେ ଯାଇ ସେମାନଙ୍କୁ ବୁଝାଇଶୁଝାଇ ଏଠାକୁ ଘେନି ଆସିବା ।" ଦାସେ କହିଲେ, "ମୋ ଯୋଗୁଁ ତ ସେମାନେ ଶ୍ରୀକ୍ଷେତ୍ର ଛାଡ଼ି ଚାଲିଯାଇଛନ୍ତି, ପୁଣି ମତେ ଦେଖିଲେ ସେମାନଙ୍କର କ୍ରୋଧ ବଢ଼ିବ ଓ ଫଳ ଓଲଟା ହେବ ।" ମାତ୍ର ଶେଷରେ ସ୍ଥିର ହେଲା—ଦାସେ ମଧ୍ୟ ଚୈତନ୍ୟଦେବଙ୍କ ସହିତ ଯିବେ ।

ତା ପରେ ଚୈତନ୍ୟ ଓ ଜଗନ୍ନାଥ ଅନ୍ୟାନ୍ୟ ଗୌଡ଼ୀୟ ବୈଷ୍ଣବଙ୍କ ସହିତ ଯାଜପୁର ଗଲେ । ଦାସଙ୍କ ବିରୋଧୀ

ବୈଷ୍ଣବମାନେ ଏହା ଶୁଣିପାରି ଏମାନଙ୍କୁ ପାଛୋଟି ଆସି ଅତି ଆଦରରେ ନିଜ ଆଶ୍ରମକୁ ଘେନିଗଲେ । ସେଠାରେ ଯଥାବିଧି ନାମ ସଂକୀର୍ତ୍ତନ ପ୍ରଭୃତି ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଲା । ଏହିପରି ଭାବରେ ଛଅ ଦିନ ନିର୍ବିଘ୍ନରେ କଟିଗଲା । ଦିନେ ଚୈତନ୍ୟଦେବ ହସି ହସି ଦାସଙ୍କୁ 'ଅତିବଡ଼ ଜଗନ୍ନାଥ ଦାସେ' ବୋଲି ଡାକିଦେଲେ । ଯାଆନ୍ତି କୁଆଡ଼େ ? ସେହି ଗୌଡ଼ୀୟ ବୈଷ୍ଣବମାନେ ଏହା ଶୁଣି କ୍ରୋଧରେ ଅଗ୍ନି ଶର୍ମା ହୋଇ ଉଠିଲେ । ନିଜର କ୍ରୋଧକୁ ବାହାରେ ପ୍ରକାଶ ନ କରି ଚୈତନ୍ୟଦେବଙ୍କୁ କହିଲେ, "ଯତିମାନଙ୍କର ଏକ ସ୍ଥାନରେ ଅଧିକ ଦିନ ରହିବା ଅନୁଚିତ । ଆପଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଫେରି ନ ଯାଇ ତୀର୍ଥାଟନରେ ବାହାରନ୍ତୁ ।" ଚୈତନ୍ୟ କହିଲେ, "ଯାହାର ଭଗବାନଙ୍କଠାରେ ଅଚଳାଭକ୍ତି ଅଛି, ସେ କାହିଁକି ତୀର୍ଥାଟନ କରିବାକୁ ଯିବ ? ମୁଁ ପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଛାଡ଼ି କାହିଁ ଯିବି ନାହିଁ । କଥା ଅଛି—'ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ ?' ଅଜର ମଧ୍ୟ ତୀର୍ଥଯାତ୍ରା କଲେ ଅତିବଡ଼ ଜଗନ୍ନାଥ ଦାସଙ୍କ ପରି ଜଣେ ଉଚ୍ଚକୋଟି ସାଧୁଙ୍କର ସାହଚର୍ଯ୍ୟରୁ ବଞ୍ଚିତ ହେବାକୁ ପଡ଼ିବ ।"

ବିରୋଧୀ ଗୌଡ଼ୀୟ ବୈଷ୍ଣବମାନେ ଶେଷରେ ଚୈତନ୍ୟଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଗଲେ । ବର୍ଷକ ପରେ ପୁଣି ତୀର୍ଥାଟନ ପାଇଁ ଚୈତନ୍ୟଙ୍କୁ ଅନୁରୋଧ କରି ପତ୍ର ଲେଖିଲେ । ଏଥିରେ ଚୈତନ୍ୟଦେବ ଅସ୍ୱୀକୃତ ହେବାରୁ ସେମାନେ ବୃନ୍ଦାବନରେ ଯାଇ ରହିଲେ ଏବଂ ବହୁ ଉଦ୍ୟମ କରି ମଧ୍ୟ ଜଗନ୍ନାଥ ଦାସଙ୍କ ପାଖରୁ ଚୈତନ୍ୟଦେବଙ୍କୁ ଅଲଗା କରିପାରିଲେ ନାହିଁ ।

କିଛି ଦିନ ପରେ ଗୁଣ୍ଡିଚା ଯାତ୍ରା ସମୟରେ ବୃନ୍ଦାବନରୁ ବିରୋଧୀ ବୈଷ୍ଣବଦଳ ଶ୍ରୀକ୍ଷେତ୍ରକୁ ଆସିଲେ । ଦାସେ ଏଇ ଗୌଡ଼ୀୟ ବୈଷ୍ଣବମାନଙ୍କୁ ଚୈତନ୍ୟଙ୍କ ନିକଟକୁ ଡକାଇ ଆଣିଲେ । ସମସ୍ତେ ମିଳିମିଶି ପୁରୁଷୋତ୍ତମ କ୍ଷେତ୍ରରେ ରହିବା କଥା ପଡ଼ିଲା । ଚୈତନ୍ୟଦେବ ଉଭୟ ଦଳଙ୍କୁ ବସାଇ ଭକ୍ତିତତ୍ତ୍ୱ ବୁଝାଇ କହିଲେ, “ଭକ୍ତି-ରାଜ୍ୟରେ, ସେବା-ରାଜ୍ୟରେ, ପ୍ରେମ-ରାଜ୍ୟରେ ଭେଦ-ବିଚାର ନାହିଁ—ଜାତିଭେଦ ନାହିଁ, ବର୍ଣ୍ଣ ଭେଦ ନାହିଁ, ସ୍ଥାନଭେଦ ନାହିଁ, ଭାଷାଭେଦ ମଧ୍ୟ ନାହିଁ । ଯେଉଁ ବୈଷ୍ଣବ ଏପ୍ରକାର ଭେଦଭାବ ରଖେ, ସେ ଯଥାର୍ଥରେ ବୈଷ୍ଣବ ନୁହେଁ । ‘ସକଳ ଘଟେ ନାରାୟଣ, ଅନାଦି ପରମ କାରଣ ।’ ଏହି ମହାଭାବ ସାଧୁଜନସେବ୍ୟ ।”

ବିରୋଧୀ ଦଳ ଏ କଥା ଶୁଣି କିଛି କହିଲେ ନାହିଁ ସତ୍ୟ, କିନ୍ତୁ ସେମାନଙ୍କ ଅନ୍ତର ଈର୍ଷାରେ କୁହୁଳି ଉଠିଲା । ସେମାନେ ଚୈତନ୍ୟ ଓ ଦାସଙ୍କ ସଙ୍ଗେ ପୁରୀରେ ନ ରହି ବୃନ୍ଦାବନ ଚାଲିଗଲେ । ସେମାନଙ୍କ ମଧ୍ୟରୁ କେତେକ ଗୌଡ଼ୀୟ ବୈଷ୍ଣବ ବାଧ୍ୟ ହୋଇ ନିଜ ସମ୍ପ୍ରଦାୟର ନିର୍ଦ୍ଦେଶକୁ ମାନିଥିଲେ । ଅତଏବ ଜଗନ୍ନାଥ ଦାସଙ୍କ ବିଷୟରେ “ଶ୍ରୀଜଗନ୍ନାଥଚରିତ ସୁଧୋଦୟ” ନାମକ ଖଣ୍ଡିଏ ଗ୍ରନ୍ଥ ଶ୍ରୀ ଜୀବଗୋସ୍ୱାମୀ ଲେଖିଛନ୍ତି ।

## —ଓଡ଼ିଆ ମଠ—

କେତେକ ଦିନ ପରେ ବ୍ରହ୍ମାନନ୍ଦ ନାମରେ ଜଣେ ଦିଗ୍‌ବିଜୟୀ ପଣ୍ଡିତ ଶ୍ରୀକ୍ଷେତ୍ରକୁ ଆସିଲେ । ସ୍ୱାଧୀନ ଓଡ଼ିଶାର ରାଜା ପ୍ରତାପରୁଦ୍ର ଦେବ ଏହି ପଣ୍ଡିତ ସନ୍ନ୍ୟାସୀଙ୍କୁ ବିଶେଷ ଆଦର କରି

ଶ୍ରୀକ୍ଷେତ୍ରରେ ରହିବାକୁ କହିଲେ । ମାତ୍ର ପଣ୍ଡିତ ସନ୍ନ୍ୟାସୀ କହିଲେ, "ବ୍ରହ୍ମତତ୍ତ୍ୱ ସମସ୍ୟାରେ ମତେ ପରାସ୍ତ କଲେ ଏଠାରେ ରହିବି, ନୋହିଲେ ଏଠାରୁ ଚାଲିଯିବି ।"

ପ୍ରତାପରୁଦ୍ର ଦେବ ଅତିବଡ଼ ଗୋସ୍ୱାମୀଙ୍କୁ ଡକାଇ ବ୍ରହ୍ମାନନ୍ଦଙ୍କ ସଙ୍ଗେ ତର୍କ କରିବାକୁ ଅନୁରୋଧ କଲେ । ଯୁକ୍ତିତର୍କରେ ସନ୍ନ୍ୟାସୀ ବ୍ରହ୍ମାନନ୍ଦ ପରାସ୍ତ ହୋଇ କିଛି କାଳ ଶ୍ରୀକ୍ଷେତ୍ରରେ ରହିଲେ ।

ଦିଗ୍‌ବିଜୟୀ ସନ୍ନ୍ୟାସୀଙ୍କୁ ପାଣ୍ଡିତ୍ୟରେ ପରାସ୍ତ କରିବା ଫଳରେ ଦାସଙ୍କର ସୁଖ୍ୟାତି ବଢ଼ିବାରେ ଲାଗିଲା । ମହାରାଜ ପ୍ରତାପରୁଦ୍ର ଦେବ ତଥା ପଣ୍ଡିତମଣ୍ଡଳୀ ଦାସଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇଗଲେ ।

ଜଗନ୍ନାଥଙ୍କ ମୂର୍ତ୍ତିରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି କିପରି ଉପଲବ୍ଧି କରାଯାଇ ପାରିବ ବୋଲି ଚୈତନ୍ୟଦେବଙ୍କୁ ମହାରାଜ ପ୍ରତାପରୁଦ୍ର ଦେବ ପଚାରିଲେ । ଚୈତନ୍ୟ କହିଲେ, "ଅତିବଡ଼ ଗୋସ୍ୱାମୀ ଆପଣଙ୍କୁ ଏ ବିଷୟ ଭଲରୂପେ ବୁଝାଇଦେଇ ପାରିବେ ।" ଫଳରେ ପ୍ରତାପରୁଦ୍ର ଦାସଙ୍କଠୁ ତାହା ଭଲରୂପେ ବୁଝିପାରି ସେହିଦିନଠୁଁ ତାଙ୍କର ଭକ୍ତ ଓ ଅଧୀନ ହୋଇପଡ଼ିଲେ ।

ପାଟରାଣୀ ଗୌରୀ ମହାଦେଈଙ୍କର ମନ୍ତ୍ରଦାତା ଗୁରୁରୂପେ କାହାକୁ ବାଛିବେ, ଏ ବିଷୟ ରାଜା ଚିନ୍ତା କରୁଥିଲେ । ଅତିବଡ଼ ଗୋସ୍ୱାମୀଙ୍କ ଚରିତ୍ର ଓ ପାଣ୍ଡିତ୍ୟରେ ଅତ୍ୟନ୍ତ ମୁଗ୍ଧ ହୋଇ ଶେଷରେ ସେ ତାଙ୍କୁହିଁ ମନ୍ତ୍ରଗୁରୁରୂପେ ମନୋନୀତ କଲେ ।

ପ୍ରତାପରୁଦ୍ର ଦେବ ନିଜ ରାଣୀଙ୍କର ଶ୍ରୀକ୍ଷେତ୍ରରେ ସାମୟିକ ରହଣି ପାଇଁ ଯେଉଁ ଉଆସ ତୋଳାଇଥିଲେ, ତହିଁରେ ରହିବା

ପାଇଁ ଦାସଙ୍କୁ ପ୍ରାର୍ଥନା କଲେ । ଦାସେ ସେଠାରେ ରହିବାପାଇଁ ପ୍ରଥମେ ଇଚ୍ଛା କରି ନ ଥିଲେ; କିନ୍ତୁ ରାଜାଙ୍କ ସେବାଭକ୍ତିରେ ସନ୍ତୁଷ୍ଟ ହୋଇ କିଛି କାଳ ସେଠାରେ ରହିଲେ । ତାହା ଏବର **ଓଡ଼ିଆ ମଠ** । ଦାସଙ୍କର ଷୋଳ ଜଣ ଶିଷ୍ୟମଧ୍ୟରୁ ପ୍ରଧାନ ଶିଷ୍ୟ ଗୋପୀନାଥ ଦାସ ପ୍ରଥମେ ଏ ମଠର ଅଧିକାରୀ ବା ମହନ୍ତ ହେଲେ । ପୁରୀର ପ୍ରସିଦ୍ଧ ମଠମାନଙ୍କ ମଧ୍ୟରୁ 'ଓଡ଼ିଆ ମଠ' ଗୋଟିଏ ।

ଏ ମଠର ପୂର୍ବ ପରମ୍ପରା ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି । ତ୍ୟାଗରେ ଭୋଗ ଦେଖିବା ଏ ମଠର ବିଶେଷତ୍ୱ । ମହାତ୍ମା ଜଗନ୍ନାଥ ଦାସଙ୍କ ତ୍ୟାଗପୂତ ଜୀବନର ମହନୀୟ ପ୍ରଭାବରେ ଏ ମଠଟି ପ୍ରଭାବିତ । ଏହି ମଠର ମହନ୍ତମାନେ ପରମ୍ପରାକ୍ରମରେ ନିରାଡ଼ମ୍ବରଭାବରେ ସରଳ ତାପସ ଜୀବନର ଅଧିକାରୀ । ଅଳ୍ପର ମଧ୍ୟ ନିରୁତା ସ୍ୱଦେଶୀ ବା ବିଦେଶୀ ବିଳାସସାମଗ୍ରୀ ଏମାନଙ୍କ ନିକଟରେ ହେୟ । ଏଇ ମଠର ବର୍ତ୍ତମାନ ଅଧିକାରୀ ଶ୍ରୀ ବୃନ୍ଦାବନ ଦାସ ନିକଟରେ ଦାସଙ୍କର ମଣିମୟ ବିଗ୍ରହ ସ୍ଥାପନ କରିଛନ୍ତି । ଏଇ ମଠମଧ୍ୟରେ ଅତିବଡ଼ ଗୋସ୍ୱାମୀଙ୍କର ପ୍ରତିମୂର୍ତ୍ତି ଯଥାବିଧି ପୂଜିତ ହେଉଛନ୍ତି । ଦାସେ ଏଠାରେ କିଛି କାଳ ରହିବା ପରେ ନିର୍ଜନ ସ୍ଥାନରେ ଭଜନ ସ୍ମରଣ କରିବା ପାଇଁ ଶ୍ରୀକ୍ଷେତ୍ରର ସମୁଦ୍ରକୂଳରେ ଭଜନକୁଟୀର ସ୍ଥାପନ କଲେ । ଆଜିକାଲି ଏହି ଭଜନକୁଟୀରର ନାମ **ସାତଲହଡ଼ି ମଠ** । କଥା ଅଛି— ସମୁଦ୍ରର ଘୋର ଗର୍ଜନରେ ଅତିବଡ଼ ଗୋସ୍ୱାମୀଙ୍କର ଅସୁବିଧା ହେବାରୁ ଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାରେ ସମୁଦ୍ର ସାତସ୍ତର ପରିମାଣରେ ଦୂରକୁ ଘୁଞ୍ଚି ଯାଇଥିଲା । ସେହି ଦିନଠାରୁ ଏ କୁଟୀରଟିର ନାମ ସାତ ଲହଡ଼ି ମଠ ହେଲା ।

ପ୍ରବାଦ ଅଛି—ଥରେ ପ୍ରତାପରୁଦ୍ର ବହୁମୂଲ୍ୟର ସୁବାସିତ ଚନ୍ଦନ କାଠ କିଣି ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲଗାଇବା ପାଇଁ ଅତିବଡ଼ ଗୋସ୍ୱାମୀଙ୍କୁ ଦେଲେ । ଦାସେ ଚନ୍ଦନତକ ସବୁ ଘୋରି ଘରକାନ୍ଥରେ ବୋଳିଦେଲେ । ରାଜା ଏହା ଶୁଣି ବ୍ୟଥିତ ହୋଇ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାପାଇଁ ମନ୍ଦିରକୁ ଗଲେ । ଦେଖିଲେ—ଚନ୍ଦନତକ ଜଗନ୍ନାଥ ମହାପ୍ରଭୁଙ୍କ ସର୍ବାଙ୍ଗରେ ବୋଳା ହୋଇଛି । ଏହା ଦେଖି ପ୍ରତାପରୁଦ୍ର ଦେବ ସ୍ତମ୍ଭୀଭୂତ ହୋଇଗଲେ । ଦାସେ ଜଣେ ଅତି ଉଚ୍ଚକୋଟିର ଭକ୍ତ ବୋଲି ତାଙ୍କର ବିଶ୍ୱାସ ଦୃଢ଼ୀଭୂତ ହେଲା ।

ଅତିବଡ଼ ଗୋସ୍ୱାମୀଙ୍କୁ ଦୁଇ ଜଣ ସୁନ୍ଦରୀ ସ୍ତ୍ରୀ ନିତି ରାତିରେ ଆଶ୍ରମକୁ ଆସି ସେବା କରିବା କଥା ପ୍ରତାପରୁଦ୍ରଙ୍କୁ କେହି କେହି ଖଳ ଲୋକ କହିଲେ । ରାଜା ଏଥିରେ ବିସ୍ମିତ ହୋଇ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଆଶ୍ରମକୁ ଅନ୍ଧାର ଋଜେ କଲେ । ଅତିବଡ଼ ଗୋସ୍ୱାମୀ ତାହା ଜାଣିପାରି ରାଜାଙ୍କୁ କହିଲେ, "ଆପଣଙ୍କ ଅନ୍ତଃପୁରରେ ମହାଦେଈଙ୍କୁ ଯେପରି ଦାସୀମାନେ ଖଟନ୍ତି, ଏ ଦୁହେଁ ମତେ ସେଇପରି ଖଟନ୍ତି ।" ରାଜା ସେହି ସ୍ତ୍ରୀଦୁହିଙ୍କୁ ଧରିବାପାଇଁ ଚେଷ୍ଟା କଲେ; କିନ୍ତୁ ସେ ଦୁହେଁ ଅଦ୍ଭୁତରୂପେ ଲିଭେଇଗଲେ । ରାଜା ଏଇ ଗୂଢ଼ରହସ୍ୟ ଘଟଣାରେ ଭୟ ଓ ଭକ୍ତିରେ ଦାସଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ ।

ଏହିପରି ନାନା ଅସାଧାରଣ ଘଟଣାରେ ସ୍ୱାମୀଜୀଙ୍କର ଯଶଃସୌରଭ ସର୍ବତ୍ର ବ୍ୟାପିଗଲା । ଶ୍ରୀମନ୍ଦିର ବଟମୂଳରେ ଭାଗବତ ଶୁଣିବାପାଇଁ ଦିନକୁ ଦିନ ଶ୍ରୋତାଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ବିଶେଷରେ ସ୍ତ୍ରୀଲୋକମାନେ ଭୟ ସଂକୋଚ ଛାଡ଼ି ବହୁ ସଂଖ୍ୟାରେ

ବଟମୂଳରେ ରୁଣ୍ଡ ହେଲେ । ପ୍ରତ୍ୟହ ଦାସଙ୍କ ମୁହଁରୁ ଭାଗବତର ବ୍ୟାଖ୍ୟା ଶୁଣି ସମସ୍ତେ ପରମ ସନ୍ତୋଷ ଲାଭ କରିବାରେ ଲାଗିଲେ ।

ଦିନେ ମହାରାଜ ପ୍ରତାପରୁଦ୍ର ଦେବ ରାଜଗୁରୁ ଓ ଅନ୍ୟାନ୍ୟ ପଣ୍ଡିତଙ୍କ ଗହଣରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ମନ୍ଦିରକୁ ଗଲେ । ଦର୍ଶନ କାର୍ଯ୍ୟ ଶେଷ କରି 'ଶ୍ରୀ ମୁକ୍ତିମଣ୍ଡପ' ନିକଟରେ ପହଞ୍ଚିଲେ । ଏହି 'ମୁକ୍ତିମଣ୍ଡପ'ରେ ପୁରୀର ପ୍ରତିଷ୍ଠିତ 'ଷୋଳ ଶାସନ'ର ବ୍ରାହ୍ମଣ ପଣ୍ଡିତମାନେ ପୂଜାପାଠ ଇତ୍ୟାଦି କରନ୍ତି । ଏବେ ମଧ୍ୟ କ୍ଷୀଣ ଭାବରେ ପୂର୍ବ ରୀତି ଚାଲିଛି । ଷୋଳ ଶାସନର ବ୍ରାହ୍ମଣଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ରାହ୍ମଣ ଏହି ମଣ୍ଡପରେ ବସିବାର ଅଧିକାରୀ ନ ଥିଲେ । ଓଡ଼ିଶାର ରାଜା ସ୍ୱଧର୍ମନିଷ୍ଠ ବ୍ରାହ୍ମଣମାନଙ୍କୁ ବୃତ୍ତିବାଡ଼ି ଖଞ୍ଜିଦେଇ ଉକ୍ତ ଷୋଳ ଶାସନରେ ବସାଇଥିଲେ ।

ରାଜା 'ମୁକ୍ତିମଣ୍ଡପ' ନିକଟକୁ ଆସିବାରୁ ବ୍ରାହ୍ମଣମାନେ ମଣ୍ଡପରୁ ତଳକୁ ଆସି ତାଙ୍କୁ ଶୁଭାଶିଷ ପ୍ରଦାନ କଲେ । ଏହି ସମୟରେ ଅତିବଡ଼ି ଜଗନ୍ନାଥ ଦାସ ବଟମୂଳରେ 'ଭାଗବତ' ପାଠ କରୁଥାଆନ୍ତି । ରାଜା ବ୍ରାହ୍ମଣ ପଣ୍ଡିତମାନଙ୍କୁ ପଚାରିଲେ, "ଆପଣମାନେ ଏହାଙ୍କ ସମ୍ବନ୍ଧରେ କଅଣ ଜାଣନ୍ତି ?" ବ୍ରାହ୍ମଣମାନେ ଏକସ୍ୱରରେ ଦାସଙ୍କର ସୁଖ୍ୟାତି କଲେ । ସେମାନଙ୍କଠାରୁ ଏଭଳି ଉଚ୍ଚ ପ୍ରଶଂସା ଶୁଣି ରାଜା ଭକ୍ତିରେ ଦାସଙ୍କ ପାଦତଳେ ବିଲୁଣ୍ଠିତ ହେଲେ । ସେହି ସମୟରେ ରାଜାଙ୍କର ଭାବାବେଶ ହେଲା । ସେ ଦେଖିଲେ, ଅତିବଡ଼ି ଜଗନ୍ନାଥ ଦାସ ଅଷ୍ଟଭୁଜ ହୋଇଛନ୍ତି । ସେ ଚାରିଗୋଟି ହସ୍ତରେ ଶଙ୍ଖ, ଚକ୍ର,

ଗଦା, ପଦ୍ମ; ଦଉଟି ହସ୍ତରେ ଧନୁ, ଶର ଏବଂ ଅନ୍ୟ ଦୁଇଟି ହସ୍ତରେ ବଂଶୀ ଧରି ଅଷ୍ଟବର୍ଣ୍ଣ ଶକ୍ତିସଂପନ୍ନ ଶ୍ୟାମବିଗ୍ରହ-ରୂପରେ ବିରାଜିତ ।

ଶ୍ରୀମତୀ ଗୌରୀ ପାଟମହାଦେଈଙ୍କୁ ମିଶାଇ ଦାସେ ଷୋଳ ଜଣଙ୍କୁ ଦୀକ୍ଷା ଦେଇଥିଲେ । ଏହି ଷୋଳ ଜଣ ଶିଷ୍ୟଙ୍କ ମଧ୍ୟରୁ ବହୁ ଅନୁସନ୍ଧାନରେ ଆଠ ଜଣଙ୍କର ପରିଚୟ ମିଳିଅଛି ।

୧ । ଗୋପୀନାଥ ଦାସ—କଟକ ଜିଲ୍ଲା ଅନ୍ତର୍ଗତ ଗୋପୀନାଥପୁର ।

୨ । ବାମନ୍ତୀ ମହାପାତ୍ର—ଖଣ୍ଡପଡ଼ା ନୀଳଗଡ଼, ଏବର ଭଗିରଥ ରାଜଗୁରୁ ବଂଶ ।

୩ । ଶ୍ରୀମତୀ ଗୌରୀ ପାଟମହାଦେଈ—ଶ୍ରୀ ପ୍ରତାପରୁଦ୍ର ଦେବଙ୍କ ସହଧର୍ମିଣୀ ।

୪ । ଅଖଣ୍ଡଲ ମେକାପ—ପୁରୀ । ଏ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଖଣ୍ଡଲ ସେବା କରନ୍ତି । ଏଇ ସେବା ଏବେ ବଂଶଗତ ହୋଇଛି । ଶ୍ରୀଜୀଉଙ୍କ ନିକଟରେ ଦିନରାତି ସବୁ ଦିନ ଦୀପ ଜାଳିବା କର୍ମ ।

୫ । ଗୋଦାବରୀ ( ଗୋବର୍ଦ୍ଧନ ? )—ଖଣ୍ଡପଡ଼ାର ପଥର-ଚକଡ଼ା ଗ୍ରାମ ।

୬ । କାହ୍ନୁ ଖୁଣ୍ଟିଆ—ପୁରୀ ହରଚଣ୍ଡୀ ସାହି, ଏବର ହନୁମାନ ଖୁଣ୍ଟିଅଙ୍କ ଘର ।

୭ । ହରି ଦାସ—ପୁରୀ ସମୁଦ୍ରତୀରବର୍ତ୍ତୀ ସାତଲହଡ଼ି ମଠ ।

୮ । ନନ୍ଦନୀ ଅଗ୍ରପ୍ରୀ—କଟକ ଜିଲ୍ଲାର ବଳରାମପୁର ।

ଅନ୍ୟ ଅଠ ଜଣ ଶିଷ୍ୟ—ଉଦ୍ଧବ, ରାମଚନ୍ଦ୍ର, ଗୋପାଳ ଦାସ, ଜନାର୍ଦ୍ଦନ ପଣ୍ଡା, କୃଷ୍ଣ ଦାସ, ବନମାଳୀ ଦାସ, ଜଗନ୍ନାଥ ଦାସ, ମଧୁସୂଦନ ଦାସ ।

ଏ ଅଠ ଜଣଙ୍କର ପରିଚୟ ଏପର୍ଯ୍ୟନ୍ତ ମିଳି ନାହିଁ; ତେଣୁ ଏମାନଙ୍କ ବାସସ୍ଥାନ ଇତ୍ୟାଦି ଅନୁସନ୍ଧାନସାପେକ୍ଷ ।

ପୂର୍ବେ କୁହାଯାଇଛି, ଶ୍ରୀମତୀ ଗୌରୀ ପାଟମହାଦେଈଙ୍କୁ ସ୍ୱାମୀଜୀ ଦୀକ୍ଷା ଦେଇଥିଲେ । ସେ ବିଷୟରେ ଗୋଟିଏ ପ୍ରବାଦ ଅଛି—ଶ୍ରୀ ଚୈତନ୍ୟଦେବ ସ୍ୱାମୀଜୀଙ୍କୁ ଦୀକ୍ଷା ଦେବାପାଇଁ ଅନୁରୋଧ କଲାବେଳେ ସ୍ୱାମୀଜୀ କହିଲେ, "ମୁଁ ପୁରୁଷ ବ୍ୟକ୍ତି; ପାଟମହାଦେଈଙ୍କୁ କିପରି ଦୀକ୍ଷା ଦେବି ?"

ଏହାର ଉତ୍ତରରେ ଚୈତନ୍ୟ କହିଲେ, "ସ୍ୱାମୀଜୀ, ଆପଣ ସ୍ତ୍ରୀଭାବ ଧାରଣ କରନ୍ତୁ ।" ଚୈତନ୍ୟଙ୍କ ଆଦେଶରେ ଦାସେ ସ୍ତ୍ରୀଭାବ ଧାରଣ କଲେ ।

ମହାରାଜ ପ୍ରତାପରୁଦ୍ର ଦେବ ଦାସଙ୍କର ସ୍ତ୍ରୀଭାବ ପ୍ରବର୍ତ୍ତନ ଦେଖି ଅଭିଭୂତ ହୋଇପଡ଼ିଥିଲେ ଏବଂ ସେ ପାଟମହାଦେଈଙ୍କର ଏକମାତ୍ର ଉପଯୁକ୍ତ ଗୁରୁ ବୋଲି ବିଚାରିଥିଲେ; ତେଣୁ ଦୀକ୍ଷା ଦେବାପାଇଁ ଦାସଙ୍କୁ ବିନୀତ ପ୍ରାର୍ଥନା କରିଥିଲେ ।

## —ବୈକୁଣ୍ଠପ୍ରାପ୍ତି—

ଅତିବଡ଼ ସ୍ୱାମୀଜୀ ନିଜ ଭଜନକୁଟୀର (ସାତଲହଡ଼ି ମଠ)ରେ ରହି ପ୍ରତ୍ୟହ ଯଥାବିଧି ଭଜନ ସ୍ମରଣ କରି ଶ୍ରୀଜଗନ୍ନାଥ

ମହାପ୍ରଭୁଙ୍କ ସେବାରେ ଲାଗିରହିଲେ । ସେ ନିଜର ନାମ ବା ମାହାତ୍ମ୍ୟ ପ୍ରଚାର କରିବା ପାଇଁ ତୀର୍ଥାଟନ ବା ଦେଶଭ୍ରମଣ କରି ନ ଥିଲେ—ବହୁ ଭକ୍ତ ଶିଷ୍ୟ ସଂଗ୍ରହ କରିବାରେ ମଧ୍ୟ ଲାଳାୟିତ ବା ଚେଷ୍ଟିତ ନ ଥିଲେ ।

ପାଣ୍ଡିତ୍ୟ, ନିରଭିମାନତା ତଥା ଶୁଦ୍ଧ ସରଳ ବ୍ୟବହାର ଦାସଙ୍କ ଚରିତ୍ରକୁ ମଧୁମୟ କରିଥିଲା । ସେହି ଚାରିତ୍ର୍ୟ-ସୌରଭରେ ମୁଗ୍ଧ ହୋଇ ଜନସାଧାରଣ ସ୍ୱାମୀଜୀଙ୍କର ଏକାନ୍ତ ଅନୁଗତ ହୋଇଥିଲେ । ଅନେକେ କହିଲେ—ଶାସ୍ତ୍ରପୁରାଣରେ ଯତି, ମୁନି, ଋଷି ପ୍ରଭୃତି ମହାତ୍ମାଙ୍କ ଚରିତ୍ର ଯେପରି ଲେଖା ଅଛି, ଅତିବଡ଼ ସ୍ୱାମୀଜୀଙ୍କ ଚରିତ୍ର ଅବିକଳ ସେଇପରି ଥିଲା ।

ସେଦିନ ମାଘ ଶୁକ୍ଳ ସପ୍ତମୀ, ଚନ୍ଦ୍ରଭାଗାରେ ସ୍ନାନଯୋଗ । ସ୍ୱାମୀଜୀ ନିଜର ନିତ୍ୟନୈମିତ୍ତିକ କର୍ମ ଶେଷ କରି ଭଜନକୁଟିରରେ ଶିଷ୍ୟ ଓ ଭକ୍ତମାନଙ୍କୁ ଉପାସନାର ତତ୍ତ୍ୱ ଉପଦେଶ ଦେଇ ବସିଲେ । ଶିଷ୍ୟ ହରିଦାସଙ୍କୁ ନିଜର କଠୋଉଯୋଡ଼ିକ ଦେଇ କହିଲେ, "ଏହାକୁ ପୀଠରେ ଅଧିବାସୀ ସ୍ୱରୂପ ସ୍ଥାପନ କର ।"

ତା ପରେ ତିଳକ, ମାଳାଦିରେ ଭୂଷିତ ହୋଇ ଦାସେ ଯୋଗାସନରେ ବସି ରାଧାକୃଷ୍ଣ ଯୁଗଳ ମନ୍ତ୍ର ଧ୍ୟାନ କଲେ । ଏଇପରି ଭାବରେ କିଛି ସମୟ ଗଲା ପରେ ସେ ନିଜର ସ୍ଥୂଳ ଶରୀର ଛାଡ଼ି ସୂକ୍ଷ୍ମ ଶରୀରରେ ସମସ୍ତ ଭକ୍ତ ଶିଷ୍ୟଙ୍କ ସହିତ ଶ୍ରୀଜଗନ୍ନାଥ ଦେବଙ୍କ ଦର୍ଶନକୁ ଗଲେ । ରତ୍ନସିଂହାସନ ନିକଟରେ ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗରେ ବିଜୁଳିର ଝଟକପରି ଲୀନ ହୋଇଗଲେ ।

ଏ କଥା ସାଧାରଣ ଲୋକେ ଅବା କାହୁଁ ଜାଣିବେ ? ଲୋକେ ନିଜ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ — କିଏ ଶ୍ରୀମନ୍ଦିରରେ, କିଏ ବଡ଼ଦାଣ୍ଡରେ, କିଏ ବା ସିଂହଦ୍ୱାରରେ ଅତିବଡ଼ ଗୋସ୍ୱାମୀଙ୍କୁ ସେଦିନ ଦେଖିଥିଲେ । ତିରୋଭାବ ସମୟକୁ ସ୍ୱାମୀଜୀଙ୍କର ବୟସ ଷାଠିଏ ବର୍ଷ ହୋଇଥିଲା ।

ଭଜନକୁଟିରରେ ଯେଉଁ ସ୍ଥୂଳ ଜଡ଼ ଶରୀର ପଡ଼ି ରହିଥିଲା, ଶିଷ୍ୟବର୍ଗ ତାହାର ଶେଷ କ୍ରିୟା ମହାସମାରୋହରେ ସମ୍ପନ୍ନ କଲେ । ଏହି ମଠରେ ଭକ୍ତମାନେ ଅତିବଡ଼ ଗୋସ୍ୱାମୀଙ୍କର ସମାଧି ଓ ମଣିମୟ ବିଗ୍ରହ ସ୍ଥାପନ କରିଥିଲେ । କିନ୍ତୁ ଓଡ଼ିଶାର ଜନସାଧାରଣ ସାମୂହିକ ଭାବରେ ସ୍ୱାମୀଜୀଙ୍କର ପ୍ରତିମୂର୍ତ୍ତି ବା ସ୍ମୃତିମନ୍ଦିର ଏପର୍ଯ୍ୟନ୍ତ ପ୍ରତିଷ୍ଠା କରି ନାହାନ୍ତି । ଏହା ଦେଶ ଓ ଜାତି ପକ୍ଷରେ ଯେ ଅମାର୍ଜନୀୟ ଅପରାଧ, ଏଥିରେ ସମସ୍ତେ ଏକମତ ହେବେ ।

ସ୍ୱାମୀଜୀ ଅନ୍ୟ ଦେଶରେ ଜନ୍ମିଥିଲେ ତାହାଙ୍କ 'ପ୍ରତିଭା ପୂଜା' ଭିନ୍ନ ପ୍ରକାରରେ ହୋଇଥାନ୍ତା, ସନ୍ଦେହ ନାହିଁ । କିନ୍ତୁ ମହାପୁରୁଷମାନେ ନିଜେ ନିଜର ସ୍ମୃତି ରଖିଯାଆନ୍ତି । ଦାସେ ନିଜର ସ୍ମୃତି ନିଜ ଭାଗବତରେ ରଖିଯାଇଛନ୍ତି । ଦାସଙ୍କ 'ଭାଗବତ' ଓଡ଼ିଶାର ପ୍ରତିପଲ୍ଲିରେ ପ୍ରତି ସନ୍ଧ୍ୟାରେ ପାଠ କରାଯାଏ ।

ଗାଆଁର 'ଭାଗବତ ଟୁଙ୍ଗି'ରେ "କହେ ବିପ୍ର ଜଗନ୍ନାଥ ଦାସ" ଧ୍ୱନି ଏବେ ମଧ୍ୟ ଉଠୁଛି । 'ଭାଗବତ ଟୁଙ୍ଗି' ବା 'ଗାଦି' ଯଥାର୍ଥରେ ଦାସଙ୍କ ସ୍ମୃତିମନ୍ଦିର । ଓଡ଼ିଶାରେ କୌଣସି ଓଡ଼ିଆ କବି ଦାସଙ୍କ ଭଳି ସର୍ବଜନପୂଜ୍ୟ ହୋଇପାରି ନାହାନ୍ତି ।

ଜାତୀୟତା ଦୃଷ୍ଟିରୁ ବିଚାର କଲେ ଦାସଙ୍କ ଭାଗବତହିଁ ଓଡ଼ିଆ ଜାତିକୁ ଏକତା ସୂତ୍ରରେ ବାନ୍ଧି ରଖିଛି ଓ ଚିରକାଳ ରଖିଥିବ । କିନ୍ତୁ ଆଜିକାଲି ଦେଶର ବିଶିଷ୍ଟ କବି ଓ ନେତାଙ୍କର ଯେପରି 'ଜୟନ୍ତୀ' ବା ଶ୍ରାଦ୍ଧଦିବସ ପାଳିତ ହେଉଛି, ଭକ୍ତକବି ଦାସଙ୍କର ସେପରି କିଛି ନ ହେବା ଘୋର ପରିତାପର ବିଷୟ ନୁହେଁ କି ?

ଭାଷାସୂତ୍ରରେ ପ୍ରଦେଶ ଗଠନବେଳେ ଦାସେ ଅମର ଚିର-ସ୍ମରଣୀୟ । ଏବେ ପୁରୀ ସହରରେ ତିନି ବର୍ଷ ହେଲି ଦାସଙ୍କ 'ଶ୍ରାଦ୍ଧ-ଦିବସ' ଅତି ସୀମାବଦ୍ଧଭାବରେ ପାଳିତ ହେଉଛି । ଦିନ ଆସୁଛି, ଜାତି ସ୍ୱାମୀଜୀଙ୍କର ଅତୁଳନୀୟ ଦାନର ମାହାତ୍ମ୍ୟ ବୁଝି ପୂଜ୍ୟପୂଜା ବ୍ୟତିକ୍ରମ କରିଥିବା ହେତୁ ଘୋର ଅନୁତାପରେ ପ୍ରାୟଶ୍ଚିତ୍ତ କରିବ ।

ଏ ବିଷୟରେ 'ଉତ୍କଳ ସାହିତ୍ୟ ସମାଜ'ର କର୍ତ୍ତବ୍ୟରେ ଅବହେଳା ମାର୍ଜନୀୟ କାହିଁକି କ୍ଷମଣୀୟ ନୁହେଁ ମଧ୍ୟ । ଏବେ ବି ସମୟ ଅଛି, 'ସାହିତ୍ୟ ସମାଜ' ନିଜର କର୍ତ୍ତବ୍ୟ ପାଳୁ । ଦାସଙ୍କ କୃତି ରଚନାବଳି ସଂଗୃହୀତ ହୋଇ 'ଜଗନ୍ନାଥ ଗ୍ରନ୍ଥାବଳି'ରେ ଆତ୍ମପ୍ରକାଶ କରୁ ।

ପୂର୍ବେ କୁହାଯାଇଛି, ସାତଲହଡ଼ି ମଠରେ ଦାସଙ୍କ ମଣିମୟ ବିଗ୍ରହ ଓ ସମାଧି ରହିଥିଲି । କିନ୍ତୁ ସେଇ ମଠର ଶୋଚନୀୟ ଅବସ୍ଥା ଏବେ ଦେଖିଲେ ମନରେ ଘୋର ଦୁଃଖ ଆସେ । ପୂର୍ବେ ଏଇ 'ସାତଲହଡ଼ି ମଠ', ଓଡ଼ିଆ ମଠର ତତ୍ତ୍ୱାବଧାନରେ ଚାଲୁଥିଲି । କିନ୍ତୁ ଏଇ ମଠର ଜଣେ ଅଧିକାରୀ ଓଡ଼ିଆ ମଠରୁ

ସବୁ ସମ୍ପର୍କ ତୁଟାଇଦେବାରୁ ଭଜନକୁଟୀରଟି ଭାଙ୍ଗି ନାରଖାର ହୋଇଯାଇଛି । ଅତଏବ ଗୋସ୍ୱାମୀଙ୍କ ମଣିବିଗ୍ରହ ଆଜ ସେଠାରେ ନାହିଁ । ମଠର ଭୂସମ୍ପତ୍ତି ପ୍ରଭୃତିର ଅଧୁ କେହି ଜଣେ ଆତ୍ମସାତ୍ କରିବାରେ ଲାଗିଛି ।

ଏବେ ପୁରୀ ସହରର କେତେକ ଭଦ୍ରବ୍ୟକ୍ତି ଏଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ କମିଟି ଗଢ଼ାଯାଉଛି ବୋଲି ଲୋକେ କହୁଛନ୍ତି । କିନ୍ତୁ ଏ କ୍ଷୀଣ ଉଦ୍ୟମରେ ଦାସଙ୍କ ଭଜନକୁଟୀରର ଅବସ୍ଥା କି ପରିମାଣରେ ସୁଧୁରିବ, କହି ହେଉ ନାହିଁ ।

ମହାପୁରୁଷ ସ୍ୱାମୀଜୀଙ୍କ ପଦଧୂଳିରେ ଯେଉଁ ସ୍ଥାନ ପବିତ୍ରିତ ହୋଇଛି, ତାହା ଏ ଜାତି ପକ୍ଷରେ ମହାତୀର୍ଥ । ଏ ମହାତୀର୍ଥର ରକ୍ଷଣାବେକ୍ଷଣ ପାଇଁ ପ୍ରତ୍ୟେକ ଓଡ଼ିଆ ଦାୟୀ । ଦାସଙ୍କର ଜୟନ୍ତୀ ଓ ଶ୍ରାଦ୍ଧଦିବସ ପାଳନ ଅପେକ୍ଷା ଏ ମଠର ପୁନରୁଦ୍ଧାର ସର୍ବାଗ୍ରେ ଲୋଡ଼ା । ଏଇ କୁଟୀର ଭାଗବତଚର୍ଚ୍ଚାର ମହାପୀଠ ବା କେନ୍ଦ୍ରଭୂମି ହୋଇ ସମଗ୍ର ଓଡ଼ିଶାରେ ଧର୍ମଜୀବନର ଭାବଧାରା ଖେଳାଇଦେଉ, ଏହାହିଁ କାମ୍ୟ ।

---

ମୁଦ୍ରାକର—ଶ୍ରୀ ଘନଶ୍ୟାମ ଦାଶ, ନାଜ ଷ୍ଟୋର୍ସ ପ୍ରେସ୍, ବ୍ରହ୍ମପୁର

ଓଡ଼ିଶାରେ ପ୍ରସିଦ୍ଧ ଶିଶୁ ସାହିତ୍ୟିକମାନଙ୍କ ଦ୍ୱାରା ସଂକଳିତ

# ଅମର ଚରିତମାଳା

ପ୍ରତ୍ୟେକର ମୂଲ୍ୟ ଛଅ ଅଣା

୧ । ଜୟଦେବ
୨ । ଜଗନ୍ନାଥ ଦାସ
୩ । ସାଧୁସୁନ୍ଦର ଦାସ
୪ । ସାରଳା ଦାସ
୫ । ଉପେନ୍ଦ୍ର ଭଞ୍ଜ
୬ । କବିସୂର୍ଯ୍ୟ
୭ । ରାଧାନାଥ ରାୟ
୮ । ଗଙ୍ଗାଧର ମେହେର
୯ । ନନ୍ଦକିଶୋର ବଳ
୧୦ । ଫକୀରମୋହନ
୧୧ । ଚନ୍ଦ୍ରଶେଖର
୧୨ । ବିଶ୍ୱନାଥ କର
୧୩ । କୁନ୍ତଳା କୁମାରୀ
୧୪ । ଗୋବିନ୍ଦ ରଥ
୧୫ । ଜୟୀ ରାଜଗୁରୁ
୧୬ । ଚଖି ଖୁଣ୍ଟିଆ
୧୭ । କୃତ୍ତିବାସ ପଟ୍ଟସାଣି
୧୮ । ଉତ୍କଳମଣି ଗୋପବନ୍ଧୁ
୧୯ । କୁଳବୃଦ୍ଧ ମଧୁସୂଦନ
୨୦ । କର୍ମଯୋଗୀ ଗୌରୀଶଙ୍କର
୨୧ । ପଣ୍ଡିତ କୃପାସିନ୍ଧୁ
୨୨ । ନରସିଂହ ଦାସ
୨୩ । ନୀଳମଣି ବିଦ୍ୟାରତ୍ନ
୨୪ । ଖାରବେଳ
୨୫ । ଯଯାତିକେଶରୀ
୨୬ । ଚୋଳଗଙ୍ଗ ଦେବ
୨୭ । ଅନଙ୍ଗଭୀମ ଦେବ
୨୮ । କପିଳେନ୍ଦ୍ର ଦେବ
୨୯ । ପୁରୁଷୋତ୍ତମ ଦେବ
୩୦ । ପ୍ରତାପରୁଦ୍ର ଦେବ
୩୧ । ମୁକୁନ୍ଦଦେବ
୩୨ । ଶ୍ରୀ ରାମଚନ୍ଦ୍ର ଭଞ୍ଜ
୩୩ । ସୁଢ଼ଳ ଦେବ
୩୪ । ଭକ୍ତକବି ମଧୁସୂଦନ
୩୫ । ଗୋପାଳ ପ୍ରହରାଜ
୩୬ । ଶଶୀଭୂଷଣ ରାୟ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲିଃ